ISSN 2583-5270

# ସାହିତ୍ୟ ଚର୍ଚ୍ଚା

ଅକ୍ଟୋବର ୨୦୨୫



Vol-4 • Issue-8 • October 2025 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୮ • ଅକ୍ଟୋବର ୨୦୨୫ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଚିତ୍ରାଙ୍କନ
**ବଳଦେବ ମହାରଥା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୫୦/-**


## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ପୂଜାସଂଖ୍ୟାର ଯଥାର୍ଥତା (ସମ୍ପାଦକୀୟ) | ୦୩ |
| ଶ୍ରୀକ୍ଷେତ୍ରରେ ଶକ୍ତି ଉପାସନା (ପ୍ରବନ୍ଧ): ଭାସ୍କର ମିଶ୍ର | ୦୫ |
| ଷଠିଦୁଷିର ଭାଷା (କବିତା): ଶୈଳଜ ରବି | ୦୮ |
| ଓଡ଼ିଆ ଧର୍ମସାହିତ୍ୟରେ ଜ୍ୟାମିତିର ପ୍ରୟୋଗ (ପ୍ରବନ୍ଧ): ସଂବିତ ମିଶ୍ର | ୦୯ |
| ମାଙ୍କଡ଼ମୟ ପୃଥିବୀ (ଗଳ୍ପ): ଜାକିର୍ ଖାନ୍ | ୧୪ |
| ପ୍ରଖର ପ୍ରେମ ମହାମାରୀ (ରମ୍ୟରଚନା): ଅଭୟ ଦାଶ | ୧୯ |
| ଓଡ଼ିଆ ସାହିତ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ପ୍ରବନ୍ଧ): ଉଦୟନାଥ ସାହୁ | ୨୨ |
| ସଂପର୍କ (ଗଳ୍ପ): ନାରୁ ମହାନ୍ତି | ୨୭ |
| ପ୍ରେମର ପ୍ରଥମ ସ୍ପର୍ଶ (ଅନୁଭୂତି): ସନ୍ତୋଷ କୁମାର ପଟ୍ଟନାୟକ | ୨୯ |
| ଓଡ଼ିଆ ଭାଷାରେ ଡେଫଂ (ପ୍ରବନ୍ଧ): ସଦାନଂଦ ନାୟକ | ୩୨ |
| ଦିଗନିର୍ଣ୍ଣୟ ଯନ୍ତ୍ରବିହୀନ ଶଂଖ (ଅନୁବାଦ): ମୀନାକ୍ଷୀ ରାଉତରାୟ | ୩୬ |
| ବର୍ଷୀୟାନ୍ ଲେଖିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ ସହ ଆଳାପ (ସାକ୍ଷାତକାର) | ୩୯ |
| ଏମିତି ଆଉଥା ମାଆ (ଧାରାବାହିକ ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୪୩ |
| ଶବ୍ଦ ବନାମ ସାହିତ୍ୟ (ପ୍ରବନ୍ଧ): ଦାଶ ବେନହୁର | ୪୭ |
| ମୃତ୍ୟୁ ଆଡ଼କୁ ପାଦ (ଗଳ୍ପ): ସଚ୍ଚିଦାନନ୍ଦ କର | ୫୦ |
| ପଶ୍ଚିମ ଓଡ଼ିଶାର ଲୋକୋକ୍ତିରେ ସାମାଜିକ ମୂଲ୍ୟବୋଧ (ପ୍ରବନ୍ଧ): ନରେଶ ମହାନନ୍ଦ | ୫୬ |
| ମାନଚିତ୍ର ବାହାରେ (କବିତା): ନିଖିଳେଶ ମିଶ୍ର | ୬୧ |
| ବାଦୁଡ଼ି (ଗଳ୍ପ): ସୁନନ୍ଦା ମହାନ୍ତି | ୬୨ |
| ପରିବାର (ଏକାଙ୍କିକା): ଅଳକା ନନ୍ଦ | ୬୪ |
| ଦୁଇଟି ମିନିଗପ (ଗଳ୍ପ): ସ୍ନିଗ୍ଧା ସାହୁ | ୬୭ |
| ନିଜକୁ ବୁଝିଲା ସିଦ୍ଧାର୍ଥ (ଶିଶୁଗଳ୍ପ): ରଜନୀକାନ୍ତ ପାଢ଼ୀ | ୬୮ |
| ପାନ ଓ ପ୍ରିୟତମା (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୭୦ |
| ସାହିତ୍ୟ ସମାଚାର | ୭୧ |
| ଭୂଷ୍ଟୁ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ସେପ୍ଟେମ୍ବର ସଂଖ୍ୟାଟିର ଆରମ୍ଭରୁ ହିଁ ଭେଟିଲି ଏକ ନିରାଟ ସତକଥାକୁ। ବହିଟିଏ ସିନା ପୁରସ୍କାର ପାଏ କିନ୍ତୁ ଏହା ପଛରେ ଥାଏ ଏକ ଚିହ୍ନା ବ୍ୟକ୍ତିତ୍ୱ। ଏହା କେବଳ ଏକାଡେମୀ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ବିଭିନ୍ନ ବହିମେଳା ଓ ସାହିତ୍ୟ ସଂସଦରେ ମଧ୍ୟ ଘଟୁଥାଏ ଅନୁରୂପ ଘଟଣାମାନ। ତେଣୁ ପରୋକ୍ଷରେ ଭାଗ୍ୟ ଓ ଲବି ହିଁ ସଂପୂର୍ଣ୍ଣ ମୂଳାଧାର ବୋଲି ମୋର ମନେହୁଏ। ଚମତ୍କାର ସଂପାଦକୀୟ।

ପ୍ରତ୍ୟେକ ପ୍ରବନ୍ଧର ଅନ୍ତଃସ୍ୱର ରସଯୁକ୍ତ। ପ୍ରବନ୍ଧ ଗୁଡିକର ଭାଷା, ଭାବ ଓ ଲିଖନରେ ମାଧୁର୍ଯ୍ୟ ଭରିରହିଛି। 'ଅପ୍ରକାଶିତ ପୃଷ୍ଠା' ଗଳ୍ପଟି ବାସ୍ତବତାରେ ଭରପୂର । ଏକ ପାରିବାରିକ କାନ୍‌ଭାସରେ କାହାଣୀଟି ହୃଦୟସ୍ପର୍ଶୀ। 'ବୁକମାର୍କ' ଗପ ଫେରେଇଆଣିଲା ମୋ' ପିଲାଦିନର କଥା ଏବଂ ବହିପଢାର ଧାରାକୁ। 'ସୃଜାମ୍ୟହଂ' ଏକ ଭିନ୍ନ ସ୍ୱାଦର ସାମାଜିକ କାହାଣୀ। ଭାଷା ଅପେକ୍ଷା ଭାବର ଓଜନ ଅଧିକ ବୋଲି ଜଣାପଡ଼ିଲା। 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ପାଠକୀୟ ମୂଲ୍ୟବୋଧ ରସାଳ ହେଉଛି ଓ ହେବ ବୋଲି ଦୃଢ଼ୋକ୍ତି।




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

**କୁଞ୍ଜବିହାରୀ ସାହୁ**
kunjasahu63@gmail.com

ନିଖିଳାନନ୍ଦ ପାଣିଗ୍ରାହୀଙ୍କ ପ୍ରବନ୍ଧ 'କବିତାର ସ୍ଥାନ କାଳ ପାତ୍ର'ରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା, ବିଶେଷତଃ କବିତା ଓ ବିଜ୍ଞାନର ସମ୍ପର୍କକୁ ନେଇ। ପ୍ରବନ୍ଧରେ ଶ୍ରୀ ପାଣିଗ୍ରାହୀ ମୋ ବିଷୟରେ ଯେଉଁ ଆନ୍ତରିକ ମନ୍ତବ୍ୟ ଦେଇଛନ୍ତି, ତାହା ମୋ ପାଇଁ ପ୍ରେରଣାଦାୟୀ ହୋଇ ରହିବ। ପ୍ରାବନ୍ଧିକ ଓ ସମ୍ପାଦକଙ୍କୁ ମୋର ହାର୍ଦ୍ଦିକ ଧନ୍ୟବାଦ।

**ଆଶୁତୋଷ ପରିଡ଼ା**
asutoshparida@yahoo.co.in

ସେପ୍ଟେମ୍ବର ମାସ 'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶିତ ଗିରିଜା କୁମାର ବଳିଆରସିଂଙ୍କ 'ଘାସର ଘୋଡଣି' ଓ 'ପର୍ଯ୍ୟାପ୍ତ ପତନ ପରେ' କବିତା ପଢ଼ି ମୁଗ୍ଧ ହେଲି। ପ୍ରକୃତରେ ଗିରିଜା ବାବୁ ଜଣେ ନିରୁତା କବି। ତାଙ୍କ କବିତ୍ୱର ଝଙ୍କାର ଓ ଭାଷାର କାରୁକାର୍ଯ୍ୟ ପାଠକକୁ ସମ୍ମୋହିତ କରିଥାଏ। ଗୋଟିଏ ଧାଡ଼ିରେ କହିବାକୁ ଗଲେ ସେ ଜଣେ ସୁଦକ୍ଷ ଶବ୍ଦର ଯାଦୁକର। ଶବ୍ଦ ବସାଣର ମାୟାଜାଲରେ ପାଠକକୁ ବାନ୍ଧି ରଖିପାରନ୍ତି। ତାଙ୍କୁ ମୋର ଅଜସ୍ର ଶୁଭେଚ୍ଛା ଓ ଅଭିନନ୍ଦନ।

**ବନଜ ଦେବୀ**
banajadevi2012@gmail.com

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ସେପ୍ଟେମ୍ବର ମାସ ସଂଖ୍ୟାରେ ଶ୍ରୀମତୀ ଜୟନ୍ତୀ ସାହୁଙ୍କର ଗଳ୍ପଟି ପ୍ରଥମେ ପଢିଲି। 'ଅପ୍ରକାଶିତ ପୃଷ୍ଠା' ଗଳ୍ପରେ ଜଣେ ନାରୀର ଅବ୍ୟକ୍ତ ବେଦନା ଏବଂ ସୃଜନ ଦକ୍ଷତା ଯେ ପୋତିହୋଇ ରହିଯାଏ, ନଷ୍ଟଭ୍ରଷ୍ଟ ହୋଇଯାଏ, ଅନ୍ୟକୁ ସୁଖୀ କରିବାକୁ କେତେ ଲୁହକୁ ମନମାରି ଲୁଚେଇବାକୁ ପଡ଼େ ତାହା କେବଳ ଅଙ୍ଗେ ନିଭେଇଥିବା ନାରୀଟିଏ ବୁଝିପାରିବ। ଗୋଟେ ଶିକ୍ଷକ ବାପାର ମୂଲ୍ୟବୋଧଶିକ୍ଷା ବେଳେବେଳେ କୌଣସି କାମରେ ଯେ ଲାଗେନାହିଁ ବରଂ ତାଚ୍ଛଲ୍ୟ ସହିବାକୁ ପଡେ, ଖୁବ୍ କମ୍ କଥାଭିତରେ ସେ ଚିଠିରେ ଲେଖିପାରିଛନ୍ତି ବାପାଙ୍କ ପାଖକୁ। ନିଜକୁ ବ୍ୟକ୍ତି ଭାବରେ ସେ ଯେତେବେଳେ ବ୍ୟକ୍ତ କରିବାକୁ ଚାହେଁ ସେତେବେଳେ ହିଁ ସମସ୍ୟା ଉପୁଜେ। କାରଣ ବୋହୂଟିଏ ମୁକ, କାଲ, ବଧିର ମେସିନଟିଏ ହେଲେହିଁ ଭଲବୋହୂ ହେବ। ଓଲଟା ବି ଘଟେ କେବେକେବେ। ଅନେକସ୍ଥାନରେ ସଂସ୍କୃତ ଶ୍ଳୋକରେ ବାପାଙ୍କ ମୁହଁରେ ମୂଲ୍ୟବୋଧ ଫୁଟାଇଛନ୍ତି ଜୟନ୍ତୀ।

**ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**
amrutam101@gmail.com

**ସମ୍ପାଦକୀୟ**

# ପୂଜାସଂଖ୍ୟାର ଯଥାର୍ଥତା

ବର୍ତ୍ତମାନ ତ ପାର୍ବଣ ଋତୁ; ଏହି ବେଳରେ ଆମ ସାରସ୍ୱତ ଜଗତରେ ପୂଜାସଂଖ୍ୟାମାନେ ବିରାଜିତ ହେବେ ବିବିଧ ରୂପରେ, କିଏ ପୃଥୁଳକାୟ ତ କିଏ କ୍ଷୀଣକାୟ, କିଏ ମହରଗ ତ କିଏ ସୁଲଭ, କିଏ ପୁଣି ବହୁରଙ୍ଗୀ ତ କିଏ କଳା ଓ ଧଳା; ବିଭିନ୍ନ ଛଇ, ବିଭିନ୍ନ ଛଟକ। ୧୯୫୧ ମସିହାରେ ଯେତେବେଳେ 'ଆସନ୍ତାକାଲି' ପତ୍ରିକା ବଙ୍ଗଳା ଭାଷାରୁ ଏହି ଧାରାଟି ଆହରଣକରି ଓଡ଼ିଆ ଭାଷାରେ ପୂଜାସଂଖ୍ୟାର ଏକ ନୂଆ ପରମ୍ପରା ଆରମ୍ଭ କଲା, ସେତେବେଳେ ଜଣା ନ ଥିଲା ଯେ କାଳକ୍ରମେ ଏହା ଓଡ଼ିଶାର ପତ୍ରିକା ବଜାରରେ କେବଳ ପୂଜାସଂଖ୍ୟା, ଶାରଦୀୟ ସଂଖ୍ୟା ବା ପାର୍ବଣ ସଂଖ୍ୟା ଭାବରେ ହିଁ ନୁହେଁ, ବରଂ ମହାପୂଜା ବା ବମ୍ପର ସଂଖ୍ୟାର ଆଖ୍ୟା ନେଇ ଦିନେ ନିଜର ପରିଚୟ ଜାହିର କରିବ।




ତେବେ ସେ ଯାହା ହେଉ, ଆମ ପତ୍ରିକାର ଚଳିତ ସଂଖ୍ୟାଟିକୁ ଆମେ ଏକ ପୂଜାସଂଖ୍ୟା ଭାବରେ ପ୍ରକାଶ ନ କରି, ସଂପୃକ୍ତ ମାସଟିର ନାମାନୁସାରେ ଅକ୍ଟୋବର ସଂଖ୍ୟା ଭାବରେ ହିଁ ଉପସ୍ଥାପନ କରିଛୁ, ଯଦିଓ ପାର୍ବଣ ଋତୁର ମିଜାଜକୁ ଦୃଷ୍ଟିରେ ରଖି ଦେବୀ ଉପାସନା ସମ୍ପର୍କୀୟ ରଚନା ମଧ୍ୟ ଏଥିରେ ସ୍ଥାନିତ ହୋଇଛି।

କିଛିଦିନ ତଳେ 'ଆସନ୍ତାକାଲି' ପତ୍ରିକାର ଶେଷତମ ସମ୍ପାଦକ, ବର୍ଷୀୟାନ ସ୍ରଷ୍ଟା ଶ୍ରୀଯୁକ୍ତ କାଳୀଚରଣ ଦାସଙ୍କ ସହିତ ଆମକୁ ଯେତେବେଳେ ବାର୍ତ୍ତାଳାପ କରିବାର ସୁଯୋଗ ମିଳିଲା, ଆମେ ତାଙ୍କୁ ସ୍ୱତଃ ଗୋଟିଏ ପ୍ରଶ୍ନ ପଚାରିବସିଲୁ: "ଆପଣଙ୍କ ପତ୍ରିକା ତ ପ୍ରାୟ ୭୫ ବର୍ଷ ତଳେ ଓଡ଼ିଶାରେ ପୂଜାପତ୍ରିକାର ମୂଳଦୁଆ ପକାଇଥିଲା; ତେବେ କୁହନ୍ତୁ, ଏହି ପରମ୍ପରା ଏବେ ଯେଉଁ ସ୍ଥିତିରେ ଆସି ପହଞ୍ଚିଛି, ତାହାର କିଛି ଯଥାର୍ଥତା ଥିବାର ଆପଣ ମନେକରନ୍ତି କି ?" ଏଥିକୁ ତାଙ୍କର ସ୍ପଷ୍ଟ ଉତ୍ତର ଥିଲା, "ନା, ଏହାର କିଛି ଯଥାର୍ଥତା ନାହିଁ। ଏତେଗୁଡ଼ିଏ ପତ୍ରିକା ଏକାଥରେ କିଏ ପଢୁଛି ? ଦୁର୍ଗାପୂଜା ଅବସରରେ ପୂଜାସଂଖ୍ୟା ପ୍ରକାଶ କରିବାର ପ୍ରାସଙ୍ଗିକତା ସେତେବେଳେ ଯେମିତି ଥିଲା, ଏବେ ଆଉ ତାହା ନାହିଁ।" ତାଙ୍କର ଏହି ମତ ଆମକୁ ଏ ବିଷୟରେ ଆହୁରି ଅଧିକ ଭାବିବାକୁ ପ୍ରେରିତ କଲା, ଯାହାର ପରିଣାମରେ ଆମର ସହକର୍ମୀମାନେ ଆରମ୍ଭ କଲେ ଏକ ପାଠକ-ସର୍ଭେ। ଆମେ କିଛି ନିର୍ଦ୍ଦିଷ୍ଟ ସଂଖ୍ୟକ ପାଠକଙ୍କ ସହିତ ଫୋନ୍‌ଯୋଗେ ସମ୍ପର୍କ ସ୍ଥାପନ କରି ଓଡ଼ିଆ ପତ୍ରପତ୍ରିକାର ପୂଜାସଂଖ୍ୟା ବିଷୟରେ କିଛି ପ୍ରଶ୍ନର ଉତ୍ତର ଦେବା ପାଇଁ ସେମାନଙ୍କୁ ଅନୁରୋଧ କଲୁ।

ଏହି ସର୍ଭେରେ ଭାଗନେଇଥିବା ପାଠକମାନଙ୍କଠାରୁ ପାଇଥିବା ମତଗୁଡ଼ିକୁ ଗଣନା କରିବା ପରେ କେତେକ ରୋଚକ ତଥ୍ୟ ଆମ ସାମନାକୁ ଆସିଲା; ଯେପରିକି, ୮୫% ପାଠକ କହିଥିଲେ ଯେ ସେମାନେ ଗତ ବର୍ଷ ଏକାଧିକ ପୂଜା ସଂଖ୍ୟା କିଣିଥିଲେ ମଧ୍ୟ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପଢ଼ି ଶେଷ କରିପାରି ନଥିଲେ। ୮୧% ପାଠକ ସୂଚାଇଥିଲେ ଯେ ମୋଟା କଳେବରଯୁକ୍ତ ପୂଜାପତ୍ରିକା ସେମାନେ ପସନ୍ଦ କରନ୍ତି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଆମେ ସେମାନଙ୍କୁ ପଚାରିଥିବା ଶେଷ ପ୍ରଶ୍ନଟି, 'ପୂଜାସଂଖ୍ୟା ଦ୍ୱାରା ଓଡ଼ିଆ ସାହିତ୍ୟର କିଛି ଉପକାର ସାଧିତ ହେଉଛି କି?' ଯାହାର ନାସ୍ତିସୂଚକ ଉତ୍ତର ଆସିଥିଲା ୭୭% ପାଠକଙ୍କଠାରୁ। ଏଥିରୁ ଆମର ଧାରଣା ହେଲା ଯେ, ଓଡ଼ିଆ ପତ୍ରିକାଜଗତର ଆତ୍ମସମୀକ୍ଷା କରିବାର ବେଳ ବୋଧହୁଏ ଆସିଯାଇଛି।

ଆମେ ଜାଣୁ, କିଭଳି ଗତ କରୋନାକାଳ ପତ୍ରପତ୍ରିକାମାନଙ୍କ ପୂଜାସଂଖ୍ୟା ପରମ୍ପରାର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ସେହି ଦୁଃସମୟରେ ଅନେକ ପତ୍ରିକା ନିଜର ପୂଜାସଂଖ୍ୟା ପ୍ରକାଶ କରିପାରି ନଥିଲେ । ଏବେ ସେହି ଭୟାବହ ମହାମାରୀର ଯବନିକା ପଡ଼ିଥିଲେ ହେଁ ପତ୍ରିକାମାନେ ନିଜ ପୂର୍ବର ସ୍ୱାସ୍ଥ୍ୟ ପୂର୍ଣ୍ଣ ରୂପରେ ଫେରିପାଇ ନାହାନ୍ତି। ଏହା ନିଶ୍ଚିତ ଭାବରେ ଉଦ୍‌ବେଗର ବିଷୟ।

**ନିହାର ଶତପଥୀ**

# ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।


ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରନ୍ତି।

ମୋବାଇଲ୍:
**+91 9368772506**
ଲ୍ୟାଣ୍ଡଲାଇନ୍:
**0674-3552947**



ପ୍ରବନ୍ଧ

# ଶ୍ରୀକ୍ଷେତ୍ରରେ ଶକ୍ତି ଉପାସନା



ଭାସ୍କର ମିଶ୍ର

ଅତ୍ୟନ୍ତ ପ୍ରାଚୀନ ସମୟରୁ ଓଡ଼ିଶାର ଶାକ୍ତ ପରମ୍ପରାରେ ଶ୍ରୀକ୍ଷେତ୍ରର ଅଧୀଶ୍ୱରୀ ମା’ ବିମଳାଙ୍କୁ ଏକ ପ୍ରଧାନ ଶକ୍ତିରୂପେ ଗ୍ରହଣ କରାଯାଏ । ବିଦ୍ୱାନମାନଙ୍କ ଉଲ୍ଲେଖ ପ୍ରକାରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ରରେ ସତୀଙ୍କର ପାଦ ଦୁଇଟି ପଡ଼ିଥିବାରୁ ଏହା ପାଦପୀଠ ରୂପେ ପରିଚିତ ଅଟେ । କେହି କେହି ସତୀଙ୍କ ରସନା (ଜିହ୍ୱା) ଶ୍ରୀକ୍ଷେତ୍ରରେ ପତିତ ହୋଇଥିଲା ବୋଲି କହିଥାନ୍ତି । କିନ୍ତୁ ମୁଖ୍ୟତଃ ପୁରୁଷୋତ୍ତମ କ୍ଷେତ୍ରରେ ସତୀଙ୍କ ପାଦର ଅବସ୍ଥାନକୁ ନେଇ ମା’ ବିମଳାଙ୍କୁ ପାଦ ପୀଠର ଅଧିଷ୍ଠାତ୍ରୀ ବୋଲି କୁହାଯାଏ । ଏଣୁ ‘ତନ୍ତ୍ର ଚୂଡ଼ାମଣି’ର ୧୩ତମ ଶ୍ଳୋକରେ କୁହାଯାଇଛି ଯେ,

“ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ରମୁଚ୍ୟତେ ।
ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ॥”



### ପ୍ରଧାନ ଶକ୍ତି ବିମଳା

‘ଶ୍ରୀକୃଷ୍ଣ ଯାମଳ ମହାତନ୍ତ୍ର’ ଗ୍ରନ୍ଥର ବର୍ଣ୍ଣନାନୁଯାୟୀ ଶକ୍ତିମାନଙ୍କ ମଧ୍ୟରେ ‘ବିମଳା’ ପ୍ରଧାନ ଶକ୍ତି ଅଟନ୍ତି । ପାଶ୍ଚାତ୍ୟ ଗବେଷକ ଏଚ୍.ଭି. ଷ୍ଟେଟ୍‌କର୍ଣ୍ଣଙ୍କ ମତାନୁଯାୟୀ ଅତ୍ୟନ୍ତ ପୁରାତନ କାଳରେ ନୀଳାଚଳ ପର୍ବତର ପାଦ ଦେଶରେ ବହୁ ଶିବ ମନ୍ଦିର ପ୍ରତିଷ୍ଠିତ ଥିଲା । ଏହି ଶିବ ମନ୍ଦିରମାନଙ୍କରେ ଯେଉଁ ସମୂହଙ୍କୁ ଉପାସନା କରାଯାଉଥିଲା, ସେମାନଙ୍କର ମୁଖ୍ୟ ଶକ୍ତି ରୂପେ ପର୍ବତ ଉପରେ ଅବସ୍ଥିତା ପାଦପୀଠର ଅଧିଷ୍ଠାତ୍ରୀ ବିମଳା ଦେବୀଙ୍କୁ ସ୍ୱୀକାର କରାଯାଇଥିଲା । ସେହିପରି ‘ବିମଳା ସପର୍ଯ୍ୟା’ ଗ୍ରନ୍ଥରେ ବିମଳାଙ୍କୁ ‘ପାଦ ପୀଠେଶ୍ୱରୀ’ ବୋଲି ବର୍ଣ୍ଣନା କରାଯାଇଛି । ଯଥା:

“ଯୋଗମାୟା ଯୋଗରୂପା ପୁରୁଷୋତ୍ତମ ବଲ୍ଲଭା ।
ପାଦ ପୀଠେଶ୍ୱରୀ ବିଦ୍ୟା ଚତୁର୍ବର୍ଗ ପ୍ରଦାୟିକା ॥”

ଶ୍ରୀମନ୍ଦିରର ଭବ୍ୟ ରତ୍ନସିଂହାସନରେ ଅଧିଷ୍ଠିତ ଦାରୁବ୍ରହ୍ମରୂପୀ ଚତୁର୍ଦ୍ଧା ବିଗ୍ରହଙ୍କ ପରେ ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛନ୍ତି ଶ୍ରୀକ୍ଷେତ୍ରେଶ୍ୱରୀ ମା’ ବିମଳା । ପ୍ରାଚୀନ କାଳରେ ନୀଳାଚଳ ପର୍ବତରେ ଅଧିଷ୍ଠିତ ଏହି ଦେବୀଙ୍କୁ ଏଠାକାର ଗ୍ରାମ ଦେବତୀ ରୂପେ ଚିହ୍ନିତ କରାଯାଇଛି । ଏପରିକି ଶାକ୍ତ ଉପାସକମାନଙ୍କ ମତାନୁଯାୟୀ ଉତ୍କଳରେ ଶ୍ରୀଜଗନ୍ନାଥଙ୍କୁ ଯେଉଁ ସମୟରୁ ରାଷ୍ଟ୍ର ଦେବତା ରୂପେ ଗ୍ରହଣ କରାଗଲା, ସେହିଦିନଠାରୁ ତାଙ୍କର ଶକ୍ତି ସ୍ୱରୂପା ମା’ ବିମଳାଙ୍କୁ ରାଷ୍ଟ୍ରଦେବୀ ରୂପେ ମାନ୍ୟତା ଦିଆଯାଇଥିଲା । ସ୍କନ୍ଦପୁରାଣର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ଚତୁର୍ଥ ଅଧ୍ୟାୟସ୍ଥିତ ୪୬ରୁ ୪୯ ଶ୍ଳୋକ ମଧ୍ୟରେ ବର୍ଣ୍ଣିତ ତଥ୍ୟାନୁଯାୟୀ ପରମ ଶକ୍ତିମୟୀ ଦେବୀ ଗୌରୀ ଅଷ୍ଟ ପ୍ରକାର ମୂର୍ତ୍ତି ଧାରଣକରି ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଅଷ୍ଟଦିଗରେ ଅବସ୍ଥାନ କରିଅଛନ୍ତି ।

“ମଙ୍ଗଳା ବଟମୂଳେ ତୁ ପଶ୍ଚିମେ ବିମଳା ତଥା ।
ଶଙ୍ଖସ୍ୟ ପୃଷ୍ଠଭାଗେ ତୁ ସଂସ୍ଥିତା ସର୍ବମଙ୍ଗଳା ॥
ଅର୍ଦ୍ଧାଶନୀ ତଥା ଲମ୍ବା କୁବେରଦିଶି ସଂସ୍ଥିତା ।
କାଳରାତ୍ରିର୍ଦ୍ଦକ୍ଷିଣସ୍ୟାଂ ପୂର୍ବସ୍ୟାନ୍ତୁ ମରୀଚିକା ॥”
(ସ୍କନ୍ଦ-୪/୪୬-୮୮)

ଏହି ଅଷ୍ଟଶକ୍ତିମାନେ ହେଲେ – ବଟମୂଳରେ ମଙ୍ଗଳା, ପଶ୍ଚିମରେ ବିମଳା, ଶଙ୍ଖକ୍ଷେତ୍ରର ପୃଷ୍ଠଭାଗ ବାୟୁକୋଣରେ ସର୍ବମଙ୍ଗଳା, ଉତ୍ତର ଦିଗରେ ଅର୍ଦ୍ଧାଶିନୀ ଓ ଆଲମ୍ବା, ଦକ୍ଷିଣରେ

କାଳରାତ୍ରି, ପୂର୍ବଦିଗରେ ମରୀଚିକା ଓ କାଳରାତ୍ରିଙ୍କ ପଶ୍ଚାତ୍ ଭାଗରେ ନୈରୁତ କୋଣରେ ଚଣ୍ଡରୂପା । କ୍ଷେତ୍ରରାଜ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ବିଭିନ୍ନ ସ୍ଥାନରେ ବିରାଜମାନ କରୁଥିବା ଏହି ଅଷ୍ଟଚଣ୍ଡୀ ଅନ୍ତର୍ବେଦୀ (ରତ୍ନସିଂହାସନ)ର ସୁରକ୍ଷା ନିମନ୍ତେ ସଦା ଜାଗ୍ରତ । ଏହି ଶକ୍ତିମାନଙ୍କର ଦର୍ଶନ ଓ କୀର୍ତ୍ତନ କଲେ ସମସ୍ତ ପାପ କ୍ଷୟ ଓ ଅଶ୍ୱମେଧ ଯଜ୍ଞର ଫଳଲାଭ ହୋଇଥାଏ । ସେହିପରି ସ୍କନ୍ଦପୁରାଣ ଚତୁର୍ଥ ଅଧ୍ୟାୟର ୧୩ ଓ ୧୪ ଶ୍ଳୋକରେ ଶ୍ରୀକ୍ଷେତ୍ର ମାହାତ୍ମ୍ୟ ପ୍ରସଙ୍ଗରେ କୁହାଯାଇଛି ଯେ, ପୁରୁଷୋତ୍ତମ କ୍ଷେତ୍ରର ଆକାର ଦକ୍ଷିଣାବର୍ତ୍ତ ଶଙ୍ଖ ସଦୃଶ । ଏହି ଶଙ୍ଖାକୃତ କ୍ଷେତ୍ରର ତୃତୀୟ ଆବର୍ତ୍ତ ସୀମାରେ ମୋ'ର ବିମଳା ନାମରେ ଯେଉଁ ଶକ୍ତି ରହିଛି, ସେ ମଧ୍ୟ ମୁକ୍ତିଫଳ ପ୍ରଦାନ କରନ୍ତି ।

## ଶାକ୍ତ ମତରେ ଦୁର୍ଗା

ଶାକ୍ତମାନଙ୍କ ଦୃଷ୍ଟିରେ ସୁଭଦ୍ରା ଓ ବିମଳା ଉଭୟ ଦୁର୍ଗା । ବହୁ ବିଦ୍ୱାନ ଏକାନଂଶା ସୁଭଦ୍ରା ଏବଂ ବିମଳାଙ୍କ ମଧ୍ୟରେ ଅଭିନ୍ନତା ଲକ୍ଷ୍ୟ କରନ୍ତି । ସେହିପରି ଶାକ୍ତ ଚେତନାର ପ୍ରଧାନ ତ୍ରିଶକ୍ତି ଭାବରେ ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀଙ୍କୁ ଗ୍ରହଣ କରାଯାଇଥାଏ । ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍ ସ୍ୱରୂପା ମହାସରସ୍ୱତୀ ଏବଂ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ । ଶାକ୍ତ ସାଧକଙ୍କ ଦୃଷ୍ଟିରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହିଁ ମହାକାଳୀ । ତାଙ୍କ ପୁଷ୍ପ ଅଳଙ୍କାର ବେଶ ବିନ୍ୟାସରେ ନାସାରେ ସୁଶୋଭିତ ଗୁଣା, ଝୁମ୍ପା ଇତ୍ୟାଦି ନାରୀମୂର୍ତ୍ତିକୁ ପ୍ରତିପାଦିତ କରିଥାଏ । ଶାକ୍ତ ସିଦ୍ଧାନ୍ତରେ ସିଏ ହିଁ ଆଦିଅନ୍ତ ବିରହିତ ସଚ୍ଚିଦାନନ୍ଦ ସ୍ୱରୂପିଣୀ ଦକ୍ଷିଣକାଳିକା । ଶାକ୍ତାଗମ ଅନୁସାରେ "ତାରା ସାକ୍ଷାତ ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ, ନୀଳାଦ୍ରୌତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣକାଳିକା।" ସୁତରାଂ କ୍ଷେତ୍ର ନାୟକ ପରମ ବିଷ୍ଣୁ ହୋଇଥିଲେ ହେଁ କ୍ଷେତ୍ରର ନାମକରଣ ଶ୍ରୀକ୍ଷେତ୍ର । ଯାହାକି ଶାକ୍ତ ଉପାସନାର ନିଦର୍ଶନ । ଦ୍ୱିତୀୟତଃ ତନ୍ତ୍ର ସାଧକମାନେ ଶ୍ରୀମନ୍ଦିରର ରତ୍ନସିଂହାସନ ଭୈରବୀ ଚକ୍ର ଉପରେ ପ୍ରତିଷ୍ଠିତ ବୋଲି ପ୍ରକାଶ କରନ୍ତି । ଏହି ଭୈରବୀ ଚକ୍ରରୂପୀ ରତ୍ନସିଂହାସନ ଉପରେ ତାରା ଯନ୍ତ୍ରରେ ଶ୍ରୀବଳଭଦ୍ର, ଭୁବନେଶ୍ୱରୀ ଯନ୍ତ୍ରରେ ଶ୍ରୀସୁଭଦ୍ରା ଓ ଶ୍ୟାମା ଯନ୍ତ୍ରରେ ଶ୍ରୀଜଗନ୍ନାଥ ବିରାଜିତ ହୋଇଛନ୍ତି । ଯଥା:

"ତାରାଯନ୍ତ୍ର ମହାଶେଷ ସୁଭଦ୍ରା ଭୁବନେଶ୍ୱରୀ,
ଶ୍ୟାମାଯନ୍ତ୍ରେ ଜଗନ୍ନାଥଃ ଦକ୍ଷିଣକାଳିକା ସ୍ୱୟମ୍ ।"

ଏପରିକି ଦକ୍ଷିଣକାଳିକା ରୂପୀ ଶ୍ରୀଜଗନ୍ନାଥ ହିଁ ସକଳ ତନ୍ତ୍ର ଶକ୍ତିର ଉଦ୍‌ଗାତା । ଉଡ୍‌ଡୀଶ ତନ୍ତ୍ରରେ ଦେବୀ ସୁଭଦ୍ରାଙ୍କୁ ଯୋଗମାୟା, ମୋହରୂପିଣୀ, ବିଷ୍ଣୁମାୟା ତଥା ବିଦ୍ୟାମୟୀ ନାମରେ ଅଭିହିତ କରାଯାଇଛି । ଯଥା:

"ଯୋଗମାୟା ପରଂନିତ୍ୟା ସୁଭଦ୍ରା ମୋହରୂପିଣୀ
ନିର୍ଗୁଣା ବିଷ୍ଣୁମାୟାସି ନାଦ ବିଦ୍ୟାମୟୀ ସ୍ୱୟଂ ।"
(ଉଡ୍ଡୀଶତନ୍ତ୍ର, ୨ୟ ଅଧ୍ୟାୟ, ଶ୍ଳୋକ-୨୫)

**ଶାକ୍ତ ସାଧକଙ୍କ ଦୃଷ୍ଟିରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହିଁ ମହାକାଳୀ । ଦକ୍ଷିଣକାଳିକା ରୂପୀ ଶ୍ରୀଜଗନ୍ନାଥ ସକଳ ତନ୍ତ୍ର ଶକ୍ତିର ଉଦ୍‌ଗାତା ।**

## ଭୁବନେଶ୍ୱରୀ ମନ୍ତ୍ର

ଦେବୀ ସୁଭଦ୍ରା ଭୁବନେଶ୍ୱରୀ ଯନ୍ତ୍ରରେ ଅଧିଷ୍ଠାନ କରିଥିବାରୁ ତାଙ୍କୁ ଭୁବନେଶ୍ୱରୀ ମନ୍ତ୍ରରେ ପୂଜା କରାଯାଇଥାଏ । ଉଲ୍ଲେଖଯୋଗ୍ୟ ଯେ, ଶ୍ରୀମନ୍ଦିରର ପୂଜା ପରମ୍ପରାରେ ଦେବୀ ସୁଭଦ୍ରାଙ୍କୁ ଅନ୍ୟ ଦୁଇ ମୁଖ୍ୟ ବିଗ୍ରହ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ସ୍ୱତନ୍ତ୍ର ବାଡ଼ରେ ଭୋଗ, ଆଳତି ଇତ୍ୟାଦି ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହେବାଭଳି ସ୍ୱତନ୍ତ୍ର ଭାବେ ଆଳତି, ଭୋଗ ନୈବେଦ୍ୟ ହୋଇଥାଏ । ଏପରିକି ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରାରେ ଦେବୀ ସୁଭଦ୍ରାଙ୍କ ନିମିତ୍ତ ସ୍ୱତନ୍ତ୍ର ଭାବେ ଏକ ରଥ ନିର୍ମାଣ କରାଯାଇଥାଏ । ଚତୁର୍ଦ୍ଧା ବିଗ୍ରହଙ୍କ ନିମିତ୍ତ ତିନୋଟି ରଥ ମଧ୍ୟରୁ ଦର୍ପଦଳନ ରଥରେ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀଜଗନ୍ନାଥଙ୍କ ଆୟୁଧ ଚକ୍ରରାଜ ସୁଦର୍ଶନ ଏହି ରଥରେ ଶକ୍ତିଙ୍କ ସହ ସଂଯୋଜିତ ହୋଇଥାନ୍ତି । ରଥରେ ମଧ୍ୟ ପାର୍ଶ୍ୱ ଦେବୀମାନେ ଅଧିଷ୍ଠିତ ପୂର୍ବକ ଶ୍ରୀମନ୍ଦିରର ଶାକ୍ତ ଉପାସନାକୁ ଦୃଢ଼ୀଭୂତ କରିଥାନ୍ତି ।

ଶ୍ରୀଚକ୍ରାରୂଢ଼ା ମା' ବିମଳା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଶକ୍ତି । ମତ୍ସ୍ୟ ପୁରାଣରେ ଶ୍ରୀଜଗନ୍ନାଥଙ୍କୁ ଭୈରବ ଓ ମା' ବିମଳାଙ୍କୁ ଭୈରବୀ ବୋଲି ଉଲ୍ଲେଖ କରାଯାଇଛି । ଯଥା: "ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ" । ଶାରଦୀୟ ପୂଜାରେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର 'ହ୍ରୀଁ'ରେ ବିମଳାଙ୍କୁ

ଆବାହନ କରାଯାଏ । ଯଥା: 'ଓଁ ହ୍ରାଁ ବିମଳାଦେବ୍ୟୈ ନମଃ ।' ଏଥିରୁ ଅନୁମିତ ହୁଏ ଯେ, ଭୁବନେଶ୍ୱରୀ, ମା' ବିମଳା ଓ ଦେବୀ ସୁଭଦ୍ରା ଏକ ଓ ଅଭିନ୍ନା । ସେହିପରି ସ୍କନ୍ଦପୁରାଣ ଉତ୍କଳଖଣ୍ଡ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତା ପ୍ରକାରେ,

"ସୁଭଦ୍ରିକା ପରାଶକ୍ତି ଭୈରବୀ ବିମଳା ଯଥା ।
ଶ୍ରୀଚକ୍ରାଧିଷ୍ଠିତ ପୀଠେ ମାଧବ କ୍ଷେତ୍ର ନାୟକ ।"

**ଦୁର୍ଗାମାଧବ ଉପାସନା**

ଶ୍ରୀଜଗନ୍ନାଥ ଚେତନାରେ ଦୁର୍ଗାମାଧବ ଉପାସନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଆଶ୍ୱିନ ମାସ ଷୋଡ଼ଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ସମୟରେ ମା' ବିମଳାଙ୍କ ପ୍ରତିନିଧି ଭାବେ ଚଳନ୍ତି ପ୍ରତିମା ଦୁର୍ଗା ଏବଂ ଶ୍ରୀଜଗନ୍ନାଥଙ୍କର ପ୍ରତିନିଧି ଭାବେ ମାଧବଙ୍କୁ ଏକତ୍ର ଉପାସନା କରାଯାଇଥାଏ । ଶ୍ରୀମନ୍ଦିରର ଅନନ୍ୟ ପରମ୍ପରାରେ ଶ୍ରୀଜଗନ୍ନାଥ ରୂପୀ ମାଧବ ଓ ବିମଳା ରୂପୀ ଦୁର୍ଗାଙ୍କ ମଧ୍ୟରେ ଅଭେଦ୍ୟ ସଂପର୍କ ରହିଛି । ଏହି ବିଶେଷ ପୂଜା କାଳରେ ଦୁର୍ଗାଙ୍କ ସହ ମାଧବ ଏକତ୍ର ରୁନ୍ଧା ହୁଅନ୍ତି । ଷୋଳପୂଜାର ପ୍ରଥମ ଆଠଦିନ ବିମଳା ମନ୍ଦିରରେ ଓ ପରବର୍ତ୍ତୀ ଆଠଦିନ ଅର୍ଥାତ୍ ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ଦୁର୍ଗାମାଧବ ଏକତ୍ର ରୁନ୍ଧା ହୋଇ ରଥାକୃତି ବିମାନରେ ଦୋଳମଣ୍ଡପ ସାହିସ୍ଥ ନାରାୟଣୀଙ୍କ ମନ୍ଦିରକୁ ବିଜେ କରନ୍ତି । ଏହାକୁ ଶାକ୍ତ ଗୁଣ୍ଡିଚା କୁହାଯାଏ ।

ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ସେବା ପୂଜା ପରମ୍ପରାରେ ଏହି ଶାକ୍ତପୀଠ ଅତ୍ୟନ୍ତ ଭାବେ ଜଡ଼ିତ । ପ୍ରତ୍ୟହ ବଳଭଦ୍ରଙ୍କ ବାଡ଼ର ବଲ୍ଲଭ ପିଙ୍ଗଣ ସମର୍ପଣ ସକାଶେ ଏଠାକୁ ଆସେ । ସକାଳ ଧୂପରୁ ଥାଳି ଖେଚେଡ଼ି, ସନ୍ଧ୍ୟାଧୂପରୁ ପଖାଳ, ଶାକର ଓ ସାନ ଅମାଲୁ, ବଡ଼ସିଂହାର ଧୂପରୁ କଦଳୀବଡ଼ା, ପହୁଡ଼ ନୀତିରୁ ପଇଡ଼ ଗୋଟିଏ ଏହାଙ୍କ ସକାଶେ ଦିଆଯାଏ । ଏପରିକି ଶ୍ରୀଜୀଉମାନଙ୍କ ଧୂପ ଭୋଗ ଶେଷ ହେବା ପରେ ଥାଳି ଅନ୍ନ ମହାପ୍ରସାଦ ଏଠାକୁ ଆସି ସମର୍ପଣ ହେବାର ବିଧି ରହିଅଛି ।

**ଶ୍ରୀମନ୍ଦିରରେ ଶକ୍ତି ବିଗ୍ରହ**


ଶ୍ରୀମନ୍ଦିରରେ ବିରାଜିତା ଅନ୍ୟ ଏକ ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ । ଶ୍ରୀଜଗନ୍ନାଥଙ୍କର ମହାଶକ୍ତି ରୂପେ ମହାଲକ୍ଷ୍ମୀ ସୁପରିଚିତା ଅଟନ୍ତି । ଶାକ୍ତ ପରମ୍ପରାର ଉତ୍ତରଣରେ ଶ୍ରୀମନ୍ଦିରରେ ଅନେକ ଶାକ୍ତ ମୂର୍ତ୍ତି ପ୍ରତିଷ୍ଠିତ ଓ ଉପାସିତ । ମହାଲକ୍ଷ୍ମୀ ଓ ବିମଳା ଉଭୟଙ୍କ ପ୍ରତିଭୂ ଭାବରେ ରତ୍ନସିଂହାସନାଧିଷ୍ଠିତ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟଭାଗରେ ଦେବୀ ସୁଭଦ୍ରା ବିରାଜିତା । ସୁଭଦ୍ରା ଉଭୟଙ୍କର ଶକ୍ତି । ବିଶେଷକରି ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ନୀତି, ବିଶେଷ ଉତ୍ସବ, ନବକଳେବର, ଶାରଦୀୟ ଦୁର୍ଗୋତ୍ସବ ଓ ଅନ୍ୟାନ୍ୟ ପର୍ବପର୍ବାଣିରେ ଶାକ୍ତ ପଦ୍ଧତି ଅନୁସୃତ ହୋଇଥାଏ ।



ଶ୍ରୀଜଗନ୍ନାଥ ଉପାସନାରେ ଶାକ୍ତ ପରମ୍ପରାର ଅନ୍ୟ ଏକ ବଳିଷ୍ଠ ଉଦାହରଣ ହେଲା, ଶ୍ରୀମନ୍ଦିରର ବେଢ଼ା ପରିସରରେ ଅନ୍ୟାନ୍ୟ ଶକ୍ତି ମନ୍ଦିରମାନଙ୍କ ମଧ୍ୟରେ ବଟମଙ୍ଗଳା, ମହାବଜ୍ରେଶ୍ୱରୀ, କୁଣ୍ଡାମଚଣ୍ଡୀ, ଭୁବନେଶ୍ୱରୀ, ସରସ୍ୱତୀ, ଗାୟତ୍ରୀ, ସାବିତ୍ରୀ, ଷଷ୍ଠୀଦେବୀ, ବେଢ଼ାକାଳୀ, ଘଣ୍ଟେଶ୍ୱରୀ, ବସନ୍ତେଇ ଓ ବୁଢ଼ୀମା ଠାକୁରାଣୀ, ଦୁର୍ଗାମାଧବ, ଉତ୍ତରାୟଣୀ, ଶୀତଳା, ଝାଡ଼େଶ୍ୱରୀ, ଅନ୍ନପୂର୍ଣ୍ଣା, ଭଣ୍ଡାର ଘରେ ଚଳନ୍ତି ପ୍ରତିମା ଦୁର୍ଗା, ରତ୍ନସିଂହାସନରେ ଶ୍ରୀଦେବୀ, ଭୂଦେବୀ, ନାଟମଣ୍ଡପରେ ଖମ୍ବଗାୟତ୍ରୀ, ଖମ୍ବବିମଳା, ଖମ୍ବଦକ୍ଷିଣକାଳୀ, ଖମ୍ବଶୀତଳା, ମଙ୍ଗଳା, କାଳିକା, ଦକ୍ଷିଣି ଘରେ ସୀତା, ଚିତ୍ରମୂର୍ତ୍ତି ମହାଲକ୍ଷ୍ମୀ, ଦଶଭୁଜା ଦୁର୍ଗା, ପାର୍ବତୀ, ଭୀମେଶ୍ୱରୀ, ହରଚଣ୍ଡୀ, ବେଢ଼ାଦୁର୍ଗା, ଭିତର ବେଢ଼ାରେ ଏକାଦଶୀ ଦିଅଁ, ରାଧା, ସମଲେଶ୍ୱରୀ, ମଣ୍ଡଣି ଘରେ ଯଶୋଦା, ଦେବକୀ, ବିମଳା ମନ୍ଦିର ନାଟମଣ୍ଡପରେ ଦଶମହାବିଦ୍ୟା, ଛାୟା ଓ ମାୟା, ମେର୍ଦ୍ଧା ରୋଷଘରେ ସରସ୍ୱତୀ, ସରଘରେ ସୀତା, ରାଧା, ସୁଭଦ୍ରା, ବିମଳା ମନ୍ଦିର ଜଗମୋହନରେ ଶ୍ୟାମାକାଳୀ ଓ ଭଦ୍ରକାଳୀଙ୍କ ଚିତ୍ର ପ୍ରତିମା ବିରାଜିତ ପୂର୍ବକ ଶ୍ରୀଜଗନ୍ନାଥ ଚେତନାରେ ଶାକ୍ତ ପରମ୍ପରାରୁ ଉଜ୍ଜୀବିତ କରିଆସୁଛି । ସୁତରାଂ ପ୍ରାଚୀନ ସମୟରୁ ଉଭୟ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଶାକ୍ତ ପରମ୍ପରାର ପ୍ରଭାବ ପରିଲକ୍ଷିତ ହୋଇଥାଏ ।

□□

ଲେଖକଙ୍କ ଇ-ମେଲ ଠିକଣା:
drbhaskarmishra@gmail.com



କବିତା

# ଷଠିଦୁଷିର ଭାଷା

**ଶୈଳଜ ରବି**

ସତରେ,
ଷଠିଦୁଷି ଲେଖିଥାଏ କେଉଁ ଭାଷାରେ
କପାଳରେ ?



ସବୁ ମହାଦଶା, ମାର୍କଦଶା
ସିଂହାସନ ଭୋଗ
ରକ୍ତନଦୀ ସନ୍ତରଣ
ପ୍ରେମ, ପ୍ରୟାଣ
ସବୁ କପାଳଲିଖନ
ଖଡ଼ିରନ୍ ବୁଝାଇ ଦିଅନ୍ତି ଖଡ଼ିଧରି
ତାଙ୍କ ଫଳିତ ଭାଷାରେ ।

ସତରେ,
କପାଳଲିଖନ ଲେଖାହୁଏ ନାହିଁ
ବ୍ରାହ୍ମୀ, ଖରୋଷ୍ଠି କି କରଣୀରେ
ଲେଖାଥାଏ ଷଠିଦୁଷିର ସନ୍ଧାଭାଷାରେ ।



କି' ସକାଳେ, କି' ସଞ୍ଜବେଳାରେ
ଅନ୍ଧାର କି' ଫଟା ଆଲୁଅରେ
ପଢ଼ିବାକୁ ହୁଏ ଅଣ୍ଡାଳି ଅଣ୍ଡାଳି
ବ୍ରେଲ୍ ଲିପିପରି ଭାଗ୍ୟଲିପିରେ ।
ଅନୁବାଦ କରିହୁଏ
କେବଳ ଆପଣାର ନିଜ ନିଜ ଭାଷାରେ ।

□□

କବିଙ୍କ ଇ-ମେଲ ଠିକଣା:
rnsahoo1942@gmail.com

**ପ୍ରବନ୍ଧ**

# ଓଡ଼ିଆ ଧର୍ମସାହିତ୍ୟରେ ଜ୍ୟାମିତିର ପ୍ରୟୋଗ



**ସଂବିତ ମିଶ୍ର**

ପ୍ରକୃତିର ରୂପସଜ୍ଜାକୁ ନେଇ କେବେ ରେଖାରେ ତ କେବେ ଲେଖାରେ ରୂପଦିଏ ମଣିଷ। ଭାଷା ଶିଖିବା ଅନେକ ଆଗରୁ ସେ ଠାରରେ ଭାବ ବିନିମୟ କରୁଥିଲା, ଆଉ ଆଉ ଗାରରେ କରୁଥିଲା ତା'ର ରୂପାଙ୍କନ। ପାହାଡ଼ ପର୍ବତର ଶିଳାଗାତ୍ର, ବୃକ୍ଷଗଣ୍ଡିରେ ନିଜର ମୁକୁଳା ଭାବକୁ ଅଙ୍କନ କରୁଥିଲା। ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା, ଆକାଶ, ବୃକ୍ଷ, ପ୍ରାଣୀଜଗତ, ଶୋଭାଯାତ୍ରା, ସମରାଭିଯାନର ଚିତ୍ରରୂପ ସେ ଅଙ୍କନ କରି ବସୁଥିଲା। ଭାଷା ଓ ଅକ୍ଷରାଶ୍ରିତ ହେବାପରେ, ଭାବକୁ ଠାର, ଗାରଠାରୁ ଭିନ୍ନ ରୂପରେ ରୂପ ଦେଲା, ତେଣୁ ଭାଷାର ସୂକ୍ଷ୍ମ କାରିଗରୀ ସାହିତ୍ୟରେ ଆସିଲା ସେଇ ଠାର, ଗାରର ସାଙ୍କେତିକ ରୂପ। ବୋଧହୁଏ ଏହାକୁ ଜ୍ୟାମିତିକ ଭାବରେ ଅଭିହିତ କରାଯାଇପାରେ। ଚିତ୍ର ଉକୁଟିବା ରେଖାଶ୍ରୟୀ, ଭାଷା ଓ ସାହିତ୍ୟ ଲେଖାଶ୍ରୟୀ। ରେଖା ଆପାତତଃ ଜ୍ୟାମିତିକ ବ୍ୟାପାର। ଚିନ୍ତନ ପ୍ରଥମେ ରେଖାଶ୍ରିତ ହେବାପରେ ଏହାର ବାସ୍ତବରୂପ ବସ୍ତୁନିର୍ମାଣରେ ଏବଂ କଳାତ୍ମକ ରୂପ ସାହିତ୍ୟରେ ରୂପପାଏ। ଏହି ପ୍ରବନ୍ଧରେ ଆମ ଭାଷାସାହିତ୍ୟରେ ଏଇ ଠାର, ଗାର ବା ଜ୍ୟାମିତିକ ରୂପାଙ୍କନ ସମ୍ପର୍କରେ ସୂଚନା ମାତ୍ର ଦିଆଯାଇପାରେ।

**ଚିତ୍ର ଉକୁଟିବା ରେଖାଶ୍ରୟୀ, ଭାଷା ଓ ସାହିତ୍ୟ ଲେଖାଶ୍ରୟୀ। ରେଖା ଆପାତତଃ ଜ୍ୟାମିତିକ ବ୍ୟାପାର।**

## ସାହିତ୍ୟରେ ଜ୍ୟାମିତି

ପ୍ରସ୍ତୁତ ପ୍ରବନ୍ଧର ସୀମିତ କଳେବର ଭିତରେ ଆମ ଭାଷା ସାହିତ୍ୟରେ ଏହି ଜ୍ୟାମିତିକ ରୂପାଙ୍କନ ସଂପର୍କିତ କେତେକ ପ୍ରସଙ୍ଗ ଆଲୋଚନା କରାଯାଉ । ଏହି ସନ୍ଦର୍ଭରେ ଆମେ ଦୃଷ୍ଟିପାତ କରିବା ମହର୍ଷି ବେଦବ୍ୟାସଙ୍କ ରଚିତ 'ଶ୍ରୀମଦ୍ ଭଗବଦ୍ ଗୀତା', ସାରଳା ଦାସଙ୍କ 'ସାରଳା ମହାଭାରତ', ବଳରାମ ଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ', ଅଚ୍ୟୁତାନନ୍ଦ ଦାସଙ୍କ 'ଛୟାଳିଶ ପଟଳ, ଶୂନ୍ୟ ସଂହିତା', କବିସମ୍ରାଟଙ୍କ 'ଚିତ୍ରକାବ୍ୟ ବନ୍ଧୋଦୟ', ବାଣୀଗୌରବ ବିଶ୍ୱନାଥ ଚମ୍ପତିଙ୍କ 'ଚିତ୍ରକାବ୍ୟ ବନ୍ଧ ପ୍ରବନ୍ଧ', ରାଜେନ୍ଦ୍ର ମହାନ୍ତିଙ୍କ 'ତନ୍ତ୍ର ଶିରୋମଣି ଜଗନ୍ନାଥ', ଡକ୍ଟର ଅଜୟ କୁମାର ମିଶ୍ରଙ୍କ 'ଚିତ୍ରା ମାହେଶ୍ୱରୀ', ଡକ୍ଟର ସୁରେନ୍ଦ୍ର କୁମାର ମହାରଣାଙ୍କ 'ପଞ୍ଚସଖା ଧର୍ମ ଓ ସାହିତ୍ୟ', ଡକ୍ଟର ଆଶୁତୋଷ ପଟ୍ଟନାୟକ ଓ ଶ୍ରୀ ଗଣେଶ ପ୍ରସାଦ ପରିଜାଙ୍କ 'ଓଡ଼ିଆ ସାହିତ୍ୟରେ ତନ୍ତ୍ରର ପ୍ରଭାବ', ଶ୍ରୀଗଣେଶ ପ୍ରସାଦ ପରିଜାଙ୍କ 'କାଳାନ୍ତକ ମାଳିକା', ଶ୍ରୀଜଗନ୍ନାଥ ସଂସ୍କୃତିର ଅନେକ ପୁସ୍ତକ 'ଶ୍ରୀପୁରୁଷୋତ୍ତମକ୍ଷେତ୍ରର ଚକ୍ରତୀର୍ଥ', ଡକ୍ଟର ଅଜୟ କୁମାର ମିଶ୍ରଙ୍କ 'ନବକଳେବର-୨୦୧୫, ଶ୍ରୀଜଗନ୍ନାଥ ସଂସ୍କୃତି ଅଧ୍ୟୟନ' ଇତ୍ୟାଦି ଆଧାରରେ ।

ପରେ ମନୁଷ୍ୟର ବୁଦ୍ଧି ଓ ଜ୍ଞାନ ବିକଶିତ ହେବା ସହିତ ବୌଦ୍ଧିକ ବିକାଶର ପ୍ରାଥମିକ ଅବସ୍ଥାରେ ସେ ବିଭିନ୍ନ ରେଖା ସାହାଯ୍ୟରେ ଅଙ୍କନ ଆରମ୍ଭ କଲା। କ୍ରମେ ଏହି ରେଖାର ପରିବର୍ଦ୍ଧିତ ଓ ପରିମାର୍ଜିତ ରୂପ ଭାବରେ ଉଭାହୁଏ ବିଭିନ୍ନ ଜ୍ୟାମିତିକ ଅଙ୍କନ ଓ ଆଜିର ଅକ୍ଷର। ଜ୍ୟାମିତିକ ଅଙ୍କନ କେବଳ ଏକ ପରିକଳ୍ପନା ନା ନିର୍ଦ୍ଦିଷ୍ଟ ପରିମାପ ଆଧାରିତ ସଂରଚନା, ଏହାକୁ ଭଲ ଭାବରେ ବିଚାର କଲେ, ଜ୍ୟାମିତି କେବଳ ଗଣିତର ଗୋଟିଏ ଭାଗ ଭାବରେ ପ୍ରଚଳିତ ନୁହେଁ, ବରଂ ଅନ୍ୟାନ୍ୟ ବିଦ୍ୟା ସହିତ ବିଶେଷତଃ ସାହିତ୍ୟ ସହିତ ସଂଯୁକ୍ତ ଓ ସଂପୃକ୍ତ।


ଗଣିତ, ବିଜ୍ଞାନ, ଇଞ୍ଜିନିୟରିଙ୍ଗ୍, ଭୂଗୋଳ ସହିତ ଅନ୍ୟାନ୍ୟ ବହୁ ପ୍ରକାର ବିଦ୍ୟାରେ ଗାଣିତିକ ଅଙ୍କନ ବା ଜ୍ୟାମିତିର ବ୍ୟବହାର ପରିଲକ୍ଷିତ ହୁଏ। ବିଶେଷକରି ଆମର ଦୈନନ୍ଦିନ ଜୀବନରେ ଏହାର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ଆମର ଧର୍ମଧାରାରେ ସମୟ ନିର୍ଣ୍ଣୟ, ବିଭିନ୍ନ ଦେବଦେବୀଙ୍କୁ

ନିରାଜନା, ରୋଗ ନିରୂପଣ ଓ ଉପଚାର, ବିଭିନ୍ନ ପୂଜା ପଦ୍ଧତିରେ ଏହି ଗାଣିତିକ ଅଙ୍କନ ବା ଜ୍ୟାମିତିର ବ୍ୟବହାର ଓ ଗୁରୁତ୍ୱ ପରିଲକ୍ଷିତ।

## ‘ଦେବୀ ବିରଜାଙ୍କ ଯନ୍ତ୍ର

ଏକଦା ‘ଦେବୀ ବିରଜାଙ୍କ ଯନ୍ତ୍ର ଚୋରି ଅଭିଯୋଗ’ ଗୋଟିଏ ବହୁଚର୍ଚ୍ଚିତ ପୁରୁଣା ଖବର ଭାବେ ଦୈନିକ ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। ଖବରଟିରେ ଥିବା ‘ଯନ୍ତ୍ର’ ଶବ୍ଦଟିର ଗୁରୁତ୍ୱ ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ- ‘ଯନ୍ତ୍ର’ ହେଉଛି ନିର୍ଦ୍ଦିଷ୍ଟ ପରିମାପରେ ନିର୍ମିତ ରେଖାଙ୍କିତ ବିଭିନ୍ନ ଜ୍ୟାମିତିକ ଅଙ୍କନ ସମୂହ। ଯାହାର ଗୁରୁତ୍ୱ ଯୋଗୁ ଦେବଦେବୀ ସିଦ୍ଧହୋଇ ଗୋଟିଏ ସ୍ଥାନରେ ରୁହନ୍ତି। ତରୁଣ ଶବ୍ଦକୋଷରେ – ନିୟନ୍ତ୍ରଣ, ଦେବତାମାନଙ୍କର ଅଧିଷ୍ଠାନ ଚକ୍ର, ତନ୍ତ୍ରୋକ୍ତ ଅଭିଚାର ପ୍ରୟୋଗ କୌଶଳ, ଗ୍ରହନକ୍ଷତ୍ରାଦିର ଅବସ୍ଥାନ ଚିତ୍ର ଇତ୍ୟାଦି ଭାବରେ ବର୍ଣ୍ଣନା କରାଯାଇଛି।

ପ୍ରାୟ ଦେବଦେବୀଙ୍କ ଉପାସନା କ୍ଷେତ୍ରରେ ଅଙ୍କନର ସ୍ଥିତି ଉଲ୍ଲେଖନୀୟ। ମା’ ଶାରଳାଙ୍କ ଚିତ୍ରିତ ବିଗ୍ରହ, ଏ ପ୍ରସଙ୍ଗରେ ଆଲୋଚନୀୟ। ମା’ ଜଗଜ୍ଜନନୀ ତ୍ରିଗୁଣାତ୍ମିକା ମହାଶକ୍ତି ଶାରଳାଙ୍କୁ ସ୍ତୁତି କରି ‘ସ୍ତୋତ୍ର ମାତୃକୃପା’ ଗ୍ରନ୍ଥରେ ନିମ୍ନୋକ୍ତ ସ୍ତୁତି କରାଯାଇଛି।


କାଳୀ ଯନ୍ତ୍ର

“ଚିତ୍ରାନୁଲେପନାଂ ଚିତ୍ରକାନ୍ତିଂ ଚିତ୍ରାନୁରଞ୍ଜିନୀଂ ଚିତ୍ରପାଣିଂ
ଚିତ୍ରପାଦାଂ ଚିତ୍ରସଂପତ୍ ପ୍ରଦାୟିନୀଂ।
ଚିତ୍ରନେତ୍ରାଂ ଚିତ୍ରକର୍ଣ୍ଣାଂ ଚିତ୍ରକୋଭାସିମସ୍ତକାଂ ଚିତ୍ରରୂପଧରାଂ
ଚଣ୍ଡୀଂ ଚିତ୍ରାଷ୍ଟକକଟିଧାରିଣୀଂ।
ଚିତ୍ରକକ୍ଷାଂ ଚିତ୍ରଲେଖାଂ ଚିତ୍ରର୍ଚ୍ଚିଚର୍ଚ୍ଚିକାଂ ଚିତ୍ରାମାହେଶ୍ୱରୀଂ ନିତ୍ୟାଂ
ଶାରଳାଂ ସାରଦାଂ ଶ୍ରୟେ।”

ଏଥିରେ ପର୍ଶୁରାମ ଶରାଙ୍କିତା ଦେବୀ ଶାରଳାଙ୍କୁ ଚିତ୍ରାନୁଲେପନା, ଚିତ୍ରପାଣି, ଚିତ୍ରପାଦା, ଚିତ୍ରକର୍ଣ୍ଣା, ଚିତ୍ରନେତ୍ରା ଓ ଚିତ୍ରରୂପା ଚଣ୍ଡୀ ଭାବରେ ଉପସ୍ଥାପନା କରାଯାଇଛି। ତାଙ୍କୁ ଶେଷରେ ଚିତ୍ରକକ୍ଷା, ଚିତ୍ରଲେଖା ଓ ଚିତ୍ରାମାହେଶ୍ୱରୀ ଭାବରେ ବର୍ଣ୍ଣନା କରାଯାଇଛି। ଏଇ ଚିତ୍ରାମାହେଶ୍ୱରୀ ହେଉଛନ୍ତି ଚିତ୍ରବିଦ୍ୟାର ମୂଳ ଉତ୍ସ। କଳା, ସଙ୍ଗୀତ, ସାହିତ୍ୟ ଏ ସକଳର ମୂଳାଧାର ଭାବରେ ଅନେକ ବିଦ୍ୱାନ ଶାରଳାଙ୍କୁ ସ୍ତୁତି କରିଛନ୍ତି। ଅଷ୍ଟଭୁଜା ଦେବୀ ଶାରଳାଙ୍କ ଶିଳାବିଗ୍ରହ ଗଠିତା ନୁହେଁ ବରଂ ଚିତ୍ରିତା। ବିଭିନ୍ନ ପୁରାଣ ଦ୍ୱାରା ମଧ୍ୟ ଏହା ସମର୍ଥିତ। ଲଙ୍କେଶ ରାବଣ ନିଜ ସିଦ୍ଧି ବଳରେ ସ୍ୱର୍ଗଲୋକର ସମସ୍ତ ଦେବତାଙ୍କୁ ତା’ର ଗୃହବନ୍ଦି କରି ରଖିଥିଲେ। ଚଳନ୍ତି ଯୁଗରେ ମଧ୍ୟ ଏହା ଅବିଶ୍ୱାସ୍ୟ ନୁହେଁ।

## ମହାନିର୍ବାଣ ତନ୍ତ୍ର

କୋଟି ଓଡ଼ିଆର ପ୍ରାଣକେନ୍ଦ୍ର ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚତୁର୍ଦ୍ଧା ବିଗ୍ରହ କେତୋଟି ଯନ୍ତ୍ର ଉପରେ ଉପବିଷ୍ଟ ହୋଇଥିବାର ପ୍ରମାଣ ‘ମହାନିର୍ବାଣ ତନ୍ତ୍ର’ରେ ଉଲ୍ଲେଖିତ। ଯଥା:

“ତାରାଯନ୍ତ୍ରେ ପ୍ରଳମ୍ବଘ୍ନଃ ସୁଭଦ୍ରା ଭୁବନେଶ୍ୱରୀ
ଶ୍ୟାମା ଯନ୍ତ୍ରେ ଜଗନ୍ନାଥଃ ସାକ୍ଷାତ୍
ଦକ୍ଷିଣକାଳିକାଃ।”

ବଡ଼ଠାକୁର ବଳଭଦ୍ର ତାରାଯନ୍ତ୍ରରେ, ଶ୍ରୀସୁଭଦ୍ରା ଭୁବନେଶ୍ୱରୀ ଯନ୍ତ୍ରରେ, ସ୍ୱୟଂ ଶ୍ରୀଜଗନ୍ନାଥ ଶ୍ୟାମାଯନ୍ତ୍ର ଉପରେ ବିରାଜିତ।

ଭଲଭାବରେ ଲକ୍ଷ୍ୟ କଲେ, ଶାସ୍ତ୍ରୋକ୍ତ ମତ ଅନୁସାରେ ବିଗ୍ରହ ପୂଜାଠାରୁ ତନ୍ତ୍ରୋକ୍ତ ପୂଜାରେ ଦେବଦେବୀଙ୍କର ମୂର୍ତ୍ତି ଗଠନ ନ ହୋଇ ବିଭିନ୍ନ ରେଖାଙ୍କିତ ଯନ୍ତ୍ରକୁ ପୂଜା କରାଯାଏ। ଆପାତତଃ ଯନ୍ତ୍ରଗୁଡ଼ିକ ତ୍ରିକୋଣ, ଷଟ୍‌କୋଣ, ବୃତ୍ତ, ଚତୁଷ୍କୋଣ, ପରିଧି, ବୃତ୍ତ, ଓଲଟ ତ୍ରିଭୁଜ, ପଦ୍ମଦଳ ଇତ୍ୟାଦି ସନ୍ନିବେଶରେ ନିୟମାନୁସାରେ ଅଙ୍କିତ ହୁଏ ବିଭିନ୍ନ ଆକୃତି। ଆକୃତିଗୁଡ଼ିକର ଅଙ୍କନ, ନିୟମାନୁସାରେ ସଂସ୍ଥାପନ ଓ ମନ୍ତ୍ରୋଚ୍ଚାରଣ ଦ୍ୱାରା ସେଥିରେ ଶକ୍ତି ଜାଗରଣ ଘଟେ। ‘ଶାକ୍ତପ୍ରମୋଦ’ ଗ୍ରନ୍ଥାନୁସାରେ ପର୍ଯ୍ୟାୟକ୍ରମ ପ୍ରଥମେ ତିନୋଟି ତ୍ରିଭୁଜ, ତିନୋଟି ବୃତ୍ତ, ଅଷ୍ଟଦଳପଦ୍ମ, ବୃତ୍ତ ଓ ଉପୋରିପରି ଭୂପୁରକୁ ସ୍ପଷ୍ଟଭାବରେ ଅଙ୍କନ କଲେ ତାହା ହୁଏ ‘କାଳୀଯନ୍ତ୍ର’।

‘ମତ୍ସ୍ୟପୁରାଣ’-(୨୫୮.୧୧-୧୫)ବର୍ଣ୍ଣନାନୁସାରେ

ଶ୍ରୀବିଷ୍ଣୁମୂର୍ତ୍ତିଙ୍କ ପାଦରେ ପୃଥିବୀମୂର୍ତ୍ତି ଓ ଦକ୍ଷିଣଭାଗରେ ପ୍ରଣୀତ ଗରୁଡମୂର୍ତ୍ତି ଓ ବାମଭାଗରେ ପଦ୍ମହସ୍ତା ଲକ୍ଷ୍ମୀଙ୍କର ମୂର୍ତ୍ତି ରଖାଯାଏ। ଏହା ସହିତ ପତ୍ର, ଲତା ପ୍ରଭୃତି ପଦାର୍ଥ ଓ ସିଂହ,ବ୍ୟାଘ୍ର ପ୍ରଭୃତି ପ୍ରାଣୀମାନଙ୍କର ଚିତ୍ର ମଧ୍ୟ ରହିଥାଏ। ମୂର୍ତ୍ତି ଗଢ଼ଣରେ ମଧ୍ୟ ଅଙ୍କନର ଆବଶ୍ୟକତା ଏଥିରୁ ପ୍ରମାଣିତ। ପ୍ରସିଦ୍ଧ ଗୁରୁବନ୍ଦନା ଶ୍ଳୋକରେ ଅଙ୍କନ ପ୍ରସଙ୍ଗ ସ୍ପଷ୍ଟ।

''ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍
ତତ୍ପଦଂ ଦର୍ଶିତଂ ଯେନଂ ତସ୍ମୈ ଶ୍ରୀଗୁରବେ ନମଃ।''

ଅର୍ଥ ସଂରଚନା ଦୃଷ୍ଟିରୁ ଜଣାପଡେ, ସେହି ଗୁରୁଙ୍କୁ ପ୍ରଣାମ କରୁଛୁ, ସତ୍ୟ-ଅଖଣ୍ଡ ମଣ୍ଡଳାକାର ବ୍ରହ୍ମଗୁରୁଙ୍କୁ ଆମେ ପ୍ରଣାମ କରୁଛୁ। ଏଠାରେ ବ୍ରହ୍ମଙ୍କୁ ମଣ୍ଡଳାକାର ଭାବରେ ଅଭିହିତ କରାଯାଇପାରେ।

ପ୍ରଭୁ ଜଗନ୍ନାଥଙ୍କ ଚକ୍ଷୁଦ୍ୱୟ, ସୁଦର୍ଶନ ଚକ୍ର, ନୀଳଚକ୍ର ସହିତ ଆମେ ଦେଖୁଥିବା ସୂର୍ଯ୍ୟ, ଚନ୍ଦ୍ର ଇତ୍ୟାଦିଙ୍କୁ ମଧ୍ୟ ଗୋଲାକାର, ମଣ୍ଡଳାକାର ରୂପରେ ବହୁ ପୁରାଣ ସାହିତ୍ୟରେ ବର୍ଣ୍ଣନା କରାଯାଇଛି। ତିବ୍ବତୀୟମାନଙ୍କ ପାଇଁ ମଣ୍ଡଳ ହେଉଛି ବ୍ରହ୍ମାଣ୍ଡର ରେଖାଚିତ୍ର। ଶ୍ରମଦ୍ ଭଗବଦ୍ ଗୀତାରେ ମଧ୍ୟ ଶୂନ୍ୟ ଆକୃତି, କାଳଚକ୍ର ଭାବେ ଆକଳିତ। ବୌଦ୍ଧ ଧର୍ମର 'ଧର୍ମଚକ୍ର' ହେଉଛି ଅଷ୍ଟଅର ବିଶିଷ୍ଟ।


ଧର୍ମଚକ୍ର

### ପଞ୍ଚସଖାଙ୍କ କୃତିରେ ଜ୍ୟାମିତି

ମାଟିର ମହାକବି ସାରଳା ଦାସ ଓ ତାଙ୍କ ପରବର୍ତ୍ତୀ ପୁରାଣ ସାହିତ୍ୟ ସ୍ରଷ୍ଟା, ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତ ଦାସ ଓ ଅନନ୍ତ ଦାସ ପ୍ରମୁଖ ପଞ୍ଚସଖାଙ୍କ କୃତିରେ ମଧ୍ୟ ଜ୍ୟାମିତିକ ପରିମାପ ଓ ଭଗବତ ସତ୍ତାଙ୍କ ସମ୍ପର୍କ ଦୃଷ୍ଟିଗୋଚର ହୁଏ। ଯଥା:

"ବଳବନ୍ତ ଯଶୋବନ୍ତ ଅନନ୍ତ ଅଚ୍ୟୁତ ॥
ଜଗନ୍ନାଥ ପଞ୍ଚସଖା ନାମେ ଖ୍ୟାତ ॥
ଆଗମ ଭାବ ଜାଣେ ଯଶୋବନ୍ତ ॥
ଗାରକଟା ଯନ୍ତ୍ର ଜାଣେ ଅନନ୍ତ ॥
ଆଗତ ଅନାଗତ ଅଚ୍ୟୁତ ଭଣେ
ବଳରାମ ଦାସ ତତ୍ତ୍ୱ ବଖାଣେ ॥
ଭକ୍ତିର ଭାବ ଜାଣେ ଜଗନ୍ନାଥ
ପଞ୍ଚସଖାଏ ଓଡ଼ିଶା ମହନ୍ତ ॥"

ପଞ୍ଚସଖାଙ୍କ ମଧ୍ୟରୁ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ତାଙ୍କର 'ଛୟାଳିଶ ପଟଳ'ର ଚର୍ତୁର୍ବିଂଶ ପଟଳରେ ବିରାଟ ଯନ୍ତ୍ର କଥା ବଡ଼ ଚମତ୍କାର ଢଙ୍ଗରେ ଉଲ୍ଲେଖ କରିଛନ୍ତି ଯଥା :

ଅନ୍ତରେ ତ୍ୟାଗ ଫୁଟୁ ଆଗ। ଯନ୍ତ୍ର ବିରାଟ ହେବ ଭୋଗ
ଦ୍ୱିଦଳ ଚିହ୍ନ ଅଷ୍ଟଦଳେ । ଖେଳିବ ହୃଦୟ କମଳେ
ମହା ବିରାଟ ଯନ୍ତ୍ର ଏହି । ଷଡ଼ ଚକ୍ରର ଭେଦ କହି
ଚକ୍ର ସାଧିଲେ ଜ୍ୟୋତି ପରକାଶି
ଯାର ଚରଣେ ଚିତ୍ତକୁ ନିବେଶି।
ଜ୍ୟୋତିରେ ଜ୍ୟୋତି ତୋ ଯେବେ ମିଶିବ
ଜଳନ୍ତା ଅନଳ ତେଜ ଦିଶିବ।
(ଜ୍ୟୋତି ସଂହିତା, ଅଚ୍ୟୁତାନନ୍ଦ ଦାସ)

ଜ୍ୟୋତି ସମୂହ ପରକାଶେ ।
ହୃଦରେ ସ୍ୱର୍ଲୋକହିଁ ବସେ
କଣ୍ଠେ ଆଶ୍ରିତ ମହାଲୋକ ।
ମଦନ ବସେ ଜନଲୋକ
ବର୍ଣ୍ଣ ଯାହାର ଅଷ୍ଟଦଶା ।
ଅବନସୂତ୍ରେ ଯାର ନାସା
ଜଳନ୍ତା ଅଗ୍ନି ଯା ବଦନ । ନୟନେ ଗୋଲୋକ ଗଗନ
ଯାର ଭ୍ରୁଭଙ୍ଗ ବେନିପାଦ । ସଲିଳ ତାକୁ ରସ ଜିହ୍ୱ
ତିନିବେଦ ଯେ ବ୍ରହ୍ମରନ୍ଧ୍ର । ବିକଟ ତୁଣ୍ଡ ଯମପାଦ
(ଜଗନ୍ନାଥ ଦାସ- ଭାଗବତ-୧ମ ସ୍କନ୍ଧ ୨ୟ ଅଧ୍ୟାୟ)

ସ୍ୱର୍ଗ କମଳୁ ଶିଖାଯାଏ । ସ୍ୱର୍ଗ ବୋଲିଣ ବେଦ କହେ।
କଣ୍ଠରୁ କଟିଯାଏ ହୋଇ । ମର୍ତ୍ତ୍ୟ ବୋଲିଣ ବେଦ କହି ।
କଟିରୁ ପାଦଯାଏ ପୁଣ । ପାତାଳ ବୋଲି ହୋ ଅର୍ଜୁନ ।
(ବଳରାମ ଦାସ- ବ୍ରହ୍ମାଣ୍ଡ ଭୂଗୋଳ)

ଏହାସହିତ ଓଡ଼ିଶାର ଶାକ୍ତ ପରମ୍ପରା ଓ ଦେବୀ ଉପାସନାରେ ଅନେକାଂଶରେ ଜ୍ୟାମିତିର ବହୁଳ ବ୍ୟବହାର ପରିଲକ୍ଷିତ ହୁଏ। ଶାରଦୀୟ ଶକ୍ତି ଉପାସନାରେ


ଷୋଡ଼ଶଦିନାତ୍ମକ ପୂଜା ବେଳେ ଦଶମହାବିଦ୍ୟାଙ୍କ ପୂଜାବିଧିରେ ଦଶମହାବିଦ୍ୟାଙ୍କ ଆବାହନ ସେମାନଙ୍କ ଯନ୍ତ୍ର ଉପରେ ହିଁ କରାଯାଇଥାଏ। ଦଶ ମହାବିଦ୍ୟା ଯଥା–

''କାଳୀ ତାରା ମହାବିଦ୍ୟା ଷୋଡ଼ଶୀ ଭୁବନେଶ୍ୱରୀ।
ଭୈରବୀ ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ କଥା।।
ବଗଳା ସିଦ୍ଧବିଦ୍ୟା ଚ ମାତଙ୍ଗୀ କମଳାତ୍ମିକା।
ଏତଦୃଶମହାବିଦ୍ୟାଃ ସିଦ୍ଧବିଦ୍ୟା ପ୍ରକୀର୍ତ୍ତିତାଃ।।"

ଏହି ଦଶମହାବିଦ୍ୟା କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, କମଳାଙ୍କର ସ୍ୱତନ୍ତ୍ର ଯନ୍ତ୍ର ରହିଛି। ଯନ୍ତ୍ରଗୁଡ଼ିକ ଆକାର, ପ୍ରକାରରେ ପରସ୍ପରଠାରୁ ଭିନ୍ନ। ସମସ୍ତ ଯନ୍ତ୍ରରେ ପଦ୍ମଦଳ ସଂଖ୍ୟା, ତ୍ରିଭୁଜ, ଚତୁଷ୍କୋଣ ଓ ଅଙ୍କନ ଦୃଷ୍ଟିକୋଣରୁ ମଧ୍ୟ ଭିନ୍ନ। ଏପରିକି କେଉଁ ଯନ୍ତ୍ର ଆକାର ଓ ଅଙ୍କନ କିପରି କରାଯିବ ତାହାର ବର୍ଣ୍ଣନା ମଧ୍ୟ 'ଶାକ୍ତପ୍ରମୋଦ'ରେ ଉଲ୍ଲେଖ ରହିଛି।

ଯଥା: ଷୋଡଶୀଙ୍କ ଯନ୍ତ୍ର ବର୍ଣ୍ଣନା:

''ବିନ୍ଦୁତ୍ରିକୋଣ ବସୁକୋଣଦଶା ଯୁଗ୍ମଂ
ବସ୍ୱନ୍ତନାଗଦଳ ସଂଗୀତଷୋଡଶାରମ୍।
ବୃତ୍ତତ୍ରୟଂ ଚ ଧରଣୀସଦନତ୍ରୟଞ୍ଚ
ଶ୍ରୀଚକ୍ରରାଜମୁଦିତଂ ପରଦେବତାୟାଃ।''



ଷୋଡଶୀ ଯନ୍ତ୍ର

କେତୋଟି ବିନ୍ଦୁ, ତ୍ରିକୋଣ, ବୃତ୍ତ, ମଧ୍ୟବିନ୍ଦୁ, ନାଗଦଳ ଇତ୍ୟାଦିର ବର୍ଣ୍ଣନା କେବଳ ଠିକ୍ ଅଙ୍କନ ନିମିତ୍ତ ଆବଶ୍ୟକ। ଯଥାର୍ଥ ଅଙ୍କନ ଦ୍ୱାରା ଆରାଧନାର ପୂର୍ଣ୍ଣତା ସମ୍ଭବ ହୁଏ।

## ଝୋଟିଚିତାରେ ମଣ୍ଡଳ

କାର୍ତ୍ତିକ ମାସରେ ପ୍ରତି ଓଡିଆଙ୍କ ଘର ଆଗରେ ପଡୁଥିବା ଝୋଟିଚିତା ଓ ମଣ୍ଡଳ ଅଙ୍କନ ଏହାର ପ୍ରମାଣ। ପ୍ରଥମତଃ ନିତ୍ୟକର୍ମ ସମ୍ପାଦନ, ଦ୍ୱିତୀୟତଃ ବିଭୁ ଆରାଧନାରେ ଆତ୍ମ ନିୟୋଜନ, ତୃତୀୟତଃ ଘର ପରିବେଶର ଶୁଚିତା ସହିତ ଅଙ୍କନରେ ବ୍ୟବହୃତ ସମୟ, ନିଷ୍ଠା ଓ ସାଧନାର ପ୍ରତୀକ ସ୍ୱରୂପ ଘରେ ସୁଖ, ଶାନ୍ତି, ସୌଭାଗ୍ୟ, ସମୃଦ୍ଧି ବିରାଜମାନ କରେ ବୋଲି ଗଭୀର ବିଶ୍ୱାସ ରହିଛି। ମାର୍ଗଶିର ମାସରେ ମହାଲକ୍ଷ୍ମୀ ଉପାସନାରେ ବିଶେଷ ଶୁଚିତା ଅବଲମ୍ବିତ ହୁଏ। ବଳରାମ ଦାସଙ୍କ ବହୁଚର୍ଚ୍ଚିତ ଲକ୍ଷ୍ମୀପୁରାଣରେ ଏହାର ସବିଶେଷ ବର୍ଣ୍ଣନା ପରିଦୃଷ୍ଟ।

ଏହା ସହିତ ମଙ୍ଗଳା ଉପାସନାରେ ବ୍ୟବହୃତ ଚତୁଷ୍କୋଣୀ ବାହୁ ବେଷ୍ଟିତ ମଧ୍ୟମ ଭାଗସ୍ଥ ଗୋଲାକାର ଗର୍ତ୍ତ ଓ ତହିଁରେ ଦଣ୍ଡାୟମାନ ଶିଳପୁଆ ଉଭୟ ଶିବ-ଶକ୍ତିଙ୍କ ପ୍ରତୀକ। ମଙ୍ଗଳାପୂଜା ବହିଗୁଡ଼ିକରେ ଏହାର ବିଶେଷ ବର୍ଣ୍ଣନା ରହିଛି। କଳାକୁଶଳିନୀ ଓଡ଼ିଆଣୀମାନେ ପ୍ରାୟ ଅଶୀପ୍ରକାରରୁ ଊର୍ଦ୍ଧ୍ୱ ଝୋଟିଚିତା ମୁରୁଜ ପକାଇବାରେ ସିଦ୍ଧହସ୍ତା। ପ୍ରତିଟି ଅଙ୍କନ ଅନ୍ୟଠାରୁ ଆକାର, ପ୍ରକାର, ଗୁଣାବଳୀରେ ଭିନ୍ନ ଓ ବିଭିନ୍ନ ଅବସର ନିମିତ୍ତ ଉଦ୍ଦିଷ୍ଟ। ଯଥା : ଅଗ୍ନିଚକ୍ର, ଅଷ୍ଟଐଶ୍ୱର୍ଯ୍ୟପ୍ରାପ୍ତି ଚକ୍ର, ଅଷ୍ଟଦଳ ପଦ୍ମ ଚକ୍ର, ଅଷ୍ଟବିନ୍ଦୁ ଚକ୍ର, ଆମ୍ବକଷିଆପଦ୍ମ, ଓଲଟପଦ୍ମ, ଓଲଟ ପଦ୍ମପାଖୁଡ଼ା, କଢ଼ିପଦ୍ମ, କର୍ଣ୍ଣକୋଠି, କାଠିପଦ୍ମ, କୋଠିପଦ୍ମ, କୋଠି ପଦ୍ମପାଦ, କୁମ୍ଭପଦ୍ମ, କୁଣ୍ଡଳୀ ପଦ୍ମ, ଗଜ ପଦ୍ମ, ଚକ୍ରକୁମ୍ଭ, ଚକ୍ର ପଦ୍ମ, ଚନ୍ଦ୍ରବିନ୍ଦୁ ପଦ୍ମ, ଚୁଡିମରେଇ, ଚୈତନ୍ୟପ୍ରାପ୍ତ ପଦ୍ମ, ଛନ୍ଦଚିତା, ଛନ୍ଦାପଦ୍ମ, ଛିଞ୍ଚାଝୋଟି, ଛାଞ୍ଚୁଣି ମୁଠାଯୁକ୍ତ, ତଳପଦ୍ମ, ଟିପାପାଦପଦ୍ମ, ଟିପା ଝୋଟି, ଠିକିରି ପଦ୍ମ, ଠାଆପିଢ଼ା, ଦିଗବାରେଣୀ ଚକ୍ର, ଦଳପଦ୍ମ, ଦୀପପଦ୍ମ, ଦୃଷ୍ଟିଚକ୍ର, ଧାନମରେଇ, ପଦ୍ମକଢ଼ି, ପଞ୍ଚାତ୍ମାମଙ୍ଗନଳପ୍ରଦ ଚକ୍ର, ପୂର୍ଣ୍ଣବ୍ରହ୍ମ ଚକ୍ର, ପିଢ଼ାମରେଇ, ପିଢାଛନ୍ଦପଦ୍ମ, ପିଢ଼ାପଦ୍ମ, ପୁଞ୍ଜାପଇତ, ପୁଷ୍ପପଦ୍ମପାଦ, ନେତ୍ରପଦ୍ମ, ନାଡ଼ପଦ୍ମପାଦ, ମନପଦ୍ମ, ମାଣକାଠି, ମୁକୁଟପଦ୍ମ, ମାଳାବିନ୍ଦୁପଦ୍ମଚକ୍ର, ମାଳାପଦ୍ମଚକ୍ର, ରେଖାପଦ୍ମ, ରାକ୍ଷୀପଦ୍ମ, ଶତଦଳପଦ୍ମଚକ୍ର, ଶିଶାମରେଇ, ଶୁଭଦୃଷ୍ଟିଚକ୍ର, ଶୁଭପାଦ, ଶୁଭଲାଭ, ଶାନ୍ତି ପଦ୍ମଚକ୍ର, ସୂର୍ଯ୍ୟପାଦପଦ୍ମ, ସୂର୍ଯ୍ୟପଦ୍ମ, ସୁଦର୍ଶନଚକ୍ର, ସର୍ବଶୁଭ ଚକ୍ର, ସୂର୍ଯ୍ୟମୁଖୀ ପଦ୍ମ, ସ୍ୱପ୍ନପଦ୍ମ,

ଷୋଡ଼ଶଦଳପଦ୍ମଚକ୍ର, ଷଡଦଳପଦ୍ମ, ହୃଦପଦ୍ମଚକ୍ର, ଲତାପୁଷ୍ପ, ଲତାପଦ୍ମ, ଲକ୍ଷ୍ମୀଶାନ୍ତିଚକ୍ର, ଜ୍ଞାନାଲୋକପଦ୍ମ, ବ୍ରହ୍ମପ୍ରାପ୍ତିପଦ୍ମ ଇତ୍ୟାଦି। ବିଶେଷତଃ ଓଡ଼ିଆ ଓଷାବ୍ରତ ପୁସ୍ତକଗୁଡ଼ିକରେ ଏସବୁର ସବିଶେଷ ବର୍ଣ୍ଣନା ଦେଖିବାକୁ ମିଳେ।

ଏହା ସହିତ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ରଚିତ ଗୁଣିଗାରେଡ଼ି ବା ଉଡ୍ଡୀୟାନ ତନ୍ତ୍ରରେ ଥିବା ଷଟକର୍ମ ଯଥା- ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ, ବିଦ୍ୱେଷ ଓ ମାରଣରେ ମଧ୍ୟ ଅନେକାଂଶରେ ରେଖାଙ୍କିତ ଯନ୍ତ୍ର ବ୍ୟବହୃତ ହୁଏ। ଏହି ବିଦ୍ୟାଦ୍ୱାରା ବିଭିନ୍ନ ରୋଗର ଉପଶମ, ଭୂତପ୍ରେତ, ପିଶାଚ ଆଦିଙ୍କର ପ୍ରାଦୁର୍ଭାବ ଦୂରୀକରଣ, ପଶୁବ୍ୟାଧି ଦୂରୀକରଣ ଓ ଅନ୍ୟାନ୍ୟ ବହୁ ବିଷୟରେ ବିଭିନ୍ନ ଉପଚାର ବ୍ୟବସ୍ଥିତ ହୋଇଛି। ଯଥା :

**ଅଙ୍ଗନ୍ୟାସ ଓ ମୁଦ୍ରା**

ଆମ ଦେବଦେବୀ ପୂଜାପଦ୍ଧତିରେ ଅନେକାଂଶରେ ବିଭିନ୍ନ ଅଙ୍ଗନ୍ୟାସ ଓ ମୁଦ୍ରା ପ୍ରଚଳିତ। ଏପରିକି କୌଣସି ପୂଜାର ପ୍ରାରମ୍ଭରେ ଗଣେଶଙ୍କ କଳସ ଆବାହନ ନିମିତ୍ତ ଯେଉଁ ମୁରୁଜ ପକାଯାଏ, ସେଥିରେ ମଧ୍ୟ ନିର୍ଦ୍ଦିଷ୍ଟ ନିୟମ ଓ ଅଙ୍କନ ପରିଲକ୍ଷିତ ହୁଏ। ଆଉ ଆମମାନଙ୍କର ଅଶୁଦ୍ଧ କ୍ରିୟା ଯଥା ଦଶାହ କର୍ମ, ପ୍ରେତବଳି, ଶ୍ରାଦ୍ଧକର୍ମରେ ମଧ୍ୟ ନିର୍ଦ୍ଦିଷ୍ଟ କେତେ ପ୍ରକାରର ଅଙ୍କନ ଶୈଳୀରେ ମୁରୁଜ ପକାଯାଏ। ଆମର ଦୈନନ୍ଦିନ କର୍ମ, ଆମ ସାମାଜିକ, ସାଂସ୍କୃତିକ, ଧାର୍ମିକ ଚଳଣି ସହିତ ଜ୍ୟାମିତି ବା ଅଙ୍କନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏସବୁଥିରୁ ସ୍ପଷ୍ଟ ଜଣାଯାଏ । ଏଣ୍ଡୁଡ଼ିରୁ ଅନ୍ତ୍ୟେଷ୍ଟି- ସବୁଠି ଚିତ୍ର, ରେଖା ଆଉ ଜ୍ୟାମିତି। ମୃଣ୍ମୟୀ ମୂର୍ତ୍ତିଙ୍କ ମୃତ୍ତିକା ଆବାହନଠାରୁ ବିସର୍ଜନ ପର୍ଯ୍ୟନ୍ତ ବି ସେଇ ଜ୍ୟାମିତି ବିସ୍ତାରିତ। ଏଇ ପ୍ରଥା ଓ ପରମ୍ପରାର ସବିଶେଷ ରୂପ ମହାକବି ସାରଳାଙ୍କ ମହାଭାରତ ଓ ବିଶେଷକରି ପଞ୍ଚସଖା ସିଦ୍ଧସାଧକଙ୍କ ସାରସ୍ୱତ କୃତି ସମୂହରେ ବିଶେଷଭାବରେ ପରିଲକ୍ଷିତ।



ଚିତ୍ରକାବ୍ୟ ବନ୍ଧୋଦୟର ପାଶବନ୍ଧ

ପରିବର୍ତ୍ତିତ ପରିପ୍ରେକ୍ଷୀରେ ବିବିଧ ଜଣାଣ, ଭଜନ, ସ୍ତୁତି, ସ୍ତୋତ୍ର ପ୍ରଭୃତି ରଚନାରେ ଜ୍ୟାମିତିକ ପ୍ରଭାବ ପ୍ରସୂତ ରଚନା ସ୍ଥାନିତ। ଏପରିକି ମଧ୍ୟକାଳୀନ ଓଡ଼ିଆ କାବ୍ୟଧାରାରେ ଦେବଦେବୀପୂଜା, ବିବାହାଦି ମଣ୍ଡପ ନିର୍ମାଣ ପଦ୍ଧତି ସମ୍ପର୍କରେ ଅନେକ ବର୍ଣ୍ଣନା ରହିଅଛି।

କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ରସାଳ କାବ୍ୟବିଭା ଓ ସରସ ଅଙ୍କନବିଭାର ଅନନ୍ୟ ଉଦାହରଣ ହେଉଛି 'ଚିତ୍ରକାବ୍ୟ ବନ୍ଧୋଦୟ'। ଏଥିରେ କବିଙ୍କର କାବ୍ୟିକ ବିଦ୍ୱତ୍ତା, ଉନ୍ନତ ଚିନ୍ତାଧାରାର ପରିପ୍ରକାଶ ଘଟିଛି। ଏଥିରେ ବିଭିନ୍ନ ରାଗରାଗିଣୀ, ଛାନ୍ଦଛନ୍ଦର ସମନ୍ୱୟ ସହିତ ବିଭିନ୍ନ ଚିତ୍ର ଯଥା: ବୃତ୍ତ, ପଦ, ନାଗ, ଶଙ୍ଖ, ପାଦ, କିଙ୍କିଣୀ, ନାଗନାଡ଼ି, ଅଷ୍ଟକୋଣ, ଶକଟ, ଦୋଳି, ପଦ୍ମ, ବଲ୍ଲରୀ ଇତ୍ୟାଦିର ଚିତ୍ର ମଧ୍ୟରେ ଶବ୍ଦଗୁମ୍ଫନର କଳା ପ୍ରକୃତରେ ସାରସ୍ୱତ ଜଗତରେ ଅନନ୍ୟ। ପ୍ରତିଟି ବନ୍ଧର ପଠନଶୈଳୀ ସ୍ୱତନ୍ତ୍ର। ଏହାର ଛନ୍ଦ, ବନ୍ଧ, ଶ୍ଲେଷ, ବକ୍ରୋକ୍ତି, ଅଳଙ୍କାର, ପ୍ରତ୍ୟୁତ୍ତର, ନ୍ୟାସ ଇତ୍ୟାଦିକୁ ବୁଝି ହୃଦୟଙ୍ଗମ କରିବା ମଧ୍ୟ କାବ୍ୟରସିକତାର ଭିନ୍ନ କୌଶଳ। ଏଥିରେ ପ୍ରତି ପଦରେ କଳାଚାତୁର୍ଯ୍ୟ ସହିତ ବିଭୁବିଭା ବିକଶିତ।

ଚର୍ଚ୍ଚିତ ପ୍ରବନ୍ଧର କଳେବରଗତ ସଂକ୍ଷେପଣ ହେତୁ, ଆବଶ୍ୟକ ରଚନାଗୁଡ଼ିକର ଦୃଷ୍ଟାନ୍ତ ସ୍ଥାନିତ ହୋଇପାରୁନାହିଁ। ଏସବୁର ଉପଯୁକ୍ତ ତର୍ଜମା, ବ୍ୟାପକ ଅଧ୍ୟୟନ ଓ ଗବେଷଣା ସାପେକ୍ଷ।

□□

ଲେଖକଙ୍କ ଇ-ମେଲ ଠିକଣା:
alwayssambit@gmail.com



ଗଳ୍ପ

# ମାଙ୍କଡ଼ମୟ ପୃଥିବୀ

ଜାକିର ଖାନ୍

ପାରାମାନେ ଘର ଛାଡ଼ି ଉଡ଼ିଗଲେ ବିପଦ ମାଡ଼ିଆସେ ବୋଲି ପ୍ରବାଦ ଅଛି । ଆଉ ଆଜି ମୋ' ସହିତ ତାହା ହିଁ ଘଟିଛି । ମୋ' ଘରେ ଅନେକ ପାରା ଆସି ରହନ୍ତି । ତାଙ୍କ ଘୁମୁ ଘୁମୁ ଡାକରେ ହିଁ ସକାଳେ ମୋ' ନିଦ ଭାଙ୍ଗେ । ଆଜି ସକାଳେ କିନ୍ତୁ ସେମିତି ଘଟିଲାନି । ଆଜିର ସକାଳଟି ସେଦିଗରୁ ଥିଲା ଭିନ୍ନ ଏବଂ ଏକ ବ୍ୟତିକ୍ରମ । ନିଦରୁ ଉଠି ଦେଖିଲି ଯେ ଘରେ ଗୋଟିଏ ବି ପାରା ନାହିଁ । ଆକାଶକୁ ଘୋଟି ରଖିଥିଲା ବାଦଲ । ପରିବେଶ କେମିତି କେମିତି ନିଃସ୍ପୃହ ଏବଂ ଉଦାସ ଲାଗୁଥିଲା । ମୋର ଦୃଢ଼ ବିଶ୍ୱାସ ହେଲା ଯେ ଆଜି କିଛି ଅଘଟଣ ହେବାକୁ ଯାଉଛି ।

**ପରିବେଶ କେମିତି କେମିତି ନିଃସ୍ପୃହ ଏବଂ ଉଦାସ ଲାଗୁଥିଲା । ମୋର ଦୃଢ଼ ବିଶ୍ୱାସ ହେଲା ଯେ ଆଜି କିଛି ଅଘଟଣ ହେବାକୁ ଯାଉଛି ।**

ମନ ଅସ୍ଥିର ହୋଇଉଠିଲା। ଆଶଙ୍କାର କଳାବାଦଲ ଘୋଟିଗଲା ମୋ' ହୃଦୟ ଆଉ ଚେହେରା ଉପରେ। ମୁଁ ଗୁମ୍ ମାରି ବସି ରହିଲି । ମୋ'ର ଏଭଳି ରୂପ ଦେଖି ଚକିତ ହେଲେ ମୋ'ର ଘରଣୀ । ମୋ' ସ୍ତ୍ରୀ ମୋ' ପାଖକୁ ଆସି ମୁଣ୍ଡ ବାଳକୁ ସାଉଁଳେଇ ଦେଇ ପଚାରିଲେ- କ'ଣ ହେଲା ? କାହିଁକି ଏମିତି ଦିଶୁଚ ଯେ ? କ'ଣ କିଛି ହେଇଛି !


ମୁଁ ତାଙ୍କ ଡୋଳାରେ ମୋ' ଡୋଳାକୁ ସ୍ଥିର ରଖି କହିଲି- ମୋ' ମନ କହୁଛି କିଛି ବଡ଼ ଧରଣର ଅଘଟଣ ଘଟିବାକୁ ଯାଉଛି ? ମୋ' କଥା ନ ସରୁଣୁ ସେ ଏକ ଅଜଣା ଆଶଙ୍କାରେ ଚମକି ଉଠିଲେ । ତା' ପରେ ଅତି ପାଖକୁ ଲାଗି ଆସି ମୋ' ପାଟିରେ ହାତ ରଖି କହିଲେ-ଥାଉ । ଆଉ ଆଗକୁ କିଛି କୁହନି ।

ମୋ' ସ୍ତ୍ରୀଙ୍କ ଏଭଳି ଆଚରଣ ବିଷୟରେ ମୁଁ ଆଗରୁ ଅବଗତ ଅଛି । କଥା କ'ଣ କି ମୋ' ଜିଭରେ କଳାଜାଇ ଅଛି। ଯାହା ଜିଭରେ କଳାଜାଇ ଥାଏ, ସେ କୁଆଡ଼େ ଅଶୁଭ। ଅର୍ଥାତ ସେ ଯାହା ଅଶୁଭ କଥା କହିବ, ତାହା ଆପେ ଆପେ ଫଳିଯିବ । ପ୍ରାଗ୍ ଐତିହାସିକ କାଳରୁ ଚଳି ଆସୁଥିବା ଏଭଳି ଏକ ଆପ୍ତ ବାକ୍ୟରେ ସମସ୍ତଙ୍କ ଭଳି ମୋ'ସ୍ତ୍ରୀଙ୍କର ମଧ୍ୟ ଅଟଳ ବିଶ୍ୱାସ ରହିଛି । ମୁଁ ଯାହା କହିବି, ତାହା ସତ ହେଇଯିବ ବୋଲି ସେ ବିଶ୍ୱାସ କରନ୍ତି । ତେଣୁ ମୁଁ କାଳେ କିଛି ଆସନ୍ନ ବିପଦ କଥା କହିଦେବି ଆଉ ତାହା ଆପେ ଆପେ ଫଳିଯିବ, ଏଭଳି ଆଶଙ୍କାକରି ସେ ମୋତେ ଚୁପ୍ ରହିବାକୁ ପରାମର୍ଶ ଦେଲେ । ମୁଁ ବି ତାଙ୍କ କଥା ମାନି ଚୁପ୍ ରହିଲି ।

କିଛି ସମୟ ପରେ ମୁଁ ଚା' ପିଉଚି ଏଇ ସମୟରେ ଫୋନ୍ ରିଙ୍ଗ ହେଲା । ମୋ'ର ଜଣେ ବନ୍ଧୁ ଫୋନ୍ କରିଥିଲେ। ସେତେବେଳେ ମୋ' ୪ ବର୍ଷର ପୁଅ ମୋ' କମ୍ପ୍ୟୁଟର୍ ଟେବୁଲରେ ବସି ଗେମ ଖେଳୁଥିଲା। ମୁଁ ମୋ' ମୋବାଇଲ୍ ଫୋନ୍‌ଟିକୁ ଚାର୍ଜିଂ କରିବା ପାଇଁ କମ୍ପ୍ୟୁଟର୍ ଟେବୁଲ ଉପରେ ରଖିଥିଲି, ତେଣୁ ମୁଁ ଫୋନ୍ ନେବାକୁ ଆସିଲି । ମୁଁ ମୋ' ପୁଅର ଖେଳ ଦେଖୁଥିବା ଅବସ୍ଥାରେ ବନ୍ଧୁଙ୍କ ସହ କଥା ହୋଇଚାଲିଲି। ଆମେ ବହୁତ ସମୟଧରି କଥାବାର୍ତ୍ତା ହେଲୁ । ସେ ଟିକେ ଅଧିକ ନିରାଶ ଥିଲା ଭଳି ଲାଗୁଥିଲା । ସେ ତାଙ୍କ ଆଖପାଖର ଲୋକଙ୍କଠାରୁ ଅନେକଥର ପ୍ରତାରଣାର ଶିକାର ହୋଇଥିଲେ। ତେଣୁ ସେ ସେମାନଙ୍କୁ ଘୃଣା କରୁଥିଲେ ଏବଂ ଅତି ହତାଶାରେ ମୋତେ କହିଲେ ଯେ ଆଜିକାଲି ଲୋକମାନେ ପୂରା ମାଙ୍କଡ଼ପରି ହୋଇଗଲେଣି। ତାଙ୍କ ମନକୁ ଟିକେ ହାଲୁକା କରିବା ଏବଂ ତାଙ୍କୁ ସାମାନ୍ୟ ଶାନ୍ତ କରିବା ପାଇଁ ମୁଁ କହିଲି, 'ଆମେ ତ ବାନରରୁ ବିକଶିତ ହୋଇ ମଣିଷ ହେଇଛେ ନା...। ତୁମର ତ ଡାରୱିନଙ୍କ ଥିଓରୀ ମନେଥିବ । ତାଙ୍କ ବିବର୍ତ୍ତନ ତତ୍ତ୍ୱରୁ ତ ଆମେ ଏଇଆ ଶିଖିଛୁ ନା... ହା ହା ହା... ।'

ଏହା ପରେ ଆମେ ବିଷୟ ପରିବର୍ତ୍ତନ କରି ଆମ ଅଞ୍ଚଳର ସାମ୍ପ୍ରତିକ ରାଜନୈତିକ ଘଟଣାବଳୀ ବିଷୟରେ କଥାବାର୍ତ୍ତା ହେଲୁ । ଏମିତି ଇଆଡୁସିଆଡୁ ଗପୁଗପୁ ପୁଣିଥରେ ସେ ଗମ୍ଭୀର ହୋଇଉଠି କହିଲେ, 'ମୁଁ ଲକ୍ଷ୍ୟ କରୁଛି ଯେ ୫୦-୬୦ ବର୍ଷ ପୂର୍ବେ ଯାହା ଘଟିଥିଲା, ତାହା ପୁଣିଥରେ ଏବେ ଘଟୁଛି। କିଛି ବି ପରିବର୍ତ୍ତନ ହୋଇନାହିଁ।' ମୁଁ କହିଲି, 'ବନ୍ଧୁ, ଏହି କଥାଟି ଭୁଲିଯାଅ ନାହିଁ- ହିଷ୍ଟ୍ରି ରିପିଟ୍ସ୍ ଇଟ୍ସେଲଫ' । ତା'ପରେ ଆମେ ବହୁତ ସମୟ ଧରି କଥା ହେଲୁ, ଯଦିଓ ଅଧିକାଂଶ ଆମ କଥାବାର୍ତ୍ତା ଅର୍ଥହୀନ ଥିଲା।

ମୁଁ କଥା ହେଉଥିବା ସମୟରେ ଭଲ ଭାବରେ ଲକ୍ଷ୍ୟ କରିଛି ଯେ ମୋ' ପୁଅ ମୋତେ ଦୁଇଥର ଅତି ରହସ୍ୟମୟ ଭାବରେ ଚାହିଁଥିଲା। ତଥାପି, ମୁଁ ଏହାକୁ ଅଧିକ ଗୁରୁତ୍ୱ ଦେଇ ନଥିଲି। ଏଠାରେ, ମୁଁ କହିରଖିବାକୁ ଚାହେଁ ଯେ ମୋ' ପୁଅ ଏକ ପ୍ରତିଭାବାନ ପିଲା। ଯାହାକୁ କହନ୍ତି ଚାଇଲ୍ଡ ପ୍ରଡିଜି । ତା'ର ଏମିତି ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁବା ପଛରେ ଯେ କିଛି କାରଣ ରହିଥିବ ଏକଥାରେ ମୁଁ ନିଶ୍ଚିତ ।



ମୁଁ ଏଠି ଆଉ ଗୋଟେ କଥା କହିରଖିବାକୁ ଚାହେଁ। ମୁଁ ଏକ ୩ ରୁମ୍ ବିଶିଷ୍ଟ ଘରେ ରହେ । ଘରକୁ ଭିତରକୁ ପଶିବା ମାତ୍ରେ ଏକ ବଡ଼ ହଲ୍ ରହିଛି । ହଲ୍‌ର ଗୋଟିଏ କୋଣରେ ମୋ'ର କମ୍ପ୍ୟୁଟର ଟେବୁଲ ରହିଛି । ଏଇଠାରେ ହିଁ ମୁଁ ମୋ' ବନ୍ଧୁଙ୍କ ସହିତ ଫୋନ୍‌ରେ କଥା ହେଉଥିଲି । ଏତିକି ବେଳେ ମୋ' ପୁଅର ଭିଡିଓ ଗେମ୍ ମଧ୍ୟ ଜାରି ରହିଥିଲା । ଆମ ରୋଷେଇ ଘରଟି ହଲକୁ ଲାଗି ରହିଛି। ରୋଷେଇ ଘରର ଦ୍ୱାର ହଲରେ ଖୋଲେ। ହଲ୍ ଦେଇ ଯିବା ସମୟରେ ରୋଷେଇ ଘରଟି ବାମପଟେ ପଡ଼େ । ରୋଷେଇ ଘର ପାଖରେ ଏକ ଅତିଥି କୋଠରି ଅଛି। ଯାହା ଅଧିକାଂଶ ସମୟରେ ବନ୍ଦ ରହିଥାଏ । ତା' ପାଖରେ ରହିଛି ଟଏଲେଟ୍ ବା ଶୌଚାଳୟ । ଶେଷରେ ଦୁଇଟି କୋଠରି ଅଛି। ଗୋଟିଏ ମୋ' ଶୟନ କକ୍ଷ, ଏବଂ ଅନ୍ୟଟି ମୋ' ପୁଅର କୋଠରି। ଏହା ମୋ' ହିଁ ଘରର ମୌଳିକ ସଂରଚନା ।

ମୋ' ବନ୍ଧୁଙ୍କ ସହ କଥାହେବା ପରେ, ମୁଁ ମୋ' ଫୋନକୁ ପୁଣି ଚାର୍ଜିଂରେ ବସାଇଦେଲି । ମୋ' ପୁଅ ଏବେ ବି ତା' ଖେଳରେ ବ୍ୟସ୍ତ ଥିଲା। ମୁଁ ତାକୁ ଟିକେ ଦେଖିଲି ଏବଂ ତା'ପରେ ବିଶ୍ରାମ ନେବା ପାଇଁ ମୋ' ଶୋଇବା ଘରକୁ ଯିବାକୁ ଲାଗିଲି । ଯିବା ସମୟରେ ମୁଁ ଦେଖିଲି ଯେ ମୋ' ସ୍ତ୍ରୀ ରୋଷେଇ ଘରେ ବ୍ୟସ୍ତ ଅଛନ୍ତି । ରବିବାର ଥିଲେ ମଧ୍ୟ, ସେ ମଧ୍ୟାହ୍ନ ଭୋଜନ ପାଇଁ କିଛି ଅତିରିକ୍ତ ଜିନିଷ ପ୍ରସ୍ତୁତ କରିଥାନ୍ତି । ଏହାପରେ ମୁଁ ମୋ' ଶୋଇବା ଘରକୁ ଯାଇ ଟିକେ ଶୋଇପଡ଼ିଲି । ମୁଁ ଭାବୁଛି ମୁଁ ପ୍ରାୟ ୩୦ ମିନିଟ୍ ହେବ ଶୋଇଥିବି । ମୁଁ ଆହୁରି ଶୋଇଥାନ୍ତି, କିନ୍ତୁ ହଠାତ୍ ମୋ' ସ୍ତ୍ରୀର କାନ୍ଦିବା ସ୍ୱର ମୋ' ନିଦ ଭାଙ୍ଗିଦେଲା । ଭୟଭୀତ ହୋଇ ମୁଁ ଅତିଶୀଘ୍ର ହଲ୍ ଭିତରକୁ ଦୌଡ଼ିଆସିଲି। ମୁଁ ଜାଣିବାକୁ ଚାହୁଁଥିଲି କ'ଣ ହେଲା ? ଆଉ ସେ କାହିଁକି ଭୟଭୀତ ହୋଇ କାନ୍ଦୁଛନ୍ତି ।

ହଲ୍ ଭିତରକୁ ଆସିବା ମାତ୍ରେ ମୁଁ ଦେଖିଲି ଯେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ତାଙ୍କ ମୁହଁ ଫିକା ପଡ଼ିଯାଇଛି ଓ ଭୟରେ କଳାକାଠ ପଡିଯାଇଛି । ତାଙ୍କ ଗାଲ ଦେଇ ଲୁହ ବହିଯାଉଛି ଏବଂ ସେ ଥରୁଛନ୍ତି। ସେ କିଛି କହିବାକୁ ଚାହୁଁଛନ୍ତି କିନ୍ତୁ ଠିକ୍ ଭାବରେ କିଛି କହିପାରୁ ନାହାନ୍ତି । ସତେକି ତାଙ୍କ ତଣ୍ଟିକୁ କିଏ ଜୋର୍ କରି ଚିପି ଧରିଛି । ତାଙ୍କୁ ଏମିତି ଅବସ୍ଥାରେ ଦେଖି ମୁଁ ତାଙ୍କୁ ଜୋରରେ ଜାବୁଡ଼ି ଧରି ପଚାରିଲି, 'କ'ଣ ହେଇଛି ? ସବୁ ଠିକ୍ ତ?' ସେ କହିବାକୁ ବହୁତ ଚେଷ୍ଟାକଲେ, କିନ୍ତୁ ତାଙ୍କ ପାଟିରୁ କୌଣସି ଶବ୍ଦ ବାହାରିଲା ନାହିଁ। ଶେଷରେ ସେ ତାଙ୍କ ହାତ ଉଠାଇ ସିଲିଂ ଫ୍ୟାନ୍ ଆଡ଼କୁ ମୋତେ ଇଙ୍ଗିତ କରି ଦେଖାଇଲେ ।

ଛୋଟ ମାଙ୍କଡ଼ଟିଏ ସିଲିଂ ଫ୍ୟାନର ଗୋଟିଏ ବ୍ଲେଡ୍ ଉପରେ ବସିରହିଥିଲା ଓ ତା'ର ଲାଞ୍ଜ ତଳକୁ ଝୁଲିରହିଥିଲା। ତାକୁ ସେଠାରେ ସେମିତି ବସିରହିଥିବା ଦେଖି ମୁଁ ରାଗିଉଠିଲି।

କାନ୍ଥରେ ଶୋ'ପିସ୍ ଭାବରେ ଶୋଭା ପାଉଥିବା ବଙ୍କୁଲି ବାଡ଼ି ଆଣି ତାକୁ ଉଞ୍ଚାଇ ଧରିଲି । ଯେମିତି ମୁଁ ସେ ମାଙ୍କଡ଼କୁ ପିଟିବାକୁ ଯାଉଛି ସେମିତି କଲି। କେବଳ ତାକୁ ଭୟଭୀତ କରି ଘରୁ ତଡ଼ିବା ପାଇଁ ମୁଁ ସେମିତି କଲି ।

ମୁଁ ଏମିତି କରିବା ଦେଖି ମୋ' ସ୍ତ୍ରୀ ପୂରା ଚିହିଙ୍କି ଉଠିଲେ। ତାଙ୍କ ପ୍ରତିକ୍ରିୟାରୁ ମୁଁ ବୁଝିପାରୁଥିଲି ଯେ କିଛି ଗୋଟାଏ ଭୁଲ୍ ହୋଇଗଲା । ମୁଁ କିଛି ପଚାରିବା ପୂର୍ବରୁ ସେ ହଠାତ ଚିତ୍କାର କରିଉଠି କହିଲେ, 'ସେମିତି କରନି । ନା ସେମିତି କରନି । ସେ ଆମରି ପୁଅ!' ଏହା ଶୁଣି ମୁଁ ପୂରା ଅବାକ୍ ହୋଇପଡ଼ିଲି । ମୁଁ ଚଟ୍‌କରି କମ୍ପ୍ୟୁଟର ସାମ୍ନାରେ ପଡ଼ିଥିବା ଚେୟାର ଆଡ଼କୁ ଚାହିଁଲି । ଯେଉଁଠି ବସି କିଛି ସମୟ ପୂର୍ବରୁ ମୋ' ପୁଅ ଖେଳୁଥିଲା। ହେଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେ ଚୌକିଟି ଏବେ ଖାଲି ଥିଲା। ମୁଁ ନିଜ ଭିତରେ ଏକ ଅଜବ ଅସ୍ୱସ୍ତି ଅନୁଭବ କଲି। କିନ୍ତୁ ମୋ' ସ୍ତ୍ରୀଙ୍କୁ ଶାନ୍ତ ରଖିବା ପାଇଁ କହିଲି- 'ଚିନ୍ତା କରନି,' ମୁଁ କହିଲି, 'ସେ ବୋଧହୁଏ ଏଇଠି କେଉଁଠି ଥିବ । ହୁଏତ ସେ ଟଏଲେଟ୍ ଯାଇଥିବ।'

ମୋ' ସ୍ତ୍ରୀ ମୋତେ ଆଗକୁ ଆଉ କିଛି କହିବାକୁ ଦେଲେନାହିଁ। ଭୟଭୀତ କଣ୍ଠରେ ସେ କହିଲେ, 'ମୁଁ ରୋଷେଇ ଘରେ ଥିଲି ଗୋଟେ ଜୋରଦାର ଶବ୍ଦ ଶୁଣିଲି। ସତେ ଯେମିତି କେଉଁଠୁ କିଛି ଡେଇଁପଡ଼ିଲା ଏବଂ କୌଣସି ସ୍ଥାନରେ ଯାଇ ବସିପଡ଼ିଲା... । ଆଉ ତା' ସହ ମୁଁ ଗୋଟିଏ ମାଙ୍କଡ଼ର ଚିତ୍କାର ଶୁଣିଲି।' ମୋ' ଛାତି ଥରିଗଲା । ମୁଁ ଭାବିଲି ଘର ଭିତରକୁ ମାଙ୍କଡ଼ ବୋଧେ ପଶି ଆସିଛି । କାଳେ ସେ ଆମ ପୁଅକୁ କାମୁଡ଼ି ଦେବ ଏଇଆ ଭାବି ମୁଁ ଦଉଡ଼ି ଆସିଲି ।

ଯେତେବେଳେ ମୁଁ ଏଠିକୁ ଆସିଲି, ଜାଣିଚ ମୁଁ କ'ଣ ଦେଖିଲି? ତା' ପରେ ସେ ଆଉ କିଛି କହିପାରିଲେ ନାହିଁ। ତାଙ୍କ କଣ୍ଠ ରୁଦ୍ଧି ହୋଇଗଲା । ତା' ପରେ ସେ ଏକରକମ ଦ୍ୱନ୍ଦ୍ୱରେ ଥାଇ କେବଳ ସିଲିଂ ଫ୍ୟାନ୍ ଆଡ଼କୁ ଇଙ୍ଗିତ କରିରହିଲେ । ଆଉ ଥର ଥର କଣ୍ଠରେ କହିଲେ, 'ସେ... ସେ... ସେ ହେଉଛି ଆମ ପୁଅ! ସେଇ ମାଙ୍କଡ଼... ମାନେ ମୁଁ କହୁଛି, ସେ ଯୋଉ ସେଠି ବସିଚି ସେ ହିଁ ହେଉଛି ଆମ ପୁଅ... ଆମ ପୁଅ ଗୋଟେ ମାଙ୍କଡ଼ ପାଲଟି ଯାଇଛି!'

ମୁଁ ମୋ' ସ୍ତ୍ରୀଙ୍କ କଥା ଶୁଣି ହତଭମ୍ବ ହୋଇଗଲି । ଏ ତୁମେ କଣ କହୁଚ? ମୁଁ କିଛି ବୁଝିପାରୁନି । ଏ ତୁମର କି ପ୍ରକାର ପାଗଳାମୀ । ମୁଁ ପ୍ରାୟ ଚିତ୍କାର କରିଉଠିଲି। ଏତିକିରେ ମୋ' ସ୍ତ୍ରୀ ଥର ଥର କଣ୍ଠରେ କହିଲେ , 'ଯେତେବେଳେ ମୁଁ ଶବ୍ଦ ଶୁଣି ହଲ ଭିତରକୁ ଦୌଡ଼ି ଆସିଲି, ସେଇ ସମୟରେ ମୁଁ ତାକୁ ପ୍ରଥମେ ଦେଖିଲି। ଜାଣିଚ ସେ ମୋତେ ଡାକିଲା - 'ମା, ମା!' ମୁଁ ଭଲ ଭାବରେ ଶୁଣିଚି । ମୁଁ ତା' ସ୍ୱରକୁ ଚିହ୍ନିଛି। ମୁଁ ନିଶ୍ଚିତ ଯେ ସେ... ସେ ହିଁ ଆମର ପୁଅ... କିନ୍ତୁ ଏବେ ସେ ଏକ ମାଙ୍କଡ଼ ହେଇଯାଇଚି । ଏସବୁ କହିବା ସମୟରେ ସେ ନିରନ୍ତର ଭାବରେ ସିଲିଂ ଫ୍ୟାନ୍ ଆଡ଼କୁ ହାତଟେକି ଇଙ୍ଗିତକରି ରହିଥିଲେ।

ମୋ' ସ୍ତ୍ରୀଙ୍କ ଏମିତି ଇଙ୍ଗିତରେ ସେ ଛୋଟ ମାଙ୍କଡ଼ଟି, ଯିଏ କିଛି ସମୟ ପୂର୍ବରୁ ମୋର ପୁଅ ଥିଲା – ସେ ମୋ' ସ୍ତ୍ରୀ ଉପରକୁ ଡେଇଁପଡ଼ିଲା। ତା'ର ଏମିତି ହଠାତ ବ୍ୟବହାରରେ ମୋ' ସ୍ତ୍ରୀ ଭୟରେ ଚିତ୍କାର କରିଉଠିଲେ । ମୁଁ ବି ପୂରା ଭୟଭୀତ ହୋଇଉଠିଲି । ଆମ ପ୍ରତିକ୍ରିୟା ଦେଖି ଆମ ମାଙ୍କଡ଼ – ପୁଅ ଅର୍ଥାତ ବାନର-ପୁଅ ଦୁଃଖି ହୋଇପଡ଼ିଲା। ସେ ଏଣେତେଣେ ଡେଇଁ ଡେଇଁ ଦୌଡ଼ିବାକୁ ଲାଗିଲା। ତା'ର ଆଚରଣ, ବ୍ୟବହାର ସମ୍ପୂର୍ଣ୍ଣ ଅଦ୍ଭୁତ ଏବଂ ଅସ୍ୱାଭାବିକ ଥିଲା। ସତେ ଯେମିତି ସେ କେଉଁଠି ହଜିଯାଇଛି । ଏମିତି ଭାବ ନେଇ ସେ ଚାରିଆଡ଼କୁ ଦେଖିନେଉଥିଲା। ସେହି ମୁହୂର୍ତ୍ତରେ ମୁଁ ଏବଂ ମୋ' ସ୍ତ୍ରୀ ଉଭୟେ ବୁଝିପାରିଲୁ ଯେ ସେ କ'ଣ କରିବାକୁ ଚାହୁଁଛି । ସେ ଘର ଛାଡ଼ି ଚାଲିଯିବାକୁ ଚାହୁଁଥିଲା । ସବୁଦିନ ପାଇଁ ଘରଛାଡ଼ି ବାହାର ଦୁନିଆକୁ ପଳାଇବାକୁ ଚାହୁଁଥିଲା...।

ପରିସ୍ଥିତିର ଗୁରୁତ୍ୱକୁ ବୁଝିପାରି, ମୁଁ ଘରର ମୁଖ୍ୟ କବାଟକୁ ବନ୍ଦ କରିବାକୁ ଦୌଡ଼ିଗଲି। ମୁଁ ଯେତେବେଳେ ଘରେ ଥାଏ, ମୁଁ ସାଧାରଣତଃ ସତେଜ ଅନୁଭବ କରିବା ପାଇଁ କବାଟ ଖୋଲା ରଖିଥାଏ । କିନ୍ତୁ ମୁଁ କବାଟ ବନ୍ଦ କରିବାକୁ ସେଠି ପହଞ୍ଚିବା ପୂର୍ବରୁ, ମୋ' ମାଙ୍କଡ-ପୁଅ ଗୋଟିଏ ଡିଆଁରେ ବାହାରକୁ ପଳାଇଗଲା। ଯିବା ପୂର୍ବରୁ ସେ ତା'ର ଡାହାଣ

**'ସେ ଯୋଉ ସେଠି ବସିଚି, ସେ ହିଁ ହେଉଛି ଆମ ପୁଅ... ଆମ ପୁଅ ଗୋଟେ ମାଙ୍କଡ଼ ପାଲଟି ଯାଇଛି!'**

ହାତକୁ ଏମିତି ଭାବରେ ହଲାଇଲା ଯେ ମନେ ହେଉଥିଲା ସତେ ଯେପରି ସେ ଆମକୁ ସବୁଦିନ ପାଇଁ ବିଦାୟ କହୁଛି ... କହୁଛି ସବୁଦିନ ପାଇଁ ବିଦାୟ ପାପା, ସବୁଦିନ ପାଇଁ ବିଦାୟ ମାମା... ।

ଆମ ମାଙ୍କଡ଼-ପୁଅ ଘରୁ ବାହାରକୁ ଦୌଡ଼ି ପଳାଇବା ଦେଖି, ମୋ' ସ୍ତ୍ରୀ ଭୟରେ ଚିତ୍କାର କରିଉଠି କହିଲେ, 'ଯାଅ ! ତାକୁ ଧର !' ଏତିକି କହିବା ଭିତରେ ସେ ଲଥ କରି ତଳେ ପଡ଼ିଗଲେ । ସତେଯେମିତି କଟା ଗଛଟିଏ ଖସିପଡ଼ିଲା, ସେମିତି। ଏତେବେଳକୁ ତାଙ୍କର ପ୍ରାୟ ଅଚେତ ପ୍ରାୟ ଅବସ୍ଥା। ତାଙ୍କ ଅବସ୍ଥା ଦେଖି ମୁଁ ଦ୍ୱନ୍ଦ୍ୱରେ ପଡ଼ିଗଲି । ମୁଁ ଏବେ କ'ଣ କରିବି ? ମୋ' ବାନର ପୁଅକୁ ଧରିବାକୁ ଦୌଡ଼ିବି, ନା ମୋ' ସ୍ତ୍ରୀଙ୍କର ଯତ୍ନ ନେବି ?



ଏମିତି ଭାବିବା ଭିତରେ ମୁଁ ମୋ' ସ୍ତ୍ରୀଙ୍କ ପାଖକୁ ଯାଇ ତାଙ୍କର ଯତ୍ନ ନେବାକୁ ନିଷ୍ପତ୍ତି ନେଲି। ଯେତେବେଳେ ମୁଁ ତାଙ୍କ ପାଖରେ ଆଣ୍ଠୁମାଡ଼ି ବସିଲି, ସିଏ ସେମିତି ତଳେ ପଡ଼ିରହି ମୋତେ ଅତି ଦୁର୍ବଳ ଏବଂ ଯନ୍ତ୍ରଣାଦାୟକ ସ୍ୱରରେ କହିଲେ, 'ଏମିତି ସମୟ ନଷ୍ଟ କରନି। ଯାଅ, ଆଉ ଆମପୁଅକୁ ନେଇ ଆସ । ଆମେ ତା' ବିନା ବଞ୍ଚିପାରିବାନି । ଯାଅ... ଯାଅ...।
'ସେ ମୋତେ ଅତି ଆକୁଳ ହୋଇ ଅନୁରୋଧ କରୁଥିଲେ। ଆମ ପୁଅକୁ ରକ୍ଷା କରିବାକୁ ବିକଳ ହୋଇଉଠୁଥିଲେ ।

ତେଣୁ ମୁଁ ଶୀଘ୍ର ବାହାରକୁ ଯାଇ ଆମ ମାଙ୍କଡ-ପୁଅକୁ ଖୋଜିବାକୁ ନିଷ୍ପତ୍ତି ନେଲି। ଆଉ ସଙ୍ଗେ ସଙ୍ଗେ ରାସ୍ତା ଉପରକୁ ଆସି ଚାରିଆଡ଼କୁ ନଜର ପକାଇଲି । କିନ୍ତୁ ମୋ' ବାନର ପୁଅ କେଉଁଠି ଦେଖାଗଲାନାହିଁ। ତାକୁ ଖୋଜିବା ଲକ୍ଷ୍ୟ ନେଇ ମୋ' ଘରର ଆଖପାଖ ଅଞ୍ଚଳରେ ବୁଲିବାକୁ ଲାଗିଲି। ଅନେକ ଚେଷ୍ଟା କଲି । କିନ୍ତୁ ସବୁକିଛି ବ୍ୟର୍ଥ ଥିଲା। ମୁଁ ତାକୁ କୋଉଠି ପାଇଲି ନାହିଁ। ବହୁତ ସମୟ ଧରି ତାକୁ ଖୋଜିବା ପରେ ତାକୁ ନପାଇ, ହତାଶ ହୋଇ ଭଙ୍ଗା ହୃଦୟରେ ବାଟ ଚାଲିବାକୁ ଲାଗିଲି । ଆଗକୁ ମୋତେ କ'ଣ କରିବା ଉଚିତ ଏମିତି ଚିନ୍ତାକରି ମୁଁ ଟିକେ ଅଟକିଗଲି । ଆଉ ଏଇ ସମୟରେ ସ୍ତ୍ରୀ ଅବସ୍ଥା କଥା ମୋ'ର ମନେପଡ଼ିଗଲା। ତେଣୁ ଶୀଘ୍ର ଶୀଘ୍ର ମୁଁ ଘରକୁ ଫେରିବାକୁ ଲାଗିଲି। ସେତେବେଳେ ମୋ' ମନର ଅବସ୍ଥା ଯେ କିପରି ଥିଲା ତାକୁ ମୁଁ ଉଚିତ ଭାଷାରେ ବର୍ଣ୍ଣନା କରିପାରିବିନି ।

ଫେରିବା ସମୟରେ ମୁଁ ମୋ' ସ୍ତ୍ରୀଙ୍କ କଥା ଭାବୁଥାଏ। ମୋତେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେବାକୁ ପଡ଼ିପାରେ। ତାଙ୍କ ଅବସ୍ଥା ବିଷୟରେ ଭାବୁଭାବୁ ମୁଁ ଘର ଭିତରକୁ ପ୍ରବେଶ କଲି। ଘର ଭିତରେ ଆଉ ଏକ ଦୁଃଖଦ ଆଶ୍ଚର୍ଯ୍ୟ ମୋ' ପାଇଁ ଅପେକ୍ଷା କରିରହିଥିଲା। ଭିତରକୁ ଆସି ମୁଁ ଦେଖିଲି ଯେ ମୋ' ସ୍ତ୍ରୀ ହଲର ଯେଉଁ ଜାଗାରେ ପଡ଼ିରହିଥିଲେ, ସେଇ ଜାଗାରେ ଗୋଟିଏ ବଡ଼ ମାଈ ମାଙ୍କଡ଼ ବସିରହିଛି । ତା' ଆଖିକୁ ଚାହିଁରହି ମୁଁ ବୁଝିପାରିଲି ଯେ ସେ ହିଁ ମୋ' ସ୍ତ୍ରୀ । ଏବେ ସେ ମଧ୍ୟ ଏକ ମାଙ୍କଡ଼ରେ ରୂପାନ୍ତରିତ ହୋଇଯାଇଛନ୍ତି ।

ମୋତେ ଘରକୁ ଏକା ଫେରିବା ଦେଖି, ମୋ ମାଙ୍କଡ଼-ସ୍ତ୍ରୀ ଦୁଃଖିତ ଚାହାଣୀରେ ମୋ' ଆଡ଼କୁ ଚାହିଁରହିଲେ। ଧାର ଧାର ଲୁହ ତାଙ୍କ ଗାଲଦେଇ ବୋହିଯାଉଥିଲା । ତାଙ୍କର ଏପରି ଅବସ୍ଥା ଦେଖି ତାଙ୍କୁ ସାନ୍ତ୍ୱନା ଦେବା ଲକ୍ଷ୍ୟ ନେଇ ମୁଁ ଧୀର ଏବଂ ଶାନ୍ତ ସ୍ୱରରେ କହିଲି- 'ଶୁଣ, ମୁଁ ତାକୁ ଯେମିତି ହେଲେ ଖୋଜି ଆଣିବି। ଯାହାବି ହେଉନା କାହିଁକି, ମୁଁ ତାକୁ ଫେରାଇ ଆଣିବି। ଦୁଃଖ କରନି, ମୁଁ ସବୁକିଛି ଠିକ୍ କରିଦେବି । ମୋ' ଉପରେ ବିଶ୍ୱାସ ରଖ। ମୁଁ ତୁମମାନଙ୍କ ପାଇଁ ସବୁ କିଛି କରିପାରିବି।'

ଏକଥା ଶୁଣି ମୋ' ବାନର ସ୍ତ୍ରୀ କେମିତି ଗୋଟେ ଗୁଁ ଗୁଁ ଶବ୍ଦକରି ମୋ' ଉପରେ ଚିତ୍କାର କରିଉଠିଲେ। ତା'ପରେ ସେ କେମିତି ଏକ ପ୍ରକାର ଘୃଣା ଦୃଷ୍ଟିରେ ମୋ' ଆଡ଼କୁ ଚାହିଁ ରହିଲେ । ଏହି ସମୟରେ ତାଙ୍କ ଗାଲଦେଇ ଲୁହ ବହିଯାଉଥିଲା। ତା'ପରେ ସେ ହଠାତ ସେ ତାଙ୍କର ପଛ ଦୁଇଗୋଡ଼ରେ ଠିଆ ହେଲେ । ଆମ ପୁଅ ଘରୁ ବାହାରି

ଯାଉଥିବା ସମୟରେ ଯେପରି ପୂର୍ବରୁ କରିଥିଲା, ଠିକ୍ ସେଇମିତି ମୋ' ସ୍ତ୍ରୀ ମଧ୍ୟ ସମାନ ଭାବରେ ବ୍ୟବହାର କରିବାକୁ ଲାଗିଲେ । ତାଙ୍କ ଡାହାଣ ହାତକୁ ଏପରି ଭାବରେ ହଲାଇଲେ ଯେପରି ମନେ ହେଉଥିଲା ଯେ ସେ ମୋତେ ବିଦାୟ କହୁଛନ୍ତି। ଏହା ପରେ ସେ ମୁଖ୍ୟ କବାଟ ଦେଇ ବାହାରକୁ ଦୌଡ଼ି ପଳାଇଗଲେ ।

ତାଙ୍କୁ ଦୌଡ଼ି ଯାଉଥିବାର ଦେଖି, ମୁଁ ତୁରନ୍ତ ତାଙ୍କ ପଛରେ ଦୌଡ଼ିବାକୁ ଲାଗିଲି। ସେ ମୁଖ୍ୟ ରାସ୍ତାରେ ପହଞ୍ଚି ନିରନ୍ତର ଭାବରେ ଦୌଡ଼ି ଚାଲିଥିଲେ । ମୁଁ ତାଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଲି । କିନ୍ତୁ ସେ ଏତେ ଦ୍ରୁତ ଗତିରେ ଦୌଡୁଥିଲେ ଯେ ମୁଁ ତାଙ୍କୁ ଧରିପାରିବା ସମ୍ଭବ ନଥିଲା । ଧୀରେ ଧୀରେ ସେ ମୋ ଦୃଷ୍ଟିରୁ ଅଦୃଶ୍ୟ ହୋଇଗଲେ ।

ଯଦିଓ ମୁଁ ତାଙ୍କୁ ମୋ' ସାମ୍ନାରେ ଦେଖିପାରୁନଥାଏ, ତଥାପି ମୁଁ ଆଶା ନଛାଡ଼ି ଦୌଡ଼ିବାରେ ଲାଗିଥାଏ । ହୁଏତ ମୁଁ ତାଙ୍କୁ ଆଖପାଖରେ କୌଣସି ସ୍ଥାନରେ ପାଇଯିବି। ମୁଁ ସହରର ମୁଖ୍ୟ ରାସ୍ତାରେ ପୂର୍ଣ୍ଣ ଗତିରେ ଦୌଡୁଥାଏ । ମୋ' ପାଖଦେଇ ଗୋଟିଏ ପରେ ଗୋଟିଏ ଅନେକ ଗାଡ଼ି ଚାଲିଯାଉଥିଲା - କାର୍, ବାଇକ୍, ବସ୍, ଅଟୋରିକ୍ସା, ଏବଂ ଆହୁରି ଅନେକ। ସେ ଆଡ଼କୁ ଧ୍ୟାନ ଦେବାକୁ ମୋ' ପାଖରେ ସମୟ ନଥିଲା। ମୁଁ କେବଳ ଦୌଡ଼ି ଚାଲିଥାଏ । ଆଉ ଏଇ ସମୟରେ ମୋ'ର ପୁଅ କଥା ମନେପଡ଼ିଗଲା । ଥରେ ସେ ମୋତେ ପଚାରିଥିଲା ଆମେ କ'ଣ ପ୍ରଥମେ ମାଙ୍କଡ ଥିଲୁ? ଆଉ ଦିନେ ପଚାରି ଥିଲା ଇତିହାସର ଯଦି ପୁନରାବୃତ୍ତି ହେଉଛି ତାହେଲେ ଆମେ କ'ଣ ଦିନେ ସତରେ ମାଙ୍କଡ ହେଇଯିବାନା କ'ଣ? ମୁଁ ଆଗରୁ କହିଛି ଯେ ମୋ' ପୁଅ ଜଣେ ଚାଇଲଡ ପ୍ରୋଡିଜି । ଏବେ ମୁଁ ବୁଝିପାରୁଥିଲି ଯେ ମୁଁ ମୋ' ସାଙ୍ଗ ସହିତ କଥାହେଲା ବେଳେ ସେ କାହିଁକି ରହସ୍ୟମୟ ଭାବରେ ମୋତେ ଦୁଇଥର ଚାହିଁଥିଲା ।

**ଯଦିଓ ମୁଁ ତାଙ୍କୁ ମୋ' ସାମ୍ନାରେ ଦେଖିପାରୁନଥାଏ, ତଥାପି ମୁଁ ଆଶା ନଛାଡ଼ି ଦୌଡ଼ିବାରେ ଲାଗିଥାଏ । ପୂର୍ଣ୍ଣ ଗତିରେ ଦୌଡୁଥାଏ ।**

ଏହି ସମୟରେ ଏକ ମର୍ସିଡିଜ୍ କାର ମୋ' ପାଖ ଦେଇ ଚାଲିଗଲା। ହଠାତ୍ ମୋ' ନଜର କାରର ବାମ ପାର୍ଶ୍ୱ ଦର୍ପଣ ଉପରେ ପଡ଼ିଲା। ମୁଁ ମୋ' ମେରୁଦଣ୍ଡରେ ଏକ ଶୀତଳ ପ୍ରବାହ ଅନୁଭବ କଲି। ମୁଁ ଦର୍ପଣକୁ ଚାହିଁଲି ଆଉ ସେଥିରେ ଏକ ମାଙ୍କଡର ମୁହଁ ଦେଖିଲି। ମୁଁ ଭାବିଲି ଏହା ଏକ ଭ୍ରମ ହୋଇପାରେ। ଏବେ ବି ମୁଁ ଦୌଡ଼ିବା ଜାରି ରଖିଥାଏ । ମୁଁ ପୁଣିଥରେ ଆଇନାକୁ ଚାହିଁଲି । ରାସ୍ତାରେ ଗୋଟିଏ ମାଙ୍କଡ଼ ଦୌଡୁଥିବାର ମୁଁ ଦେଖିଲି। ତଥାପି ମନରେ ସନ୍ଦେହ ଥାଏ । ତେଣୁ ନିଶ୍ଚିତ କରିବା ପାଇଁ ମୁଁ ମୋର ହାତ ଉଠାଇଲି। ଏଥର ଦର୍ପଣରେ ଥିବା ମାଙ୍କଡ଼ଟି ମଧ୍ୟ ତା'ର ହାତ ଉଠାଇଲା। ଏବେ ମୁଁ ନିଶ୍ଚିତ ହୋଇଗଲି ଯେ ଯେମିତି ମୋ' ପୁଅ ଏବଂ ମୋ' ସ୍ତ୍ରୀ ମାଙ୍କଡରେ ରୂପାନ୍ତରିତ ହୋଇଗଲେ, ମୁଁ ମଧ୍ୟ ଠିକ ସେମିତି ଯା'ଭିତରେ ଏକ ବୟସ୍କ ବାନରରେ ପରିଣତ ହୋଇସାରିଛି।

ଏବେବି ମୁଁ ରାସ୍ତାରେ ଦୌଡ଼ି ଚାଲିଥିଲି, ଯଦିଓ ମୁଁ ଭିତରୁ ଗୁରୁତର ଭାବରେ ଆଘାତ ପାଇଥିଲି। ବହୁତ ଦୂରରେ ରାସ୍ତା କଡ଼ରେ ଗୋଟେ ଗଛ ଥିବାର ମୋତେ ଦେଖାଗଲା । ଗଛର ଡାଳରେ ବସିଥିବା ଏକ ଛୁଆ ମାଙ୍କଡ଼ ଉପରେ ପ୍ରଥମେ ମୋର ଦୃଷ୍ଟି ପଡ଼ିଲା । କିଛି ସମୟ ପରେ, ମୁଁ ଦେଖିଲି ଯେ ଶିଶୁ ମାଙ୍କଡ଼ ପାଖରେ ଗୋଟିଏ ବୟସ୍କ ମା' ମାଙ୍କଡ଼ ମଧ୍ୟ ବସିଛି। ଏବେ ମୁଁ ନିଶ୍ଚିତ ହୋଇଗଲି ଯେ ସେଇମାନେ ହିଁ ମୋ' ପରିବାର।

ଏଥର ଖୁସିର ସହିତ ମୁଁ ମୋର ଗତି ବଢ଼ାଇଦେଲି। ଯଥାଶୀଘ୍ର ସେମାନଙ୍କ ସହିତ ମିଶିବାକୁ ମୁଁ ଆଗ୍ରହୀ ହୋଇଉଠୁଥିଲି। ସେହି ମୁହୂର୍ତ୍ତରେ ମୁଁ ମୋ' ମୁଣ୍ଡକୁ ୧୮୦ ଡିଗ୍ରୀ ବୁଲାଇଲି। ଆଶ୍ଚର୍ଯ୍ୟର କଥା ହେଲା, ମୁଁ ଦେଖିଲି ଯେ ଏବେ ସମସ୍ତେ ମାଙ୍କଡରେ ପରିଣତ ହୋଇସାରିଛନ୍ତି । ମାଙ୍କଡ଼ମାନେ କାର, ବସ୍, ଅଟୋ ଚଲାଉଛନ୍ତି । ଏପରିକି ପାଦଚଲା ଯାତ୍ରୀମାନେ ମଧ୍ୟ ମାଙ୍କଡ଼ରେ ରୂପାନ୍ତରିତ ହୋଇସାରିଛନ୍ତି । ଏତେବେଳକୁ ମୁଁ ବୁଝିସାରିଥିଲି ଯେ ଏବେ ଏହା ଏକ ମାଙ୍କଡ଼ର ଦୁନିଆରେ ପରିବର୍ତ୍ତିତ ହୋଇସାରିଛି । ଏହା ଭାବି ମୁଁ ଜୋରରେ ହସିଉଠିଲି- ହା ହା ହା ହା... ।

□□

ଲେଖକଙ୍କ ଇ-ମେଲ ଠିକଣା:
zakirkhanbbsr@gmail.com

ରମ୍ୟରଚନା

# ପ୍ରଖର ପ୍ରେମ ମହାମାରୀ



ଅଭୟ ଦାଶ

ସେ ସମୟ ଥିଲା ନିଆରା । ପ୍ରେମ ସେତେବେଳେ ଅଢ଼େଇ ଅକ୍ଷରରେ ସୀମିତ ଥିଲା । ସେଥିପାଇଁ ସନ୍ଥ ମହାତ୍ମା ଲେଖି ଗଲେ, "ଢ଼ାଇ ଆଖର ପ୍ରେମ କି ପଢ଼େ ସୋ ପଣ୍ଡିତ ହୋଏ !" ତାର ବହୁ ପୂର୍ବରୁ ଗ୍ରୀକ୍ ସଭ୍ୟତାରେ ପ୍ରେମ ବିଭାଗଟା ଜଣେ ଦେବତା ବା ଆଜିକାଲିର ମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ଆମେ ଶୁଣିଛୁ । ତାଙ୍କୁ ଭେନସ୍ ନାମରେ ଲୋକେ ଚିହ୍ନିଥିଲେ। ଆମ ଆଖି ଫିଟିଲା ବେଳକୁ ଆମ ଆଗରେ ଉଭାହେଲେ ରାଧାରାଣୀ ଓ ମାଧବ । ନିତ୍ୟ ଲୀଳାସ୍ଥଳି ବୃନ୍ଦାବନ, "ଷୋଳ ସହସ୍ର ଗୋପନାରୀ, ରମିବେ ବୃନ୍ଦାବନେ ହେରି । "ରାଧାରାଣୀ, ମୀରାବାଈ ଆଦି ପ୍ରେମମୟୀ ଶକ୍ତି ସ୍ୱରୂପିଣୀମାନେ ଆମର ଚିର ନମସ୍ୟା । ବୈଷ୍ଣବ ସାହିତ୍ୟରେ ଶୁକ ଶାରୀ ସଂବାଦ କହେ,



"ଶୁକ ବୋଲେ ଆମାର କୃଷ୍ଣ ମଦନ ମୋହନ<br>
ଶାରୀ ବୋଲେ ଆମାର ରାଧା ବାମେ ଯତକ୍ଷଣ୍<br>
ତାଇତ ସତ୍ୟ ଅଟେ ।<br>
ଶୁକ ବୋଲେ ଆମାର କୃଷ୍ଣ ଗିରି ଧରେଛିଲ<br>
ଶାରୀ ବୋଲେ ଆମାର ରାଧା ଶକ୍ତି ସଞ୍ଚରିଲ<br>
ନାଇଁତ ପାଇବେ କେମନ ?"

### କ'ଣ ସେ ପ୍ରେମ ?

କେତେ କବି ଲେଖିଗଲେ, 'ରାଧା'ରୁ 'ଶ୍ରୀରାଧା' ପର୍ଯ୍ୟନ୍ତ । ଆମେ ଶୁଣିଲୁ । ପରବର୍ତ୍ତୀ ସମୟରେ କେଦାର-ଗୌରୀ, ହୀର-ରାଞ୍ଝା ଆଦି ସିନେମା ଦେଖିଛୁ । କ'ଣ ସେ ପ୍ରେମ ? ଆମେ ବୁଝିବା ସହଜ ନୁହେଁ । ପ୍ରେମର ଅଙ୍କୁରୋଦ୍‌ଗମ କାଳରେ ଆମକୁ ସେଇ ମାର୍ଗକୁ ଟାଣିଆଣିଲେ କବି ମାୟାଧର ମାନସିଂ, ଓମର ଖାୟାମ, ଆମ ଭଞ୍ଜ, କବିସୂର୍ଯ୍ୟ କଣ କମ୍ କି ? କହନ୍ତୁ ନାହିଁ ଆଜ୍ଞା, ସେତେବେଳେ ଖଳନାୟକ କଣ କମ୍ କି ? ଘର ଭିତରେ ବାପା, ବାହାରେ ମାଷ୍ଟର ! ଛାଡ଼ନ୍ତୁ ଆଜ୍ଞା ନ କହିଲେ ଭଲ । ସମୟ ସଙ୍ଗେ ତାଳ ଦେଇ ପ୍ରେମର ପରିଭାଷା ବଦଳିଛି । ବଜାର ଦର ବଦଳିଛି । ଜାତି, ଧର୍ମ, ବର୍ଣ୍ଣ, ବୟସ, ରାଷ୍ଟ୍ରର ସୀମା, ପରିସୀମା ଲଙ୍ଘି ପ୍ରେମ ଭକ୍ତି ଭାବରେ ଅଣନିଶ୍ୱାସ ହୋଇ ରାସ୍ତା ଖୋଜି, ଇଆଡ଼େ ସିଆଡ଼େ ମାଡ଼ିଯାଇ ପ୍ରଖର ରୂପ ନେଇଛି, କହନ୍ତି ସ୍ୱାମୀ ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେସନ ।

ପ୍ରେମ ସଙ୍ଗୀତରେ ପଶିଆସି ସଙ୍ଗୀତରୁ ବାହାରି ଆସି ରାଜନୀତିରେ ପଶିଆସିଛି । ଯେତେବେଳେ ପ୍ରେମ ଶାଶ୍ୱତ ପ୍ରେମର ମଲାଟ ଭିତରୁ ବାହାରି ଆସି ତତ୍‌କ୍ଷଣାତ୍ ପ୍ରେମ ବା ଇନଷ୍ଟାଣ୍ଟ୍ ଲଭ୍ ଆଡ଼କୁ ଗତିକରିଛି, ତା'ର ବଜାର ଦର ବଢ଼ିବାରେ ଲାଗିଛି । କେତେ ସିନେମା ସିରିୟଲ ଏହାକୁ ମହିମାମଣ୍ଡିତ କରିଛନ୍ତି । ସେ ମଧ୍ୟରେ ଯୋଗଦାନ କରିଛନ୍ତି ପେସାଗତ ପରିସ୍ଥିତି ବା ପ୍ରଫେସନାଲ୍ ପରିବେଶ, ରାଜନୈତିକ ପାରିପାର୍ଶ୍ୱିକ ଅବସ୍ଥା ଆଦି, ଯାହାକୁ ସୋସିଆଲ ଇଣ୍ଟରକୋର୍ସ୍ ବା ସାମାଜିକ ମିଳନ କହିପାରନ୍ତି । ସମାଜ ମିଛରେ ଗୁଡ଼ାଏ ହୋ ହୋ ହୋଇ ଚୁପ୍ ହୋଇଯାଏ । ସେ ତତ୍‌କ୍ଷଣାତ୍ ପ୍ରେମ ଯେମିତି ସମସ୍ତ ବାଧାବିଘ୍ନ, ଆଇନ୍ ଶୃଙ୍ଖଳା, ସାମାଜିକ ନିୟମକୁ ଠେଲିପେଲି ଆଗକୁ ପାଦ ବଢ଼ାଇଛି । ସେହି ପ୍ରଖର ପ୍ରେମ ରୂପ ନେଇଛି ମହାମାରୀ ବା ଏପିଡେମିକ୍ ରୂପରେ । ସେଥିପାଇଁ ଏ ରିସର୍ଚ୍ଚ, କହନ୍ତି ସ୍ୱାମୀ ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେସନ ।

ସମାଜ ବଦଳିଛି, ସାମାଜିକ ଶୃଙ୍ଖଳାରେ ବ୍ୟତିକ୍ରମ ଦେଖାଦେଇଛି । ମଝିକୁ ଡ଼େଇଁ ପଡ଼ିଛନ୍ତି ବିଦେଶୀ ଦୋକାନୀ,

କମ୍ପାନୀ ଓ ସନ୍ଥ ମହାତ୍ମା ମଡେଲ ଭାଲେଣ୍ଟାଇନ୍ ବାବା। ବାବା ସେ ଗ୍ରୀକ୍ ସୈନ୍ୟଙ୍କ ମନକଥା ପ୍ରକାଶ କରିବାକୁ ଯାଇ ସେକାଳର ରାଜା ମହାରାଜାମାନଙ୍କୁ ଅନୁରୋଧ କରିଥିଲେ ଏ ଟୋକାଙ୍କର ଯୁବା ବୟସ କ'ଣ ଏମିତି ଶୁଖିଯିବ ? ଏମାନେ ତୁମର ରକ୍ଷା ବିଭାଗର ଦାୟିତ୍ୱ ନେଇଛନ୍ତି । ଏମାନଙ୍କ ମୌଳିକ, ଦୈହିକ, ସାମାଜିକ ଆବଶ୍ୟକତା ପୂରଣ କରିବା କାମ ତୁମର । ସେଥିପାଇଁ ଆମେ ସେଣ୍ଟ୍ ଭାଲେଣ୍ଟାଇନ୍ ସେହି ସୈନ୍ୟମାନଙ୍କ ଭବିଷ୍ୟତକୁ ଆଖିରେ ରଖି ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିହେବାକୁ ଅନୁମତି ଦେବାକୁ କୃପା କରନ୍ତୁ । ଏତେ ବଡ଼ ସନ୍ଥ ମହାତ୍ମା ଯେତେବେଳେ କହୁଛନ୍ତି, ତାଙ୍କ କଥା ସମ୍ରାଟ ଗ୍ରହଣକରି ଗ୍ରୀକ୍ ଫୌଜରେ ବିବାହ, ପ୍ରେମ କରିବା ଅନୁମତି ଦେଲେ । କାଳକ୍ରମେ ଭାଲେଣ୍ଟାଇନ୍ ବାବାଙ୍କ ନାଁ ସୀମା ସରହଦ ଡେଇଁ ବ୍ୟାପିଗଲା ।

**ଭାଲେଣ୍ଟାଇନ୍ ବାବା**

ଆମ ପାଖକୁ ଆସିଲା ବେଳକୁ ଆମେ ଘର ବସାଇ ସାରିଲୁଣି । ଏ ଭାଲେଣ୍ଟାଇନ୍ ବାବାର ନାଁକୁ ବଢ଼େଇଲେ ଆମେରିକା କମ୍ପାନୀ ଯଥା ଆର୍ଚି ଗ୍ୟାଲେରୀ ଓ ଅନ୍‌ଲାଇନ୍ ବେପାର ଆମାଜନ୍, ବିଗ୍ ବାସ୍କେଟ୍ ଆଦି । ଫେବୃୟାରୀ ଆଠ ତାରିଖ ହେଲା ଭାଲେଣ୍ଟାଇନ୍ ଡେ' । ଆର୍ଚି କମ୍ପାନୀ ଭାଲେଣ୍ଟାଇନ୍ କାର୍ଡ ତିଆରି କରି ବିକିଲା, ଆମାଜନ ଗୋଲାପଫୁଲ ବିକିଲା । ପ୍ରେମ ବଜାର ସରଗରମ ହୋଇଉଠିଲା । ସହର ବଜାରରେ ଯେତେ ପାର୍କ, ରାସ୍ତାକଡ଼ର ଗଛମୂଳ, ଗାଁର ବଣବୁଦା, ଆମ୍ବତୋଟା, ନଈ ପୋଖରୀ କୂଳ ହୋଇଉଠିଲା ପ୍ରେମର ମୈଦାନ । ମୋଟର ସାଇକେଲ ପଛପଟେ ପ୍ରେମିକାକୁ ବସାଇ ଯୁବପିଢ଼ି ଧାଇଁଲେ ଏଇ ସବୁ ହାଙ୍ଗିଂଜୋନ୍ ବା ପ୍ରେମ ଠିକଣାକୁ । ତା' ଭିତରେ ପଶିଆସିଲା ଅପମିଶ୍ରଣ । ଯାହାକୁ ପରବର୍ତ୍ତୀ ସମୟରେ ଲଭ୍ ଜେହାଦ୍ କୁହାଗଲା । ସେହି ଅପମିଶ୍ରଣ ରୋକିବାକୁ ପୁଲିସ ଲାଠିଚାଳନା କରିବା ଆମେ ଶୁଣିଛୁ । ପ୍ରକାର ଭେଦରେ ପ୍ରେମ କେତେ ରଙ୍ଗ ବଦଳାଇଛି ଅନୁଧ୍ୟାନ କରିବା କଥା। ସେତେବେଳର ମତ୍ସ୍ୟଗନ୍ଧାରୁ ଯୋଜନଗନ୍ଧାର ରୂପ ଦେଇଛି ପ୍ରେମ । କେତେ ମହର୍ଷିଙ୍କ ତପଭଙ୍ଗ ହୋଇଛି, ଯାହା ପଛରେ ସବୁ ନାଟର ଗୋବର୍ଦ୍ଧନ ଥାଆନ୍ତି ଦେବରାଜ ଇନ୍ଦ୍ର । ତାଙ୍କ ଅପ୍‌ସରା ଲାଇବ୍ରେରୀରୁ ଗୋଟିଏ ଗୋଟିଏ ସୁନ୍ଦରୀଙ୍କୁ ଛାଡ଼ିଦେଇ ମୁନିଙ୍କ ତପସ୍ୟାରେ ବାଧା ସୃଷ୍ଟି କରିଥିବା ଆମେ ଶୁଣିଛୁ । ଏପରି ମାନସିକତା ପଛରେ କାଳେ କିଏ ତାଙ୍କର ଇନ୍ଦ୍ରପଦ ଛଡ଼େଇନେବ, ସେହି ଭୟ, ସେନ୍ସ ଅଫ୍ ଇନ୍‌ସିକ୍ୟୁରିଟି ଲୁଚି ରହିଥିବା ଜଣାଯାଏ । ଯାହା ଅଧୁନାତନ ରାଜନୀତିରେ ମଧ୍ୟ ଦେଖିବାକୁ ମିଳେ । ଯୁଗେ ଯୁଗେ ପ୍ରେମର ପ୍ରଖର ରୂପ ଯୁଦ୍ଧ ଭୂମିରେ ପରୀକ୍ଷା ଦେଇଛି । କଳିଙ୍ଗର ଧୀବର କନ୍ୟା କାରୁବାକୀର ସୌନ୍ଦର୍ଯ୍ୟରେ ବିମୋହିତ ସମ୍ରାଟ ଅଶୋକ କଳିଙ୍ଗ ସମର ପ୍ରାଙ୍ଗଣରେ ଅବତୀର୍ଣ୍ଣ ହୋଇଥିବା ଇତିହାସ ମନେରଖିଛି । ପ୍ରେମର ପ୍ରଖର ବନ୍ୟା ଯୁଗେ ଯୁଗେ ବାଧା ବନ୍ଧନ ଭାଙ୍ଗିଥିବା ଶୁଣାଯାଏ । ଯାହା ସବୁ ସମୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କିଏ ରାଜା ବା ଯୁବରାଜ ପାରିଧିରେ ଯାଇ କେହି ମେଷପାଳକ କନ୍ୟା ବା ଜନଜାତୀୟ କନ୍ୟାର ସୌନ୍ଦର୍ଯ୍ୟର ଆକର୍ଷଣକୁ ରୋକି ନ ପାରି ତାହାକୁ ଉଠାଇଆଣି ନିଜର ଅନ୍ତଃପୁରରେ ସ୍ଥାନ ଦେଇଥିବା ଶୁଣାଯାଏ । ସମୟକ୍ରମେ ରାଣୀମାନଙ୍କ ସଂଖ୍ୟା ବୃଦ୍ଧି ସହ ସେମାନଙ୍କ ସମ୍ମାନ ବର୍ଗୀକରଣ ହୋଇ ରାଜପ୍ରାସାଦର ମର୍ଯ୍ୟାଦାରେ ଆଞ୍ଚ ଆସିଥିବା ଖବର ମଧ୍ୟ ପ୍ରଚାରିତ ହୋଇଛି । କେତେକ ସ୍ଥଳେ ରାଜା-ରାଣୀମାନଙ୍କ ଈର୍ଷାର ଶିକାର ହୋଇ ବିଷପ୍ରୟୋଗ ଆଦି ଦ୍ୱାରା ପ୍ରାଣ ହରାଇଥିବା ଇତିହାସ କହେ। ଈର୍ଷା ଓ ହିଂସା ପ୍ରେମକୁ କଳୁଷିତ କରିଥିବା ଅନେକ କ୍ଷେତ୍ରରେ ଦେଖାଯାଏ ଇତିହାସର ପୃଷ୍ଠାରେ, ଯାହା ଆଜିଯାଏ ଚାଲିଆସିଛି।

**କେତେ ମହର୍ଷିଙ୍କ ତପଭଙ୍ଗ ହୋଇଛି, ଯାହା ପଛରେ ସବୁ ନାଟର ଗୋବର୍ଦ୍ଧନ ଥାଆନ୍ତି ଦେବରାଜ ଇନ୍ଦ୍ର ।**

**ସହଜ ନୁହେଁ**

ସ୍ୱାମୀ ଅଭୟାନନ୍ଦଙ୍କୁ ପଚାରିବାରୁ ସିଏ କହନ୍ତି, ନିତିଦିନର ସମ୍ବାଦପତ୍ର, ସାମାଜିକ ପତ୍ରକାରିତା ସୋସିଆଲ ମିଡିଆ ଓ ତୁଣ୍ଡବାଇଦକୁ ମୂଳଦୁଆକରି ଏ ରିସର୍ଚ୍ଚକୁ ଆଗକୁ ବଢ଼ାଇବା ଏତେ ସହଜ କଥା ନୁହେଁ । କିଏ କେତେବେଳେ କ'ଣ କହି ଖସିଯିବ ତାର କିଛି ଠିକଣା ନାହିଁ । ଯାହାହେଉ ଗୋଟାଏ କାମରେ ଗୋଡ଼ ପୂରେଇଛି ଯେତେବେଳେ ଲାଗିବାକୁ ତ ହେବ ନା ? ସମସ୍ତ ସମ୍ବାଦକୁ ବାଛି ଅଲଗାକରି ରଖିବା ଦରକାର । କେଉଁ ଆଧାରରୁ ପାଇଲେ ? କିଏ ସବୁ

> **ସମାଜ ଏପରି ଏକ ପରିସ୍ଥିତିରେ ପହଞ୍ଚିଛି, କହି ହେଉନାହିଁ କି ସହି ହେଉନାହିଁ ।**

ପାଟିଅର? ଯାହା ଆମର ମନେଅଛି, ଜଣେ ବିଶିଷ୍ଟ ସୀତାର ବାଦକ ଅଣାଅଶୀ ବୟସରେ ପ୍ରେମଜାଲରେ ଛନ୍ଦିହୋଇ ପଡ଼ିବା, ଆଉଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ସିନେମା ହିରୋ ଅଧ ଡଜନେ ପିଲାଙ୍କ ଜନକ ସେହି ବୟସରେ ପ୍ରେମର ଶିକାର ହୋଇ ବିବାହର ଅଳ୍ପଦିନ ପରେ ସ୍ୱର୍ଗାରୋହଣ କରିଥିବା ଆମେ ଜାଣୁ। ଏହି ପ୍ରକାର ପ୍ରେମ ଭୂତାଣୁ ବର୍ତ୍ତମାନ ସମୟରେ ଏତେ ସକ୍ରିୟ ହୋଇଉଠିଲେ ଯେ ଏହା ଏକ ମାରାତ୍ମକ ରୂପ ନେଇଛି । ଫଳରେ ଡୁ ଅର୍ ଡାଏ ସିଚୁଏସନ୍, କର ଅବା ମର ଅବସ୍ଥା । କିଏ ଦୁଇ ଦୁଇଟି ପିଲାଙ୍କୁ ନେଇ ସ୍ୱାମୀକୁ ଛାଡ଼ିଦେଇ ଆଉ କାହା ସାଙ୍ଗରେ ଗଲାଣି ତ ଆଉ କିଏ ବିବାହିତା ପତ୍ନୀକୁ ଛାଡ଼ିଦେଇ ଆଉ କାହା ସାଙ୍ଗରେ ଘର ବସାଇଲାଣି । ଅଳ୍ପ ବୟସ ପିଲାମାନେ ଏହି ପ୍ରେମ ଭୂତାଣୁ ଆକ୍ରାନ୍ତ ହୋଇ ହତ୍ୟା, ଆତ୍ମହତ୍ୟାର ଆଶ୍ରୟ ନେବାକୁ ଆଗେଇ ଆସୁଛନ୍ତି । ସମାଜ ଏପରି ଏକ ପରିସ୍ଥିତିରେ ପହଞ୍ଚିଛି, କହି ହେଉନାହିଁ କି ସହି ହେଉନାହିଁ । ଏହି ପ୍ରେମ ଭୂତାଣୁ ସମାଜର ପ୍ରତ୍ୟେକ ବର୍ଗ, ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ର, ସ୍କୁଲ, କଲେଜ, ସଂସଦ ଭବନ, ବିଧାନସଭାରେ ପଶିଆସିଛି।

ଅଭୟାନନ୍ଦ ଏ ବିଷୟରେ ନିଜକୁ ପ୍ରଶ୍ନକରେ, ଏପରି ମାନସିକତା ପାଇଁ ଦାୟୀ କିଏ ? କିଏ ଦେବ ଏହାର ଉତ୍ତର? ସମାଜ କିନ୍ତୁ ଚୁପ୍ ରହିବାକୁ ଶ୍ରେୟ ମନେ କରିଛି । କେତେ ପ୍ରାଣ ଚାଲିଯାଉଛି ଅଦିନରେ, ମନସ୍ତତ୍ତ୍ୱବିତ୍,ଚିକିତ୍ସା ବିଜ୍ଞାନୀ, ଆଇନର ରକ୍ଷକ ପୁଲିସ, ନ୍ୟାୟାଳୟ ସମସ୍ତଙ୍କର ମିଳିତ ଉଦ୍ୟମରେ ଏ ମହାମାରୀର ସାମନା କରିବାକୁ ହେବ, କହନ୍ତି ସ୍ୱାମୀ ଅଭୟାନନ୍ଦ। ଏଥିରେ ପତ୍ରକାରିତାର ଭୂମିକାକୁ ଅଣଦେଖା କରିହେବ ନାହିଁ। ସମାଜ ଭିତରେ ଦୃଢ଼ ଇଚ୍ଛାଶକ୍ତିକୁ ଉଜାଗର କରିପାରିଲେ ଏପ୍ରକାର ସାମାଜିକ ବ୍ୟାଧି ନିରାକରଣ ହୋଇପାରିବ, କହନ୍ତି ସ୍ୱାମୀ ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେସନ ।

ବହୁତ ଖୋଜିଲା ପରେ ଏବେ ଗୋଟାଏ ସୂତ୍ର ମିଳିଛି 'ସ୍ୱାମୀ ଅଭୟାନନ୍ଦ ମାଳିକା'ରେ, ଯାହା ବଜାରରେ ଉପଲବ୍ଧ ନୁହେଁ । ତାହା ଯେ ସମ୍ପୂର୍ଣ୍ଣ ସତ୍ୟ ସେକଥା କହିବା ମିଥ୍ୟା ହୋଇପାରେ। ତାହା ନିମ୍ନରେ ଉଦ୍ଧାର କରାଗଲା । ଯଥା:

"ଅଭୟାନନ୍ଦ ମୂଢ଼ମତି
ପିଟୁଛି ବସି ନିଜ ଛାତି
ଆହା କି ସମୟ ଆସିଲା
କଳିଯୁଗ କି ଶେଷ ହେଲା?
ବଦଳି ଗଲାଣି ବ୍ୟବସ୍ଥା!
ଭଗିନୀ ଜାୟା ପିତାମାତା
ଭୁଲିଲେ ସଂସାର ନିୟମ
ଅଛନ୍ତି ଯେତେ ନରାଧମ!
କାମ କ୍ରୋଧରେ ବଳିଆନ
ଶସ୍ତା ଏ ମଣିଷ ଜୀବନ!
ଅସତ ମାର୍ଗେ ଉପାର୍ଜନ
ସମାଜ ଦିଏ ଉଚ୍ଚ ସ୍ଥାନ!
ସକଳ କଳିର କାରଣ
ଦୋଷ ନଦିଅ ସାଧୁ ଜନ!
ଆଉ ଅଧିକ ଦିନ ନୋହେ!
ସ୍ୱାମୀ ଅଭୟାନନ୍ଦ କହେ।"
ଇତି ଶ୍ରୀ ଅଭୟାନନ୍ଦ ମାଳିକା କଥନେ
ନାମ ପ୍ରଥମ ଅଧ୍ୟାୟ ।

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com



**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି ।**

**ଏହାର କେତେକ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କ୍‌କୁ ଯାଆନ୍ତୁ :**

**www.sahityacharcha.com**




# ଓଡ଼ିଆ ସାହିତ୍ୟରେ କୃତ୍ରିମ ବୁଦ୍ଧିମତ୍ତାର ଆବଶ୍ୟକତା

ପ୍ରବନ୍ଧ

ଉଦୟନାଥ ସାହୁ

କୃତ୍ରିମ ବୁଦ୍ଧିମତ୍ତା କିମ୍ବା (ଏଆଇ: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଆମ ଦୈନନ୍ଦିନ ଜୀବନର ଏକ ବଡ଼ ଅଂଶ ହୋଇଯାଇଛି । ବର୍ତ୍ତମାନର ସମୟ ହେଉଛି ମଣିଷ ମସ୍ତିଷ୍କ ଏବଂ ମେସିନ ମସ୍ତିଷ୍କ ମଧ୍ୟରେ ଏକ ପାରସ୍ପରିକ ସମନ୍ୱୟ କ୍ରିୟାର ସମୟ । କମ୍ପ୍ୟୁଟର ଜଗତରେ ଏହି 'କୃତ୍ରିମ ବୁଦ୍ଧିମତ୍ତା' ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଅପଣ ହୁଏତ ଏହି ଶବ୍ଦଟି ଶୁଣିଥିବେ, କିନ୍ତୁ ଅନେକ ଲୋକ ଏବେବି ଭାବୁଛନ୍ତି, ଏଆଇ ପ୍ରକୃତରେ କ'ଣ ଏବଂ ଏହା ଆମକୁ କିପରି ପ୍ରଭାବିତ କରେ । ସରଳ ଭାଷାରେ, କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ହେଉଛି ଯେତେବେଳେ ଆମେ ମେସିନ କିମ୍ବା କମ୍ପ୍ୟୁଟରକୁ ମଣିଷ ପରି ବ୍ୟବହାର କରିବା ପାଇଁ ଚିନ୍ତା କରିବା, ଶିଖିବା ଏବଂ ସମସ୍ୟା ସମାଧାନ କରିବା ପାଇଁ ତିଆରି କରୁ । ଏହା ହେଉଛି କମ୍ପ୍ୟୁଟରକୁ ମସ୍ତିଷ୍କ ଦେବାପରି, ଯାହାଦ୍ୱାରା କି ସେମାନେ ନିଷ୍ପତ୍ତି ନେଇପାରିବେ ଏବଂ ନିଜସ୍ୱ କାର୍ଯ୍ୟ ମଧ୍ୟ କରିପାରିବେ ।




### କୃତ୍ରିମ ବୁଦ୍ଧିମତ୍ତା

'କୃତ୍ରିମ ବୁଦ୍ଧିମତ୍ତା' ଶବ୍ଦଟି ପ୍ରଥମେ ୧୯୫୬ ମସିହାରେ ବ୍ୟବହୃତ ହୋଇଥିଲା । ବିଗତ ବର୍ଷଗୁଡ଼ିକରେ ତଥ୍ୟର ରକ୍ଷଣାବେକ୍ଷଣ ଏବଂ ପ୍ରକ୍ରିୟାକରଣରେ ଅସୀମ ବୃଦ୍ଧି 'ସୂଚନା ପ୍ରଯୁକ୍ତିବିଦ୍ୟା'ର ମହାନ ସମ୍ଭାବନା ଆଣିଅଛି । କମ୍ପ୍ୟୁଟରରେ ଭାଷା ବ୍ୟବହାର ସହିତ ଅନେକ ଭାଷା-ସମ୍ବନ୍ଧୀୟ ସୁବିଧା ଦ୍ରୁତଗତିରେ ଉପଲବ୍ଧ ହୋଇଛି । ଏହାସହିତ 'ଭାଷା ପ୍ରଯୁକ୍ତିବିଦ୍ୟା'ର ଏକ ନୂତନ ପଦ୍ଧତି ବିକଶିତ ହୋଇଛି । ଏଆଇର ଜନକ ଭାବରେ ଜନ ମ୍ୟାକାର୍ଥିଙ୍କ ନାମ ସର୍ବାଗ୍ରେ ସ୍ମରଣ କରାଯାଇପାରେ । କୃତ୍ରିମ ବୁଦ୍ଧିମତ୍ତା ସଂପର୍କରେ ଡାର୍ଟ ମାଉଥ୍ ଗ୍ରୀଷ୍ମକାଳୀନ ଗବେଷଣା ପ୍ରକଳ୍ପ ଦ୍ୱାରା ୧୯୫୬ରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା । ଏହି କର୍ମଶାଳାକୁ 'ଏଆଇର ସାମ୍ବିଧାନିକ ସମ୍ମିଳନୀ' ଭାବରେ ଉଲ୍ଲେଖ କରାଯାଇଛି । ଏହାର ମୁଖ୍ୟ ବିଷୟବସ୍ତୁ ଥିଲା: ସ୍ନାୟୁ ନେଟୱାର୍କ, ଗଣନା ତତ୍ତ୍ୱ, ସର୍ଜନଶୀଳତା ଏବଂ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଏବଂ ଚିହ୍ନଟକରଣ । ପରେ ଏହାର ବ୍ୟବହାର ଓ ଲୋକପ୍ରିୟତା ବୃଦ୍ଧି ପାଇଛି । ଏବେ ଅନୁବାଦ ବ୍ୟତୀତ ସ୍ୱାସ୍ଥ୍ୟସେବା, ବାଣିଜ୍ୟ, ମନୋରଞ୍ଜନ, ପରିବହନ, ଶିକ୍ଷା, କୃଷି, ବିତ୍ତୀୟ ବ୍ୟବସ୍ଥା, ବ୍ୟାଙ୍କିଂସେବା, ରେଳ ଚଳାଚଳ, ସୁରକ୍ଷା ଓ ନିର୍ମାଣ କ୍ଷେତ୍ରରେ ଏଆଇ (କୃତ୍ରିମ ବୁଦ୍ଧିମତ୍ତା)ର ଉପଯୋଗ ଆବଶ୍ୟକ ହେଉଛି ।

ଆମେ ଦୈନନ୍ଦିନ ଜୀବନରେ ଏଆଇ ବ୍ୟବହାର କରୁ ସଂପୂର୍ଣ୍ଣ ଭାବରେ, କିନ୍ତୁ ଏହାକୁ ଅନୁଭବ ନକରି । ଉଦାହରଣ ସ୍ୱରୂପ, ଯେତେବେଳେ ଆମେ ଛୋଟ ରାସ୍ତା ଖୋଜିବା ପାଇଁ ଗୁଗଲ୍ ମ୍ୟାପ୍‌ସ ବ୍ୟବହାର କରୁ, ଏହି ଏଆଇ ଟ୍ରାଫିକ ଗଣନା କରେ ଏବଂ ସର୍ବୋତ୍ତମ ଉପାୟ ସୁପାରିସ୍ କରେ । ନେଟଫ୍ଲିକ୍ସ କିମ୍ବା ୟୁଟ୍ୟୁବ୍ ବ୍ୟବହାର କଲାବେଳେ ଏପରି ଏକ ଚଳଚ୍ଚିତ୍ର କିମ୍ବା ଭିଡିଓ ସୁପାରିସ୍ କରିଥାଏ । ଯେତେବେଳେ ସିରି, ଆଲେକ୍ସା କିମ୍ବା ଗୁଗଲ୍ ଆସିଷ୍ଟାଣ୍ଟ ସହିତ କଥା ହେଉ, ସେତେବେଳେ ଏଆଇ ଚାଳିତ ସ୍ୱରକୁ ଚିହ୍ନି, ଆମେ ଯାହାକହୁ ତାହା ଏଆଇ ବୁଝେ ଏବଂ ପ୍ରତିକ୍ରିୟା ମଧ୍ୟ ଦିଏ । ଆମର ସ୍ମାର୍ଟଫୋନ୍‌ର କ୍ୟାମେରା ମଧ୍ୟ ଏଆଇ ବ୍ୟବହାର କରେ, ମୁଖ ଚିହ୍ନଟ କରେ । ତେବେ ଏହି ଏଆଇ ଶିଖେ କିପରି ? ଠିକ୍ ଯେପରି ଏକ ପିଲା ପର୍ଯ୍ୟବେକ୍ଷଣ ଏବଂ ଅଭ୍ୟାସ କରି ଶିଖେ, ଏଆଇ ସିଷ୍ଟମଗୁଡ଼ିକ ଡାଟା ଦେଖି ଶିଖନ୍ତି । ଯେତେ ଅଧିକ ଉଦାହରଣର

ଉନ୍ନତୀକରଣ ହେବ, ସେତେ ଭଲ ହେବ ।

## ପରିବର୍ତ୍ତନର ବାହକ

ଏଆଇ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣୁଛି । ସ୍ୱାସ୍ଥ୍ୟସେବାରେ ଏଆଇ ଡାକ୍ତରମାନଙ୍କ ସ୍କାନ୍ ଏବଂ ପରୀକ୍ଷା ଫଳାଫଳ ଦେଖି ରୋଗଗୁଡ଼ିକୁ ଶୀଘ୍ର ଚିହ୍ନଟ କରିବାରେ ସାହାଯ୍ୟ କରିପାରେ । କୃଷି କ୍ଷେତ୍ରରେ ଏହା ଫସଲ ନିରୀକ୍ଷଣ ଏବଂ ପାଣିପାଗର ପୂର୍ବାନୁମାନ କରିବାରେ ସାହାଯ୍ୟକରେ । ବ୍ୟାଙ୍କଗୁଡ଼ିକରେ ଏଆଇ ଅସ୍ୱାଭାବିକ କାର୍ଯ୍ୟକଳାପ ଚିହ୍ନଟ କରିବା ଏବଂ ଠକେଇକୁ ବନ୍ଦ କରିବା ପାଇଁ ବ୍ୟବହାର କରାଯାଏ । ତଥାପି ଯେକୌଣସି ଶକ୍ତିଶାଳୀ ଉପକରଣ ପରି, ଏଆଇକୁ ସତର୍କତାର ସହିତ ବ୍ୟବହାର କରାଯିବା ଉଚିତ । ଏହା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ଆମେ ଏହାକୁ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବହାର କରୁ, ସେମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ନୁହେଁ । ଆମକୁ ନିଶ୍ଚିତ କରିବାକୁ ପଡ଼ିବ ଯେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ନିରପେକ୍ଷ, ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହୃତ ହେଉଛି । ଏଥିନିମିତ୍ତ ଆମକୁ ବୈଜ୍ଞାନିକ କିମ୍ବା ଇଞ୍ଜିନିୟର ହେବାର ଆବଶ୍ୟକତା ନାହିଁ । କେବଳ ଏତିକି ଜାଣିବା ଆବଶ୍ୟକ, ଏଆଇ ଆମ ଜୀବନକୁ ସହଜ, ସ୍ମାର୍ଟ ଏବଂ ଅଧିକ ଦକ୍ଷ କରିବା ପାଇଁ ଏଠାରେ ଅଛି । ଏହାର ଲକ୍ଷ୍ୟ ରୋବୋଟ ଦ୍ୱାରା ବିଶ୍ୱକୁ ଦଖଲ କରିବା ନୁହେଁ, ବରଂ ପ୍ରକୃତ ସମସ୍ୟାର ସମାଧାନ ନିମିତ୍ତ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟା ବ୍ୟବହାର ପାଇଁ ଏହା ଉଦ୍ଦିଷ୍ଟ ।

> **ଆମକୁ ନିଶ୍ଚିତ କରିବାକୁ ପଡ଼ିବ ଯେ, କୃତ୍ରିମ ବୁଦ୍ଧିମତ୍ତା ନିରପେକ୍ଷ, ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହୃତ ହେଉଛି ।**

ଏକବିଂଶ ଶତାବ୍ଦୀରେ ମେସିନଗୁଡ଼ିକ ମଣିଷପରି ଚିନ୍ତା କରିବାର ଧାରଣା ଧରି ରହିଆସିଛି । ଆଜି ଏଆଇ ମୁହଁ ଚିହ୍ନିପାରିବ, ଭାଷା ବୁଝିପାରିବ, ଏପରିକି କାହାଣୀ ଲେଖିପାରିବ କିମ୍ବା ସଙ୍ଗୀତ ସୃଷ୍ଟି କରିପାରିବ । ଏହା ବହୁତ ଆଗକୁ ବଢ଼ିଛି ଏବଂ ଏହା କେବଳ ସ୍ମାର୍ଟ ହେଉଛି । କୃତ୍ରିମ ବୁଦ୍ଧିମତ୍ତା ଯାନ୍ତ୍ରିକ ଓ ବିଷୟବସ୍ତୁ ଅନୁସାରେ କାର୍ଯ୍ୟ କରିବାକୁ ମନୁଷ୍ୟର ସହାୟତା ଦରକାର । ଏହା ସ୍ୱତଃ କୌଣସି ଜ୍ଞାନକୌଶଳ ହାସଲ କରିପାରେନାହିଁ । ଯେଉଁ ତଥ୍ୟ କମ୍ପ୍ୟୁଟରକୁ ପୂର୍ବରୁ ପ୍ରଦାନ କରାଯାଇଥାଏ, ସେହି ତଥ୍ୟ ଆଧାରରେ ବହୁତ କମ୍ ସମୟରେ କାର୍ଯ୍ୟ କରିଥାଏ । ପୂର୍ବ ତଥ୍ୟ ଆଧାରରେ ଏହା ସାହିତ୍ୟ, ସଂଗୀତ, କଳା ଓ ସ୍ଥାପତ୍ୟକୁ ପୁନର୍ଜୀବିତ କରିପାରେ । ମାତ୍ର କୌଣସି ନିଷ୍ପତ୍ତି ନେବାରେ ସଂପୂର୍ଣ୍ଣ ଅକ୍ଷମ ଅଟେ । କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କାହାର ଭାବନା ଓ ସମ୍ବେଦନକୁ ବୁଝି କାର୍ଯ୍ୟ କରିବା ପାଇଁ ଆଦୌ ସଚେତନ ନୁହେଁ । ସାମାଜିକ ସ୍ଥିତିକୁ ଅନୁଧ୍ୟାନ କରି କିପରି ଏଆଇ କାର୍ଯ୍ୟ କରିପାରିବ, ସେ ବିଷୟରେ ଗବେଷଣା ଚାଲୁ ରହିଛି ।

## କମ୍ପ୍ୟୁଟରରେ ଭାଷା

ଏବେ କମ୍ପ୍ୟୁଟରରେ ଭାଷା ବ୍ୟବହାର ସହିତ ଅନେକ ଭାଷା-ସମ୍ବନ୍ଧୀୟ ସୁବିଧା ଦ୍ରୁତଗତିରେ ଉପଲବ୍ଧ ହୋଇଛି । 'ୟୁନିକୋଡ୍' ପ୍ରଚଳନ ସହିତ ବିଶ୍ୱର ସମସ୍ତ ଭାଷା ଓ ଲିପିରେ କମ୍ପ୍ୟୁଟର ପ୍ରବେଶ କରିବାର ପଥ ପ୍ରଶସ୍ତ ହୋଇଛି । ବୈଜ୍ଞାନିକମାନେ କମ୍ପ୍ୟୁଟରଗୁଡ଼ିକୁ ସଂଖ୍ୟାତ୍ମକ ଏବଂ ତାର୍କିକ ଆଚରଣରେ ଭାଷାଗତ ଦକ୍ଷ କରିବା ପାଇଁ ଅନେକ ପ୍ରୟାସ ଆରମ୍ଭ କରିଛନ୍ତି । ଏବେ କୌତୂହଳ ହେଉଛି ଯେ, ଏହି ମେସିନଗୁଡ଼ିକ ମଣିଷପରି ଚିନ୍ତା କରିପାରୁଛନ୍ତି କି ନାହିଁ ଏବଂ ନିଜର ନିଷ୍ପତ୍ତି ନେଇପାରୁଛନ୍ତି କି ନାହିଁ? ତେବେ ସକରାତ୍ମକ ଫଳାଫଳ ଆସିବା ଆରମ୍ଭ ହୋଇଛି । କମ୍ପ୍ୟୁଟର କ୍ଷେତ୍ରରେ ସମ୍ଭାବନା ପ୍ରକାଶ ପାଇଛି ଯେ, ମେସିନଗୁଡ଼ିକ ମଧ୍ୟ ମଣିଷ ପରି ଶିଖିପାରିବେ ଏବଂ ସେମାନଙ୍କଠାରୁ ସକାରାତ୍ମକ ବ୍ୟବହାର ମଧ୍ୟ ଆଶା କରାଯାଇପାରେ । କମ୍ପ୍ୟୁଟରଗୁଡ଼ିକ ଏବେ ମଣିଷ ଆଚରଣ ଶିଖିବା ଏବଂ ଅନୁସରଣ କରିବା ସକ୍ଷମ ହୋଇପାରିଛି । ବର୍ତ୍ତମାନ କମ୍ପ୍ୟୁଟର ଆମ ଭାଷା ବୁଝିପାରୁଛି ଏବଂ ଏହାର ନିର୍ଦ୍ଦେଶ ଅନୁଯାୟୀ ଇଚ୍ଛିତ କାର୍ଯ୍ୟ କରାଇବା ସମ୍ଭବ ହୋଇପାରିଛି । 'ରୋବୋଟ୍' ହେଉଛି ମଣିଷର କୃତ୍ରିମ ରୂପାନ୍ତର । ଏହି 'ରୋବୋଟ୍'କୁ ମଣିଷର ମସ୍ତିଷ୍କ ଉତ୍ପନ୍ନ କରିବାର ସଂକଳ୍ପ ପୂରଣ କରିବା ପାଇଁ କମ୍ପ୍ୟୁଟର ମଣିଷର ଭାଷା ବୁଝିପାରିବା ଏବଂ ଯୋଗାଯୋଗ କରିପାରିବା ହିଁ ଆବଶ୍ୟକ । ଏହି ପ୍ରକ୍ରିୟାରେ 'କୃତ୍ରିମ ବୁଦ୍ଧିମତ୍ତା' (ଏଆଇ) ଉଦ୍ଭାବନ କରାଯାଇଛି । ଏହି ଦିଗରେ 'ପ୍ରାକୃତିକ ଭାଷା

ପ୍ରକ୍ରିୟାକାରୀ' ସୃଷ୍ଟି ଏକ ବଡ଼ ସଫଳତା ବୋଲି ପ୍ରମାଣିତ ହୋଇଛି । ସୃଜନଶୀଳତା ବିକାଶ ଦ୍ୱାରା ମାନବ ବୁଦ୍ଧିମତ୍ତା ଜ୍ଞାନର ସ୍ତରକୁ ପହଞ୍ଚିପାରିବ । ତଥାପି ପ୍ରଶ୍ନ ହେଉଛି, କୃତ୍ରିମ ବୁଦ୍ଧିମତ୍ତା ତର୍କରୁ ଆଗକୁ ଯାଇ ସର୍ଜନଶୀଳ ହେବ ତ ? ଧୀରେ ଧୀରେ ଆମେ କୃତ୍ରିମ ବୁଦ୍ଧିମତାର କବଳରେ ଫସିଯାଉଛୁ । କୃତ୍ରିମ ବୁଦ୍ଧିମତ୍ତା ଏକ ଖୋଲା ପ୍ଲାଟଫର୍ମ ଭାବରେ ବ୍ୟାପକ ଉପଲବ୍ଧ ହେବାକୁ ଯାଉଛି । କୃତ୍ରିମ ବୁଦ୍ଧିମତ୍ତାକୁ ସେହି ସ୍ତରରେ ଆଣିବା ପାଇଁ ସର୍ବାଧିକ ପ୍ରୟାସ କରାଯିବା ଆବଶ୍ୟକ । ବର୍ତ୍ତମାନ ସୂଚନା ପ୍ରକ୍ରିୟାକରଣର ଯୁଗ । ସୂଚନାର ଭଣ୍ଡାର ଏବେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ସୂଚନା/ତଥ୍ୟ ପ୍ରକ୍ରିୟାକରଣ ଉପକରଣଗୁଡ଼ିକ ଶକ୍ତିର ନୂତନ ବାହକ । ଏକବିଂଶ ଶତାବ୍ଦୀ ହେଉଛି ଡିଜିଟାଲ ଯୁଗ । ଏଥିରେ ପ୍ରଥମ ପର୍ଯ୍ୟାୟ ହେଉଛି ସୂଚନା ବିପ୍ଳବର ଏବଂ ଦ୍ୱିତୀୟ ପର୍ଯ୍ୟାୟ ହେଉଛି, ନ୍ୟୁରାଲ ସିଷ୍ଟମ ଆଧାରରେ ବିକଶିତ କୃତ୍ରିମ ବୁଦ୍ଧିମତ୍ତା । ଏହି କୃତ୍ରିମ ବୁଦ୍ଧିମତା ଏବେ ଶକ୍ତିର ଏକ ନୂତନ ମାଧ୍ୟମ ଭାବରେ ଉଭା ହୋଇଛି । କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବ୍ୟବହାର କରାଯାଉଛି । ବୁଦ୍ଧିରୁ ଜ୍ଞାନ ପର୍ଯ୍ୟନ୍ତ ଯାତ୍ରା । କୃତ୍ରିମ ବୁଦ୍ଧିମତ୍ତା ଏବେ ଏହାର ସୀମା ଅତିକ୍ରମ କରୁଛି ଏବଂ କୃତ୍ରିମ ବୁଦ୍ଧିମତ୍ତାର ସମ୍ଭାବନାକୁ ସାକାର କରୁଛି ।

**ଯଦିଓ ଯନ୍ତ୍ରର ନିଜସ୍ୱ ଭାବନା ନଥାଇପାରେ, ବୁଦ୍ଧିମତ୍ତା ଏବଂ ଯୁକ୍ତି ସହିତ ଯନ୍ତ୍ରଟି ମଣିଷର ଭାବନାକୁ ବୁଝିବାର କ୍ଷମତା ହାସଲ କରୁଛି ।**

## କୃତ୍ରିମ ବୁଦ୍ଧିମତ୍ତାର ମହତ୍ତ୍ୱ

ବୁଦ୍ଧି ଓ ଜ୍ଞାନ ଉଭୟ ମାନବ ମନର ଗୁରୁତ୍ୱପୂର୍ଣ୍ଣ କ୍ଷମତା । ବୁଦ୍ଧି ଚିନ୍ତା କରିବା, ଯୁକ୍ତି କରିବା, ନିଷ୍ପତ୍ତି ନେବା ଏବଂ ବୁଝିବାର କ୍ଷମତା ସହିତ ଜଡ଼ିତ । ଏହା ମାନବ ମନର କର୍ତ୍ତୃତ୍ୱପୂର୍ଣ୍ଣ, ଯୁକ୍ତିଯୁକ୍ତ ଏବଂ ତାର୍କିକ ଚିନ୍ତାଧାରାର ଶକ୍ତିକୁ ଦର୍ଶାଏ । ବୁଦ୍ଧିମତ୍ତା ସାହାଯ୍ୟରେ ଜଣେ ବ୍ୟକ୍ତି ସବୁକିଛି କରିପାରିବ । 'କୃତ୍ରିମ ବୁଦ୍ଧିମତ୍ତା' ପ୍ରାପ୍ତ ତଥ୍ୟକୁ ଭଲ ଭାବରେ ବିଶ୍ଳେଷଣ କରି ଏବଂ ନିଷ୍ପତ୍ତିଯୋଗ୍ୟ ନିଷ୍କର୍ଷ ଦେଇ, କମ୍ପ୍ୟୁଟରକୁ ମଣିଷ ପରି କାମ କରିବା, ସେମାନଙ୍କ ଭାଷା ବୁଝିବା, ଯୋଗାଯୋଗ ସ୍ଥିତିରେ ରଖିଛି । ଏହା ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଏବଂ ଯୁକ୍ତିର ଶକ୍ତି ଦେଇଛି । ଯଦିଓ ଯନ୍ତ୍ରର ନିଜସ୍ୱ ଭାବନା ନଥାଇପାରେ, ବୁଦ୍ଧିମତ୍ତା ଏବଂ ଯୁକ୍ତି ସହିତ ଯନ୍ତ୍ରଟି ମଣିଷର ଭାବନାକୁ ବୁଝିବାର କ୍ଷମତା ହାସଲ କରୁଛି । ବୁଦ୍ଧି ଏକ ଯୁକ୍ତି ପ୍ରଣାଳୀ । ବୁଦ୍ଧି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସଂପୂର୍ଣ୍ଣ ଭାବରେ ଯୁକ୍ତିଯୁକ୍ତ, ଜ୍ଞାନ ଅଭିଜ୍ଞତା, ଜ୍ଞାନ ଏବଂ ବୁଝାମଣାର ଗଭୀରତାକୁ ସୂଚିତକରେ । ତେବେ ସଂକ୍ଷେପରେ ଏତିକି କୁହାଯାଇପାରେ ଯେ, ବୁଦ୍ଧି ହେଉଛି ଯୁକ୍ତିଯୁକ୍ତ ଏବଂ ନିର୍ଣ୍ଣାୟକ, ଯେତେବେଳେ ମେଧା ଅଧିକ ବୁଝାମଣା, ଅଭିଜ୍ଞତା ଏବଂ ଜ୍ଞାନକୁ ବୁଝାଏ । କମ୍ପ୍ୟୁଟିଂ ଆଚରଣରେ, ଚେତନ ଓ ଅବଚେତନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଇଣ୍ଟରନେଟ୍‌ରେ କମ୍ପ୍ୟୁଟରର ନେଟୱାର୍କରେ ବହୁଭାଷୀ ସୂଚନା ଏବଂ ନିଷ୍କର୍ଷ ବ୍ୟାପକ ଭାବରେ ସଂରକ୍ଷିତ ହୋଇଥାଏ । ପ୍ରାକୃତିକ ଭାଷା ଆଲଗୋରିଦମରୁ ଏହି ସୂଚନା ଆଧାରରେ କୃତ୍ରିମ ବୁଦ୍ଧିମତା କାର୍ଯ୍ୟକରେ । ଏହି କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଆପ୍‌ଗୁଡ଼ିକ ମୁଖ୍ୟତଃ ଚାଟ୍ ଜିପିଟି, ଆମାଜନ୍ ଆଲେକ୍ସା, ସିରି, ଗୁଗଲ୍ କ୍ଲାଉଡ, ଗ୍ରାମରଲି, ଜେମିନି ମାଇକ୍ରୋସଫ୍ଟ, ବିଙ୍ଗ୍, କାନାଭା, କୋରା ସାଉଣ୍ଡ ହାଉଣ୍ଡ୍, ମେଟା ଏଆଇ, ଇମେଜ୍ ଏଡିଟିଂ, ଗୁଗଲ୍ ଟ୍ରାନ୍ସଲେସନ ପ୍ରଭୃତି ।

କୃତ୍ରିମ ବୁଦ୍ଧିମତ୍ତା ଓଡ଼ିଆ ଭାଷା, ସାହିତ୍ୟ ଏବଂ ଐତିହ୍ୟର ସଂରକ୍ଷଣ ସମୃଦ୍ଧି ଏବଂ ଆଧୁନିକୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରେ । କୃତ୍ରିମ ବୁଦ୍ଧିମତ୍ତା ବିଜ୍ଞାନର ଏକ ସମାନ୍ତରାଳ ଉଦ୍‌ଭାବନା । ଏହି ପଦ୍ଧତିରେ କମ୍ପ୍ୟୁଟର ପ୍ରତ୍ୟେକ ବିଷୟବସ୍ତୁକୁ ଅଧ୍ୟୟନ ଓ ବିଶ୍ଳେଷଣ କରେ । ନିମ୍ନମତେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିବ । ଯଥା:

୧. ଡିଜିଟାଇଜେସନ ଏବଂ ସଂରକ୍ଷଣ: ତିନି ସହସ୍ରାବ୍ଦୀରୁ ଅଧିକ ପୁରୁଣା ସାହିତ୍ୟିକ ଆଧାରରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ଏହା ବିଶ୍ୱର ଅଧିକାଂଶ ସର୍ବାଧିକ କଥିତ ଭାଷା ଅପେକ୍ଷା ପୁରୁଣା । ଅନ୍ୟ ଅନେକ ଭାରତୀୟ ଭାଷା ତୁଳନାରେ ଓଡ଼ିଆରେ ଉପଲବ୍ଧ ଅନ୍‌ଲାଇନ୍ ବିଷୟବସ୍ତୁ ବହୁତ ସୀମିତ । ଏହାର ସମସ୍ୟା ହେଉଛି ଫଣ୍ଟର ସମସ୍ୟା । ୟୁନିକୋଡ୍ ଫଣ୍ଟ ବ୍ୟବହାର ଏବଂ ମୂଲ୍ୟବାନ ବିଷୟବସ୍ତୁକୁ ଡିଜିଟାଇଜେସନ କରିବା ଭଳି ପ୍ରଯୁକ୍ତିବିଦ୍ୟା ଉନ୍ନତିର ଅଭାବ । ଡିଜିଟାଲ ଡେସ୍କଟପ୍ ପ୍ରକାଶନ (ଡିଟିପି)

ପ୍ରକାଶିତ ସମ୍ବଳଗୁଡ଼ିକ ଅଧିକାଂଶ ଏପର୍ଯ୍ୟନ୍ତ ସନ୍ଧାନଯୋଗ୍ୟ ଭାବରେ ଉପଲବ୍ଧ ନୁହେଁ । ଫଣ୍ଟଗୁଡ଼ିକ ପ୍ରାୟତଃ କୌଣସି ପାଠକକୁ କୌଣସି ବିଷୟବସ୍ତୁ ସନ୍ଧାନ, ପ୍ରବେଶ, ପୁନଃବ୍ୟବହାର ଏବଂ ଉଦ୍ଧୃତି କରିବାକୁ ଅନୁମତି ଦିଏନାହିଁ । ବର୍ତ୍ତମାନ 'ୟୁନିକୋଡ୍'ମାନକ ବିଶ୍ୱବ୍ୟାପୀ ଗ୍ରହଣ / ବ୍ୟବହାର କରାଯାଇଛି । ଆଗାମୀ ପ୍ରକାଶନଗୁଡ଼ିକ ୟୁନିକୋଡ୍ ବ୍ୟବହାର ଦ୍ୱାରା ଡିଜିଟାଇଜେସନ କରି ଅନ୍‌ଲାଇନରେ ପ୍ରକାଶ କରିବା ପାଇଁ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରି । ଫଳରେ ଶାସ୍ତ୍ରୀୟ ସାହିତ୍ୟ, ଅନ୍ୟାନ୍ୟ ଶାସ୍ତ୍ର, ଅଭିଧାନ, ଶବ୍ଦକୋଷ, ପତ୍ରିକା, ଗବେଷଣା ପତ୍ର ଏବଂ ପାଣ୍ଡୁଲିପି, ଉପଯୋଗୀ ଓଡ଼ିଆ ପୁସ୍ତକଗୁଡ଼ିକ ଅନ୍‌ଲାଇନରେ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଉପଲବ୍ଧ ହୋଇପାରିବ । ଏହା କେବଳ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ ଦ୍ୱାରା ସହଜ ହେବ ।

୨. ଓଡ଼ିଆ ପାଇଁ ଓସିଆର (ଅପ୍ଟିକାଲ୍ କ୍ୟାରେକ୍ଟର ରେକଗ୍ନିସନ୍) ସଫ୍ଟୱେର୍ ଏବଂ ମୂଲ୍ୟବାନ ବିଷୟବସ୍ତୁ ଡିଜିଟାଇଜେସନ୍ ପାଇଁ ଅତ୍ୟାଧୁନିକ ସ୍କାନର ଭଳି ପ୍ରଯୁକ୍ତିବିଦ୍ୟା ଉନ୍ନତିର ଅଭାବ ପରିଲକ୍ଷିତ ହୁଏ । ଆଉ ଏକ ସମସ୍ୟା ହେଉଛି, ତଥ୍ୟ ଗୋପନୀୟତା ।



୩. ସଂରକ୍ଷଣ ପାଇଁ ବହୁତ ମେମୋରି ସ୍ଥାନ ଆବଶ୍ୟକ । କେବଳ ଚିତ୍ର ଆକାରରେ ପୁସ୍ତକଗୁଡ଼ିକୁ ସ୍କାନିଂ ଏବଂ ଅପଲୋଡ୍ କରିବା ବହୁତ ସାହାଯ୍ୟ କରିବ ନାହିଁ । ଏପରିକି ଡକ୍ୟୁମେଣ୍ଟଗୁଡ଼ିକୁ ଡାଉନ୍‌ଲୋଡ କରିବା ପାଇଁ ବହୁତ ସମୟ ଲାଗେ, ଯାହାକି ବ୍ୟବହାରକାରୀଙ୍କ ପାଇଁ ଏହା ନିରୁତ୍ସାହଜନକ କାରଣ ହୋଇପାରେ । ତେଣୁ ଓଡ଼ିଆ ଭାଷାର ବିକାଶ ତଥା ଆଧୁନିକ ଜୀବନର ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟବହାର ଯୋଗ୍ୟତା ବୃଦ୍ଧି କରିବା ନିମିତ୍ତ 'କୃତ୍ରିମ ବୁଦ୍ଧିମତ୍ତା' (ଏଆଇ) ଏକମାତ୍ର ଉପାୟ ।

୪. ତମ୍ବାପଟା, ତାଳପତ୍ର ପାଣ୍ଡୁଲିପି, ଶିଳାଲେଖ ପ୍ରଭୃତିର ଡକ୍ୟୁମେଣ୍ଟେସନ୍ (ସଂରକ୍ଷଣ) ହେଉଛି ଆମ ସମୃଦ୍ଧ ପୂର୍ବପୁରୁଷଙ୍କ ପ୍ରମାଣ । ପୁରୁଣା ସମୟରୁ ଓଡ଼ିଆ ଭାଷାରେ ବହୁ ସଂଖ୍ୟତ ମୁଦ୍ରିତ ପୁସ୍ତକ ଏବଂ ସାମଗ୍ରୀର ଉପଲବ୍ଧତା କ୍ରମଶଃ ହ୍ରାସ ପାଉଛି ଓ କ୍ଷତିଗ୍ରସ୍ତ ହେଉଛି । ଏହା ଜନସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରୁନାହିଁ । ତେଣୁ ଏହି ସମ୍ବଳଗୁଡ଼ିକର ସଂରକ୍ଷଣ ହେଉଛି ଏହି ସମସ୍ୟାର ସମାଧାନ । 'କୃତ୍ରିମ ବୁଦ୍ଧିମତ୍ତା'ର ଏଥିରେ ଉପଯୋଗ ହୋଇପାରିବ । ତେଣୁ ଏଆଇ ଆଧାରିତ ଓସିଆର ଉପକରଣଗୁଡ଼ିକର ଆବଶ୍ୟକତା ରହିଛି ।

୫. ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ (ଏନ୍‌ଏଲ୍‌ପି) ଓଡ଼ିଆ ଭାଷା ନିମିତ୍ତ ପ୍ରୟୋଗ କରାଯାଇଛି । ଯନ୍ତ୍ରାନୁବାଦ ପାଇଁ ନିୟମ ଆଧାରିତ ପଦ୍ଧତି (ରୁଲ୍ ବେସ୍‌ଡ୍ ମେସିନ୍ ଟ୍ରାନ୍ସଲେସନ), ନମୂନା ଆଧାରିତ ଯନ୍ତ୍ରାନୁବାଦ (ଏକ୍‌ଜାମ୍ପଲ୍ ବେସଡ୍ ମେସିନ୍ ଟ୍ରାନ୍ସଲେସନ୍), ପରିସଂଖ୍ୟାନ ଯାନ୍ତ୍ରିକ ଅନୁବାଦ (ଷ୍ଟାଟିଷ୍ଟିକାଲ୍ ମେସିନ୍ ଟ୍ରାନ୍ସଲେସନ୍) ପ୍ରଭୃତି ଅନୁସୃତ ହେଉଛି । କିନ୍ତୁ ମାନବକୃତ ଅନୁବାଦରେ ମନୁଷ୍ୟ ଯେପରି ବିଚାରବୁଦ୍ଧି ଅନୁସାରେ ମୂଳପାଠକୁ ତର୍ଜମାକରି ଲକ୍ଷ୍ୟପାଠରେ ପରିବର୍ତ୍ତନ କରିପାରେ, ଯନ୍ତ୍ରାନୁବାଦରେ ତାହା ସମ୍ଭବ ହୋଇପାରେନାହିଁ । କାରଣ ଶବ୍ଦତତ୍ତ୍ୱ (ଲେକ୍ସିକାଲ୍) ଓ ଅର୍ଥତତ୍ତ୍ୱ (ସେମାଟିକାଲ୍) ସ୍ତରରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବାରେ ଯନ୍ତ୍ରାନୁବାଦରେ ସେପରି ସଫଳତା ମିଳିନଥାଏ । କାରଣ ଯନ୍ତ୍ରାନୁବାଦରେ ଅନୁବାଦର ଗୁଣବତ୍ତା ସ୍ଥିର ଓ ସାମ୍ୟ ରହେ । ଏଥିନିମିତ୍ତ ତାଲିମପ୍ରାପ୍ତ ଏଆଇ (କୃତ୍ରିମ ବୁଦ୍ଧିମତ୍ତା ମଡେଲଗୁଡ଼ିକ ବ୍ୟବହାର କରାଯାଇପାରିବ । ଓଡ଼ିଆକୁ ବୁଝିବା ଏବଂ କହିବା ପାଇଁ ଭଏସ୍ ଆସିଷ୍ଟାଣ୍ଟ (ସ୍ୱର ସହାୟକ)ଗୁଡ଼ିକୁ ସକ୍ଷମ କରିବାକୁ ହେବ । ଏବେ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ପଦ୍ଧତି ଉଦ୍‌ଭାବନ ପରେ ଭାଷା ବିଜ୍ଞାନୀମାନେ ଏହି ପଦ୍ଧତିରେ ପ୍ରାକୃତିକ ଭାଷାର ଯାନ୍ତ୍ରିକ ଅନୁବାଦ ଆରମ୍ଭକରି ସଫଳ ହୋଇଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟରେ ଏଆଇ(କୃତ୍ରିମ ବୁଦ୍ଧିମତା) କିପରି କାର୍ଯ୍ୟକାରୀ ହୋଇପାରିବ ସେ ସଂପର୍କରେ ସଂକ୍ଷେପରେ କିଛି କୁହାଯାଇପାରେ । ଯଥା:

୬. ଓଡ଼ିଆ ପାଇଁ 'କୃତ୍ରିମ ବୁଦ୍ଧିମତ୍ତା' ଚାଳିତ ଲେଖା ସହାୟକ:

(କ) ଓଡ଼ିଆରେ ବ୍ୟାକରଣ ଏବଂ ବନାନ ସଂଶୋଧନ ପରାମର୍ଶ ।
(ଖ) ଲେଖକମାନଙ୍କୁ ସେମାନଙ୍କର ଓଡ଼ିଆ ଲେଖା ଉନ୍ନତି କରିବାରେ ସାହାଯ୍ୟ ।
(ଗ) ବିଭିନ୍ନ ଚିନ୍ତାଧାରା ପରାମର୍ଶ ଦେଇ ସର୍ଜନଶୀଳ ଲେଖା ପ୍ରକ୍ରିୟାରେ ସହାୟତା ।

୭. ଓଡ଼ିଆରେ ଟେକ୍ସଟ-ଟୁ-ସ୍ପିଚ୍ (ଟିଟିଏସ୍) ଏବଂ ସ୍ପିଚ୍-ଟୁ-ଟେକ୍ସଟ(ଏସ୍‌ଟିଟି) କମ୍ପ୍ୟୁଟର ଦକ୍ଷତାନୁସାରେ ବକ୍ତବ୍ୟକୁ ଲିଖିତ ଭାଷାରେ ଏବଂ ଲିଖିତ ବିଷୟକୁ ବକ୍ତବ୍ୟ ସ୍ତରକୁ ଆଣିବାକୁ ହେଲେ ଅନେକ ନିୟମର ଅନୁପାଳନ କରାଯାଇଥାଏ । ଯେପରିକି ବ୍ୟାକରଣ ନିୟମ ଅନୁସାରେ ବାକ୍ୟ, ଶବ୍ଦ ଓ ଧ୍ୱନି ସମୂହକୁ ବିରାଜିତ କରି ଶବ୍ଦର ପ୍ରଯୁଜ୍ୟ ଅର୍ଥ ବ୍ୟାକରଣିକ ସଂଯୋଗ, ପାଠ ବିଭାଜନ, ଶବ୍ଦ ବିଭାଜନ ପ୍ରଭୃତି ବହୁତ କାର୍ଯ୍ୟ ସ୍ୱୟଂକ୍ରିୟ ଭାବରେ ସଂପାଦିତ ହୋଇଥାଏ । ଏହି ପ୍ରକ୍ରିୟାକୁ (ପ୍ରି ଆଡଜର୍ଣ୍ଣିଂ ଗ୍ରାମାର୍) ବା 'ଟ୍ୟାଗ୍' କୁହାଯାଏ । ତାହା ହେଉଛି ବାକ୍ୟର ବିଶେଷ୍ୟପଦ, କ୍ରିୟାପଦ, ବିଶେଷଣ, ଲିଙ୍ଗ, ବଚନ, କାରକ, ବିଭକ୍ତି, ଅବ୍ୟୟ ଓ ସର୍ବନାମ ପଦଗୁଡ଼ିକୁ କମ୍ପ୍ୟୁଟର ମାଧ୍ୟମରେ ବିଭାଜନ କରି ବକ୍ତବ୍ୟକୁ ପାଠରେ ପରିଣତ କରିବା ସମୟରେ ଏପରି ଆବଶ୍ୟକତା ଜରୁରି । ଏହି ପ୍ରକ୍ରିୟା ଏଆଇ ଦ୍ୱାରା ସମ୍ଭବ ହୁଏ । ତେଣୁ ଅଡିଓ ପୁସ୍ତକ ପାଇଁ ଓଡ଼ିଆ ପାଠ୍ୟକୁ ବକ୍ତବ୍ୟରେ ରୂପାନ୍ତର କରିବା, ଦୃଷ୍ଟିହୀନ ପାଠକମାନଙ୍କୁ ସାହିତ୍ୟ ଭାଷାରେ ପ୍ରବେଶ କରିବାରେ ସାହାଯ୍ୟ କରିବ ।

**ଏଆଇ ଓଡ଼ିଆ ଭାଷା ଓ ସାହିତ୍ୟର ବିଷୟବସ୍ତୁ, ଐତିହାସିକ ଧାରା ତଥା ଶୈଳୀଗତ ଧାରା ଚିହ୍ନଟ କରିବ ।**

୮. ସାହିତ୍ୟିକ ବିଶ୍ଳେଷଣ: ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଓଡ଼ିଆ ଭାଷା ସାହିତ୍ୟର ବିଷୟବସ୍ତୁ, ଐତିହାସିକ ଧାରା ଏବଂ ଶୈଳୀଗତ ଧାରା ଚିହ୍ନଟ କରିବା ପାଇଁ ସାହାଯ୍ୟ କରିବ । ଏହାସହିତ ଶିକ୍ଷାଗତ ଗବେଷଣା ସହ ତୁଳନାତ୍ମକ ସାହିତ୍ୟିକ ଅଧ୍ୟୟନରେ ମଧ୍ୟ ଭୂମିକା ନିର୍ବାହ କରିବ । କାରଣ ଏକ ଦଶନ୍ଧି ଧରି ଓଡ଼ିଆ ଉପନ୍ୟାସରେ ଗ୍ରାମୀଣ ବିଷୟବସ୍ତୁର ବିବର୍ତ୍ତନକୁ ବିଶ୍ଳେଷଣ କରୁଥିବା ଏକ ଏଆଇ ଉପକରଣ କାର୍ଯ୍ୟ କରୁଛି । କିନ୍ତୁ ମାନବ ସର୍ଜନଶୀଳତା ଏବଂ ବିଶେଷକତା ଭୂମିକା ସଂପର୍କରେ ବିତର୍କ ସୃଷ୍ଟି ହୋଇଥାଏ ।

୯. ସାଂସ୍କୃତିକ ପୁନରୁଦ୍ଧାର ଏବଂ ଲୋକଗୀତ ସଂରକ୍ଷଣ: ବିଲୁପ୍ତ ପ୍ରାପ୍ତ ପ୍ରାୟ ୧୯୭ଟି ଭାଷାକୁ ୟୁନେସ୍କୋ ଦ୍ୱାରା ବିପଦପୂର୍ଣ୍ଣ ଭାଷା ବୋଲି ଘୋଷଣା କରାଯାଇଛି । ଭାଷାର କ୍ଷତି ସେତେବେଳେ ଘଟେ, ଯେତେବେଳେ ଭାଷାର ଆଉ କୌଣସି ସ୍ଥାନୀୟ ଭାଷାଭାଷୀ ନଥାଏ ଏବଂ ଏକ 'ମୃତଭାଷା' ହୋଇଯାଏ । ତେଣୁ ବିଲୁପ୍ତ ହେବାର ଆଶଙ୍କା ଥିବା ଉପଭାଷାରେ କୁହାଯାଇଥିବା ଲୋକଗଳ୍ପଗୁଡ଼ିକୁ ଲିପିବଦ୍ଧ ଏବଂ ଅନୁବାଦ କରି ଏଆଇ ଓଡ଼ିଶାର ମୌଖିକ ପରମ୍ପରା ଏବଂ ଆଦିବାସୀ ସାହିତ୍ୟକୁ ସଂରକ୍ଷଣ କରିବାରେ ଏକ ଭୂମିକା ଗ୍ରହଣ କରିପାରିବ । ଲେଖକ, ପାଠକ ଏବଂ ବିଦ୍ୱାନମାନଙ୍କୁ ସମର୍ଥନ କରିବା ସହିତ ମାନବ ଭାବନାର ଗଭୀରତାକୁ ଅନୁସନ୍ଧାନ କରିବାରେ ସାହାଯ୍ୟ କରିବ ।

ଏଆଇ (କୃତ୍ରିମ ବୁଦ୍ଧିମତ୍ତା)ର ସମ୍ଭାବନା ବିପୁଳ ତଥା ଉଜ୍ଜ୍ୱଳ । କିନ୍ତୁ ଏଥିନିମିତ୍ତ ଆମ ନିକଟରେ ଅନେକ ସମସ୍ୟା ମଧ୍ୟ ଦେଖାଦେଇଛି । ସେଗୁଡ଼ିକର ସମାଧାନ ମଧ୍ୟ କରିବାକୁ ପଡ଼ିବ । ଯେପରିକି ଏଆଇ ମଡେଲଗୁଡ଼ିକୁ ତାଲିମ ଦେବା ପାଇଁ ବୈଷୟିକ ପ୍ରତିବନ୍ଧକ, ପ୍ରଯୁକ୍ତିବିଜ୍ଞାନୀ, ଭାଷାବିତ୍, ଓଡ଼ିଆ ସାହିତ୍ୟିକ, ବିଦ୍ୱାନ ଏବଂ ନୀତି ନିର୍ଦ୍ଧାରକମାନଙ୍କ ମଧ୍ୟରେ ସହଯୋଗର ଅଭାବ, ସାଂସ୍କୃତିକ କ୍ଷେତ୍ରରେ ଜନସଚେତନତା ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପକରଣଗୁଡ଼ିକର ଗ୍ରହଣୀୟତା ଅଟେ । ଏ ସମସ୍ତ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ, ବିଭିନ୍ନ ବୈଷୟିକ କମ୍ପାନୀ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ସହଯୋଗ ରହିଲେ ଆମେ ଏ ଦିଗରେ ଯଥେଷ୍ଟ ଆଗକୁ ଅଗ୍ରସର ହୋଇପାରିବା । ଜାତୀୟ ଭାଷା ଅନୁବାଦ ମିଶନ (ଏନଏଲ୍‌ଟିଏମ୍) ପରି ଅନୁଷ୍ଠାନର ସରକାରୀ ସମର୍ଥନ ଜରୁରି । ବିଭିନ୍ନ ଶିକ୍ଷଣ ଆପ୍‌ସରେ ଓଡ଼ିଆକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସହିତ ସହଯୋଗ ଏକାନ୍ତ ଆବଶ୍ୟକ । ଉପଯୁକ୍ତ ସମର୍ଥନ ଏବଂ ସକାରାତ୍ମକ ଦୃଷ୍ଟିକୋଣ ସହିତ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଓଡ଼ିଆ ଭାଷା ସାହିତ୍ୟକୁ ପ୍ରକୃତରେ ଯୋଗ୍ୟ ବିଶ୍ୱସ୍ତରୀୟ ସ୍ୱୀକୃତି ଦେବାରେ ଏକ ଶକ୍ତିଶାଳୀ ସହଯୋଗୀ ହୋଇପାରିବ ।

□□

ଲେଖକଙ୍କ ଇ-ମେଲ ଠିକଣା:
udayanath28@gmail.com

ଗଳ୍ପ


# ସଂପର୍କ



ନାରୁ ମହାନ୍ତି

ଖବରକାଗଜ, ଟିଭି କି ସାଙ୍ଗମେଳିରୁ ସଂଗ୍ରହ କରିଥିବା ସୂତ୍ରକୁ ନେଇ ଗପ କି କବିତାଟିଏ ଲେଖି ଖବରକାଗଜ କି ପତ୍ରପତ୍ରିକାକୁ ଲେଖାଟି ପଠେଇ ଆତ୍ମପ୍ରସାଦ ଲାଭ କରୁଥିବା ଲୋକଙ୍କ ଭିତରୁ ସେ ଜଣେ ନୁହନ୍ତି । ନୁହନ୍ତି ମାନେ ସେମିତି ରହିବାକୁ ସେ କେବେ ହେଲେ ଇଚ୍ଛା କରିନାହାନ୍ତି ।

ନାହିଁ ତ ହାଟବଜାର ବୁଲି, ସାଙ୍ଗସାଥୀରେ ବସି ଗୁଲିଖଟି କରି, ରାତିରେ ଏଇ ସଦ୍ୟ ଅର୍ଜିତ କଥା କାହାଣୀର ମୂଳସୂତ୍ରରୁ ଲେଖାଟିକୁ ଜନ୍ମଦେଇ ସାହିତ୍ୟିକ ବନିବାର ଏଇ ଯେ ଫର୍ମୁଲା ଏବଂ ସେଥିରୁ ପ୍ରାପ୍ତ ଫଳଗୁଡ଼ିକରୁ ଯେ କି ପ୍ରକାର ସାହିତ୍ୟ ପ୍ରସ୍ତୁତ କରାଯାଉଛି, ସେ ବିଷୟରେ ଟିକେ ଭାବିଚିନ୍ତି ଗୋପାଳ ଦାସ ବ୍ରହ୍ମଦଉ ନିଜକୁ ନିଜେ ପ୍ରଶ୍ନ କଲେ- ଆରେ ବେଟା, ତୁ ଏମିତି ଗୋଟେ ନ ହେଲୁ କାହିଁକି ? ବଜାରକୁ ଗଲି ଯାହା ପାଇଲି ଆଣି ରାନ୍ଧିଲି-ଖାଇଲି ଆଉ ଖୁଆଇଲି ! କ'ଣ କିଛି ଖରାପ କାମ କଲି ? ବଜାରରୁ ଅମଳ ଫଳମୂଳ, ପରିବାପତ୍ର, ମସଲାମସଲି, ତେଲଲୁଣରୁ ପ୍ରସ୍ତୁତ ଏମିତି ସ୍ୱାଦିଷ୍ଟ ଖାଦ୍ୟ ଖାଇ ତମେ ଯଦି ଖୁସ୍, ଆମେ ବି ଖୁସ୍ । ନା କ'ଣ କହୁନାହାନ୍ତି ।



ତେୟାଶୀବର୍ଷିଆ ବ୍ରହ୍ମଦଉ ମନକୁ ମନ ଟିକେ ମୁରୁକେଇ ହସିଲେ ଏବଂ ନିଜ ସହିତ ନିଜେ କଜିଆକରି ଭାବିଲେ- ଆରେ ଦେବଭୂମି ହେଉ କି ନର୍ଦ୍ଦମା ହେଉ, କଥାର ସ୍ୱତନ୍ତ୍ରତା ହିଁ ଅସଲ । ସେଥିରୁ କିଛି ନୂଆକଥା ଜନ୍ମ ନେଇଛି ନା ସେଇ ଚର୍ବିତଚର୍ବଣ ଘଟଣାବଳୀ, କାହାଣୀ ? ଯଦି ନୂଆ କିଛି ମିଳିଯାଇଛି, ତାହା ତ ଅମୂଲ୍ୟରତ୍ନ !

ଏମିତି ମନେକରି ବ୍ରହ୍ମଦଉ ଦିନେ ଇଚ୍ଛାକଲେ, ନିଜ ଜନ୍ମସ୍ଥାନକୁ ଯିବେ । ଏକା ଏକା ଯିବେ । ସେଠି ତ ନିଜର ହୋଇ କିଛି ଘରଦ୍ୱାର ନାହିଁ । ଗାଁରେ ବିଧବା ଭାଉଜ, ପୁତୁରା ଓ ତା'ର ସ୍ତ୍ରୀ ଏବଂ ତାଙ୍କର ଗୋଟିଏ ବୋଲି ପୁଅ । ପ୍ରାୟ ଚଉଦ ପନ୍ଦର ବର୍ଷ ହେବ ସେ ସେମାନଙ୍କୁ ଦେଖିନାହାନ୍ତି କି ସେମାନେ ବ୍ରହ୍ମଦଉଙ୍କ ପାଖକୁ ଆସିନାହାନ୍ତି । ମାନେ ସଂପର୍କଟା ଏମିତି । ମୂଳରୁ ବି ଏମିତି ସଂପର୍କ ଥିଲା ।

ପୁତୁରାର ହିସାବରେ ଦାଦାଟା ସ୍ୱାର୍ଥପର ଆଉ ଅମଣିଷ ଏବଂ ବ୍ରହ୍ମଦଉଙ୍କ ହିସାବରେ ପୁତୁରାର ପରିବାରର ପ୍ରତ୍ୟେକ ନିଜ ନିଜ ହାତରେ ଚଉଦପା' ।

ଦାଦା ହିସାବରେ ସେ ପୁତୁରାର ପରିବାରକୁ କେତେ ଲୋଡ଼ିଛନ୍ତି କି ପୁତୁରା ଦାଦାଖୁଡ଼ିଙ୍କୁ କେତେ ପଚାରିଛନ୍ତି, ତାହା ବି ଆଲୋଚନାର ପ୍ରସଙ୍ଗ ନୁହେଁ । ସଂପର୍କ ବୋଲି କିଛି ଗୋଟାଏ ଥିଲେ ତ ପଚରାପଚରି ଲୋଡ଼ାଲୋଡ଼ି ହୁଅନ୍ତେ !

ଅତୀତରେ ଯାହା ଦେବାନେବା, ସେଗୁଡ଼ାକୁ କିଏ ମନେରଖିଛି ? ପୁତୁରା କାହିଁକି ସେକଥା ମନେପକେଇବ ନା ବ୍ରହ୍ମଦଉ କାହିଁକି ନା ସେକଥା ଉଖୁରେଇବେ ? ଆଉ ଯିଏ ବି ପାଟି ଖୋଲିବା କଥା, ସେଇ ଭାଉଜଙ୍କ ମୁହଁରେ ତ ତୁଣ୍ଡି । ତୁଣ୍ଡି ସେ ନିଜ ହାତରେ ନିଜେ ବାନ୍ଧି ହୋଇଛନ୍ତି ନା ପୁଅବୋହୂ ବାନ୍ଧି ଦେଇଛନ୍ତି, ତାହା ଯେ ଅଦୃଶ୍ୟ !

ଏହା ସତ୍ତ୍ୱେ ପୁତୁରା ବର୍ଷକୁ ଦି' ଚାରିଥର ଦାଦାଙ୍କୁ ଫୋନ୍‌କରେ । ଦାଦା ସେମିତି ଦି'ଚାରିଥର ପୁତୁରାକୁ ଫୋନ୍ କରନ୍ତି । ଫୋନ୍ କରିବାର ବିଷୟବସ୍ତୁ ପୈତୃକ ସମ୍ପତ୍ତିର ଜଳକର ଖଜଣା ଆଦିକୁ ନେଇ ।

ଏଇତ ବର୍ଷକ ତଳେ ଭାଉଜ ହସ୍‌ପିଟାଲରେ ପଡ଼ିଥିବା ଖବର ପୁତୁରା ଫୋନ୍‌ରେ ଜଣାଇଲା । ସେତେବେଳକୁ ଭାଉଜ

ଆଠଦିନ ହେବ ହସ୍‌ପିଟାଲରେ ପଡ଼ିରହିଛନ୍ତି ।

ପରଦିନ ବ୍ରହ୍ମଦତ୍ତ ଗାଡ଼ିଟେ ଭଡ଼ାକରି ସ୍ତ୍ରୀଙ୍କୁ ଧରି ଗଲେ ସେଇ ଦୂର ହସପିଟାଲକୁ । ସେଠି ଭାଉଜଙ୍କୁ ଭେଣ୍ଟିଲେଟ୍‌ରରେ ଧକୋଉଥିବା ଦେଖି ସେ କହିଲେ ପୁତୁରାକୁ– ଆରେ ତୁ ଏ ଅପନ୍ତରା ହସ୍‌ପିଟାଲ୍‌ରେ ବୋଉକୁ ଆଣି ପକେଇଲୁ କାହିଁକି ? ଏଠି ତ ଭଲଲୋକ ବେମାରିଆ ହେଇଯିବ । ତାଙ୍କ ନାଁରେ ତ ସରକାରୀ ସ୍ୱାସ୍ଥ୍ୟକାର୍ଡ ଥିବ । ତୁ ତାଙ୍କୁ କଟକ କି ଭୁବନେଶ୍ୱର ବଡ଼ ହସ୍‌ପିଟାଲ ନେଇପାରିଥାନ୍ତୁ !

ଯାହାହେଉ ଦିନକ ପରେ ପୁତୁରା ଭୁବନେଶ୍ୱରର ଗୋଟେ ବଡ଼ ପ୍ରାଇଭେଟ୍ ହସ୍‌ପିଟାଲରେ ତା'ବୋଉକୁ ଆଣି ଭର୍ତ୍ତିକଲା ଏବଂ ପାଞ୍ଚଦିନ ପରେ ତା'ବୋଉ ସୁସ୍ଥ ହୋଇ ଗାଁକୁ ଫେରିଗଲେ । ଭୁବନେଶ୍ୱରର ସେଇ ହସ୍‌ପିଟାଲକୁ ବ୍ରହ୍ମଦତ୍ତ ପତ୍ନୀଙ୍କ ସହ ଯାଇ ଭାଉଜଙ୍କୁ ଦେଖି ଆସିଥିଲେ ।

ଫେରିଯିବା ପୂର୍ବରୁ ପୁତୁରା ଫୋନ୍‌ରେ କହିଥିଲା ଯେ ସେ ସେଦିନ ଗାଁକୁ ଫେରିଯାଉଛି ।

**ଏଇ ଶେଷ ଝଲକରୁ କାଣିଚାଏ କାଫି । ଏତିକିରୁ କ'ଣ ଜାଣି ହେଉନି, ଦାଦା ପୁତୁରାଙ୍କ ସଂପର୍କ କେତେ ମଧୁର ?**

ବ୍ରହ୍ମଦତ୍ତ କହିଲେ– ଆରେ ମୋ' ଘରବାଟ ଦେଇ ତୁ ଗାଁକୁ ଯାଆ । ବେଶି ତ ବୁଲାଣି ରାସ୍ତା ନୁହେଁ ।


ପୁତୁରା କହିଲା– ମୁଁ ତ ଆପଣଙ୍କ ଘରକୁ ରାସ୍ତା ଜାଣିପାରିବିନି । ଆପଣ ଆସି ରସୁଲଗଡ଼ ଛକରେ ଛିଡ଼ାହେଲେ ଆମର ଦେଖାସାକ୍ଷାତ ହେଇଯିବ । ମୁଁ ଟ୍ୟାକ୍‌ସିରେ ବୋଉକୁ ଧରି ଯାଉଛି ।

ବାସ୍, ଦାଦା ପୁତୁରାଙ୍କ ସଂପର୍କର ଏଇ ଶେଷ ଝଲକରୁ କାଣିଚାଏ କାଫି । ଏତିକିରୁ କ'ଣ ଜାଣି ହେଉନି, ଦାଦା ପୁତୁରାଙ୍କ ସଂପର୍କ କେତେ ମଧୁର ?

ଆଜିକାଲିକା ଡିଜିଟାଲ ଇଣ୍ଟରନେଟ୍ ଯୁଗରେ ଦେଶର କେଉଁ ଜାଗା ଯେ ଅଜଣା ଅଶୁଣା ଅଣଦେଖା ରହିଯାଇଛି ସହଜ ବଜାରରେ ? ଫୋନ୍ କରିଦେଲେ ଯେତେବେଳେ ଅଜଣା ଅଟୋ କି ଟ୍ୟାକ୍ସିବାଲା ଆସି ଦୁଆରମୁହଁରେ ହାଜର ହେଇଯାଇଛନ୍ତି ।

□□

ଲେଖକଙ୍କ ଇ-ମେଲ ଠିକଣା:
naramohanty1943@gmail.com



# ଏ ସଂଖ୍ୟାର ମଲାଟ ଚିତ୍ର

ଏହି ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଚିତ୍ରଟିକୁ ନିଜ ତୂଳିରେ ରୂପଦେଇଛନ୍ତି ଚିତ୍ରଦେବ ଶ୍ରୀ ବଳଦେବ ମହାରଥୀ ।

ଚିତ୍ରଟି ସମ୍ବନ୍ଧରେ ନିଜର ଭାବନା ବ୍ୟକ୍ତ କରି ଶ୍ରୀ ମହାରଥୀ କହନ୍ତି, "ଶକ୍ତିପୂଜନ ପରଂପରା ଆମ ଧର୍ମଧାରଣାରୁ ଊର୍ଦ୍ଧ୍ୱତର ଏକ ଉପଲବ୍ଧି ବୋଲି ବିଶ୍ୱାସ କରାଯାଇଥାଏ । ସାଂପ୍ରତିକ କାଳରେ ନାରୀ ନିର୍ଯାତନା, ଦୁଷ୍କର୍ମକୁ ନେଇ ସବୁଠି ସାମାଜିକ ସ୍ଥିତି ବିପନ୍ନ । ସେଥିପାଇଁ ଏକ ସାମୂହିକ ନିବେଦନ କ୍ରମରେ ମହାମାୟାଙ୍କୁ ଶକ୍ତି ସ୍ୱରୂପିଣି ଓ ଦୁର୍ଗତିନାଶିନୀ ଭାବରେ ନମ୍ର ଆବାହନ କରାଯାଇଛି ଚିତ୍ରରେ ।"

ଅନୁଭୂତି

# ପ୍ରେମର ପ୍ରଥମ ସ୍ପର୍ଶ



ସନ୍ତୋଷ କୁମାର ପଟ୍ଟନାୟକ

ସମସ୍ତଙ୍କ ଜୀବନରେ ବୋଧହୁଏ ଏଇ 'ପ୍ରେମ' ନାମକ ଶବ୍ଦର ଅଳ୍ପ ବହୁତ ଅନୁଭୂତି ଥିବ ବୋଲି ମୋର ଧାରଣା । ପ୍ରକୃତପକ୍ଷେ ଏହା ଏକାନ୍ତ ବ୍ୟକ୍ତିଗତ ଓ ସ୍ପର୍ଶକାତର ବିଷୟ । ମୁଁ ପଢୁଥିବା କଲେଜର ସାଂସ୍କୃତିକ ଉତ୍ସବର ପାଳନ ଅବସରରେ ଜଣେ ଲବ୍ଧପ୍ରତିଷ୍ଠ ଓ ସୁବିଖ୍ୟାତ ଲେଖକଙ୍କୁ ପ୍ରଧାନ ଅତିଥି ଭାବରେ ନିମନ୍ତ୍ରଣ କରିବାର ସୁଯୋଗ ପାଇଥିଲି । ତାଙ୍କର ସମ୍ଭାଷଣରେ ସେ କହିଥିଲେ, ଏହି ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦ 'ପ୍ରେମ' ଗୋଟିଏ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ରର ଗୀତର ପଂକ୍ତି ଅନୁସାରେ ମନକୁ ମନ ହୋଇଯାଇଥାଏ । ଚେଷ୍ଟା ଦ୍ୱାରା ଏହା ହୁଏନାହିଁ ବା ସମ୍ଭବ ନୁହେଁ । ଆହୁରି ମଧ୍ୟ ସେ କହିଥିଲେ, ଯଦି ନିଜର ସେପରି କିଛି ଅନୁଭୂତି ଅଛି, ତା'ହେଲେ ସତ୍ୟନିଷ୍ଠ ହୋଇ ଘଟଣାଟି ଲେଖ, ପାଠକମାନଙ୍କ ଦ୍ୱାରା ନିଶ୍ଚିତ ଆଦୃତ ହେବ ।

**ମୋର ବ୍ୟକ୍ତିଗତ ଜୀବନର ଅନୁଭବରେ ଥିବା ଏହିପରି ଏକ ଘଟଣାକୁ ଲେଖିବି କି ନାହିଁ ଚିନ୍ତାକରି ଦ୍ୱନ୍ଦ୍ୱରେ ଥିଲି ।**

ମୋର ବ୍ୟକ୍ତିଗତ ଜୀବନରେ ଅନୁଭବ ଥିବା ଏହିପରି ଏକ ଘଟଣାକୁ ଲେଖିବି କି ନାହିଁ ଚିନ୍ତାକରି ଦ୍ୱନ୍ଦ୍ୱରେ ଥିଲି । 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀଙ୍କ ସହିତ ଏ ବିଷୟରେ କିଛି ବାର୍ତ୍ତାଳାପ କରି ତାଙ୍କର ମତ ଲୋଡ଼ିଥିଲି । ଆଉ ଏକଥା ମଧ୍ୟ କହିଥିଲି ଯେ, ମୁଁ ବର୍ତ୍ତମାନ ଜଣେ ବରିଷ୍ଠ ନାଗରିକ ହୋଇସାରିଛି । ସେ ହସି ହସି କହିଥିଲେ, ଏହା ଆପଣଙ୍କର ଏକ ସାହସିକ ପଦକ୍ଷେପ; କିନ୍ତୁ ସବୁ ଘଟଣା ସତ ଲେଖିବେ, ପାଠକମାନଙ୍କୁ ଭଲ ଲାଗିବ । ତେଣୁ ସତ୍ୟ ପ୍ରତି ପ୍ରତିବଦ୍ଧ ରହି ମୋର ଏହି କ୍ଷୁଦ୍ର ଉଦ୍ୟମ ।

### ଅବିବାହିତ ଥିଲି

ପୁଲିସ ବିଭାଗରେ ଚାକିରି ମୋର ପୁରୀ ଜିଲ୍ଲାରେ ଆରମ୍ଭ ହୋଇଥିଲା । ଚାକିରି କାଳର ଅଳ୍ପ କେତେମାସ ପରେ ମୋର ହଠାତ ପିତୃ ବିୟୋଗ ଭଳି ଏକ ଦୁଃଖଦ ଘଟଣା ଘଟିଥିଲା । ଏଭଳି ଏକ ମାନସିକ ଧକ୍କାକୁ ମୁଁ କିଭଳି ସହ୍ୟ କରିବି, ସେଥିପାଇଁ ନିଜକୁ ନିରନ୍ତର କାର୍ଯ୍ୟବ୍ୟସ୍ତ ରଖୁଥିଲି । ମୁଁ ଅବିବାହିତ ଥିଲି । ସମୟ ବା ପାରିବାରିକ ପ୍ରତିବନ୍ଧ ନଥିଲା । ମୁଁ ଆନ୍ତରିକତା ସହିତ ସମସ୍ତ କର୍ତ୍ତବ୍ୟ ପାଳନ କରୁଥିଲି । ବଡ଼ଠାକୁରଙ୍କ ଦର୍ଶନ ପାଇଁ ପୁରୀ ସହରକୁ ଓଡ଼ିଶା ତଥା ଭାରତର ସବୁ ପ୍ରାନ୍ତରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ତଥା ପ୍ରସିଦ୍ଧିଲାଭ କରିଥିବା ବ୍ୟକ୍ତିବିଶେଷଙ୍କର ନିରନ୍ତର ଆଗମନ ହେଉଥିଲା । ମୋର ପୋଷାକ (ୟୁନିଫର୍ମ)ର ପରିଚ୍ଛନ୍ନତା ଓ ଆନୁଷଙ୍ଗିକ ପରିପାଟୀ ଯେପରି ସଠିକ ରୁହେ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ମତେ କୁହାଯାଇଥିଲା । ପୁରୀ ସହରରେ ପୋଲିସର କର୍ତ୍ତବ୍ୟ ନିହାତି ଆହ୍ୱାନପୂର୍ଣ୍ଣ ଥିଲା । ସକାଳ ଆଠଟାରୁ ଦିନ ତିନିଟା ଏବଂ ସଂଧ୍ୟାରୁ 'ରାତି' ଦୁଇଟା ପର୍ଯ୍ୟନ୍ତ କାର୍ଯ୍ୟବ୍ୟସ୍ତ ରହିବା ପରେ କ୍ୱାର୍ଟରକୁ ଫେରି ବିଶ୍ରାମ ନେବାକୁ ସମୟ ମିଳୁଥିଲା । ସେତେବେଳକୁ କ୍ଲାନ୍ତିର ମାତ୍ରା ଏତେ ଅଧିକ ଥାଏ ଯେ, ଅଧିକାଂଶ ଦିନ ରାତ୍ରି ଭୋଜନ ପାଇଁ ମୋର ଧୈର୍ଯ୍ୟ ନଥାଏ । ତେବେ ଏହାଦ୍ୱାରା ମୋର ଗୋଟିଏ ଲାଭ ହେଉଥିଲା । ମୋ' ଦେହରେ ଅଧିକା କିଛି ଚର୍ବି ଜମିବା ସମ୍ଭବ ହେଉନଥିଲା । ମୋର ଟ୍ରେନିଂ ପରର ଶାରୀରିକ ଦକ୍ଷତା ପୁରୀରେ ଚାକିରି କରିବା ପର୍ଯ୍ୟନ୍ତ ଅପରିବର୍ତ୍ତିତ ଥିଲା ।

କିଛିଦିନ ପରେ ମୋତେ ପୁରୀ ସହରରେ ଯାନବାହନ ନିୟନ୍ତ୍ରଣ (ଟ୍ରାଫିକ)ର ଗୁରୁଦାୟିତ୍ୱ ମିଳିଥିଲା । ମୋର ଏହି ପୋଷ୍ଟିଂ ସମ୍ବନ୍ଧରେ ଏକ କ୍ଷୁଦ୍ର ସମ୍ବାଦ ଖବରକାଗଜରେ ବାହାରିଥିଲା । ମୁଁ ଖଲ୍ଲିକୋଟ କଲେଜରେ ପଢୁଥିବା ସମୟରେ ଆନ୍ଧ୍ରପ୍ରଦେଶର ବାସିନ୍ଦା ଜଣେ ଅନ୍ତରଙ୍ଗ ବନ୍ଧୁ ତଥା ସହପାଠୀ ଖବରକାଗଜରୁ ମୋର ପୋଷ୍ଟିଂ ଖବର ଜାଣି ଫୋନରେ ମୋତେ ଶୁଭେଚ୍ଛା ଜଣାଇଥିଲେ । ଆଉ କହିଥିଲେ, ତାଙ୍କର

ସାନଭାଇ ଓ ପିତାମାତା ପୁରୀ ରେଲୱେ କଲୋନୀରେ ରହୁଛନ୍ତି । ତାଙ୍କ ସାନଭାଇ ଯାହାର ନାଁ 'ଚିଟି' ସେ ମୋତେ ଭେଟିବାକୁ ଆସିବ । ଏଇ ଟେଲିଫୋନ ପାଇବାର ଦୁଇ ତିନିଦିନ ପରେ ମୁଁ ଥାନାରେ କାର୍ଯ୍ୟରତ ଥିଲାବେଳେ ପତଳା ହୋଇ ବେଶ୍ ଲମ୍ବା ପିଲାଟିଏ ଆସି ମୋତେ ନମସ୍କାର କରିଥିଲା । କହିଥିଲା, 'ଭାଇ, ମୋ' ନାଁ ଚିଟି । ମୋର ବଡ଼ଭାଇ ଆପଣଙ୍କ କଲେଜ ବେଳର ଘନିଷ୍ଠ ବନ୍ଧୁ ।' ମୁଁ ବେଶ୍ ଖୁସି ହୋଇଥିଲି । ଚିଟି କହିଥିଲା, 'ଆପଣ ସବୁଦିନ ଆମ କଲୋନୀକୁ ଲାଗିଥିବା ମୁଖ୍ୟ ରାସ୍ତାରେ ପୁଲିସ ମଟର ସାଇକେଲରେ ଯାଆନ୍ତି, ମୁଁ ଦେଖିଛି ।' ଚିଟି ସାଙ୍ଗେ ପରିଚୟ ହେବାପରେ ଅଧିକାଂଶ ଦିନ ସେ ରେଲୱେ କଲୋନୀର ମୁଖ୍ୟ ଫାଟକ ପାଖେ ଠିଆହୋଇ ମତେ ଅଭିବାଦନ କରି ଘରକୁ ଡାକିଥାଏ । ଏହିପରି କେତେଥର ଯିବାଆସିବା କରିବା ପରେ ଚିଟିର ବାପା ଓ ମା'ଙ୍କ ସାଙ୍ଗରେ ମୁଁ ବେଶ୍ ଘନିଷ୍ଠ ହୋଇଯାଇଥିଲି ।

**ପ୍ରଥମ ଦେଖା**



ପୁରୀ ଟାଉନ ଥାନାରେ ମଝିରେ ମଝିରେ ଶ୍ରୀମନ୍ଦିରରୁ ମହାପ୍ରସାଦ ଆଣି ଆମେ ଥାନା ଷ୍ଟାଫ୍ ସେବନ କରିଥାଉ । ମୁଁ ଭାବୁଥିଲି ଚିଟି ଘରକୁ ମହାପ୍ରସାଦ ନେଇଗଲେ ଭଲହୁଅନ୍ତା । ସେଦିନ ମୁଁ ଥାନାକୁ ଗଲାବେଳେ ଚିଟିଙ୍କ ଘର ସାମନାରେ ମଟରସାଇକେଲ ଅଟକାଇ ଦେଇଥିଲି । ମୋର ଉଦ୍ଦେଶ୍ୟଥିଲା, ଚିଟିର ମା'ଙ୍କୁ ମହାପ୍ରସାଦ ଆଣିବାକଥା ଜଣାଇବି । କିନ୍ତୁ ସେଦିନ କେହି ଘର ବାହାରକୁ ନ ଆସିବାରୁ ବାଧ୍ୟହୋଇ ମଟରସାଇକେଲର ହର୍ଣ୍ଣ ବଜାଇଥିଲି । ଘରର କବାଟ ଖୋଲି ଝିଅଟିଏ ବାହାରକୁ ଆସିଥିଲା । ବଡ଼ ବଡ଼ ଆଖି, ମୁଣ୍ଡରେ ଲମ୍ବାବେଣୀ, ଆକର୍ଷଣୀୟ ଅଙ୍ଗୀଭଙ୍ଗୀ; ସେ ସମୟ (ଅଶୀ ଦଶକ)ର ଜଣେ ଜନପ୍ରିୟ ସିନେମା ଅଭିନେତ୍ରୀଙ୍କ ସହିତ ତାର ବିଶେଷ ସାମଞ୍ଜସ୍ୟ ଥିବାପରି ମୋର ମନେ ହୋଇଥିଲା । ମୁଁ ଦେଖୁଥିଲି, ତା' ମୁହଁରେ ଆଶଙ୍କାର ଚିହ୍ନ । ମୁଁ କିଛି କହିବା ଆଗରୁ ମତେ ଚାହିଁ ସ୍ପଷ୍ଟ ଇଂରାଜୀରେ ପଚାରିଥିଲା, 'ଅଫିସର କାହାକୁ ଖୋଜୁଛନ୍ତି ?' ମୁଁ ମଟରସାଇକେଲରୁ ଓହ୍ଲାଇ ସାମାନ୍ୟ ହସି କହିଥିଲି, 'ମୁଁ ଚିଟିର ବଡ଼ଭାଇ ଅମରର ସାଙ୍ଗ; ଏମିତି ବୁଲି ଆସିଥିଲି, ଆପଣ ?'

ଗୋଟିଏ ମୁହୂର୍ତ୍ତରେ ତା' ମୁହଁରୁ ଆଶଙ୍କା ଓ ଉଦ୍‌ବେଗ ଅନ୍ତର୍ଦ୍ଧାନ ହୋଇ ହସ ଫୁଟି ଉଠିଥିଲା । କହିଥିଲା, 'ମୁଁ ଚିଟିର ମାଉସୀ ଝିଅ ଭଉଣୀ । ଆପଣ ତା'ହେଲେ ଅମରଭାଇଙ୍କ ସାଙ୍ଗ । ଚିଟି ଓ ମାଉସୀ ଏପାଖ ମନ୍ଦିରକୁ ଯାଇଛନ୍ତି, ଆସୁଥିବେ, ଆପଣ ବସନ୍ତୁ । ଅଳ୍ପ ସମୟ ପରେ ଚିଟି ଓ ମାଉସୀ ପହଞ୍ଚିଥିଲେ । ମାଉସୀ ମୋତେ ପରିଚୟ କରାଇ କହିଥିଲେ, ଏ ହେଉଛି 'ଶ୍ରୀଲକ୍ଷ୍ମୀ' (ଏଠାରେ ତାଙ୍କର ନାମଟି ବଦଳାଇ ଲେଖୁଛି)। ମୋର ବଡ଼ଭଉଣୀର ଝିଅ । ଏମାନେ ସବୁ ବିଜୟନଗରରେ ରହନ୍ତି । ଶ୍ରୀଲକ୍ଷ୍ମୀ କଲେଜ ପାଠସାରି ଗୋଟିଏ ଇଂରାଜୀ ମିଡ଼ିୟମ ସ୍କୁଲରେ ଶିକ୍ଷକତା କରୁଛି । ଛୁଟିରେ ପୁରୀ ବୁଲି ଆସିଛି ।' ଏ କାହିଁକି ଇଂରାଜୀରେ କଥାବାର୍ତ୍ତା କରୁଛି ? ମୁଁ ପଚାରିଥିଲି । ମାଉସୀ କହିଥିଲେ, 'ହଁ ପରା, ଆମେସବୁ ଓଡ଼ିଶାର ମୂଳନିବାସୀ । ଲକ୍ଷ୍ମୀ ମଧ୍ୟ ଏକଥା ଜାଣିଛି । କିନ୍ତୁ ବିଜୟନଗରରେ ଓଡ଼ିଆ ସ୍କୁଲ କିମ୍ବା ଓଡ଼ିଆ ଶିଖିବାର କିଛି ସୁବିଧା ନାହିଁ । ତେଣୁ ଶ୍ରୀଲକ୍ଷ୍ମୀ ଓଡ଼ିଆ ଓ ତେଲୁଗୁ ଛଡ଼ା ଆଉ କୌଣସି ଭାଷା ଜାଣେନାହିଁ । କେବଳ ହିନ୍ଦୀ ଓ ଓଡ଼ିଆ ଅଳ୍ପ ଶୁଣି ବୁଝିପାରେ ।' ମୁଁ ମାଉସୀଙ୍କୁ ମହାପ୍ରସାଦ ଆଣିବା କଥା କହିବାରୁ ସେ ବେଶ୍ ଖୁସି ହୋଇଥିଲେ ।

ସେଦିନ ପ୍ରାୟ ଦିନ ତିନିଟା ବେଳକୁ ମୁଁ ମହାପ୍ରସାଦ ନେଇ ଚିଟି ଘରକୁ ଯାଇଥିଲି । ଲକ୍ଷ୍ମୀକୁ ଭୋଗ ଖୁବ୍ ଭଲ ଲାଗିଥିଲା । ମୁଁ ଫେରିବାବେଳେ ମୋ' ପଛେ ପଛେ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଆସି ଧୀର ସ୍ୱରରେ କହିଥିଲା 'ଭୋଗ ବହୁତ ଭଲ ହୋଇଛି । ମୋର ମା'କୁ ମଧ୍ୟ ଭଲଲାଗେ । ସେ ଅଳ୍ପଦିନ ମଧ୍ୟରେ ଏଠିକି ଆସୁଛି, ଏଭଳି ପ୍ରସାଦ ଆଉଥରେ ଆଣିହେବ ?' ମୁଁ ଅଳ୍ପହସି କହିଥିଲି, 'ତମେ ଯେତେବେଳେ କହୁଛ ମାନେ ସୁନିଶ୍ଚିତ ଆଣିବି, ଯେତେଥର କହିବ ! ହାପି ?' ମୁଁ ଲକ୍ଷ୍ୟ କରିଥିଲି, ହସ ସହିତ ଲକ୍ଷ୍ମୀର ଆଖିଦୁଇଟିରେ ଏକ ବିଶେଷ ଆତ୍ମୀୟତାର ଝଲକ । ଅଶେଷ ଧନ୍ୟବାଦ କହି ସେ ଚାଲି ଯାଇଥିଲା । ସେଥର ଲକ୍ଷ୍ମୀ ସାଙ୍ଗରେ କଥାବାର୍ତ୍ତା ପରେ ଅନୁଭବ କରିଥିଲି ଏକ ବିଚିତ୍ର ଶିହରଣ । ଭାବିଲି, ଏହାକୁ ବୋଧହୁଏ ପ୍ରେମ କହନ୍ତି । ଲକ୍ଷ୍ମୀକୁ ଅନେକ କିଛି କଥା କହିବାକୁ ମୋର ଇଚ୍ଛା ହେଉଥିଲା । କିନ୍ତୁ ସେ କେବଳ ଇଂରାଜୀରେ କଥାବାର୍ତ୍ତା କରୁଥିଲା । ମୁଁ ବାଧ୍ୟହୋଇ ଇଂରାଜୀରେ ତା' ସାଙ୍ଗେ କଥାବାର୍ତ୍ତା କରୁଥିଲି ।

ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ହେତୁ ମୁଁ ଚିଟିଙ୍କ ଘରକୁ କେତେଦିନ ହେଲା ଯାଇପାରି ନଥିଲି । ଦିନେ ସକାଳୁ ହଠାତ୍ ଆସି ମୋ' କ୍ୱାର୍ଟରରେ ପହଞ୍ଚିଯାଇଥିଲା । କହିଥିଲା, 'ଭାଇ, ଆପଣଙ୍କୁ ଚାରିଦିନ ହେଲା ଖୋଜୁଛି, ଭେଟ ପାଉନାହିଁ । ଅସନ୍ତାକାଲି ଆମଘରେ ଲଞ୍ଚ ।' ପରଦିନ ମଧ୍ୟାହ୍ନରେ ମୁଁ ଚିଟିଘରେ ପହଞ୍ଚିଥିଲି । ମାଉସୀଙ୍କ ସାଙ୍ଗରେ ବିଭିନ୍ନ କଥାବାର୍ତ୍ତା ବେଳେ ତାଙ୍କର ବଡ଼ଭଉଣୀ ଓ ଲକ୍ଷ୍ମୀର କଥା ମଧ୍ୟ ପଡ଼ିଥିଲା । ସେ କହିଥିଲେ, ଲକ୍ଷ୍ମୀର ବାପା ଆଉ କେତେଦିନ ପରେ ଅବସର ଗ୍ରହଣ କରିବେ । ତା' ଆଗରୁ ଲକ୍ଷ୍ମୀର ବାହାଘର ପାଇଁ ଚିନ୍ତିତ ଅଛନ୍ତି । ଜଣେ ଡାକ୍ତରଙ୍କ ସାଙ୍ଗେ ପ୍ରସ୍ତାବ ପଡ଼ିଛି କିନ୍ତୁ କିଛି ସେପଟୁ ଜଣାଇ ନାହାନ୍ତି । ମଧ୍ୟାହ୍ନରେ ଭୂରିଭୋଜନ । ଲକ୍ଷ୍ମୀ ମୋତେ କିଛି ଅଧିକ ଖାଇବାକୁ ବାଧ୍ୟ କରିଥିଲା । ସେଦିନ ଲକ୍ଷ୍ମୀକୁ ଶୁଖିଲା ମହାପ୍ରସାଦ ଖାଇବାକୁ ଭଲଲାଗେ ବୋଲି ଜାଣିବାକୁ ପାଇଥିଲି । କେତେଦିନ ପରେ ଶୁଖିଲା ଭୋଗ ନେଇ ଚିଟିଘରେ ପହଞ୍ଚିଥିଲି । ଲକ୍ଷ୍ମୀ ମୋତେ ଦେଖି ହସି ହସି ସ୍ୱାଗତ କରିଥିଲା ।

'ଗତ ଚାରିଦିନ ହେବ ଆସୁନଥିଲ କାହିଁକି ?' ତାର ଏ ପ୍ରଶ୍ନ ଏଡ଼ାଇ ମୁଁ କହିଥିଲି, 'ତମେ ଜାଣିଛ ତୁମ ପରିବାର ଓଡ଼ିଶାର ମୂଳବାସିନ୍ଦା । ତୁମ ସଙ୍ଗେ ସବୁବେଳେ ଇଂରାଜୀରେ କଥା ହେବାକୁ ମୋତେ ଭଲ ଲାଗୁନାହିଁ । ତମେ ଓଡ଼ିଆ କହିବାକୁ ଚେଷ୍ଟା କରୁନ ? ଓଡ଼ିଆ ଶିଖିବାକୁ ତମକୁ ଅଳ୍ପଦିନ ଲାଗିବ ।'

**ମୁଁ ତା'କୁ କହିଥିଲି, 'ଓଡ଼ିଆ ଶିଖ, କାରଣ ଅନ୍ତରର କଥାକୁ ମାତୃଭାଷାରେ ସହଜରେ ପରିପ୍ରକାଶ କରିହୁଏ ।'**

### ଓଡ଼ିଆ ଶିଖିଯିବି

'ତମେ ଶିଖାଇଲେ ମୁଁ ଅଳ୍ପଦିନରେ ଓଡ଼ିଆ ଶିଖିଯିବି ।' ସେ ହସି ହସି କହିଥିଲା । ମୁଁ କହିଥିଲି, 'ତୁମର ଏଇ ନାଁଟା 'ଶ୍ରୀଲକ୍ଷ୍ମୀ' ବହୁତ ପୁରୁଣାକାଳିଆ ଲାଗୁଛି । ଟିକେ ଆଧୁନିକ ହୋଇଥିଲେ ଭଲ ହୋଇଥାନ୍ତା ।'

ସେ ଉତ୍ତରଦେଲା, ମୋ' ନାଁଟା ମୁଁ ନିଜେ ଦେଇନାହିଁ । ତେବେ ତମେ ମତେ ଯେଉଁ ନାଁ ଦେବ ରାଜି କିନ୍ତୁ ତାହା କେବଳ ତୁମ ପାଇଁ । ମୁଁ ତାକୁ ପୁଣିଥରେ କହିଥିଲି, 'ଓଡ଼ିଆ ଶିଖ, କାରଣ ଅନ୍ତରର କଥାକୁ ମାତୃଭାଷାରେ ସହଜରେ ପରିପ୍ରକାଶ କରିହୁଏ ।' ଲକ୍ଷ୍ୟ କରିଥିଲି, ଲକ୍ଷ୍ମୀ ମୁହଁରେ ଦୁଷ୍ଟାମିର ହସ । ପରିସ୍ଥିତିକୁ ସାମାନ୍ୟ କରିବାକୁ କହିଥିଲି, ତମେ ଓଡ଼ିଆ ନ ଶିଖିଲେ ବାଧ୍ୟହୋଇ ମୁଁ ତେଲୁଗୁ ଶିଖିବା ଆରମ୍ଭ କରିବି । ସେ ଆଶ୍ଚର୍ଯ୍ୟ ହୋଇ ପଚାରିଥିଲା, 'ତମେ ତେଲୁଗୁ ଶିଖିବ ?'। ମୁଁ ଉତ୍ତର ଦେଇଥିଲି, 'ଆଉ କ'ଣ କରିବି ?' । ମୋର ଏକଥା ଶୁଣି ଲକ୍ଷ୍ମୀ ବହୁତ ହସିଥିଲା । କହିଥିଲା, 'ବହୁତ ଦିନ ପରେ ଏତେ ହସିଲି' ।

କେତେଦିନ ପରେ ଚିଟି ମୋତେ ଫୋନ୍ କରିଥିଲା । କହିଥିଲା, 'ବିଜୟନଗରରୁ ଲକ୍ଷ୍ମୀର ମା' ଆସିଛନ୍ତି । ମୋତେ ଦେଖାକରିବାକୁ ଚାହୁଁଛନ୍ତି । ତା'ପରଦିନ ମୁଁ ଚିଟିଙ୍କ ଘରକୁ ଯାଇଥିଲି । ଲକ୍ଷ୍ମୀଙ୍କ ମା'ଙ୍କ ସାଙ୍ଗରେ ଦେଖାହୋଇଥିଲା । ସେଦିନ କାହିଁକି କେଜାଣି ଲକ୍ଷ୍ମୀ ଗମ୍ଭୀର ଜଣାପଡୁଥିଲା । ମୁଁ କଫି ଓ ବିସ୍କୁଟ ଖାଇଲାବେଳେ ଲକ୍ଷ୍ମୀର ମା' ମୋତେ କହିଥିଲେ, 'ଲକ୍ଷ୍ମୀର ବାହାଘର ଜଣେ ଡାକ୍ତରଙ୍କ ସହିତ ଆସନ୍ତା ମାସରେ ହେବାକୁ ସ୍ଥିରୀକୃତ ହୋଇଛି । ତମେ ଛୁଟିନେଇ ଚିଟି ସାଙ୍ଗରେ ଯେମିତି ହେଲେ ଦିନେ ପାଇଁକି ଆସିବ । ଆମେସବୁ କାଲି ବିଜୟନଗର ଚାଲିଯାଉଛୁ' । ମୁଁ ଖାଉଥିବା ବିସ୍କୁଟ କଫିରେ ସଂପୂର୍ଣ୍ଣ ଭିଜିଯାଇଥିଲେ ବି ମୋ' ତଣ୍ଟିରେ ଅଟକି ଯାଇଥିଲା । ମୁଁ କାଶିବାରୁ ଲକ୍ଷ୍ମୀ ମୋ' ପାଖକୁ ଆସି ମୋ' ପିଠିରେ ହାତମାରି କହିଥିଲା, ଧୀରେ ପ୍ଲିଜ୍ । ମୁଁ ବାହାରକୁ ଆସି ମଟରସାଇକେଲ ଉପରେ ବସିଥିଲି । ଲକ୍ଷ୍ମୀ ମୋ' ପଛେ ପଛେ ରାସ୍ତା ଉପରକୁ ଆସି ହ୍ୟାଣ୍ଡେଲରେ ଥିବା ମୋ' ହାତ ଉପରେ ତାର ହାତ ରଖି କହିଥିଲା, 'ମୁଁ ବିଶେଷ ଦୁଃଖିତ ଅଫିସର ।'

'ଅଫିସର ?' ମୁଁ ହତବାକ ହୋଇ ପଚାରିଥିଲି । ସେ ଉତ୍ତର ଦେଇଥିଲା, 'ହଁ, ମୁଁ ଗର୍ବିତ ଯେ, ମୋର ପ୍ରେମିକ ଜଣେ ସ୍ମାର୍ଟ ଓ ୟୁନିଫର୍ମଡ୍ ଅଫିସର । ତମେ ମୋର ପ୍ରଥମ ପ୍ରେମ ଓ ସାରା ଜୀବନ ମୋର ସ୍ମୃତିରେ ରହିବ । କ'ଣ ବିଶ୍ୱାସ ହେଉନି ?' ଲକ୍ଷ୍ମୀର ଦୁଇ ଆଖିରେ ଲୁହ ଚକ୍‌ଚକ୍ କରୁଥିଲା । ଆଉ କିଛି କହିବାକୁ ଚେଷ୍ଟା କରୁଥିଲା । ତା'ର ଓଠ ସାମାନ୍ୟ କମ୍ପିତ ହୋଇ ସ୍ଥିର ହୋଇଯାଇଥିଲା । ମୁଁ କଳା ଚଷମାରେ ମୋର ଆଖିକୁ ଢାଙ୍କି ଦେଇଥିଲି ।

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com




ପ୍ରବନ୍ଧ

# ଓଡ଼ିଆ ଭାଷାରେ ଡେଫ

ସଦାନଂଦ ନାୟକ

ଓଡ଼ିଆ ଲିପିମାଳା ଖୁବ୍ ବିଜ୍ଞାନସମ୍ମତ, ଅଳ୍ପ କେତୋଟି ଦିଗକୁ ବାଦ୍‌ଦେଲେ ଏହା ପ୍ରାୟତଃ ବୈଜ୍ଞାନିକ ରୀତିକୁ ଅନୁସରଣ କରିଥାଏ । ଅନ୍ୟ ପ୍ରକାରେ କହିଲେ, ଓଡ଼ିଆରେ ଯେମିତି କୁହାଯାଏ, ପ୍ରାୟତଃ ସେମିତି ଲେଖାଯାଏ। ଏହା କହିବା ଆଦୌ ଅତ୍ୟୁକ୍ତି ହେବନାହିଁ ଯେ, ଏହି ଲିପିରେ ପୃଥିବୀର ଯେକୌଣସି ଭାଷାକୁ ଅବିକଳ ନ ହେଲେ ବି ପାଖାପାଖି ରୂପ ଦିଆଯାଇ ପାରିବ; ଏଥିନିମନ୍ତେ ଓଡ଼ିଆ ଲିପିରେ ବ୍ୟାପକ ବ୍ୟବସ୍ଥା ରହିଛି ଓ ଏହା ସେମିତି ସାମର୍ଥ୍ୟ ବହନକରେ। ଓଡ଼ିଆ ଲିପି ଉଭୟ ବର୍ଣ୍ଣମାଳାତ୍ମକ ଓ ଅକ୍ଷରାତ୍ମକ। ଏକାଧିକ ସ୍ୱର ଓ ବ୍ୟଂଜନ ବେଳେବେଳେ ଗୋଟିଏ ଧ୍ୱନି ଭାବରେ ଉଚ୍ଚାରିତ ହୋଇ ଗୋଟିକିଆ ଅକ୍ଷର ହୋଇଥାଏ, ଅଥବା ବିକଳ୍ପ ଲିଖନର ବ୍ୟାପକ ବ୍ୟବସ୍ଥା ମାଧ୍ୟମରେ ରୂପ ପାଇଥାଏ ଏଥିରେ। ଓଡ଼ିଆ ଲିପିରେ କେତେକ ଦୁର୍ବଳତା ରହିଥିବା ସତ୍ତ୍ୱେ ଏହା ଏକ ପ୍ରଗତିଶୀଳ ଲିପି, କାରଣ ଭବିଷ୍ୟତର ଅନେକ ଆହ୍ୱାନକୁ ସାମନା କରି ପ୍ରଗତି ପଥରେ ଆଗେଇ ଚାଲିବାର ଓ ତିଷ୍ଠି ରହିବାର ଶକ୍ତି, ସାମର୍ଥ୍ୟ ଏ ଲିପିମାଳା ବହନକରେ। ଦୁଇ ବା ତତୋଧିକ ଅକ୍ଷରର ସଂଯୋଗରେ ସଂଯୁକ୍ତ ଅକ୍ଷର ବା ଯୁକ୍ତାକ୍ଷରଟିଏ ଗଠିତ ହେବା ଏହି ଲିପିମାଳାର ବୈଶିଷ୍ଟ୍ୟ, ଏହି ସଂଯୋଗ ବିଧି ଚତୁର୍ବିଧ ଯଥା- ଊର୍ଦ୍ଧ୍ୱଯୋଗ, ଅଧଃଯୋଗ, ପୂର୍ବଯୋଗ ଓ ପରଯୋଗ। ପୂର୍ବଯୋଗର 'ତ-ଫଳା' (ଉତ୍ସାହ, ଉତ୍କଳ, ଉତ୍ପାଦ ଇତ୍ୟାଦିର 'ତ୍') ଓଡ଼ିଆ ଲିପିମାଳାର ଏକ ବିଶେଷତ୍ୱ ହୋଇଥିଲେ ମଧ୍ୟ, ଏ ସଂପର୍କରେ ଆଲୋଚନା ପ୍ରାୟତଃ ନାହିଁ କହିଲେ କିଛି ଅଧିକ କଥା ହେବନାହିଁ। ଏ ସଂପର୍କରେ ଆଲୋଚନା କରି, ଏହାର ବୈଶିଷ୍ଟ୍ୟ ନିରୂପଣ ସହ ଏହାର ନାମକରଣ କରିବା ଏ ପ୍ରବଂଧର ଲକ୍ଷ୍ୟ।



### ଓଡ଼ିଆ ଲିପିରେ ଫଳା

ଫଳା ହେଉଛି- "ବେଳେବେଳେ ଦୁଇ ବା ତଦୁର୍ଦ୍ଧ୍ୱ ବ୍ୟଂଜନ ମିଶି ଗୋଟିଏ ସଂଯୁକ୍ତବର୍ଣ୍ଣରେ ପରିଣତ ହୋଇ ଏକ ସିଲେବ୍ଲ ଭାବରେ ଉଚ୍ଚାରିତ ହୋଇଥାନ୍ତି। ଏ କ୍ଷେତ୍ରରେ ଗୋଟିଏ ମୂଳ ବ୍ୟଂଜନ ସହିତ ଏକ ବା ଏକାଧିକ ବ୍ୟଂଜନର ସାଂକେତିକ ଚିହ୍ନର ସଂଯୋଗ ଘଟିଥାଏ। ଏହି ସାଂକେତିକ ଚିହ୍ନଗୁଡ଼ିକ ବର୍ଣ୍ଣର ଅଧା, ଫାଳେ ବା ବର୍ଣ୍ଣାଂଶ ହୋଇଥିବା ହେତୁ ଏହି ସାଂକେତିକ ଚିହ୍ନଗୁଡ଼ିକ ଫଳା ଭାବରେ ଅଭିହିତ। ଏହା ମୂଳବର୍ଣ୍ଣର ତଳେ, ଆଗରେ, ଉପରି ଭାଗର ଦକ୍ଷିଣ ପାର୍ଶ୍ୱରେ ସଂଯୁକ୍ତ ହୋଇଥାନ୍ତି।" (ନାୟକ ସଦାନଂଦ, ସ୍ୱର୍ଣ୍ଣ ଭାଷାମର୍ମ, ୨୦୨୨, ପ୍ର. ବିଦ୍ୟା ପ୍ରକାଶନ, କଟକ, ପୃଷ୍ଠା.୩୩, ଝଂକାର, ମାର୍ଚ୍ଚ, ୨୦୧୦, ପୃଷ୍ଠା. ୧୩୪୧-୧୩୪୯) ଓଡ଼ିଆ ଭାଷାରେ ବ୍ୟଂଜନ ବର୍ଣ୍ଣର ସଂଖ୍ୟା ଯେପରି ସ୍ଥିରୀକୃତ ହୋଇନାହିଁ, ସେହିପରି ଫଳାର ସଂଖ୍ୟା ମଧ୍ୟ ଅସ୍ଥିର, ପୁନଶ୍ଚ ତହିଁରେ ଏକରୂପତା ବି ପରିଲକ୍ଷିତ ହୋଇନଥାଏ। ସାଧାରଣରେ କୁହାଯାଏ, ଓଡ଼ିଆ ଭାଷାରେ ୧୩ ଗୋଟି ମାତ୍ରା ଓ ୧୮ ଗୋଟି ଫଳା (ଡେଫକୁ ମିଶାଇ) ପ୍ରଚଳିତ, କିନ୍ତୁ ଓଡ଼ିଆ ଅକ୍ଷର ଶିକ୍ଷା ପୁସ୍ତକ, ବ୍ୟାକରଣଗୁଡ଼ିକରେ ଏଥିରେ ବୈବିଧ ପରିଲକ୍ଷିତ ହୋଇଥାଏ, ଯେପରି-

ଫଳାଗୁଡ଼ିକର ପ୍ରାୟୋଗିକ ଦିଗ ପରପୃଷ୍ଠାରେ ଦିଆଗଲା।

| ଲେଖକଙ୍କ ନାମ | ପୁସ୍ତକର ନାମ | ଫଳା ସଂଖ୍ୟା | ଫଳା କ୍ରମ | ଅନ୍ୟ ଯୋଗ |
|---|---|---|---|---|
| ମଧୁସୂଦନ ରାଓ | ବର୍ଣ୍ଣବୋଧ | ୦୬ | ଯ, ର, ଳ, ବ, ନ, ମ | ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ, ହଳନ୍ତ, ରେଫ |
| ନନ୍ଦୀୟାଚାଂଦ ଦେ | ବର୍ଣ୍ଣମଂଜରୀ | ୦୭ | ଯ, ର, ଳ, ବ, ଣ, ନ, ମ | ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ, ରେଫ |
| ଭାଗୀରଥୀ ମିଶ୍ର | ବର୍ଣ୍ଣଶିକ୍ଷା | ୦୭ | ଯ, ର, ଳ, ବ, ମ, ନ, ର (ଫଳା ବନା) | ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ, ହଳନ୍ତ, ରେଫ |
| - | ମୋ ଛବି ବହି | ୦୯ | ର, ନ, ମ, ଯ, ର, ଳ, ଲ, ବ, ରେଫ | ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ, ହଳନ୍ତ, |
| - | ଚାଟଶାଳୀ ପାଠ | ୦୭ | ଯ୍ୟ, ର, ଳ, ବ, ମ, ନ, ର, | ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ, ହଳନ୍ତ, ରେଫ |

ଭାଷା ବା ଧ୍ୱନିକୁ ଅକ୍ଷର ଲିଖିତରୂପ ପ୍ରଦାନ କରେ । ଭାଷା-କୋଣାର୍କର ଗୋଟିଏ ଗୋଟିଏ ବୃହତ୍ ଶିଳା ହେଉଛି ବର୍ଣ, ଆଉ ସେହି ଶିଳା ମଧ୍ୟରେ ଅଂକିତ ମନୋରମ କାରୁକାର୍ଯ୍ୟ ହେଉଛି ମାତ୍ରା ଓ ଫଳା । ମୂଳବର୍ଣ, ମାତ୍ରା ଓ ଫଳାର ସଂଯୋଗରେ ଭାଷା ରୂପାୟିତ ହୁଏ ରେଖା-ଭାଷାରେ । ଧ୍ୱନିର ବିବିଧ ବୈଚିତ୍ର୍ୟକୁ ଫଳାର ବିଭା କିପରି ଶବ୍ଦରୂପ ପ୍ରଦାନ କରିଥାଏ, ତାହା ଏଠାରେ ବିଚାର୍ଯ୍ୟ । ଯେପରି-କ-ଫଳା: ଚିକ୍କଣ, ଶୁଳ୍କ, ପୁରସ୍କାର; ଜ-ଫଳା: କବ୍ଜା, କଜ୍ଜଳ; ଣ-ଫଳା: କୃଷ୍ଣ, ବିଷ୍ଣୁ; ତ-ଫଳା (ପୂର୍ବଯୋଗ): ଉତ୍କଳ, ଉତ୍ପଳ, ଉତ୍ଥାନ; ତ-ଫଳା (ପରଯୋଗ): ଉକ୍ତ, ରକ୍ତ,ଦାନ୍ତ, ରପ୍ତାନି, ଶସ୍ତା; ଥ-ଫଳା: କାନ୍ଥ, ସ୍ଥାନ, ନ-ଫଳା: ଉନ୍ନତି, ଚିହ୍ନ, ନିମ୍ନ, ବିଘ୍ନ, ମଗ୍ନ , ରତ୍ନ; ମ-ଫଳା: ଆତ୍ମା, ପଦ୍ମ, ଯୁଗ୍ମ, ରଶ୍ମି, ସ୍ମରଣ; ଯ-ଫଳା: ବାକ୍ୟ, ଜ୍ୟୋତି, ପାଠ୍ୟ, ସତ୍ୟ, ବାଦ୍ୟ; ର-ଫଳା (ପୂର୍ବଯୋଗ): ଖର୍ବ, ବର୍ଗ, ମାର୍ଚ୍ଚ, ସ୍ୱର୍ଗ; ର-ଫଳା (ପରଯୋଗ): ଚକ୍ର, ବ୍ୟଗ୍ର, ପତ୍ର; ଋ-ଫଳା: କୃଷକ, ଗୃହ, ନୃପତି, ସ୍ପୃହ; ଲ-ଫଳା: ଶୁକ୍ଳ, ଗ୍ଲାନି, ମ୍ଳାନ; ଲ-ଫଳା: ଉଲ୍ଲାସ, ଗ୍ଲାସ, ପ୍ରହ୍ଲାଦ, ପ୍ଲାନ, ୱ-ଫଳା: ପକ୍ୱ, ଜ୍ୱର, ଦ୍ୱିତୀୟ; ହ-ଫଳା (ବିସର୍ଗ): ଅନ୍ତଃ, ସ୍ୱତଃ, ସାଧାରଣତଃ; ନାସିକ୍ୟ ଫଳା (ଅନୁସ୍ୱାର): ବାଂକ, ଚଂଚଳ, ମୁଂଡ, ନଂଦ, କଂପନ, ଅଂଶ, ସଂଯୋଗ, ସ୍ୱାଗତଂ; ଅନୁନାସିକ୍ୟ ଫଳା (ଚଂଦ୍ରବିଂଦୁ): କଅଁଳ, ବାଉଁଶ, ଗାଁ; ଅପୂର୍ଣ୍ଣ ଫଳା (ହଳନ୍ତ): ବାକ୍, ସତ୍, ବସ୍, ଉଦ୍‌ଘାଟନ ଇତ୍ୟାଦି ।

'ଅ' ସହିତ ଯୋଗ ହୋଇ ବ୍ୟବହୃତ ହେଉଥିବା ହେତୁ ଅନୁସ୍ୱାର, ଚଂଦ୍ରବିଂଦୁ ଓ ବିସର୍ଗକୁ ଅଯୋଗବାହ ବୋଲି କୁହାଯାଏ ।

ଓଡ଼ିଆ ଫଳାରେ ବୈଚିତ୍ର୍ୟ:

ଓଡ଼ିଆ ଫଳା ବ୍ୟବହାର କ୍ଷେତ୍ରରେ ଅନେକ ବୈଚିତ୍ର୍ୟ ପରିଲକ୍ଷିତ ହୋଇଥାଏ, ସେଗୁଡ଼ିକ ହେଉଛି-

(୧) ଫଳାଗୁଡ଼ିକ ମୂଳବର୍ଣର ଆଗରେ, ପଛରେ, ତଳେ ଅଥବା ଉପରେ ସଂଯୁକ୍ତ ହୋଇଥାନ୍ତି । (ଏହା ମୋର ପୂର୍ବ ତଥା ଉଦ୍ଧୃତ ମତଠାରୁ ସାମାନ୍ୟ ଭିନ୍ନ)

(୨) କେବଳ ନାସିକ୍ୟଫଳା ମୂଳବର୍ଣ୍ଣର ପଛରେ ସଂଯୁକ୍ତ ହୋଇଥାଏ, ଅବସ୍ଥିତି ଅନୁସାରେ, ଅର୍ଥାତ୍ ପରବର୍ତ୍ତୀ ବ୍ୟଂଜନର ସ୍ଥିତି ଅନୁଯାୟୀ, ସେଗୁଡ଼ିକ ଙ୍, ଞ୍, ଣ୍, ନ୍. ଅଥବା ମ୍ ଧ୍ୱନିମୂଲ୍ୟ ବହନ କରିଥାନ୍ତି; ଯଥା- ବାଂକ (ଙ୍), ବାଂଛା (ଞ୍), ବେଂଟ (ଣ୍), ବଂଧ (ନ୍), ବାଂଫ (ମ୍), ବଂଶ (ନ୍) ଇତ୍ୟାଦି ।

(୩) ମୂଳବର୍ଣର ଆଗରେ ବ୍ୟବହୃତ

ଫଳାଗୁଡ଼ିକ, 'ମୂଳବର୍ଣ୍ଣ+ଫଳାଧ୍ୱନିମୂଲ୍ୟ' ହୋଇ ଉଚ୍ଚାରିତ ହୋଇଥାନ୍ତି; ଯେପରି- ବାକ୍ୟ (କ୍+ୟ), ଅନ୍ତତଃ (ତ୍+ଅହ୍), ସ୍ୱାଗତଂ (ତ୍+ଅମ୍) ।

(୪) ମୂଳବର୍ଣ୍ଣର ତଳେ ବ୍ୟବହୃତ କେତେକ ଫଳା, 'ମୂଳବର୍ଣ୍ଣ+ଫଳାଧ୍ୱନିମୂଲ୍ୟ' ହୋଇ ଉଚ୍ଚାରିତ ହୋଇଥାନ୍ତି; ଯେପରି- ପରିଷ୍କାର (ଷ୍+କ), କୁବ୍ଜା (ବ୍+ଜ), ବୈଷ୍ଣବ (ଷ୍+ଣ), ସପ୍ତ (ପ୍+ତ), ସୁସ୍ଥ (ସ୍+ଥ), ଜହ୍ନ (ହ୍+ନ), ବିସ୍ମୟ (ସ୍+ମ), ବିପ୍ର (ପ୍+ର), ଶୃଗାଳ (ଶ୍+ର), ବିପ୍ଳବ (ପ୍+ଳ), କ୍ଲାସ୍ (କ୍+ଲ), ସ୍ୱର (ସ+ୱ) ଇତ୍ୟାଦି ।

(୫) ମୂଳବର୍ଣ୍ଣର ଉପରେ ବ୍ୟବହୃତ ଅନୁନାସିକ୍ୟ ଫଳା ବା ଚଂଦ୍ରବିଂଦୁ, 'ମୂଳବର୍ଣ୍ଣ+ ଫଳାଧ୍ୱନିମୂଲ୍ୟ' ହୋଇ ଉଚ୍ଚାରିତ ହୋଇଥାଏ; ଯେପରି- ନାଁ (ନ୍+ଆ+ଅନୁନାସିକତା), ମୁଁ (ମ୍+ଉ+ଅନୁନାସିକତା) ।

(୬) ମୂଳବର୍ଣ୍ଣର ଉପରେ ବ୍ୟବହୃତ ପୂର୍ବଯୋଗ ର-ଫଳା ବା 'ରେଫ', 'ଫଳାଧ୍ୱନିମୂଲ୍ୟ+ମୂଳବର୍ଣ୍ଣ' ହୋଇ ଉଚ୍ଚାରିତ ହୋଇଥାଏ; ଯେପରି- ପୂର୍ବ (ର୍+ବ) ।

**ଆଲୋଚନାରୁ ସ୍ପଷ୍ଟ ହୋଇଥାଏ ଯେ, 'ପୂର୍ବଯୋଗ ର-ଫଳା' ବା 'ରେଫ' ଏବଂ 'ପୂର୍ବଯୋଗ ତ-ଫଳା' ଏକ ବର୍ଗୀୟ ଅଟନ୍ତି ।**

(୭) ମୂଳବର୍ଣ୍ଣର ତଳେ ବ୍ୟବହୃତ ପୂର୍ବଯୋଗ ତ-ଫଳା 'ଫଳାଧ୍ୱନିମୂଲ୍ୟ+ମୂଳବର୍ଣ୍ଣ' ହୋଇ ଉଚ୍ଚାରିତ ହୋଇଥାଏ; ଯେପରି- ବତ୍ସଳ (ତ୍+ସ) ।

ଆଲୋଚନାରୁ ସ୍ପଷ୍ଟ ହୋଇଥାଏ ଯେ, 'ପୂର୍ବଯୋଗ ର-ଫଳା' ବା 'ରେଫ' ଏବଂ 'ପୂର୍ବଯୋଗ ତ-ଫଳା' ଏକ ବର୍ଗୀୟ ଅଟନ୍ତି; ଅର୍ଥାତ୍ ଅନ୍ୟ ଫଳାଗୁଡ଼ିକ ପ୍ରାୟତଃ 'ମୂଳବର୍ଣ୍ଣ+ଫଳାଧ୍ୱନିମୂଲ୍ୟ' ହୋଇ ଉଚ୍ଚାରିତ ହେଉଥିବାବେଳେ ଏହି ଫଳାଦ୍ୱୟ 'ଫଳାଧ୍ୱନିମୂଲ୍ୟ+ମୂଳବର୍ଣ୍ଣ' ହୋଇ ଉଚ୍ଚାରିତ ହୋଇଥାନ୍ତି । କେବଳ ସେତିକି ନୁହେଁ ଆକୃତି ଦୃଷ୍ଟିରୁ ଦୁଇଫଳା ମଧ୍ୟରେ ଅନେକ ସାଦୃଶ୍ୟ ରହିଛି ; (ରେଫ) ଗୋଟିଏ ବର୍ଣ୍ଣର ଉପରେ ଯୋଗ ହେଉଥିବା ସ୍ଥଳେ, ଅନ୍ୟଟି ବର୍ଣ୍ଣର ତଳେ ଯୋଗ ହୋଇଥାଏ । ପୂର୍ବଯୋଗ ର-ଫଳା 'ରେଫ' ଭାବରେ ନାମିତ କିନ୍ତୁ ଓଡ଼ିଆ ଲିଖନର ଏହି ବହୁ ପ୍ରଚଳିତ ବିଶିଷ୍ଟ ଦିଗଟିର ଆଜି ପର୍ଯ୍ୟନ୍ତ କୌଣସି ନାମକରଣ କରାଯାଇନାହିଁ । ଏହାକୁ 'ରେଫ' ଶବ୍ଦର ସାଦୃଶ୍ୟ ଅନୁସାରେ 'ତେଫ' ଭାବରେ ନାମିତ କରାଯାଉ ।

**ତେଫ ଯୋଗ ଓ ଶବ୍ଦ ଗଠନ**

'ତେଫ' ଓଡ଼ିଆ ଲିଖନ ପ୍ରକ୍ରିୟାର ଏକ ଅନନ୍ୟ ବିଭବ । ଏହାର ଅନେକ ବିଶିଷ୍ଟ୍ୟ ରହିଛି । ଏହି ବୈଶିଷ୍ଟ୍ୟଗୁଡ଼ିକୁ ଏହିପରି ବିଚାର କରାଯାଇପାରେ ।

(୧) ଓଡ଼ିଆ ଶବ୍ଦ ଗଠନ ତଥା ଲିଖନରେ ତେଫ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ବିଶେଷତଃ 'ତ୍' ବର୍ଣ୍ଣ ପରେ 'କ', 'କ୍ଷ', 'ଥ', 'ନ', 'ପ', 'ମ', ଏବଂ 'ସ' ବର୍ଣ୍ଣ ରହିଥିଲେ, ସେଠାରେ 'ତ୍' ତେଫ ହୋଇ ପରବର୍ଣ୍ଣ ସହ ଯୋଗ ହୋଇଥାଏ । ଯେପରି-

'କ' ସହ ଯୋଗ- ଅନୁତ୍କର୍ଷ, ଉତ୍କଟ, ଉତ୍କଟତା, ଉତ୍କଣ୍ଠ, ଉତ୍କଣ୍ଠିତ, ଉତ୍କଣ୍ଠା, ଉତ୍କର୍ଣ୍ଣ, ଉତ୍କର୍ଷ, ଉତ୍କଳ, ଉତ୍କଳିକା, ଉତ୍କଳୀ, ଉତ୍କଳୀୟ, ଉତ୍କୀରଣ, ଉତ୍କୀର୍ଣ୍ଣ, ଉତ୍କୁର୍ଣ୍ଣ, ଉତ୍କୋଚ, ଚମତ୍କରଣ, ଚମତ୍କାର, ଚମତ୍କାରୀ, ଚମତ୍କୃତ, ତତ୍କାଳ, ତତ୍କାଳିକ, ତତ୍କାଳୀନ, ତାତ୍କାଳିକ, ଫୁତ୍କାର, ଫୁତ୍କୃତି, ବଳାତ୍କାର, ବଳାତ୍କୃତ, ସତ୍କାର, ସତ୍କୃତି, ସତ୍କ୍ରିୟା, ସତ୍କୁଳ, ସତ୍କୃତ, ସାକ୍ଷାତ୍କାର, ସୀତ୍କାର, ସୀତ୍କୃତ, ସୀତ୍କୃତି ଇତ୍ୟାଦି ।

'କ୍ଷ' ସହ ଯୋଗ- ତତ୍କ୍ଷଣ, ତତ୍କ୍ଷଣାତ୍ ଇତ୍ୟାଦି ।

'ଥ' ସହ ଯୋଗ- ଉତ୍ଥାନ, ଉତ୍ଥାପନ, ଉତ୍ଥିତ ଇତ୍ୟାଦି ।

'ନ' ସହ ଯୋଗ- ରତ୍ନ, ରତ୍ନାବଳି, ରତ୍ନି ଇତ୍ୟାଦି ।

'ପ' ସହ ଯୋଗ-ଅଗ୍ନ୍ୟୁତ୍ପାତ, ଉତ୍ପକ୍ଷ୍ମ, ଉତ୍ପତନ, ଉତ୍ପତ୍ତି, ଉତ୍ପଥ, ଉତ୍ପନ୍ନ, ଉତ୍ପନ୍ନି, ଉତ୍ପଳ, ଉତ୍ପାଟକ, ଉତ୍ପାଟନ, ଉତ୍ପାତ, ଉତ୍ପାଦକ, ଉତ୍ପାଦନ, ଉତ୍ପାଦ୍ୟ, ଉତ୍ପାଦୟିତା, ଉତ୍ପାଦିତ, ଉତ୍ପିଞ୍ଛ, ଉତ୍ପୁଚ୍ଛ, ଉତ୍ପିଂଜର, ଉତ୍ପିପାସୁ, ଉତ୍ପୀଡ଼କ, ଉତ୍ପୀଡ଼ନ, ଉତ୍ପୀଡ଼ିତ, ବିପତ୍ପାତ, ବ୍ୟୁତ୍ପତ୍ତି, ବ୍ୟୁତ୍ପନ୍ନ, ବ୍ୟୁତ୍ପାଦକ, ବ୍ୟୁତ୍ପାଦନ, ଭଟୋତ୍ପଳ, ସମୁତ୍ପନ୍ନ, ସମୁତ୍ପାଟ, ସମୁତ୍ପାଟନ, ସମୁତ୍ପାତ, ସମୁତ୍ପାଦନ ଇତ୍ୟାଦି ।

'ମ' ସହ ଯୋଗ-ଅନ୍ତରାତ୍ମା, ଆତ୍ମଜ, ଆତ୍ମକୃତ, ଆତ୍ମଗତ, ଆତ୍ମଗୋପନ, ଆତ୍ମଗ୍ଲାନି, ଆତ୍ମଘାତୀ, ଆତ୍ମଜ,

ଆତ୍ମଜା, ଆତ୍ମା, ଗରୁତ୍ମତୀ, ଗରୁତ୍ମାନ, ମହାତ୍ମା, ମାହାତ୍ମ୍ୟ, ରାଜବର୍ତ୍ମ, ସଂଶୟାତ୍ମକ, ସଂଶୟାତ୍ମା ଇତ୍ୟାଦି।

'ସ' ସହ ଯୋଗ-ଅଗ୍ନ୍ୟୁତ୍ସବ, ଅନୁତ୍ସାହ, ଅନୁସଂଧିତ୍ସା, ଉତ୍ସ, ଉତ୍ସଂଗ, ଉତ୍ସନ୍ନ, ଉତ୍ସବ, ଉତ୍ସର୍ଗ, ଉତ୍ସାହ, ଉତ୍ସାହକ, ଉତ୍ସାହନ, ଉତ୍ସାହନୀୟ, ଉତ୍ସାହିତ, ଉତ୍ସାହୀ, ଉତ୍ସୁକ, ଉତ୍ସୁକତା, ଉତ୍ସୃଷ୍ଟ, କୁତ୍ସନ, କୁତ୍ସା, କୁତ୍ସିତ, ତତ୍ସମ, ବତ୍ସ, ବତ୍ସତର, ବତ୍ସନାଭ, ବତ୍ସର, ବତ୍ସଳ, ବତ୍ସଳତା, ବତ୍ସଳା, ଭର୍ତ୍ସକ, ଭର୍ତ୍ସନ, ଭର୍ତ୍ସନା, ମନୋତ୍ସର୍ଗ, ମାତ୍ସର, ମାତ୍ସରିକ, ମାତ୍ସର୍ଯ୍ୟ, ମାତ୍ସିକ, ମାତ୍ସ୍ୟିକ, ମାତ୍ସ୍ୟ, ସଂଧିତ୍ସା, ସଂଧିତ୍ସୁ, ସଂବତ୍ସର, ସମୁତ୍ସାଦନ, ସମୁତ୍ସାହ, ସମୁତ୍ସାହନ, ସମୁତ୍ସୁକ, ସାଂବତ୍ସର, ସାଂବତ୍ସରିକ, ହତୋତ୍ସାହ ଇତ୍ୟାଦି।

କିନ୍ତୁ 'କ', 'କ୍ଷ', 'ଥ', 'ନ', 'ପ', 'ମ', 'ସ' ବର୍ଣ ଭିନ୍ନ ଅନ୍ୟ ବର୍ଣ୍ଣ ପୂର୍ବରୁ 'ତ୍' ଥିଲେ ତେଫ ଯୋଗ ହୁଏ ନାହିଁ। ଯେପରି- ଉତ୍‌ଖାତ, ଉତ୍‌ଫୁଲ୍ଲ, ଉତ୍‌ଫୁଲ୍ଲତା, ମୂଳୋତ୍‌ଖାତ, ସମୁତ୍‌ଫୁଲ୍ଲ, ହର୍ଷୋତ୍‌ଫୁଲ୍ଲ ଇତ୍ୟାଦ।




(୨) ତେଫ ଏକ ପ୍ରାଚୀନ ପ୍ରଚଳନ ହୋଇଥିଲେ ମଧ୍ୟ, ଏହାକୁ ବିକଳ୍ପ ଭାବରେ ଲେଖାଯାଇ ପାରିବ। ଯେପରି-

ଅନ୍ତରାତ୍ମା, ଉତ୍‌କ୍ଷିପ୍ତ, ଉତ୍‌କ୍ଷେପ, ଉତ୍‌କ୍ଷେପକ ଉତ୍‌କ୍ଷେପଣ, ଉତ୍‌ଥାନ, ଉତ୍‌ଥାପନ, ଉତ୍‌ଥାପିତ, ଉତ୍‌ଥିତ, ଉତ୍‌ପଥ, ଗରୁତ୍‌ମତୀ, ଗରୁତ୍‌ମାନ, ତତ୍‌କ୍ଷଣ, ତତ୍‌କ୍ଷଣାତ୍, ମହାତ୍‌ମା, ମାହାତ୍‌ମ୍ୟ, ରତ୍‌ନ, ରତ୍‌ନି, ରାଜବର୍ତ୍‌ମ ଇତ୍ୟାଦି।

(୩) 'ନ-ଫଳା, ମ-ଫଳା' ସହିତ ତେଫ ସଂପର୍କାନ୍ୱିତ, କେତେକ ଶବ୍ଦକୁ ଉଭୟ 'ନ-ଫଳା, ମ-ଫଳା' ଏବଂ ତେଫ ମାଧ୍ୟମରେ ଲେଖାଯାଇଥାଏ। ଯଥା- ମହାତ୍‌ମା (ମହାତ୍ମା), ମାହାତ୍‌ମ୍ୟ (ମାହାତ୍ମ୍ୟ), ରତ୍‌ନ (ରତ୍ନ), ରତ୍‌ନି (ରତ୍ନି) ଇତ୍ୟାଦି।

(୪) ଓଡ଼ିଆରେ ବ୍ୟବହୃତ 'ଅଧଃଯୋଗ ବା ନିମ୍ନଯୋଗ ଇ-କାର' (ଆଖି, ଓଧି, ଓଷଧି, ରୁଧିର, କଥିତ, କୁଞ୍ଚି, ବିଧି, ମଥିତ, ମେଥି, ମେଥିକା, ମୈଥିଳୀ) ଏବଂ 'ତେଫର ଚିହ୍ନ' ବେଳେବେଳେ ଦ୍ୱଂଦ୍ୱରେ ପକାଇଥାଏ। ବିଶେଷତଃ 'ଥ' କ୍ଷେତ୍ରରେ ଏହି ଦ୍ୱଂଦ୍ୱ ଉତ୍କଟ, ଯେପରି 'ଏଥିରେ' ଏବଂ 'ଉଥାନ'ରେ ବ୍ୟବହୃତ 'ଥି'; କେତେବେଳେ ଏହା 'ଥି' ତ କେତେବେଳେ 'ତ୍‌ଥା'; ତେବେ ଓଡ଼ିଆ ଲିଖନକୁ ବିଜ୍ଞାନସମ୍ମତ ତଥା ଦ୍ୱଂଦ୍ୱ ରହିତ କରିବାକୁ ହେଲେ ଏହି 'ଅଧଃଯୋଗ ବା ନିମ୍ନଯୋଗ ଇ-କାର'କୁ ପରିହାର କରିବାକୁ ପଡ଼ିବ; ଯାହାକି ବର୍ଣସଂସ୍କାର ତଥା ବନାନ ସଂସ୍କାରର ଏକ ଦିଗ।

(୫) କେତେକ ଏହି ଚିହ୍ନଟିକୁ 'ଦ' ଏବଂ 'ହ'ର ବିଭେଦକ ଭାବରେ ବିବିଚାର କରିଥାନ୍ତି। (ମହାପାତ୍ର ଖଗେଶ୍ୱର, ଓଡ଼ିଆ ଲିପି ଓ ଭାଷା, ଗ୍ରନ୍ଥ ମଂଦିର, କଟକ, ପୃ. ୧୨୬)

ଓଡ଼ିଆରେ 'ତ୍' ନିମନ୍ତେ ବ୍ୟବହୃତ '୍' ଚିହ୍ନଟି ଏକ ବହୁ ପ୍ରଚଳିତ, ପ୍ରାଚୀନ, ସାର୍ଥକ ପ୍ରୟୋଗ, ଏହାକୁ 'ତେଫ' ନାମରେ ନାମିତ କରାଗଲା; ଆବଶ୍ୟକ ସ୍ଥଳେ ଏହାକୁ ବିକଳ୍ପ ବର୍ଣମାଳାତ୍ମକ ପଦ୍ଧତିରେ ମଧ୍ୟ ଲେଖାଯାଇପାରିବ। ଓଡ଼ିଆ ଲିଖନକୁ ବିଜ୍ଞାନସମ୍ମତ ତଥା ଦ୍ୱଂଦ୍ୱ ରହିତ କରିବାକୁ ହେଲେ, ଏହାର ପ୍ରୟୋଗରେ ଦ୍ୱଂଦ୍ୱ ସୃଷ୍ଟି କରୁଥିବା ଅଧଃଯୋଗ ବା ନିମ୍ନଯୋଗ 'ଇ-କାର' ଅବଶ୍ୟ ପରିତ୍ୟାଜ୍ୟ। ତେଫକୁ ମଧ୍ୟ 'ପୂର୍ବଯୋଗ ତ-ଫଳା' ଭାବରେ ବିଚାର କରାଯାଇପାରିବ।

***(ଏହି ପ୍ରବନ୍ଧରେ ଅନୁସ୍ୱାର ଓ ଯୁକ୍ତାକ୍ଷରଗୁଡ଼ିକର ପ୍ରୟୋଗ ଲେଖକଙ୍କର ବ୍ୟକ୍ତିଗତ ନୀତି ଅନୁସାରେ ହୋଇଛି। ଏଥିରେ ଆମେ ସହମତ ଥିବା ଜରୁରୀ ନୁହେଁ। - ସମ୍ପାଦକ)***

□□

ଲେଖକଙ୍କ ଇ-ମେଲ ଠିକଣା:
sadanandanayak.odi@gmail.com



**ଅନୁବାଦ**

# ଦିଗନିର୍ଣ୍ଣୟ ଯନ୍ତ୍ରବିହୀନ ଗୋଟିଏ ଶଂଖ



ମୂଳହିନ୍ଦୀ - ଶରଦ ଯୋଶୀ ଅନୁବାଦ - ମୀନାକ୍ଷୀ ରାଉତରାୟ

ଯାହାକୁ କୁହନ୍ତି ଦିବ୍ୟ, ସେ ସେମିତି ହିଁ ଲାଗୁଥିଲେ। କୌଣସି ଚର୍ମ କୋମଳ କରିବାବାଲା ସାବୁନରେ ସଦ୍ୟ ଗାଧୋଇଥିବା ଭଳି। ଉନ୍ନତ ଲଲାଟ ଆଉ ତା' ଉପରେ ଅପେକ୍ଷାକୃତ ଅଧିକ ଉନ୍ନତ ଚିତା, ନାଲି ଆଉ ଫିକା ହଳଦିଆରେ ମିଶିଥିବା ଇଟାବାଲା ସେଡ୍। ଏହି ରଂଗ କୌଣସି ବୁସସାର୍ଟର ହୋଇଥିଲେ ଆଧୁନିକ ହୋଇଥାଆନ୍ତା। ଚିତାର ଥିଲା, ତେଣୁ ପୁରୁଣା। କିନ୍ତୁ କ'ଣ କରିବା! ଲମ୍ବାବାଳ ପୁଣି ଇତସ୍ତତଃ। ଗଂଜି ଆଉ ଶ୍ୱେତ ଧୋତିକା (ମୋ' ମତରେ ପ୍ରାଚୀନ କାଳରେ ନିଶ୍ଚୟ ଧୋତିକୁ ଧୋତିକା କହୁଥିବେ), ପାଦରେ ଖଡ଼-ଖଡ଼ ନିନାଦ କରିବାବାଲା କଠଉ। କୌଣସି ଗଭୀର କାର୍ଯ୍ୟକ୍ରମ କରିବାର ସଂଭାବନାରେ ବୁଡ଼ି ରହିଥିବା ଆଖି। ହାତରେ ଗୋଟେ ରତ୍ନ ପରି ଶଂଖ। ସବୁକିଛି ସୁନ୍ଦର, ସମ୍ପୂର୍ଣ୍ଣ ଓ ବୈଶିଷ୍ଟ୍ୟପୂର୍ଣ୍ଣ।

> **ଶିକ୍ଷିତମାନଙ୍କୁ ଉତ୍ତର ଜଣାଥିଲେ, ଏ ପର୍ଯ୍ୟନ୍ତ ଦେଶର ସବୁ ପ୍ରଶ୍ନର ସମାଧାନ ହୋଇଯାଇଥାନ୍ତା।**

ସେହି ସମୟରେ ସୂର୍ଯ୍ୟ ଛକ ଉପରେ ଥିଲେ, ଲଞ୍ଚର ଭାରତୀୟ ପରଂପରା ଅନୁସାରେ ଭରପୂର ଭୋଜନ କରିବା ପରେ ପାନ ଖାଇବା ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇ ଛକକୁ ଯାଇଥିଲି। ସେଠାରେ ମୁଁ ସେହି ତେଜସ୍ୱୀ ବ୍ୟକ୍ତିତ୍ୱଙ୍କ ଦର୍ଶନ କଲି।

"ବାବୁ, ଉତ୍ତର କେଉଁଠି, କେଉଁପଟେ ଅଛି ?"

ମୋତେ ମୋ' ପ୍ରତି ଏହି ବାବୁ ସମ୍ବୋଧନ ଭଲ ଲାଗିଲା ନାହିଁ। ଆଜି ମୁଁ ସରକାରୀ ଚାକିରିରେ ଥିଲେ, ପ୍ରମୋସନ ପାଇ ଛୋଟ ମୋଟ ଅଫିସର ହୋଇଯାଇଥାଆନ୍ତି ଆଉ ଗୋଟେ ଛୋଟ ପରିଧି ଭିତରେ ସାହେବ କହୁଥାଆନ୍ତେ। ଛାଡ଼, ମୁଁ ମାଇଣ୍ଡ୍ କଲିନାହିଁ। ଯେଉଁପରି ଭାବରେ ଦାର୍ଶନିକ ଅସୁବିଧାରେ ରୁନ୍ଧି ହୋଇଥିବା ବ୍ୟକ୍ତି ଜୀବନର ଅଭିବୃଦ୍ଧିରେ ଠିଆ ହୋଇଥାଏ, ସେପରି ଭାବେ ମୁଁ ମନକୁ ବୁଝାଇ ଦେଲି କି କୌଣସି ଛାୟାବାଦୀ ଆଲୋଚକର ପୁସ୍ତକ ଏହି ବ୍ୟକ୍ତି ପାଇଁ ଲାଭଦାୟକ ହେବ। ନିଜ ସ୍ୱରରେ ଏକପ୍ରକାର ଜୈନେନ୍ଦ୍ରି ଗମ୍ଭୀରତା ନେଇ ମୁଁ ପଚାରିଲି- "କି ଉତ୍ତର ଭାଇ, ତୁମର ପ୍ରଶ୍ନ କ'ଣ ?"

ନିଜର ଦିବ୍ୟ ନେତ୍ରରେ ସେ ମୋତେ ଦେଖିଲେ ଯେମିତି ସେ କୌଣସି ପରମ ମୂର୍ଖକୁ ଦେଖୁଛନ୍ତି ଆଉ କହିଲେ, "ମୁଁ ଉତ୍ତର ଦିଗ କଥା ପଚାରୁଛି ବାବୁ।"

"ଆପଣଙ୍କୁ କେଉଁଠିକୁ ଯିବାକୁ ଅଛି ?" ମୁଁ ତାଙ୍କୁ ପ୍ରଶ୍ନ ପଚାରିଲି। ସହରରେ ଏହାହିଁ ହୁଏ। ଯଦି କୌଣସି ବ୍ୟକ୍ତି ଅନ୍ୟକୁ ପଚାରେ ଯେ ପାଞ୍ଚ ନମ୍ବର ବସ୍ କୁଆଡ଼େ ଯାଏ, ତାହାଲେ ତାକୁ ଉତ୍ତରରେ ଶୁଣିବାକୁ ମିଳେ ଆପଣଙ୍କୁ କେଉଁଠିକୁ ଯିବାକୁ ଅଛି ? ରାସ୍ତା କେହି କୁହନ୍ତି ନାହିଁ, ସମସ୍ତେ ଲକ୍ଷ୍ୟ ପଚାରନ୍ତି, ଯାହା ତାଙ୍କର ନୁହେଁ।

"ଉତ୍ତର ଦିଗ କେଉଁପଟେ ବାବୁ, ଆପଣ ଶିକ୍ଷିତ, ଏତିକି ତ' କହିପାରିବେ... ?"

ମୋତେ ଭଲ ଲାଗିଲା ନାହିଁ। ସବୁକଥା ପାଇଁ ଶିକ୍ଷା ପ୍ରଣାଳୀକୁ ଦୋଷ ଦେବା ଠିକ୍ କଥା ନୁହେଁ। ଶିକ୍ଷିତମାନଙ୍କୁ ଉତ୍ତର ଜଣାଥିଲେ, ଏ ପର୍ଯ୍ୟନ୍ତ ଦେଶର ସବୁ ପ୍ରଶ୍ନର ସମାଧାନ ହୋଇଯାଇଥାନ୍ତା। ସେହିପରି ମୋ' ସ୍ଥିତି, ଠିକ୍ ଉତ୍ତର ମୁଁ ପରୀକ୍ଷା ଭବନରେ ଦେଇନାହିଁ, ଏଇଟା ତ' ଛକ ଜାଗା, ମୁଁ କାହିଁକି ଦେବି ? ଆଉ କ'ଣ ଦେବି ?

"କ'ଣ ଆପଣଙ୍କୁ ଉତ୍ତର ଦିଗ ଆଡ଼କୁ ଯିବାର ଅଛି ?" କୋମଳ ସ୍ୱରରେ ମୁଁ ପଚାରିଲି।

"ମୋତେ ଉତ୍ତର ଦିଗ ଆଡ଼କୁ ମୁହଁକରି ଏହି ଶଂଖ ଫୁଙ୍କିବାର ଅଛି।" ସେ କହିଲେ, "ଆପଣ କହିଦେଲେ ମୁଁ ଫୁଙ୍କିଦେବି।"

ମୁଁ ଅଣ୍ଟାରେ ହାତରଖି ପୁରା ଛକ ବୁଲି ଦେଖିଲି, କିନ୍ତୁ ଉତ୍ତର ଦିଗ କେଉଁଠି ଦେଖାଗଲାନାହିଁ। ଡାହାଣପଟେ ଲଣ୍ଡ୍ରି

ଥିଲା, ବାଁ ପଟେ ପାନବାଲା ଆଉ ତା' ପାଖରେ ସାଇକେଲବାଲା। ସାମ୍ନାରେ ଗୋଟେ ଜଳଚାଳିତ ଯନ୍ତ୍ର। ହଠାତ୍ ମୋତେ ସ୍କୁଲରେ ପଢ଼ିଥିବା ଗୋଟେ କଥା ମନେପଡ଼ିଲା ଯଦି ଆମେ ପୂର୍ବ ଆଡ଼କୁ ମୁହଁକରି ଠିଆ ହେବା ତାହାଲେ ଆମର ଡାହାଣ ହାତପଟେ ଦକ୍ଷିଣ ଦିଗ ହେବ, ଆଉ ବାଁ ହାତପଟେ ଉତ୍ତର ଦିଗ ହେବ। ବାମପନ୍ଥୀ ଆଉ ଦକ୍ଷିଣପନ୍ଥୀର ମତଭେଦ ଏଇଠାରେ ଆରମ୍ଭ ହୋଇଥାଏ।

"ଦେଖନ୍ତୁ ଯଦି ଆପଣ ମୋତେ ପୂର୍ବଦିଗ କହିଦେବେ, ତାହାଲେ ମୁଁ ଆପଣଙ୍କୁ ଉତ୍ତର ଦିଗ କହିପାରିବି।" ମୁଁ ପ୍ରସ୍ତାବ ଦେଲି।

"ସୂର୍ଯ୍ୟୋଦୟ ଯେଉଁପଟେ ହୁଏ, ସେଇଟା ପୂର୍ବଦିଗ।"

"ଆଜ୍ଞା !"

"କେଉଁପଟେ ହୁଏ ସୂର୍ଯ୍ୟୋଦୟ ?" ପଚାରିଲେ।

"ମୁଁ ଜାଣିନାହିଁ। ମୁଁ ଶୋଇକି ଡେରିରେ ଉଠେ।"

ସେ ତାଙ୍କର ଦିବ୍ୟନେତ୍ରରେ ମୋ' ଆଡ଼କୁ ଏମିତି ଦେଖିଲେ ଯେମିତି ସେ ଜଣେ ପରମ ଅଳସୁଆକୁ ଦେଖୁଛନ୍ତି ଆଉ କହିଲେ, "ଆପଣ ଶୋଇ ରହୁଛନ୍ତି, ସାରା ଦେଶ ଶୋଇ ରହୁଛି ଆଉ କଳିକାଳ ଆସି ମୁଣ୍ଡ ଉପରେ ଛାଇଗଲାଣି। ଚାରିଆଡ଼େ ପାପ ବ୍ୟାପି ଚାଲିଛି, ଧର୍ମର ହ୍ରାସ ହୋଇଚାଲିଛି।"



"ହରେ ହରେ!" ମୁଁ ସହମତି ସୂଚକ ଧ୍ୱନି କଲି।

"ଉତ୍ତର ଦିଗ ଦୁଷ୍ଟାତ୍ମାମାନଙ୍କ କେନ୍ଦ୍ର ଅଟେ, ରାଜଧାନୀ ଦିଲ୍ଲୀ ଅଧର୍ମୀମାନଙ୍କର ବଡ଼ ଆଡ୍ଡାସ୍ଥଳ ହୋଇଗଲାଣି।"

"ନା, ଏମିତି ତ ନୁହେ, ସ୍ଥାନୀୟ ନିର୍ବାଚନରେ ତ' ଧାର୍ମିକ ଲୋକମାନେ ଜିତନ୍ତି।" ମୁଁ କହିଲି ।

"ମୁଁ ପାର୍ଲିଆମେଣ୍ଟର କଥା କହୁଛି ବାବୁ, ସଂସଦ ଭବନ ଆଉ ଶାସନର।"

"ଆପଣ ସେଠାକୁ ଯାଇ କିଛି ଅନଶନ ଫନଶନ କରିବେ?" ମୁଁ ପଚାରିଲି।

"ନା, ମୁଁ ଏହି ଦିବ୍ୟଶକ୍ତିସମ୍ପନ୍ନ ଶଂଖ ଉତ୍ତର ଦିଗ ଆଡ଼କୁ ଫୁଙ୍କିବି। ଏହାର ସ୍ୱର ଦିଗନ୍ତବ୍ୟାପୀ ଗୁଞ୍ଜରି ଉଠିବ ଆଉ ଉତ୍ତର ଦିଗର ପାପୀ ଆତ୍ମାମାନେ ଏହାର ସ୍ୱର ଶୁଣି ନଷ୍ଟ ହୋଇଯିବେ।"

"ଶଂଖ କ'ଣ ଏକଦମ ବିଗୁଲ ହୋଇଗଲା ? ଆପଣ ଏହାକୁ ମାଇକ ଆଗରେ ଫୁଙ୍କିବେ ?" ମୁଁ ପଚାରିଲି।

"ବାବୁ ସମୟ ଆସିଗଲା।" ସେ ଠିକ୍ ମୁଣ୍ଡ ଉପରେ ଚମକୁଥିବା ସୂର୍ଯ୍ୟଙ୍କ ଆଡ଼କୁ ଦେଖିଲେ ଆଉ କହିଲେ, ମୋତେ ଠିକ୍ ମଧ୍ୟାହ୍ନରେ ଶଂଖ ଫୁଙ୍କିବାର ଅଛି। ଆପଣ ଜଲ୍‌ଦି କୁହନ୍ତୁ ଉତ୍ତର ଦିଗ କେଉଁପଟେ ?"

"ଆପଣ ଚାରିଆଡ଼କୁ ବୁଲି ସବୁ ଦିଗକୁ ଏହି ଶଂଖ ଫୁଙ୍କିଦିଅନ୍ତୁ। ପାପତ ସବୁଆଡ଼େ ବ୍ୟାପି ରହିଛି।"

"ନା ଖାଲି ଉତ୍ତର ଦିଗରେ। ଗୁରୁଜୀଙ୍କର ଏହି ଆଜ୍ଞା, ଉତ୍ତରରେ ସରକାରର କେନ୍ଦ୍ର। ପ୍ରଥମେ ତାକୁ ଅଧିକାରରେ ନେବାକୁ ହେବ। ତା'ପରେ ସେଠାରୁ ସବୁଆଡ଼କୁ ବ୍ୟାପିବ। କୁହନ୍ତୁ, ଶୀଘ୍ର କୁହନ୍ତୁ, ମୋ'ର ସାତଦିନର ମନ୍ତ୍ର ସାଧନା ଏହି ଛୋଟ ଗୋଟିଏ ସୂଚନା ଅଭାବରେ ନଷ୍ଟ ହୋଇଯାଇଛି।"

ଦ୍ୱିପ୍ରହର ସମୟ, କେହି ଜାଣିଥିବା ବ୍ୟକ୍ତି ସେପଟ ମଧ୍ୟ ଯାଉନଥିଲେ। ପାନବାଲା, ଲଣ୍ଡ୍ରିବାଲା, ଚକିବାଲାଙ୍କୁ ପଚାରିବା ବ୍ୟର୍ଥ। ସେତେବେଳେ ମୁଁ ଦେଖିଲି - ଦୁଇଜଣ ପିଲା କାନ୍ଧରେ ବସ୍ତାନି ପକାଇ ଯାଉଥିଲେ। ମୁଁ ସେମାନଙ୍କୁ ଅଟକାଇଲି ଆଉ ପିଲାଙ୍କ କାର୍ଯ୍ୟକ୍ରମରେ ସଂଯୋଜକ ଭଳି ମଧୁର କଣ୍ଠରେ କହିଲି, "ଆଚ୍ଛା ପିଲାମାନ, ଟିକେ ଏକଥା କୁହତ, ଯଦି ଆମକୁ ଜାଣିବାକୁ ପଡ଼ିବ ଯେ ଉତ୍ତର ଦିଗ କେଉଁଠି, ତାହାଲେ ଆମେ କ'ଣ କରିବା ?"

ସେମାନେ ଆଶ୍ଚର୍ଯ୍ୟହୋଇ ମିଟିମିଟି ଆଖିରେ କିଛି ସମୟ ମୋତେ ଦେଖିବାରେ ଲାଗିଲେ। ତା'ପରେ ସେମାନଙ୍କ ମଧ୍ୟରୁ ଜଣେ, ଯିଏ ଅପେକ୍ଷାକୃତ ଚାଲାକ ଜଣାପଡୁଥିଲା, ସେ କହିଲା, "ଧ୍ରୁବତାରା ଉତ୍ତର ଦିଗରେ ଚମକୁଥାଏ। ଯଦି ଆମେ ସେହି ଆଡ଼କୁ ଦେଖି ସିଧା ଠିଆହେବା ଆମ ସାମ୍ନାରେ ଉତ୍ତର, ପିଠି ପଟେ ଦକ୍ଷିଣ, ଡାହାଣ ପଟେ....।"

"ସାବାସ୍! ପିଲାମାନେ ଯଦି ଦିନବେଳା କାହାକୁ ଜାଣିବା ଦରକାର ପଡ଼ିବ ଯେ ଉତ୍ତର ଦିଗ କେଉଁଠି,

ତାହାଲେ ତାକୁ କ'ଣ କରିବାକୁ ପଡ଼ିବ ?" ମୁଁ ତାକୁ ମଝିରେ ଅଟକାଇ ପୁଣି ପଚାରିଲି।

"ତା' ପାଇଁ ଦିଗ ନିର୍ଣ୍ଣୟ ଯନ୍ତ୍ର ଦରକାର, ଯାହାର କଣ୍ଟା ସବୁବେଳେ ଉତ୍ତର ଦିଗର ସୂଚନା ଦିଏ।"

"ସାବାସ ପିଲାମାନେ, ଧନ୍ୟବାଦ !" ତାପରେ ମୁଁ ଦିବ୍ୟ ବ୍ୟକ୍ତିଙ୍କୁ ପଚାରିଲି "ଆପଣଙ୍କ ପାଖରେ ଦିଗନିର୍ଣ୍ଣୟ ଯନ୍ତ୍ର ଅଛି ?"

"ଦିଗନିର୍ଣ୍ଣୟ ଯନ୍ତ୍ର କ'ଣ ?" ଦିବ୍ୟ ଉତ୍ତର ମିଳିଲା ।

ଆଚ୍ଛା ପିଲାମାନେ ଯାହାପାଖରେ ଦିଗନିର୍ଣ୍ଣୟ ଯନ୍ତ୍ର, ନଥିବ, ତାହାଲେ ସେ ଉତ୍ତର ଦିଗ କେମିତି ଚିହ୍ନିବ ଟିକେ କହିଲ।"

"ଆମ କୋର୍ସରେ ନାହିଁ," ପିଲାଟିଏ କହିଲା ।

ମୁଁ ଦିବ୍ୟ ବ୍ୟକ୍ତିଙ୍କ ଆଡ଼କୁ ଅସହାୟ ଦୃଷ୍ଟିରେ ଅନେଇଲି। ଉତ୍ତରରେ ସେ ସୂର୍ଯ୍ୟଙ୍କ ଆଡ଼କୁ ଦେଖିଲେ, ତାପରେ ଶଂଖ ଆଡ଼କୁ ଦେଖିଲେ।

"ଗୋଟେ ଦିଗନିର୍ଣ୍ଣୟ ଯନ୍ତ୍ର ଏବେ ଥିବା ଦରକାର।"

"କ'ଣ ସେ ଦିଗନିର୍ଣ୍ଣୟ ଯନ୍ତ୍ର ?"

"ଗୋଟେ ପ୍ରକାର ଯନ୍ତ୍ର, ଯାହା ଦିଗକୁ ଜଣାଏ।"

"ଧିକ୍କାର ଅଟେ, ଆମେ ଦିଗ ଜାଣିବା ପାଇଁ ଯାନ୍ତ୍ରିକତାର ଦାସ ହୋଇଗଲେ। ଦିଗତ' ଚିରକାଳ ଅଟଳ ଆଉ ସବୁବେଳେ ରହିବ କିନ୍ତୁ ଆମେ ତାକୁ ଭୁଲିଗଲେ। ଆମେ ସବୁ କିଛି ଭୁଲିଗଲେ।"

"ଠିକ୍ କହୁଛନ୍ତି ଆପଣ। ମୁଁ ତ' ଶଂଖ ବଜେଇବା ଭୁଲିଗଲିଣି। ଯେତେବେଳେ ଛୋଟଥିଲି, ସେତେବେଳେ ବହୁତ ବଜାଉଥିଲି। ଆମ କ୍ରିକେଟ ଖେଳାଳିଙ୍କର ଗୋଟିଏ ରନ୍ ହୋଇଗଲେ ଅଥବା ଆମ ପିଲାଙ୍କ ଦ୍ୱାରା ଗୋଟେ ୱିକେଟ ଆଉଟ ହୋଇଯାଏ, ତାହାଲେ ଖୁସିରେ ବାଉଣ୍ଡ୍ରି ପାଖରେ ଠିଆହୋଇ ଶଂଖ ବଜାଉଥିଲି।" ମୁଁ କହିଲି।

ସାଧନାର ଏହି ଚରମକ୍ଷଣ ବ୍ୟର୍ଥ ହୋଇଯାଇଛି ବାବୁ, ମୁଁ ସାତଦିନ ପର୍ଯ୍ୟନ୍ତ ସାଧନା କରି ଏହି ଶଂଖରେ ଶକ୍ତି ଉତ୍ପନ୍ନ କରିଥିଲି ଯେ ଯେଉଁଠିକି ଫୁଙ୍କି ଦେବି, ସେହି ଦିଗ ଭସ୍ମ ହୋଇଯିବ, କିନ୍ତୁ ମୋତେ ଏହା କହିବା ପାଇଁ କେହି ନାହିଁ ଯେ ଉତ୍ତର ଦିଗ କେଉଁଠି ? କେଉଁଠି ଉତ୍ତର ଦିଗ, କେଉଁଠି ? ସେ ବ୍ୟଥିତ ସ୍ୱରରେ କହିଲେ ଆଉ ଶଂଖକୁ ହାତରେ ଧରି ଚାରିପଟେ ବୁଲିବାରେ ଲାଗିଲେ ଆଉ ତାଙ୍କ ସହିତ ମୁଁ ମଧ୍ୟ ବୁଲିବାରେ ଲାଗିଲି।

କ'ଣ କରାଯାଇ ପାରିଥାଆନ୍ତା ? ତାଙ୍କର ପୀଡ଼ା ସେହି ଆକ୍ଟର ପରି ଥିଲା, ଯିଏ ମହାଭାରତ ଡ୍ରାମାରେ ପାର୍ଟ କରିଛି, "ହାୟ ଏ ବ୍ରହ୍ମାସ୍ତ୍ର ଯେମିତି ଭୁଲ ଦିଗରେ ଛାଡ଼ିହୋଇ ନଯାଉ। କେହି ମୋତେ ଏତିକି ଜଣାଇଦିଅ ଯେ ଉତ୍ତର ଦିଗ କେଉଁପଟେ ? କେଉଁପଟେ। କେଉଁଠି ଅଛି ଉତ୍ତର ଦିଗ ପ୍ରଭୁ ?"

ସେହି ତେଜମୟ ଉନ୍ନତ ଲଲାଟବାଲା ବ୍ୟକ୍ତି ନିଜ ହାତରେ ଗୋଟେ ଦିବ୍ୟଶକ୍ତି ସମ୍ପନ୍ନ ଶଂଖ ଧରି ଠିଆହେଇ ପଚାରୁଥିଲେ, "ଉତ୍ତର ଦିଗ କେଉଁଠି"। ତାହାର ଉତ୍ତର କାହା ପାଖରେ ନଥିଲା। ଏକଥା ସତ ଯେ ଗୋଟେ ଦିଗନିର୍ଣ୍ଣୟ ଯନ୍ତ୍ର ନାହିଁ। ଗୋଟେ ବୈଜ୍ଞାନିକ ତଥ୍ୟର ଅଭାବ ସବୁ ମନ୍ତ୍ରବଳର, ଆତ୍ମବଳର ଶକ୍ତିକୁ ନିରର୍ଥକ କରିଦେଉଛି।

"ପରମ ଶ୍ରଦ୍ଧେୟ !" ମୁଁ ହାତଯୋଡ଼ି କହିଲି, "ଯେପର୍ଯ୍ୟନ୍ତ ଶଂଖରେ ଦିଗ ନିର୍ଣ୍ଣୟ ଯନ୍ତ୍ର ଆଟାଚ ହେବନାହିଁ, ଆପଣଙ୍କର ସାଧନା ଏହିପରି ବ୍ୟର୍ଥ ହୋଇଯିବ। ଦିଗ ନିର୍ଣ୍ଣୟ ଯନ୍ତ୍ର ଅନିବାର୍ଯ୍ୟ, ଶଂଖପରି ହିଁ ଅନିବାର୍ଯ୍ୟ।"

**'ଏହି ଶଂଖରେ ଶକ୍ତି ଉତ୍ପନ୍ନ କରିଥିଲି ଯେ ଯେଉଁଠିକି ଫୁଙ୍କି ଦେବି, ସେହି ଦିଗ ଭସ୍ମ ହୋଇଯିବ।'**

ସେ ତାଙ୍କର ଦିବ୍ୟନେତ୍ରରେ ମୋ' ଆଡ଼କୁ ଏମିତି ଦେଖିଲେ, ଯେମିତି ସେ କୌଣସି ପରମ ନାସ୍ତିକ ଆଡ଼କୁ ଦେଖୁଛନ୍ତି, ଯାହାକୁ ଭାରତୀୟ ସଂସ୍କୃତିର ମର୍ମ ଜଣାନାହିଁ। ମୁଁ ଡରିଗଲି କାଳେ ରାଗିଯାଇ ସେ ତାଙ୍କ ଶଂଖ ମୋ' ପରି ପଢ଼ାଲେଖା ବ୍ୟକ୍ତି ଉପରେ ଫୁଙ୍କି ନ ଦେବେ ଯାହାକୁ ଉତ୍ତର ଦିଗ ଜଣାନାହିଁ।

ସୂର୍ଯ୍ୟ ନିଜର ବାରଟା ବାଜିବାବାଲା ଉଚ୍ଚତାରୁ ଦୂରେଇ ଯାଉଥିଲେ। ସାଧନାର ଉଚ୍ଚତମ କ୍ଷଣ ଖସିଯାଉଥିଲା। ତେଜମୟ ଲଲାଟର ସେହି ଦିବ୍ୟ ବ୍ୟକ୍ତି ବହୁ ସମୟ ପର୍ଯ୍ୟନ୍ତ ଛକରେ ନିରାଶରେ ଗୋଡ଼ ବାଡ଼ଉ ଥିଲେ, ଆଉ ତା' ପରେ ନିଜର ଶଂଖ ନେଇ ଅନ୍ୟଆଡ଼େ ଚାଲିଗଲେ।

ମୁଁ କ'ଣ କରିପାରିଥାଆନ୍ତି ! ଜଣାନାହିଁ ଉତ୍ତର ଥିଲା ବା ଦକ୍ଷିଣ, କିନ୍ତୁ ପାନବାଲା ଦିଗକୁ ଯିବା ବ୍ୟତୀତ ମୁଁ କ'ଣ କରିପାରିଥାଆନ୍ତି !

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
rjhunu@gmail.com

ସାକ୍ଷାତକାର

# ବର୍ଷୀୟାନ୍ କଥାକାର
# ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ ସହ ସାରସ୍ୱତ ଆଳାପ

**ଓଡ଼ିଆ ଗଳ୍ପ, ଉପନ୍ୟାସ, ଅନୁବାଦ ଓ ସମାଲୋଚନା ସାହିତ୍ୟକୁ ୭୭ ବର୍ଷ ବୟସ୍କା ସୁଲେଖିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ସେ ବହୁକାଳ ଧରି ବିଭିନ୍ନ ସରକାରୀ କଲେଜରେ ପ୍ରାଧ୍ୟାପିକା ଭାବରେ କାର୍ଯ୍ୟ କରିବା ପରେ ପୁରୀସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଭାବରେ ରହି ୨୦୦୬ ମସିହାରେ ଅବସର ଗ୍ରହଣ କରିଛନ୍ତି। ୨୦୧୬ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ପୁରୀଠାରେ ତା'ଙ୍କୁ ସାକ୍ଷାତ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**

**ସାହିତ୍ୟ ଚର୍ଚ୍ଚା:** ଶୁଣିଛୁ ଯେ ଆପଣ ମାତ୍ର ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଆପଣଙ୍କର ପ୍ରକାଶିତ ହୋଇଥିବା ଗୋଟିଏ କବିତା ପଢ଼ି ଡ. ହରେକୃଷ୍ଣ ମହତାବ ଏତେ ମୁଗ୍ଧ ହୋଇଗଲେ ଯେ ସେ ଆପଣଙ୍କ ପାଖକୁ ଗୋଟିଏ ହାତଲେଖା ଚିଠି ପଠାଇଥିଲେ। କ'ଣ ଥିଲା ସେ କବିତାଟି ?



**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** 'ଟିକି ଚଢ଼େଇ'।

**ସାହିତ୍ୟ ଚର୍ଚ୍ଚା:** ଏହି 'ଟିକି ଚଢ଼େଇ' କବିତାଟିର ବିଶେଷତ୍ୱ କ'ଣ ଥିଲା? ଅର୍ଥାତ୍ ସେଥିରେ ଏମିତି କ'ଣ ଥିଲା ଯେ ତାହା ଡ. ମହତାବଙ୍କର ମନକୁ ଛୁଇଁଗଲା!

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** କଥା ହେଲା, ଥରେ ମୁଁ ଗୋଟିଏ କୋଣରେ ବସିଥିଲି। ଦେଖିଲି, ଛୋଟିଆ ଚଢ଼େଇଟିଏ। ସେ ବାରମ୍ବାର ଆସୁଥାଏ; ପାଣି ଟିକିଏ ପିଉଥାଏ; ତା'ର ପର ଝାଡ଼ିଦେଉଥାଏ। ଛୋଟ ଥଣ୍ଟରେ କାଠିକୁଟା ନେଇ ବସାଟିଏ ଗଢୁଥାଏ। ମୁଁ ମନେ ମନେ ଭାବିଲି ଯେ ଏତେ ଛୋଟ ଚଢ଼େଇଟିଏ ତା' ନିଜର ଘର ତିଆରି କରୁଛି; ତା' ନିଜ କାମରେ ସିଏ ଲାଗିଛି। ତାହା ବର୍ଣ୍ଣନା କଲି କବିତାରେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ସେତେବେଳେ ତ ପଢୁଥିଲେ ପଞ୍ଚମ ଶ୍ରେଣୀରେ, ଅର୍ଥାତ୍ ଆପଣଙ୍କୁ ମାତ୍ର ଦଶ ବର୍ଷ ବୟସ ହୋଇଥିବ। ଏତେ କମ୍ ବୟସରେ ବି ତେବେ ଆପଣଙ୍କର ଏଭଳି କବିସୁଲଭ ଅନୁଧ୍ୟାନର ଶକ୍ତି ଥିଲା!

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ଯେତେବେଳେ ଆମ ସ୍କୁଲ୍‌ର ମାଗାଜିନ୍ ପାଇଁ ଲେଖା ମଗାଗଲା, ସେମାନଙ୍କୁ ଏହି କବିତାଟି ଦେଲି। କିନ୍ତୁ ସ୍କୁଲ୍‌ର ସାର, ଯିଏ ସେହି ମାଗାଜିନ୍‌ର ଏଡ଼ିଟର୍ ଥିଲେ, ତାହାକୁ ଛାପିଲେ ନାହିଁ। ମୋ' ମନରେ ବହୁତ ଦୁଃଖ

ହେଲା; ଛୋଟ ପିଲା ଥିଲି, କାନ୍ଦିଲି। କିନ୍ତୁ ପରେ ସେଇଟିକୁ ପଠାଇଦେଲି 'ପ୍ରଜାତନ୍ତ୍ର'କୁ। ତାହାର 'ଶିଶୁରାଇଜ' ପୃଷ୍ଠାରେ କବିତାଟି ବାହାରିଲା।

**ସାହିତ୍ୟ ଚର୍ଚ୍ଚା:** ତେବେ ଡ. ମହତାବ ବୋଧହୁଏ 'ପ୍ରଜାତନ୍ତ୍ର'ର ପୃଷ୍ଠାରୁ ସେଇଟି ପଢ଼ିଥିଲେ।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ହଁ, ସେଇଠାରୁ ପଢ଼ି ସେ ଚିଠି ଦେଲେ। ତା'ପରେ ପ୍ରତି ବର୍ଷ ବିଷୁବ ମିଳନକୁ ମଧ୍ୟ ଡାକନ୍ତି।

**ସାହିତ୍ୟ ଚର୍ଚ୍ଚା:** ସାରସ୍ୱତ ପ୍ରତିଭା ଖୁବ୍ କମ୍ ବୟସରେ ଆପଣଙ୍କୁ କବଳିତ କରିଥିଲା; କାରଣ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଆପଣ ନିଜର ପ୍ରଥମ ଉପନ୍ୟାସ, 'ପ୍ରଥମ ରାଗିଣୀ ଶେଷ ଛନ୍ଦ' ମଧ୍ୟ ଲେଖିପକାଇଥିଲେ। କ'ଣ ଥିଲା ଏହା ପଛର ପ୍ରେରଣା?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ସେଇ ବୟସରେ ଅନେକ ରୋମାଣ୍ଟିକ୍ ଚେତନା ମନରେ ଭର୍ତ୍ତି ହୁଏ। ଭାବିଲି, ଗଳ୍ପ ତ ଲେଖିଛି, ଏବେ ଉପନ୍ୟାସ ଲେଖାଯାଉ।

**ସାହିତ୍ୟ ଚର୍ଚ୍ଚା:** ଉପନ୍ୟାସଟିରେ କ'ଣ ଘଟିଛି ପ୍ରକୃତରେ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ପିଲାଦିନେ ମୋତେ ସ୍କୁଲ୍‌କୁ ଯିବାପାଇଁ ବିରୂପା ନଈ ଅତିକ୍ରମ କରି ବହୁତ ବାଟ ପାଦରେ ଚାଲିକରି ଯିବାକୁ ପଡ଼େ। ମୁଁ ସ୍କୁଲ୍ ଯିବା ସମୟକୁ ବାଟରେ ଦେଖେ, ଧଳା ଶାଢ଼ିଟିଏ ପିନ୍ଧି ଅଳ୍ପ ବୟସର ବିଧବା ଝିଅଟିଏ ଏକୁଟିଆ ହୋଇ ଗୋଧୋଉଥାଏ। ଯେଉଁଠାରେ ଅନ୍ୟ ସ୍ତ୍ରୀଲୋକମାନେ ଗାଧୋଉଥିବେ ସେଠାରେ ବି ସେ ଗାଧାଏନି।

**ସାହିତ୍ୟ ଚର୍ଚ୍ଚା:** ତେବେ ସେଇ ଅଳ୍ପ ବୟସର ବିଧବା ଝିଅଟି ହିଁ କ'ଣ ହୋଇଗଲା ଆପଣଙ୍କ ଉପନ୍ୟାସର ମୁଖ୍ୟ ଚରିତ୍ର?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ହଁ, ସିଏ ହିଁ।

**ସାହିତ୍ୟ ଚର୍ଚ୍ଚା:** ମାତ୍ର ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେହି ବିଧବା ଝିଅଟିର ବ୍ୟଥା ଆପଣଙ୍କ ମନକୁ ଛୁଇଁଛି, ଏବଂ ଆପଣ ତାହାକୁ ନେଇ ଗୋଟିଏ ଉପନ୍ୟାସ ଲେଖିବା ପାଇଁ ଯେ ସମର୍ଥ ହୋଇଛନ୍ତି, ଏହା ବଡ଼ କଥା। ଆମେ ଅନୁମାନ କରୁଛୁ ଯେ ସେ ବୟସରେ ଆପଣ ପ୍ରଚୁର ଗଳ୍ପ ଓ ଉପନ୍ୟାସ ମଧ୍ୟ ପଢୁଥିବେ। କାରଣ ବହୁତ ନ ପଢ଼ିଲେ ନିଜେ ଏମିତି ଲେଖିବା ପାଇଁ ଆତ୍ମବିଶ୍ୱାସ ଆସେନାହିଁ।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ହଁ, ବହି ମୁଁ ପ୍ରଚୁର ପଢୁଥିଲି, କିନ୍ତୁ ଲୁଚେଇକରି।

**ସାହିତ୍ୟ ଚର୍ଚ୍ଚା:** ସାହିତ୍ୟ ଜଗତର ଗୋଟିଏ ଅଭିଯୋଗ ଅଛି ଆପଣଙ୍କ ପ୍ରତି। ଏହା ହେଲା ଯେ, ଆପଣ ସଦା ନିଜ ଭିତରେ ଆବଦ୍ଧହୋଇ ରହନ୍ତି ଏବଂ କୌଣସି ସାହିତ୍ୟସଭାକୁ ଯାଆନ୍ତି ନାହିଁ କି ସାହିତ୍ୟ-ସଂଗଠନରେ ଯୋଗ ଦିଅନ୍ତି ନାହିଁ।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ଆଗରୁ ଯାଉଥିଲି; ଯେତେବେଳେ ରାଜକିଶୋର ରାୟ ବଞ୍ଚିଥିଲେ। 'ଶନିବାର ସାହିତ୍ୟ ସନ୍ଧ୍ୟା'କୁ ମଧ୍ୟ କେବେ କେମିତି ଯାଉଥିଲି।

**ସାହିତ୍ୟ ଚର୍ଚ୍ଚା:** ପୂର୍ବେ ପୁରୀରେ ଥିବାବେଳେ ଆମେ ମଧ୍ୟ 'ଶନିବାର ସାହିତ୍ୟ ସନ୍ଧ୍ୟା'କୁ ବହୁଥର ଯାଇଛୁ।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ସେତେବେଳେ ତ ପୁରୀରେ ଏହାକୁ ଛାଡ଼ି ଆଜି ଭଳି ଏତେଗୁଡ଼ିଏ ସାହିତ୍ୟ ଅନୁଷ୍ଠାନ ନ ଥିଲା! ତାହାପରେ ଅବଶ୍ୟ ସାହିତ୍ୟସଭା ଓ ସଂଗଠନର ମାତ୍ରା ବହୁତ ବଢ଼ିଗଲା।

**ମୁଁ ଆଜିକାଲି ସାହିତ୍ୟସଭାଗୁଡ଼ିକରୁ ଉଦ୍ଦେଶ୍ୟମୂଳକ ଭାବରେ ଦୂରେଇ ରହୁଛି।**

**ସାହିତ୍ୟ ଚର୍ଚ୍ଚା:** ପରେ ଯାହା ବଢ଼ିଗଲା, ତାହାକୁ 'ସାହିତ୍ୟ-ରାଜନୀତି ଟା ବଢ଼ିଗଲା' ବୋଲି କହିଲେ ବୋଧହୁଏ ଅଧିକ ଠିକ୍ ହେବ।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ହଁ, ସାହିତ୍ୟ-ରାଜନୀତି।

**ସାହିତ୍ୟ ଚର୍ଚ୍ଚା:** ଆପଣ ଯେ ଏସବୁଠାରୁ ଦୂରେଇ ରହିଛନ୍ତି। ଏହା ଉଦ୍ଦେଶ୍ୟମୂଳକ, ନା ଏହା ଆପଣଙ୍କ ସ୍ୱଭାବଗତ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ମୁଁ ଉଦ୍ଦେଶ୍ୟମୂଳକ ଭାବରେ ଦୂରେଇ ରହୁଛି। ମୋତେ ଥରେ ଜଣେ ଲେଖିକା କହିଲେ, ଆପଣ ନିଜର ସମୟ କେମିତି କାଟୁଛନ୍ତି? ମୁଁ କହିଲି ଯେ ସମୟ କାଟିବା ମୋ' ପାଇଁ ଏକ ସମସ୍ୟା ନୁହେଁ। ମୁଁ ସମୟର ସଦୁପଯୋଗ କରେ; ମୋତେ ତ ସମୟ ଅଣ୍ଟେନାହିଁ।


**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଏ ବୟସରେ ବି ରଚନାପ୍ରବଣ ଅଛନ୍ତି। ଯଦି ଆପଣଙ୍କ ଲେଖାରେ କେବେ ବିରାମ ରହିବ ନାହିଁ, ତେବେ ସମୟ ନ ଅଣ୍ଟିବା ସ୍ୱାଭାବିକ।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ମୋତେ ସେହି ଲେଖିକା ମଧ୍ୟ କହିଲେ ଯେ, ଆପଣ ସଭାସମିତିକୁ ଆସିଲେ ସିନା ସମସ୍ତଙ୍କ

ସହିତ ଚିହ୍ନା-ପରିଚୟ ହୁଅନ୍ତା ! ମୁଁ ତା'ଙ୍କୁ ପଚାରିଲି, କ'ଣ ହେଉଛି ସେ ସାହିତ୍ୟସଭାରେ, କେବଳ ଆତ୍ମବିଜ୍ଞାପନ ଛଡ଼ା ? ମୁଁ ତ ଭାବେ ଯେ ସେଠାକୁ ଯିବା ଅପେକ୍ଷା ବରଂ ଘରେ ବସି ସେହି ସମୟରେ କିଛି ନୂଆ ସାହିତ୍ୟ ସୃଷ୍ଟିକରିବା ଭଲ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପ୍ରକାଶିତ ବହିଗୁଡ଼ିକର ତାଲିକା ଦେଖିଲେ ଜଣାଯାଏ ଯେ ସେଥିମଧ୍ୟରେ ଉପନ୍ୟାସର ସଂଖ୍ୟା ସର୍ବାଧିକ। ଅବଶ୍ୟ ଆପଣଙ୍କ ଗଳ୍ପ ସଂକଳନର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ତେବେ ଆପଣ କ'ଣ ଭାବନ୍ତି ଯେ ଓଡ଼ିଆ ସାହିତ୍ୟରେ ଉପନ୍ୟାସର ଯୁଗ ବର୍ତ୍ତମାନ ଶେଷ ହୋଇଆସୁଛି ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ଉପନ୍ୟାସର ଯୁଗ ଶେଷ ହୋଇନାହିଁ; କିନ୍ତୁ ଲୋକେ ଉପନ୍ୟାସ ଲେଖୁନାହାନ୍ତି।




**ସାହିତ୍ୟ ଚର୍ଚ୍ଚା:** ପଢୁନାହାନ୍ତି ମଧ୍ୟ ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ପଢୁନାହାନ୍ତି ବୋଲି ଯେ ଲେଖୁନାହାନ୍ତି, ଏକଥା ବୋଧହୁଏ ଆପଣ କହିବାକୁ ଚାହାନ୍ତି। ତେବେ ମୋ' ବହି ଲୋକେ ପଢୁଛନ୍ତି କେମିତି ! ମୋ'ର ଯେ କେତେକ ଉପନ୍ୟାସର ଦ୍ୱିତୀୟ ଓ ତୃତୀୟ ସଂସ୍କରଣ ବାହାରିଛି, ତାହା ହେଉଛି କେମିତି !

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ଆପଣ ବୋଧହୁଏ ସ୍ୱୀକାର କରନ୍ତିନାହିଁ ଯେ ଉପନ୍ୟାସର ପାଠକୀୟତା ଧିମେଇଯାଉଛି !

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ଯଦି ଜଣେ ବି ପାଠକ ଥାଏ, ତେବେ ବି ମୋ' ସାହିତ୍ୟ ବଞ୍ଚିବ। ମୁଁ ଏଥିରେ ବିଶ୍ୱାସ କରେ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଅଧିକାଂଶ ଉପନ୍ୟାସ ମିଥ୍ ଉପରେ ଆଧାରିତ। ଆପଣ 'ଅମ୍ବା' ନାମକ ଯେଉଁ ଉପନ୍ୟାସଟି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛି, ସେଥିରେ ବ୍ୟାସକୃତ ମହାଭାରତରେ ଥିବା ଅମ୍ବା ଚରିତ୍ରଟିକୁ ସମକାଳୀନ ସ୍ଥିତିର ପରିପ୍ରେକ୍ଷୀରେ ଆଧୁନିକୀକରଣ କରିବା ପାଇଁ କିଛି ପ୍ରୟାସ ଅଛି କି ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ସେକାଳର ମୂଳ ମାନବୀୟ ମୂଲ୍ୟବୋଧ ଓ ସମ୍ବେଦନା ଆଜି ତ ସେହିପରି ଅଛି; ନାରୀ ପାଇଁ କିଛି ବଦଳି ନାହିଁ। ସେ ଯେମିତି ନିର୍ଯାତିତା ହେଉଥିଲା, ଏବେ ସେମିତି ହେଉଛି। ଅବଶ୍ୟ ମୁଁ ମୋର ପୌରାଣିକ ଉପନ୍ୟାସଗୁଡ଼ିକୁ ସମସାମୟିକ ବସ୍ତୁସ୍ଥିତିର ଅନୁକୂଳ କରିଛି, ତଥାପି ମୂଳ ଅନ୍ତଃସ୍ୱରଟି ସେଇଆ ରହିଛି।

**ସାହିତ୍ୟ ଚର୍ଚ୍ଚା:** ପୌରାଣିକ ଉପନ୍ୟାସକୁ ଛାଡ଼ି, ଆପଣଙ୍କର ସାମାଜିକ ଉପନ୍ୟାସଗୁଡ଼ିକର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ବିଶେଷତଃ ଏବେ କିଛି ବର୍ଷ ହେଲା ଆପଣ ଲେଖୁଥିବା ନୂଆ ଉପନ୍ୟାସଗୁଡ଼ିକ ଏକ ସାମାଜିକ ମୋଡ଼ ନେବାର ଦେଖାଯାଏ।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ମୋର 'ଜଳଭଉଁରୀ' ଉପନ୍ୟାସ ସେହି ପର୍ଯ୍ୟାୟର। ଏବର ସମାଜରେ ଏତେ ଚରିତ୍ର, ଏତେ ବିଷୟବସ୍ତୁ ଘେରିକରି ରହିଛି ଯେ ମୁଁ ତାହାକୁ ବ୍ୟାଖ୍ୟା କରିବା ଏକ କର୍ତ୍ତବ୍ୟ ବୋଲି ଅନୁଭବ କରୁଛି।

**ସାହିତ୍ୟ ଚର୍ଚ୍ଚା:** ଏଥର ଆପଣଙ୍କର ଗଳ୍ପ-ସାହିତ୍ୟକୁ ଆସିବା। ଆପଣ ତ ମୁଖ୍ୟତଃ ଜଣେ ଔପନ୍ୟାସିକା; ତଥାପି ଆପଣଙ୍କ ଦ୍ୱାରା ରଚିତ ଗଳ୍ପର ସଂଖ୍ୟା ମଧ୍ୟ କିଛି କମ୍ ନୁହଁ। ନିଜର ଗଳ୍ପ ଆଉ ଉପନ୍ୟାସ, ଏ ଦୁଇଟି ଭିତରୁ କେଉଁଥିରେ ଆପଣ ଅଧିକ ଆତ୍ମସନ୍ତୁଷ୍ଟି ପାଇଛନ୍ତି ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ଏମିତି କହିବାକୁଗଲେ, ମୁଁ ଉପନ୍ୟାସରେ ଅଧିକ ସନ୍ତୁଷ୍ଟି ପାଇଛି। ତଥାପି ମୋ'ର 'ଗଳ୍ପ ସମଗ୍ର'ରେ ଅଛି ୧୦୭ଟି ଗଳ୍ପ। ଏହାଛଡ଼ା ୧୨ଟି ଗଳ୍ପ ସଂକଳନ ବି ଅଛି। ଗଳ୍ପଟା କ'ଣ ? ଗୋଟିଏ ମୁହୂର୍ତ୍ତର କଥା।

**ସାହିତ୍ୟ ଚର୍ଚ୍ଚା:** ଉପନ୍ୟାସ ତା'ହେଲେ ଗୋଟିଏ ପରିବ୍ୟାପ୍ତ ଜୀବନର କଥା !

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ହଁ, ଏକ ଜୀବନର କଥା, ଯାହା ପରିବ୍ୟାପ୍ତ ହୋଇଥାଏ।

**ସାହିତ୍ୟ ଚର୍ଚ୍ଚା:** ଆଜିକାଲି କାହିଁକି ପାଠକମାନଙ୍କର ଧୈର୍ଯ୍ୟ କମିଯାଉଛି, ସେଇ ବ୍ୟାପ୍ତିର କଥା ପଢ଼ିବାପାଇଁ ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ଯାହା ଘଟିଥିଲା ଇଂରାଜୀ ସାହିତ୍ୟରେ। ଶିଳ୍ପ ବିପ୍ଳବ ବେଳେ ଉପନ୍ୟାସ ପାଇଁ ଆଗ୍ରହ କମିଗଲା। ଲୋକଙ୍କ ପାଖରେ ସମୟ କାହିଁ ପଢ଼ିବାକୁ ?

**ସାହିତ୍ୟ ଚର୍ଚ୍ଚା:** ଆପଣ ବହୁବର୍ଷ ତଳେ ଥରେ ଗୋଟିଏ ସାକ୍ଷାତକାରରେ କହିଥିଲେ ଯେ ଫକୀରମୋହନ ହେଉଛନ୍ତି ଆପଣଙ୍କ ଲେଖକୀୟ ଜୀବନର ପ୍ରେରଣା। ତେବେ ତାଙ୍କର ରଚନାଶୈଳୀର କେଉଁ ଦିଗଟି ଆପଣ ନିଜ ସୃଷ୍ଟିରେ ପ୍ରତିଫଳିତ କରିଛନ୍ତି ବୋଲି ନିଜେ ଭାବନ୍ତି ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ତାଙ୍କର ସାମାଜିକ ବାସ୍ତବବାଦ।

**ସାହିତ୍ୟ ଚର୍ଚ୍ଚା:** ଏହି ଯେଉଁ ବାସ୍ତବବାଦୀ ଧାରାଟା ବୋଧହୁଏ ପୌରାଣିକ ଉପନ୍ୟାସ ଅପେକ୍ଷା ଆପଣଙ୍କ ସାମାଜିକ ଉପନ୍ୟାସରେ ଅଧିକ ମାତ୍ରାରେ ଆସିଛି।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ମୋ' ପୌରାଣିକ ଉପନ୍ୟାସର ଅନ୍ତଃସ୍ୱର ଅଲଗା। ଶୈଳୀ ବି।

**ସାହିତ୍ୟ ଚର୍ଚ୍ଚା:** ପି.ଏଚ୍.ଡିରେ ତ ଆପଣ ଗବେଷଣାର ଏକ ବିଷୟ ଭାବରେ ଫକୀରମୋହନଙ୍କୁ ଅଧ୍ୟୟନ କରିଥିଲେ। ବିଷୟଟି ନିର୍ଦ୍ଦିଷ୍ଟ ଭାବରେ କ'ଣ ଥିଲା ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ଫକୀରମୋହନ ଓ ଶରତଚନ୍ଦ୍ରଙ୍କ ଉପନ୍ୟାସରେ ସାମାଜିକ ବାସ୍ତବବାଦ - ଏକ ତୁଳନା।

**ସାହିତ୍ୟ ଚର୍ଚ୍ଚା:** ବହୁ ବର୍ଷ ତଳେ ଥରେ ଆପଣ ଗୋଟିଏ ବିତର୍କିତ ପ୍ରଶ୍ନ ଉଠାଇଥିଲେ ଯେ କେତେକ ଲେଖକ ମୌଳିକତା ଉପରେ ଗୁରୁତ୍ୱ ନ ଦେଇ, ଇଂରାଜୀ ଓ ଆମର ପ୍ରତିବେଶୀ ସାହିତ୍ୟଗୁଡ଼ିକରୁ ନକଲ କରି ସାହିତ୍ୟ ରଚନା କରୁଛନ୍ତି। ସେହି ସମୟ, ଯେତେବେଳେ ଆପଣ ଏହା କହିଥିଲେ ତଥା ଆଜି, ଏହା ଭିତରେ ସେଇ ନକଲକରଣର ମାତ୍ରାଟି ବଢ଼ିଛି, ନା କମିଛି ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ମୋର ପୌରାଣିକ ଉପନ୍ୟାସ 'କୁନ୍ତୀପୁତ୍ର'କୁ ଗୋଟିଏ ସମ୍ଭ୍ରାନ୍ତ ସମ୍ବାଦପତ୍ରରେ ଜଣେ ଲେଖକ ନକଲ କରି ରୀତିମତ ଲେଖିଚାଲିଲେ।

**ମୋର ପୌରାଣିକ ଉପନ୍ୟାସ 'କୁନ୍ତୀପୁତ୍ର'କୁ ଗୋଟିଏ ସମ୍ଭ୍ରାନ୍ତ ସମ୍ବାଦପତ୍ରରେ ଜଣେ ଲେଖକ ନକଲ କରି ରୀତିମତ ଲେଖିଚାଲିଲେ।**

**ସାହିତ୍ୟ ଚର୍ଚ୍ଚା:** ସେ ଆପଣଙ୍କ ଲେଖାରେ କିଛି ପରିବର୍ତ୍ତନ କରିଥିଲେ, ନା ସମ୍ପୂର୍ଣ୍ଣ ଭାବରେ ଉତାରିକରି ଛାପିଦେଇଥିଲେ ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ସମ୍ପୂର୍ଣ୍ଣ ଭାବେ ଉତାରି।

**ସାହିତ୍ୟ ଚର୍ଚ୍ଚା:** ତେବେ ତ ଆପଣ ନକଲକରଣ ବିରୋଧରେ ସ୍ୱର ଉତ୍ତୋଳନ କରିବାଟା ସ୍ୱାଭାବିକ। ଓଡ଼ିଆ ସାହିତ୍ୟର କ'ଣ ଏଥିରୁ ମୁକ୍ତି ନାହିଁ।

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** (ହସି) ଏହା ଏବେ ବି ଚାଲିଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ସ୍ୱାମୀ ଡ. କୃଷ୍ଣଚନ୍ଦ୍ର ମିଶ୍ର ଅର୍ଥନୀତିର ଜଣେ ପ୍ରାକ୍ତନ ଅଧ୍ୟାପକ ହେବା ସହିତ ଜଣେ ବିଶିଷ୍ଟ ଅଭିଧାନବିତ୍, ପୁରାତତ୍ତ୍ୱବିତ୍ ଓ କଳା-ସ୍ଥାପତ୍ୟର ସୁବିଦିତ ଗବେଷକ ମଧ୍ୟ। ଆପଣ ଦୁହିଁଙ୍କ କାର୍ଯ୍ୟକ୍ଷେତ୍ର ଅଲଗା, ତଥାପି ପରସ୍ପରକୁ ନିଜ ନିଜର ସର୍ଜନାତ୍ମକ ଦିଗରେ କେମିତି ସାହାଯ୍ୟ କରିଥାଆନ୍ତି ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ସର୍ଜନାତ୍ମକ ଦିଗରେ ତ ସେ ମୋତେ ବହୁତ ପ୍ରେରଣା ଦିଅନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣ ମଧ୍ୟ ତାଙ୍କୁ ପ୍ରେରଣା ଦିଅନ୍ତି କି ନାହିଁ ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** (ହସି) ତାଙ୍କୁ ପଚାରନ୍ତୁ, ସିଏ କହିବେ। ମୁଁ ମଧ୍ୟ ତାଙ୍କୁ ପ୍ରେରଣା ଦେଇଥାଏ। ଚାଳିଶ ବର୍ଷ ଧରି ସେ ସାଧନା କଲେ, ତାଙ୍କର ଗବେଷଣାତ୍ମକ ଗ୍ରନ୍ଥ ଲେଖିବାପାଇଁ । ସେହି ଚାଳିଶ ବର୍ଷ କାଳ ମୁଁ ତାଙ୍କୁ ଡିଷ୍ଟର୍ବ କରିନି।

**ସାହିତ୍ୟ ଚର୍ଚ୍ଚା:** ଏବେ ଆପଣ ନୂଆ କ'ଣ ଲେଖୁଛନ୍ତି ?

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ:** ପ୍ରତିବର୍ଷ ମୋର ଗୋଟିଏ ଗଳ୍ପ ସଂକଳନ ଓ ଗୋଟିଏ ଉପନ୍ୟାସ ପ୍ରକାଶ ପାଉଛି। ଏବେ 'ଜଉଘର' ବୋଲି ଗୋଟିଏ ଉପନ୍ୟାସ ଲେଖା ଚାଲିଛି।

**ସାହିତ୍ୟ ଚର୍ଚ୍ଚା:** ଏହା ସୂଚାଇଦିଏ ଯେ ବୟସ ଆପଣଙ୍କର ସର୍ଜନାର ପ୍ରକ୍ରିୟାକୁ ଧିମେଇଦେଇନାହିଁ। ଏହା ଈଶ୍ୱରଙ୍କ ଆଶୀର୍ବାଦ ଓ ଓଡ଼ିଆ ସାହିତ୍ୟର ସୌଭାଗ୍ୟ। ଆଜିର ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

ଧାରାବାହିକ ବ୍ୟଙ୍ଗ

# ଏମିତି ଆଉଥା ମାଆ



ଅଜୟ କୁମାର ମିଶ୍ର

ବାହାରେ ଘଟେ ସବୁ ଘଟଣା, ଘରେ ଏବେ ନାନା ଘାଣ୍ଟଚକଟା । ମନ୍ଦିର ଠାକୁରଙ୍କଠାରୁ ଛକଠାକୁରଙ୍କ ଚାହିଦା ବେଶି । ଘରର ପୁଅ, ଛକରେ ଦାଦା ପାଲଟନ୍ତି, ପଲଟଣ ଧରି ପଟୁଆର କଲେ ମହାଦାଦା ପାଲଟନ୍ତି । ଘଣ୍ଟେ ଦେଖିଲେ- ଏବେଏବେ ଛକଠାକୁର ମେଳଣ ସଇଲାଣି । ତା' ବାଆଦେ ନୂଆଖିଆ ବି ବଡ଼ ପରବ ପାଇଲାଣି । ଘରେ ଟଙ୍କିକିଆ ଚାଉଳ ଭାତ ହେଉ ପଛେ, ବାହାରକୁ ତ ନୂଆଖିଆ ଥାଟ ଦେଖାଇବାକୁ ହେବ ନା । କହିଲା କ'ଣ ନା ଭାଇଚାରା! କିଓ ବାପ-ପୁଅରେ ଅମେଳ, ଭାଇଭାଇରେ ଭାଗିଦାରୀ – ଏମନ୍ତ ଅବସ୍ଥାରେ ଭେଟଘାଟ, ମେଳଣ, ବନ୍ଦାଣ, ନାଚଣ, ଗାଅଣ, ଜୁହାରର ଜୁଆର – ହାରାହାରି ମିଛ । ଖବରକାଗଜ ଆଉ ଟି.ଭି. ପାଇଁ ଅଲଗା ବେଶ, ଅଲଗା କଥା । ପୂରା ବାଆଜିଆ କାଣ୍ଡ । ଦିନରେ ତିଳକ ଚିତା, ରାତିରେ ତାକ୍ ଧିନ୍ ତା- ପ୍ରକାର ।




ଛକରେ ଛକରେ ଭଗତିଆଙ୍କ ଠାକୁର ବସାଣ । ପାଠହରାଙ୍କର ପାଠଦାତାଙ୍କ ପୂଜା । ଠାଆକୁ ଠାଆ ଭାଡ଼ି ମରା ହେଇଚି, ନାଲି ନେଳି କନା ଘେରରେ ଠାକୁରେ ଥୁଆ ହେଇଚନ୍ତି । କାହାର ଥୋଡ଼ ପାହାଡ଼ ଅଛି ତ କାହାର ନାଇଁ, କେଉଁ ଠାକୁର ଥୋଡ଼ପାହାଡ଼ ତଳକୁ ଦି'ଧାଡ଼ି ଟାଆଁସିଆ ମୁଛ । କେମିତି କିମ୍ଭୂତ କାରସାଦି କରିଦେଲେ ତାଙ୍କ ଠାକୁର ଖବରଟେ ପାଲଟିଯିବେ । କାଗଜରେ ଠାକୁରଙ୍କ ସହିତ ଆୟୋଜିକିଆମାନଙ୍କ ବିକଟାଳ ରୂପମାନ ଛାପାହେବ । ଏଥିପାଇଁ ଆଗୁଆ ବଇଠକର ତାଲିକା କରିବା ବେଳେ- ପହିଲେ ଠାକୁରକିଣା, ତାଙ୍କ ପୂଜା ଜିନିଷ କିଣା ଭଳିଆ କାମର ତାଲିକା ରହିଛି । ଖବରକାଗଜିଆଙ୍କୁ ନିମନ୍ତ୍ରଣ, ନେତାଙ୍କୁ ନିମନ୍ତ୍ରଣାଦି କାମ ବଡ଼ । ଛକଜଗୁଆମାନେ ତ ଏଇ କେଇଦିନ ଘରେ ବି ଜଳାହାର କରିପାରନ୍ତି ନାହିଁ । ଛକ ଠାକୁରଙ୍କ ସାମନାରେ ଠିଆରରେ ଉଭାହେଇ ଏମାନଙ୍କ ବିହାର, ଆଉ ପଛପାଖ ଗାରଦରେ ଏମାନଙ୍କ ଆହାର । ସବୁ ଏଇଠି, ଚାନ୍ଦାରେ ଚନ୍ଦା କରିଦେଇ, ଏଇ ଚାନ୍ଦୁଆ ମାହାର୍ଜେମାନେ ଛାତ ତଳ ଛାଡ଼ି ଚାନ୍ଦୁଆ ତଳକୁ ଆଶ୍ରା କରିଚନ୍ତି ।

**ଏକାଭଳିଆ ଛାଞ୍ଚ**

ସବୁଠି ପ୍ରାୟ ଏକାଭଳିଆ ଛାଞ୍ଚ, କେବଳ ମାଟି ଫରକ ନେଇ ଗଢ଼ଣ ଅଲଗା । ସବୁ ପଲଟଣରେ ଚାନ୍ଦୁଆ, ଭେଦୁଆ, ଛଦ୍ମା, ଛେଦୁଆ, ଫୋଡ଼ଣା, ବିଭୀଷଣାମାନଙ୍କ ଅଦଉତି । କେହି ଡାକୁ ବା ନ ଡାକୁ, ଏମାନେ ପୋଷା ବଳଦ ଛଆଁଙ୍କୁ ଖୁଣ୍ଟମୂଳେ ପହଞ୍ଚି ନୁଡୁରୁନୁଡୁରୁ ହେବା ଭଳିଆ, ଆପେ ଆପେ ନୁସୁରୁପୁସୁରୁ । ଭଲେଣ୍ଟରିଆ ରକତ ଏମାନଙ୍କ ଶିରାରେ ଶିରାରେ । ଏମାନଙ୍କ କଦର ପୂରା ନିଆରା, ଗୋଟୋପଣେ ନିଜନିଜିଆ ଭାବ । ପୂଜା ବେଳକୁ ନ ହେଲେ ବି, ଭସାଣିକୁ ରଙ୍ଗିଲା କରନ୍ତି ଏମାନେ । କୁମ୍ଭାଟୁଆ ଆଖିଭଳିଆ ଆଖି ରଙ୍ଗା ଚହ ଚହ ହେଇଥିବ, ବତକ ଭଳିଆ ଢଳଢଳିଆ ଚାଲି, ପାଟି ମେଲିଲେ ଅଲଗା ବାସ୍ନା, କେହି କେହି ଏମାନଙ୍କୁ ସୋମରସିକା ଭାବିଲେ ବି ତୁଣ୍ଡ ଖୋଲିବାକୁ ଜୁ ନଥାଏ । ପଦେ କହି ମହଣ ମହଣ ଅଚଝା ଶବଦଗୁଡ଼ିକୁ ଶୁଣିବାଠାରୁ ସବୁ ଦେଖି, ଶୁଣି କାନରେ ଠିପା ଲଗେଇଲେ ଠିକ୍ । ନ ହେଲେ ତମ ଚଉଦ ପୁରୁଷଙ୍କ ଅକାଳ ଶ୍ରାଦ୍ଧ ହେବା ଥୟ ।

ଘଣ୍ଟେ କିନ୍ତୁ ଏମିତିରେ କେବେ ଆଗକୁ ବାହାରନ୍ତି ନାହିଁ । ସିନିମା ଆଉ ଯାତରା ନିର୍ଦ୍ଦେଶକଙ୍କୁ କିଏ କ'ଣ ଦେଖନ୍ତି । 'ତ୍ରିଗୁଣ ରଶି ହାତେ ଧରି, ଘଣ୍ଟୁ ପ୍ରକାରେ କର୍ମକରି' ।

ପରଧନରେ ମଙ୍ଗଳବାର ଉଜୁଆଁ ଭଳିଆ ଏମାନେ କରନ୍ତି, ଏମାନେ ମାର୍କାମରା, ଘଣ୍ଟୁ କିନ୍ତୁ ଅଣମାର୍କୁଆ ।

ମକରା ପଣ୍ଡିତେ ଅଞ୍ଚଳର ଟାଣୁଆ ମଣିଷ । ସରସ୍ୱତୀଙ୍କୁ ସେ ପୋଷାଝିଅ କରିଛନ୍ତି । ମହାଜ୍ଞାନୀ ସେ । ଦରକାର ବେଳେ ଭାଗବତ ପଦଗୁଡ଼ିକୁ ଏପଟ ସେପଟ କରି ଜଗନ୍ନାଥ ଦାସଙ୍କ ଲେଖାକୁ ଓଲଟ ପାଲଟ କରିବା ତାଙ୍କ ଜିଭର ଗୋଟାଏ ପ୍ରକାର ଖେଳ । ଘଣ୍ଟୁଙ୍କ କାରନାମା ବର୍ଣ୍ଣନା କରି ମକରା ପଣ୍ଡିତଙ୍କ ତୁଣ୍ଡନିସୃତ ଗୋଜଭାଗବତ ଶୁଣାଏ-

ଘଟଣା ମାଳ ମାଳ ହେଇ । ଘଣ୍ଟୁ ରୁମରେ ଲୋଟୁଥାଇ ॥
ଘଣ୍ଟୁ-ଘଟଣା ଏକାକାର । ସାରା ବ୍ରହ୍ମାଣ୍ଡ କ୍ରୀଡ଼ାଘର ॥
ଥାନ ଅଥାନ ସବୁ ଥାନ । ଭାବରେ ଭିଆନ୍ତି ଭିଆଣ ॥
ଏମନ୍ତେ ଶରତ ଆସିଲା । ଦଶରା ମେଢ଼ ଦୁଲୁକିଲା ।
ଘଣ୍ଟେ ଯେ ଅଥୟ ହୋଇଲେ । ଆଟବାଟଙ୍କୁ ହକାରିଲେ ॥

ଅନାମିକାଠାରୁ ବୃଦ୍ଧାଙ୍ଗୁଳି ଯାଏ, ପାଞ୍ଚ ଆଙ୍ଗୁଠିରେ ପାପୁଲିର ଟାଣପଣ । ଘଣ୍ଟୁଙ୍କ ପାଞ୍ଚ ଆଙ୍ଗୁଠି ହେଲେ ବଜବଜିଆ ବାଜିଆ, ଫୋଡ଼ଣା ଫକିରା, ଛେଦୁଆ ନଛିଆ, ଭେଦୁଆ ବଇଷିମା ଆଉ ବିଭୀଷଣା ବାଇନ ।

**ଏମାନେ ଜଣେ ଜଣେ ବିଚକ୍ଷଣିଆ, ମିଳିତ ହେଲେ ଅଘଟଣ ପରେ ଅଘଟଣ ଘଟେଇ ଥିର ହେଇ ରହିଯିବେ ।**

ଏମାନେ ହେଲେ ଘଣ୍ଟୁ ପାପୁଲିର ପଞ୍ଚବେତାଳ, ପାଞ୍ଚମନ ଏମାନଙ୍କର, ପଚିଶ ପ୍ରକୃତିକି ଜାଲଗଣ୍ଠି ଭଳିଆ ଛନ୍ଦଣି ପକେଇ ରଖିଚି । ରକତ ସମ୍ବନ୍ଧିଆ ବରଂ ଦରକାର ବେଳେ ଧୋକା ଦେଇଦେବେ, ଏମାନେ କିନ୍ତୁ ଘଣ୍ଟୁଙ୍କ ଆଦେଶ ପାଳିବାରେ କେବେ ବି ଧୋକା ଦେଇନାହାନ୍ତି ଏଯାଏଁ । ଏକକ ଭାବରେ ଏମାନେ ଜଣେ ଜଣେ ବିଚକ୍ଷଣିଆ, ମିଳିତ ହେଲେ ଅଘଟଣ ପରେ ଅଘଟଣ ଘଟେଇ ଥିର ହେଇ ରହିଯିବେ । ସାତଥର ସ୍ନାନ, ମାତ୍ର ବିନ୍ଦୁଏ ବି ଜଳ ଦେହରେ ଲାଗି ନଥିବ ।

ବଜବଜିଆ ଖୋଇରେ ବାଜିଆ ଓସ୍ତାଦ । ତାହାମିଛକୁ ସତ ଫଳେଇ ଦେଇ ଏମିତି ବଜବଜ ହୁଏ ଯେ, ଲୋକେ ଛାଆଁକୁ ଛାଆଁ ତା' କଥାରେ ଭଳିଯାଆନ୍ତି । ଯିଏ ବା ଏଥିରୁ ଓହରି ଯାଆନ୍ତି, ବାଜିଆ କବଳରୁ ତାର ନିସ୍ତାର ନଥାଏ । ଫକିରା ସାଧାରଣ ଫୋଡ଼ଣା ନୁହେଁ, ୟା'କଥା ତାକୁ, ତା' କଥାକୁ ୟା' କାନରେ ଫୋଡ଼ି ଦେବାରେ ତାର ସମକକ୍ଷିଆ କେହି ବି ଏଯାଏଁ ଉତୁରି ନାହାନ୍ତି । ଡାକ୍ତର ଆଗରେ ପୁଅ, ନର୍ସ ଆଗରେ ଝିଅ କହି, ସେ ଏମିତି ବହୁ ଅଦଳବଦଳ କରିଦେଇ ଆସିଲେ ବି ତା' କେରିୟରରେ ଏତେ ଟିକେ ବି ଦାଗ ଲାଗିନାଇଁ । ଛେଦାଛେଦିରେ ନଛିଆ ବି ୟାଠୁ ଟାଣୁଆଁ । କିଛି କାରଣ ନ ଥାଇ ସଜମାଛରେ ଗୋବର ପକେଇ କେତେ କେତେ ରକ୍ତ ସଂପର୍କକୁ ତା' କୂଟ ବୁଦ୍ଧିରେ ସେ ଛେଦେଇ ଦେଇଛି, ତା' ହିସାବ କେବଳ ମହାଓସ୍ତାଦ ଘଣ୍ଟୁ ଜାଣନ୍ତି । ଭେଦୁଆ ବଇଷିମା, ପୂରା ଛୁଞ୍ଚିମୁନାଟା । ମୁନେ ଛିଦ୍ର ପାଇଲେ ସେ ଭିତରେ ଗଳିଯିବ, ସବୁ ଭେଦ ଯାକ ତା' ନଖଦର୍ପଣରେ । ତା' କୁହୁକୀ ମାୟାର ଟେର୍ କେହି ପାଇନାହାନ୍ତି । ବାକି ରହିଲା, ବିଭୀଷଣା ବାଇନ । ପୁରାଣ ବିଭୀଷଣର ସେ ଜେଜେ ନୁହେଁ, ବରଂ ପଣଜେଜେ । ସେ ବିଭୀଷଣ ଦଶରଥ ଟୋକାକୁ ଭାଇ ଘରର ଭିତିରିଆ ଖବର ଜଣେଇଦେଇ ଜିତେଇ ଦେଇଥିଲା । ବାଇନ କିନ୍ତୁ ତା ବିଭୀଷଣିଆ ବୁଦ୍ଧିରେ ଘରଭଙ୍ଗା ବ୍ରତରେ ଏକନିଷ୍ଠ ସାଧକ ।


**ହାଉୟାଉଆ ଖବର**

ପୂଜାବଜାର ହାଉୟାଉଆ ଖବର । ବୁନ୍ଦେ ବି ବର୍ଷା ନ ଥାଉ, ପାଣିଫାଗୁଆମାନେ ବର୍ଷା ଖବର ଦିଅନ୍ତି । ଖବରକାଗଜିଆମାନେ ଏସବୁକୁ ନେଇ ବଉଦଫଟା ବର୍ଷା ଖବର ଛାପନ୍ତି, ବେପାରିଏ ଦରବଢ଼ାଇ ଦି'ପଇସା ମୁନାଫା କରନ୍ତି, ଦାନ ଧର୍ମରେ ଏମାନଙ୍କୁ ତୋଷନ୍ତି । ଆତୁରିଆ ଖାଉଟିଏ ଅଧିକ ଦର ଦେଇ ସବୁ କିଣିନିଅନ୍ତି, ବଜାରରେ ନିଆଁଧୂଆଁ ଛାଇ ହେଇଯାଏ ।

ଦଶରା ନ ଆସୁଣୁ ଖବରକାଗଜିଆମାନେ ମେଢ଼ ତାଲିକା ପ୍ରକାଶ କରନ୍ତି । ପୂଜାକାରିଆମାନେ ସେମାନଙ୍କୁ ବି ଖବରଦେଇ ନିଜ ମେଢ଼ ନାଁ ସଇ କରାନ୍ତି । ଏମନ୍ତ ସୁଯୋଗକୁ ଘଣ୍ଟେ ହାତଛଡ଼ା କରନ୍ତେ କେମିତି ? ପାଞ୍ଚ ଆଙ୍ଗୁଳିଙ୍କୁ ହକାରି ଗୋପନ ବଇଠକ କରି ମନ୍ତ୍ର ଫୁଙ୍କିଲେ । ବାଜିଆ, ଫକିରା, ନଛିଆ, ବଇଷିମା ଓ ବାଇନ- ଏଇ ପଞ୍ଚବୀରେ ମାତିଗଲେ କାମରେ । କେଉଁ ଥାନଗୁଡ଼ିକରେ ମେଢ଼ ହେଇନାଇଁ, ସେଇଠି ନୂଆମେଢ଼ କରିବା ପାଇଁ ନୂଆ ଭିଆଣ କରିବା ଯୋଜନା କଲେ । ବଜବଜିଆ ବାଜିଆ ଆଗେ ଏଇ ଥାନରେ ପହଞ୍ଚି ତା' ତୁଣ୍ଡବାଣରେ ଆଖପାଖିଆଙ୍କ ମନରେ ଦଶରା ମଣ୍ଡପ କଥାଟା ଭର୍ତ୍ତି କରିଦେଲା । ଗୋଟାଏ ତାଳମେଳ କରାଇବା

ଯୋଜନା କରିବାରେ ସାମାନ୍ୟ ବିଫଳ ହେବା ବେଳକୁ ସେଠି ରିଲେ ରେସ୍‌ର ମଶାଲ ଆଉ ଜଣେ ଧରିବା ଭଳିଆ, ନଳ ଧରେ ଫୋଡ଼ଣା ଫକିରା ।

ଗାଁ, ୱାର୍ଡ, ବ୍ଲକ୍, ତହସିଲ ବଦଳିବା ବେଳେ ଭୂଗୋଳଠାରୁ ଭୋଟ ଅମଳକୁ ଦେଖି ସରକାରୀ ଖାତାରେ ପରିବର୍ତ୍ତନ କରାଯାଏ । ସେମିତି ଘଣ୍ଟୁଙ୍କର ଚିନ୍ତା କେଉଁ ଜାଗାରେ ନୂଆ ମଣ୍ଡପ ଭିଆଣ କଲେ, ରୋକଡ଼ାଟା ଠିକ୍ ମିଳିବ, ସେମିତି ଚାରି ପାଞ୍ଚଟା ଜାଗା ପ୍ରସ୍ତାବ ଆସିଲା । ଶେଷରେ ହରକତବସ୍ତିର ଲୋକ ସଂଖ୍ୟା, ଲୋକଙ୍କ ଇଚ୍ଛା ଦେଖି ସେଇଠି ମଣ୍ଡପଟେ ଭେଇ ଏସନ ନୂଆକରି ଦଶରା ପାଳିବା ବ୍ୟବସ୍ଥା ହେଲା । ଏ ବସ୍ତି ଗାଁରୁ ଅଲଗା, ସହରତଳିଆ ବସ୍ତି, ଓଡ଼ିଶାର ନାନାଆଡୁ ନାନା ପ୍ରକାରେ ଲୋକେ ଏଠି ଥୟ ହେଉଛନ୍ତି । ଏଇଠି ଅଛନ୍ତି ବହୁ କାମିକା ଲୋକ, ଉଦାଖିଆ ଷଣ୍ଡମାର୍କା ଟୋକା, ପ୍ରଜାମିସ୍ତ୍ରୀ, ରଡ୍‌କଟାଳି, ହାଫ୍‌ବଢ଼େଇ - ଏମିତି ନାନା କିସମର ଲୋକ ।



## ବସ୍ତିରେ ହଇଚଇ

ହରକତ ବସ୍ତିରେ ଏଥର ହଇଚଇ, ଏଇଠି ଏମାନେ ଦଶରା କରିବେ, ମେଢ଼ ହେବ, ମାଆ ଦୁର୍ଗାଙ୍କ କରୁଣା ହେଇଛି । ବସ୍ତି ମଝାମଝି ବଡ଼ ବରଗଛ ତଳେ ମଣ୍ଡପ ହେବାକଥା ଥିର ହେଲା । ପହିଲେ ବଜବଜିଆ ସମସ୍ତଙ୍କୁ ତାଙ୍କ କୁହୁକିଆ ବଚନବାଣରେ ଘାଇଲା କରି ଏକପ୍ରକାର ରାଜି କରେଇଦେଲେ । ସବୁ ତାଳମେଳରେ ଜଣେ ଅଧେ ବେତାଳିଆ ଥାଇଲା ଭଳିଆ ଟିମାପୁଅ ମଦନା ଗୋଳ ପୂରେଇଲା । ସେମାନଙ୍କ ଭିତରେ ସେ ବଡ଼ ଶିକିତ । ଚାରିଥର ପରୀକ୍ଷା ଦେଇ ସେ ମାଟ୍ରିକ୍ ଟପିପାରିଲାନି ସିନା, କିନ୍ତୁ ବସ୍ତିରେ ତା'ର ଛାଣ୍ଟ୍‌କାଣ୍ଟିଆ ଚେହେରା ଓ ଅଟୋପ ଖୁବ୍ ଟାଣ । ଏଥରକ କାନଫୁଙ୍କିଲା ଫୋଡ଼ଣା ଫକିରା । ବତେଇଦେଲା ଯେ, ଗୁରୁ ଘଣ୍ଟେ ତାକୁ କୁମିଟି ମେହେମ୍ବର କରିଦେବେ । ଆଉମାନେ ଲାଗିଲେ ବି ତମେ ମେହେମ୍ବର ହେବା ଥୟ । ମନେ ମନେ କୁରୁଳି ଉଠିଲା ମଦନା ।

ଗୋଳି ପାଣି ଥିର ହେବା ବେଳକୁ ମୁଣ୍ଡପୋତା ଗଡ଼ିଶା, ରଡା, ମାଗୁର, ସେଉଳ ଆଦି ମୁଣ୍ଡ ଟେକିବା ଭଳିଆ, ଗୋଳ ପୂରେଇଲା ଚେଙ୍କାନଟିଆ । ପିଲାଦିନୁ ଦିଇଟା ମାଆ ଚେଙ୍କ ଚିହ୍ନ ଥିବାରୁ ସେ ଚେଙ୍କାନଟିଆ ଭାବରେ ପରିଚିତ । ମୂଳ ପ୍ରଶ୍ନ କଲା, ଏତେବଡ଼ କାମ ହବ ଯେ, ରୋକଡ଼ା ଆସିବ କେମନ୍ତେ ? ଏଥର ପାଳି ଧଇଲା ଛେଦୁଆ ଛଚିନା । ମଗଜ ଖଟେଇ ତାକୁ ପୁରୁଣା ମାଷ୍ଟ୍ର ମୂର୍ଖ ପିଲାକୁ ବଝେଇଲା ଭଳିଆ ବୁଝେଇଦେଲା । ଏଇ ବରଗଛ ପାଖରେ ବାଉଁଶଟେ ପୋତି, ବାନାଟେ ଟଙ୍ଗା ହେବ, ଗୋଟାଏ ବାକ୍ସସ୍ ସେଇଠି ଚାବିପଡ଼ି ରହିବ । ଏଇ ହୁଣ୍ଡିରେ ସମସ୍ତେ ଦାନଟଙ୍କା ଭରିବେ । ସାଙ୍ଗରେ ଆଣିଥିବା ହୁଣ୍ଡି ବାକ୍ସକୁ ଚେଙ୍କାନଟିଆକୁ ଧରେଇଦେଇ କହିଲା, ଆଜିଠୁଁ ଏ ଦାୟିତ୍ୱ ତମର । ପହିଲେ ମୁଁ ଏଠି ଦଶଟଙ୍କା ପକେଇଲି, ଯିଏ ପାରୁଚ, ଏଇଠି ଆଗେ କିଛି କିଛି ପକାଅ । ନଟିଆଙ୍କ ଝୁମ୍ପୁରିରେ ରାତିରେ ରହିବ ହୁଣ୍ଡି, ସକାଳୁ ପୁଣି ହୁଣ୍ଡି ବିଜେ ହେବ ଏଠିକି ।

ଚେଙ୍କାନଟିଆର ଚେଙ୍କା ମୁହଁର ଯେମନ୍ତ ହାଲୋଜିନ୍ ହାଲ୍ଲୋଳ କରିଦେଲା । ଯାହାହଉ, ବଡ଼ କାମଟେ ପାଇଲା । ସବୁଦିନେ କାମକୁ ଯିବା ବେଳକୁ ଏଠି ହୁଣ୍ଡି ଥୋଇବ, ପୁଣି ରାତିରେ ତାକୁ ନେବ । ଚାବି ରଖିଲା ଛେଦୁଆ ଛଚିନା । ବସ୍ତିରେ ଫଣ୍ଟୁସ୍‌ଟା ଗୋଟାଏ ଉଭାସାରିଆ ଟୋକା । ବହୁ ଛକରେ ସଂଜବେଳକୁ ନାଳିପାଣି ଆସରର ନିଷ୍ପାପର ମେମ୍ବର ସେ । ଗୋଳ ପୂରେଇଲା ଏଠି । ଅସରପା ଗୋଟେ ଚଢ଼େଇ ନା ଚେଙ୍କାନଟିଆ ଗୋଟେ ମଣିଷ ? ସେ କ'ଣ ଏତେବଡ଼ କାମ କରିବ ? ସମ୍ଭାଳି ନ ପାରି ହାଉ ହାଉ ହେଲାବେଳକୁ ଭେଦୁଆ ବଇଷିମା ତା' ହାତକୁ ଦିଇଟା ପୁଡ଼ିଆ ଧରେଇ ଟିକେ ଆଗକୁ ଟାଣିନେଲା । କହିଲା, ଚେଙ୍କାନଟିଆ ସିନା ହୁଣ୍ଡି ସମ୍ଭାଳିବ, କିନ୍ତୁ ତମେ ବାହାର ସମ୍ଭାଳିବ । ବାହାର ଚାନ୍ଦା ବେଳକୁ ତମେ ରସିଦ ବହି ନେଇ, ଟୋକା ଦଳର ମୁଖିଆ ହେବ । ଚେଙ୍କାଠୁଁ ତମ ଦାୟିତ୍ୱ ବଡ଼ । ଭେଦୁଆ ବଇଷିମାର ଏ ଗଦଲଗା

କଥାରେ ଫଣ୍ଟୁସ୍‌ର ଫଅଁ ଫାଆଁ ଜିଭକୁ ହଠାତ୍ ଥାମ୍ ହେଇଆସିଲା ।

> **ପହିଲି ପୂଜା, ଏମନ୍ତ କଲେ ମାଆ ରୁଷିବେ । ସାଦାରେ ସାଦାରେ ସବୁ ହଉ ।**

ଏଥର ମୁଣ୍ଡଟେକିଲା ମହାମୁର୍ଖ ଚାହିଁଜଳକା ଚକ୍ରଧର ଓରଫ ଚକରା । ଗୋଳ ପୂରେଇ କହିଲା, ଖର୍ଚ୍ଚାପାଣି ଆସିବ କେମନ୍ତେ, ନଟିଆର ଫଣ୍ଟୁସ୍‌ଦା ତ ବୁଝିବେ । ଏଥର ଆଉ ଆଉ କାମ ପାଇଁ ଆମ ବାପାକୁ ଯେମିତି ହେଲେ କୁମିଟିରେ ରଖ । ଝାମ୍ପି ପଡ଼ିଲା ବିଭୀଷଣା ବାଇନ । ତା' କାନରେ ଚୁପି ଚୁପି ଫୁଙ୍କିଦେଲା କେଇପଦ, ଦିହସାରା ଭେଦିଗଲା ଏ ମନ୍ତ୍ର । କହିଲା, ତମ ବାପା ବୁଢ଼ା ମଣିଷ, ଏ ହଣ୍ଡାଳିଆ ଟୋକାଙ୍କ ଭିତରେ ସେ ମୁରବି ହେଲେ ଖୁବ୍ ମାନିବ । ତମ ସାଙ୍ଗ ସରିସା, ଦୋସ୍ତିଆଙ୍କ ମେଳରେ ସେ ରହିବା ଠିକ୍ ନା ତମେ ରହିବା ଠିକ୍ । ମାନିଗଲା ଚକରା । 'କଥାପଦେ କହିଲ ଏକା' କହି ମନେ ମନେ ତାରିଫ୍ ହେଲା । ।

ପୂଜା ଆଉ କେଇଟା ଦିନ, ମୂର୍ତ୍ତିଗଢ଼ା ହେବ, ମଣ୍ଡପ ତିଆରି ହବ, ସାଜସଜା, ବାଜା ବଜନ୍ତରୀ – ପୂଜାନନା ଠିକଣା – ଏମିତି କେତେ କାମ । ବଢ଼ି, ଝଡ଼ି, ଲଗାଣବର୍ଷା ବେଳେ ସରକାରୀ ଚବିଶି ପହରିଆ କଣ୍ଟ୍ରୋଲ୍ ରୁମ୍‌ଠାରୁ ଆଉ ଗାଢ଼ା ଭାବରେ ଘଣ୍ଟୁ ସାଆରଙ୍କ କଣ୍ଟ୍ରୋଲ୍‌ରୁମ୍ କାମକଲା । ତାଙ୍କ ନିର୍ଦ୍ଦେଶରେ ଏ ପଞ୍ଚଦୂତେ ଏଥର ତିନି ଜାଗାରେ ନୂଆ ଦଶରା ପୂଜା ଭେଇଲେ । ସପଲ୍‌ମେଣ୍ଟାରୀ ନନା, ଦଳକା ବାଜାବାଲାଙ୍କୁ ନେଇ ଦଶରା ଦୁଲୁକିଲା । ହୁଣ୍ଡିଟଙ୍କା, ରସିଦ ଖାତା ଟଙ୍କା ବାଆଦେ, ପାଖ ରାସ୍ତାରେ ଯା'ଆସ କରୁଥିବା ଦି'ଚକିଆ, ତିନିଚକିଆ, ଚାରିଚକିଆ, ଛ'ଚକିଆ ଗାଡ଼ିବାଲାଙ୍କଠାରୁ ଅଧିକ ଆଦାୟ । ଘଣ୍ଟୁଙ୍କ ପଞ୍ଚବେତାଳ, ଜୋକ ଭଳିଆ ନାଗିଗଲେ । ଠେଲାପେଲା ହେଇ ପୂଜା ପାର ହେଇଗଲା ।

ପୂଜାଠାରୁ ଭସାଣି ଟାଣ ହେବା ଦରକାର । ଘଣ୍ଟୁଙ୍କ ନିର୍ଦ୍ଦେଶରେ ଏଥର ଭସାଣି ଶାନ୍ତିପୂର୍ଣ୍ଣ ହେବ । ବାହାର ବାଜଣା ଫାଜଣା କିଛି ବଜା ହେବନାହିଁ । ପହିଲି ପୂଜା, ଏମନ୍ତ କଲେ ମାଆ ରୁଷିବେ । ସାଦାରେ ସାଦାରେ ସବୁ ହଉ । ବସ୍ତି ଲୋକେ ଥାଳି କଂସାକୁ ପିଠା ଖଡ଼ିକାରେ ବାଡ଼େଇ ବାଡ଼େଇ ଯିବେ । ଖବରକାଗଜିଆ, ଟି.ଭି. ବାଲାଙ୍କୁ ଅଗ୍ରୀମ ଦେଇ ବଶ କରିଥିବା ଘଣ୍ଟୁଙ୍କ କାରନାମାରେ ଏ ଖବର ଅଇଁଠା ଯାଦୁଭଳିଆ ଚାରିଆଡ଼େ ମାଡ଼ିଗଲା । ସେଦିନ ଏ ଦାଦେନିଆଁ ପଟୁଆର ଦେଖି କିଛି ଲୋକେ ବି ଥାଳି ଧରିଥିବା ଚେଙ୍କାନଟିଆ ଥାଳିରେ କିଛି କିଛି ବି ପକେଇଲେ । ସାତ୍ତ୍ୱିକ ଭସାଣିର ଆଦର୍ଶ ବାର୍ତ୍ତା ଖବରକାଗଜରେ ଚାରିଆଡ଼େ ଛାଇ ହେଇଗଲା ।

ପଞ୍ଚ ବେତାଳଙ୍କୁ ସନ୍ତୋଷ୍ଟ କରିବା ପରେ ଘଣ୍ଟୁ ଗଣାଗଣି କରି ଜାଇଁଲା ଟଙ୍କା ନବେହଜାର ଚାରିଶହ ପଚିଶ । ଆରସନକୁ ଆଉ ଠାଏ ଦିଇଠା ଦଶରା ଭେଇବାକୁ ମନେ ମନେ ସଂକଳ୍ପ କରି, ମାଆଙ୍କୁ ମୁଣ୍ଡିଆ ମାରୁଥିଲା ଘଣ୍ଟୁ । ମାଆଲୋ ! ଏମିତି ଆଉଥା ।


□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com



ପ୍ରବନ୍ଧ


# ଶବ୍ଦ ବନାମ ସାହିତ୍ୟ



ଦାଶ ବେନହୁର

ପୃଥିବୀରେ ଯେତେବେଳେ ପ୍ରାଣୀ ନଥିଲେ, ସେତେବେଳେ ଶବ୍ଦ ଥିଲା । କୁହାଯାଏ, ଯେଉଁ ପ୍ରକାଣ୍ଡ ବିସ୍ଫୋରଣରୁ ବ୍ରହ୍ମାଣ୍ଡର ସୃଷ୍ଟି, ତହିଁର ମୂଳ ଦୁଇଟି କଥାରେ ନିହିତ । ଗୋଟିଏ ହେଉଛି ଆଲୋକ ଏବଂ ଅନ୍ୟଟି ଶବ୍ଦ । ତେଣୁ ପ୍ରକାରାନ୍ତରେ କହିଲେ, ଏ ଜଗତ, ଏ ପୃଥିବୀ ତିଆରି ହୋଇଛି ଶବ୍ଦକୁ ନେଇ । ଶବ୍ଦ ମୂଳ, ଆଉ ସବୁ ଡାଳ ।

ମଣିଷ ପୃଥିବୀରେ ଜନ୍ମ ହେବା ଆଗରୁ ମାଟି ଥିଲା, ଜଳ ଥିଲା, ବାୟୁ ଥିଲା, ଆକାଶ ଓ ଅଗ୍ନି ବି ଥିଲେ । ତାହା ସହିତ ଗଛଲତା ଓ କେତେକ ପଶୁପକ୍ଷୀ ବି ଥିଲେ । ଥିଲେ ବି ଅନେକ ଜଳରେ ଜୀବ । କିନ୍ତୁ ଆକାଶରେ ମେଘ ଥିଲା, ନାଦ ଥିଲା, ଛନ୍ଦ ଥିଲା । ଶବ୍ଦ ନଥିଲେ ନାଦ କାହିଁ ? ଅତଏବ ଶବ୍ଦ ଓ ନାଦ ମଣିଷର ଅନେକ ଆଗରୁ ନାନା ରୂପରେ ବିଚରଣ କରୁଥିଲେ ପୃଥିବୀ ପୃଷ୍ଠରେ । କେଉଁଠି ମେଘର ମନ୍ଦ୍ରନାଦ ହୋଇ, କେଉଁଠି ଜଳର କୁଳୁକୁଳୁ ଧ୍ୱନି ବା ଘର୍ଘର ନାଦ ହୋଇ ବା କେଉଁଠି ପତ୍ରର ମର୍ମର ହୋଇ ।



**ଶବ୍ଦ ବ୍ରହ୍ମ**

କୁହାଯାଏ, ଶବ୍ଦ ହେଉଛି ବ୍ରହ୍ମ । ଯାହା ବାସ୍ତବ ଓ ଚିରନ୍ତନ ତାହା ହିଁ ସତ୍ୟ । ବ୍ରହ୍ମ ହେଉଛି ସତ୍ୟର ପ୍ରତିରୂପ । ସେ କାଳେ ଥିଲା, ଆଜି ଅଛି ଓ ଆଗକୁ ବି ଥିବ । ସବୁ ବିଲୀନ ହୋଇଗଲା ପରେ ବି ସତ୍ୟ ଥିବ, ବ୍ରହ୍ମ ଥିବ । ବ୍ରହ୍ମ ହିଁ ମୌଳିକ ତତ୍ତ୍ୱ, ଯହିଁରେ ସୃଷ୍ଟି, ଜୀବନ, ଜଗତ ଓ ବିଲୟ ବି ନିହିତ । ବ୍ରହ୍ମ ହିଁ ସାର୍ବଭୌମ, ଐଶ୍ୱରୀୟ ନୀତି ଏବଂ ସମସ୍ତ କଥାର ଅନ୍ତିମ କାରଣ ତଥା ଫଳାଫଳ । ଅଦ୍ୱୈତ ବେଦାନ୍ତର ସିଦ୍ଧାନ୍ତୀ ଶ୍ରୀଶ୍ରୀ ଶଙ୍କରାଚାର୍ଯ୍ୟ ସେଇଥିପାଇଁ କହିଛନ୍ତି - "ବ୍ରହ୍ମ ସତ୍ୟଂ, ଜଗତ ମିଥ୍ୟାଂ" । ଜଗତ ପରିବର୍ତ୍ତନଶୀଳ । ତା'ର ସୃଷ୍ଟି ଅଛି, ବିଲୟ ବି ଅଛି । ତେଣୁ ଯାହାର ବିଲୟ ଅଛି, ତାହା ଚିରନ୍ତନ ହେବ କେମିତି ? ସେଇଥିପାଇଁ ତାହା ସତ୍ୟ ନୁହେଁ । କେବଳ ବ୍ରହ୍ମ ହିଁ ସତ୍ୟ । ଜଗତ ମାୟା, ପ୍ରହେଳିକା ।

ଏବେ 'ଶବ୍ଦ' କଥାଟିକୁ ବିଚାର କରିବା । ଶବ୍ଦ ମାତ୍ରେ ତାହା ଉଚ୍ଚାରିତ । ବିନା ଉଚ୍ଚାରଣରେ ଶବ୍ଦ ନାହିଁ । ଏହା କେତେବେଳେ ପ୍ରକାଣ୍ଡ ବିସ୍ଫୋରଣ ତ କେତେବେଳେ ନିନାଦହୀନ ଅତି ସୂକ୍ଷ୍ମରୁ ସୂକ୍ଷ୍ମତର ସ୍ୱର । ଶବ୍ଦ ହିଁ ସ୍ଥିତି-ସ୍ଥାପନ । ଶବ୍ଦ ସୃଷ୍ଟିକର୍ତ୍ତା । ଶବ୍ଦ ହିଁ ଜ୍ଞାନର ମୂଳ ହେତୁ । ତାହା ସହିତ ଯୋଡ଼ା ହୋଇଛି ଅନୁଭବ, ଆହରଣ ଓ ତୁଳନା । ସେସବୁର ଆଧାରରେ ଶବ୍ଦ ଉଚ୍ଚାରିତ ହୁଏ ।

ଶବ୍ଦ ପହିଲେ ଥିଲା ଭାବରେ । ଭାବରୁ ତାହା ଆସିଛି ଉଚ୍ଚାରଣକୁ । ସବୁଠାରେ ଶବ୍ଦ । ନିଃଶବ୍ଦ କଥାଟି ଏକ ଲୋକାଚାର, ଯାହା ମଣିଷଙ୍କ ମେଳରେ କେବଳ ପ୍ରଚାରିତ । ସତ କହିବାକୁ ଗଲେ ନିଃଶବ୍ଦ ବୋଲି କିଛି ନାହିଁ । ସବୁଠାରେ ଶବ୍ଦ ଗୁମ୍ଫିତ ହୋଇ ଅଛି । କାଠରେ, ପଥରରେ, କୋଳାହଳରେ, ନିରବତାରେ ବି । ନିରବତାକୁ ବି ଶୁଣାଯାଇପାରେ ।

ହଜାର ହଜାର କାହିଁକି, ଅୟୁତ ଅୟୁତ ବର୍ଷ ପରେ ଶବ୍ଦ ଆସିଛି ଅକ୍ଷର ରୂପରେ । ଅକ୍ଷର ପ୍ରକୃତରେ ଛବି । ଛବି ମାତ୍ରେ ତା'ର ଲୟ ବିଲୟ ଅଛି । କିନ୍ତୁ ଅକ୍ଷର ବୋଲି ଯେଉଁ କଥାଟି ତାହା କ୍ଷରଣହୀନତାକୁ ନେଇ । ପ୍ରକୃତରେ ଶବ୍ଦ କ୍ଷରିତ ହୁଏନାହିଁ ବୋଲି ଅକ୍ଷରର ନାମକରଣ ସେପରି ହୋଇଛି ।

ପଦାର୍ଥ ମାତ୍ରେ ତା'ର ଚେତନା ଅଛି । ସଜୀବ, ନିର୍ଜିବ ସବୁଠି ଚେତନା ଅନ୍ତରୀଣ । ଏ ଚେତନା କେଉଁଠାରେ ବହିର୍ମୁଖୀ ତ କେଉଁଠାରେ ଅନ୍ତର୍ମୁଖୀ । ମଣିଷ ଦେହରେ ଏ ଚେତନା ଉଭୟ ବହିର୍ମୁଖୀ ପୁଣି ଅନ୍ତର୍ମୁଖୀ । ବିନା ଅକ୍ଷରରେ

ମଣିଷ ସେ ଚେତନାକୁ ଅନ୍ତର୍ମୁଖୀ କରି ନବଭାବ ସୃଷ୍ଟି କରିପାରେ । ସେଥିପାଇଁ ସେ ମୁଖ ଓ ସ୍ମୃତି ଆଧାରରେ ନାନାକଥା ଉଚ୍ଚାରଣ କରେ, ପୁଣି ବହିର୍ମୁଖୀ ଚେତନାକୁ ପ୍ରୟୋଗକରି ତା'କୁ ଅକ୍ଷରରେ ଢାଳେ ।

**ସାହିତ୍ୟ କ'ଣ ?**

ଏଇଠି ଆସୁଛି ସାହିତ୍ୟର କଥା ।

ସାହିତ୍ୟ କ'ଣ ? ଯେକୌଣସି ନବସୃଷ୍ଟି କ'ଣ ସାହିତ୍ୟ ? ଯାହା ରସାଅଭିବ୍ୟକ୍ତି, ତାହା ଲିଖିତ ହେଉ କି ମୌଖିକ, ଆମେ କ'ଣ ତା'କୁ ସାହିତ୍ୟ କହିପାରିବା ? ଯାହା ସହିତ ଥାଏ, ହିତରେ ଥାଏ ତାହା କ'ଣ ସାହିତ୍ୟ ? ସାହିତ୍ୟକୁ ନେଇ ଅନେକ ସଂଜ୍ଞା, ଅନେକ ପର୍ଯ୍ୟାଲୋଚନା । ହେଲେ 'ସାହିତ୍ୟ'ର ମୂଳ କଥାଟି ହେଉଛି 'ଶବ୍ଦ' । ଶବ୍ଦ ନଥିଲେ ସାହିତ୍ୟ କାଇଁ ? ସେ ଶବ୍ଦ ସବୁବେଳେ ଲିଖିତ ନୁହେଁ । ସାହିତ୍ୟର ଦୁଇଟି ରୂପ । ଲିଖିତ ଓ ମୌଖିକ । ପ୍ରଥମେ ମୌଖିକ ଓ ବହୁକାଳ ପରେ ଲିଖିତ ।

ସାହିତ୍ୟ ହେଉଛି ସେଇ ରସାଳ ଅଭିବ୍ୟକ୍ତି, ଯାହା ସୁଖଦାୟକ ପୁଣି ଚିରନ୍ତନ । ଏ ଅଭିବ୍ୟକ୍ତି କେତେବେଳେ ସ୍ୱତଃସ୍ଫୂର୍ତ୍ତ ତ କେତେବେଳେ ସାଧନା-ସିଦ୍ଧ । ଧାଡ଼ିଏ କଥା କେବେ ଅନାୟସରେ ମୁହଁରୁ ବାହାରିଯାଏ ତ କେଉଁ ପରିସ୍ଥିତିରେ ସେଇ ଧାଡ଼ିକ ଅପେକ୍ଷା କରିଥାଏ ବର୍ଷ ବର୍ଷ ଧରି ଉଚ୍ଚାରିତ ହେବା ପାଇଁ । ସହସା ହେଉ କି ଅପେକ୍ଷିତ, ଯାହା ହିତକାରୀ ନୁହେଁ, ସାର୍ବଜନୀନ ନୁହେଁ, ଚିରନ୍ତନ ନୁହେଁ, ସ୍ୱାଭାବିକ ନୁହେଁ, ତାହା ସାହିତ୍ୟ ହେବ କେମିତି ? ସାହିତ୍ୟରେ ଈର୍ଷା, ଘୃଣା, ଅସୂୟାର ପ୍ରଚାର ନଥାଏ । ନଥାଏ କୁତ୍ସିତର ଡିଣ୍ଡିମ । ପ୍ରକୃତ ସାହିତ୍ୟ ଗୋଟାଏ ସ୍ନିଗ୍ଧ ଆଲୋକପିଣ୍ଡ, ଯାହାର ଆଲୋକ ରଶ୍ମି ସମସ୍ତଙ୍କ ଲାଗି ପଥପ୍ରଦର୍ଶନକାରୀ । ଯାହାର ପଠନ ବା ଶ୍ରବଣ ଯୋଗୁଁ କେହି ଯଦି ଅନ୍ଧାରକୁ ଠେଲି ହୋଇଗଲା, ତେବେ ତାହା ସାହିତ୍ୟ ପଦବାଚ୍ୟ ନୁହେଁ ।

**ଯାହା ହିତକାରୀ ନୁହେଁ, ସାର୍ବଜନୀନ ନୁହେଁ, ଚିରନ୍ତନ ନୁହେଁ, ସ୍ୱାଭାବିକ ନୁହେଁ, ତାହା ସାହିତ୍ୟ ହେବ କେମିତି ?**

ମହର୍ଷି ବାଲ୍ମିକୀଙ୍କୁ ସାହିତ୍ୟ ଜଗତର ସ୍ରଷ୍ଟା ବୋଲି ଅଭିହିତ କରାଯାଏ । ଗୋଟାଏ ପ୍ରଚଣ୍ଡ ସମ୍ବେଦନାର ସଂଘାତ କାରଣରୁ ତାଙ୍କ ଗୋଳାଚ୍ଛ୍ୱାସ ମନ ବାଟେ ଯେଉଁ ଶ୍ଳୋକ ସ୍ୱତଃସ୍ଫୂର୍ତ୍ତ ହୋଇ ବାହାରି ଆସିଥିଲା, ତାହା କୁଆଡ଼େ ସାହିତ୍ୟର ଆଦ୍ୟ ରୂପ । ମାତ୍ର ମନେ ରଖିବାକୁ ହେବ ଯେ, ଶବ୍ଦ ମାଧ୍ୟମରେ ଯେଉଁ ରସାଳ ଉଚ୍ଚାରଣ ତାହା ଆମେ ପାଇଛେ ପ୍ରକୃତିରୁ । ପୂର୍ବରୁ କହିଲା ଭଳି ମେଘରୁ, ଜଳରୁ, ପବନରୁ, ପଶୁପକ୍ଷୀଙ୍କର କଳରବରୁ । ରସାଳ ସୁଖଦାୟୀ ଉଚ୍ଚାରଣ ବା ଶବ୍ଦର ଜୟଯାତ୍ରା ତ ସେଇଠୁ । ପୁଣି ମଣିଷ ମେଳରେ ପ୍ରଥମେ ଆପଣା କୋଳରେ ଶିଶୁଟିକୁ ବୋଧ କରିବା ପାଇଁ ଆଦିମାତାଟିର ସେ ମଧୁର ଉଚ୍ଚାରଣ ? ସେତେବେଳେ ଅରଣ୍ୟ ଜୀବନରେ ଶବ୍ଦଥିଲା, ଭାବଥିଲା ମାତ୍ର ଭାଷା ହିଁ ନଥିଲା । ସେ ମାଆର ଭାଷାହୀନ ଭାବ ଉଚ୍ଚାରଣ ହିଁ ପ୍ରଥମ ସାହିତ୍ୟ ।

ବାଲ୍ମିକୀ ମହର୍ଷି ଭାଷା ଯୁଗର ମଣିଷ ।

ସେ ଆଦିମାତା ଭାବଯୁଗର ମଣିଷ, ଶବ୍ଦ ତରଙ୍ଗର ମଣିଷ । ତେଣୁ ପ୍ରଥମ ସାହିତ୍ୟ ସେଇ ନାନାବାୟା ଶବ୍ଦ ଯାହା ଭାଷାର ପୂର୍ବଜ । ଲିଖିତ ଭାଷାର ବହୁ ପୂର୍ବର କଥା । ସେ କଥାକୁ ଧରିଲେ ବାତ୍ସଲ୍ୟ ରସ ହିଁ ସାହିତ୍ୟକୁ ଦେଇଛି ତା'ର ଆଦ୍ୟ ଶବ୍ଦରୂପ । ବହୁ ପରେ ଆସିଛି ସମ୍ବେଦନାର ସୂତ୍ର । ଭାଷାଗତ ଶବ୍ଦ ।

ବାତ୍ସଲ୍ୟ ସହ ସାହିତ୍ୟକୁ ଶବ୍ଦ ଯୋଗାଇଥିବା ଅନ୍ୟ ଦିଗଟି ହେଉଛି ବିହ୍ୱଳତା । ସୁଖରେ ହେଉ କି ଦୁଃଖରେ, ଆହ୍ଲାଦରେ ହେଉ କି ଆଶ୍ଚର୍ଯ୍ୟଚକିତ ପଣରେ ମଣିଷ ବିହ୍ୱଳ ହେଲେ ତା' ପାଟିରୁ ଯେଉଁ ହିତକାରୀ ଶବ୍ଦ ସ୍ଫୁରିତ ହୁଏ, ତାହା ବୋଧହୁଏ ପ୍ରଥମ ମୌଖିକ ସାହିତ୍ୟ ।

ଅତଏବ ଦୁଇଟିଯାକ କଥାକୁ ମିଶାଇଦେଲେ ବାତ୍ସଲ୍ୟଭାବ ଓ ବିହ୍ୱଳତା କାରଣରୁ ମଣିଷ ଯେଉଁ ରସାଳ ଅଭିବ୍ୟକ୍ତି ବା ଶବ୍ଦ ପ୍ରକଟ କରେ, ତା'ର ସଂଗଠିତ ରୂପ ହିଁ ସାହିତ୍ୟ ।

**ଶବ୍ଦ ଓ ସାହିତ୍ୟ**

ଶବ୍ଦ ନଥିଲେ ସାହିତ୍ୟ ନାହିଁ । ଅସଂଲଗ୍ନ, ଅସଂଗଠିତ ଶବ୍ଦବ୍ୟଞ୍ଜନା ମଧ୍ୟ ସାହିତ୍ୟର ରୂପ ନିଏନାହିଁ । ତେଣୁ ଅନେକ ସମୟରେ ଶବ୍ଦମାନେ ସୁଖଦାୟୀ ହେଲେ ମଧ୍ୟ ସାର୍ବଜନୀନ ଦ୍ୟୋତନା ପ୍ରକାଶ କଲେ ମଧ୍ୟ ସେସବୁ ସାହିତ୍ୟ ପାଲଟେ ନାହିଁ । ଅତଏବ ଧାଡ଼ିରେ କହିଲେ, ଶବ୍ଦର ରସାଳ ସଂଗଠିତ ରୂପ ହିଁ ସାହିତ୍ୟ । ତାହା ମୌଖିକ ହେଉ କି ଲିଖିତ ହେଉ । ଗଛରେ ଝୁଡ଼ି ଝୁଡ଼ି ଫୁଲଥିଲେ ବି ତାହା ନା ଫୁଲମାଳ ନା ଫୁଲତୋଡ଼ା । ମାଳ ବା ତୋଡ଼ା ଫୁଲ-ସଜାଣ ଲୋଡ଼ିବା ପରି,

**ଚିତ୍ରକର ତ ରଙ୍ଗରେ ଥାଏ, ହେଲେ ସାହିତ୍ୟିକ ଶବ୍ଦରେ ଅଦ୍‌ଭୂତ ରଙ୍ଗ ତିଆରିକରେ ।**

ସାହିତ୍ୟ ଶବ୍ଦର ସଜାଣ ଦରକାର କରେ । ଏହି ସଜାଣ ହିଁ ସାହିତ୍ୟର ସଂଗଠିତ ରୂପ । ସାହିତ୍ୟ ଗୋଟେ ଫୁଲମାଳ ବା ଫୁଲତୋଡ଼ା ପରି ।

ଶବ୍ଦ, ବ୍ରହ୍ମ ପୁଣି ବିପୁଳ । ଶବ୍ଦ କେଉଁଠି ସହଜ ସରଳ ତ ଆଉ କେଉଁଠାରେ ତୀର୍ଯ୍ୟକ ଏବଂ ଜଟିଳ । ଶବ୍ଦର ବି ରଙ୍ଗ ଅଛି, ସ୍ୱାଦ ଅଛି, ବାସ୍‌ନା ଅଛି । ପ୍ରକୃତ ସାହିତ୍ୟିକ ସେଇ ଯେ ଆପଣାର ମୌଖିକ ବା ଲିଖିତ କାନ୍‌ଭାସ୍‌ରେ ଠିକଣା ସ୍ଥାନ ବେଶି ରଙ୍ଗ ଦିଏ, ବାସ୍‌ନା ଭରେ ଏବଂ ସ୍ୱାଦ ତିଆରିକରେ । ସାହିତ୍ୟିକ ଚିତ୍ରକର ନୁହେଁ । ଚିତ୍ରକର ତ ରଙ୍ଗରେ ଥାଏ, ହେଲେ ସାହିତ୍ୟିକ ଶବ୍ଦରେ ଅଦ୍‌ଭୂତ ରଙ୍ଗ ତିଆରିକରେ । ଶବ୍ଦ ମାଧ୍ୟମରେ ସେ ଇନ୍ଦ୍ରଧନୁର ସାତ ମୌଳିକ ରଙ୍ଗକୁ ଡେଇଁ ଆପଣାର ରଙ୍ଗବୈଭବ ସୃଷ୍ଟି କରିବାକୁ ସମର୍ଥ ହୁଏ । ସେଇଥିପାଇଁ ରଙ୍ଗଠାରୁ ଶବ୍ଦର ଗୁରୁତ୍ୱ ଅଧିକ । ରଙ୍ଗ ବ୍ରହ୍ମ ନୁହେଁ, ଶବ୍ଦ କିନ୍ତୁ ବ୍ରହ୍ମ ।

ପ୍ରତିଟି ଧ୍ରୁପଦୀ ସାହିତ୍ୟିକ ଜଣେ ଜଣେ ଅପୂର୍ବପାଚନ । ରନ୍ଧନ ପ୍ରକ୍ରିୟାରେ ଶବ୍ଦମାନେ ରନ୍ଧନ ସାମଗ୍ରୀ । କେତେବେଳେ କେଉଁ ଖାଦ୍ୟ ପ୍ରସ୍ତୁତ ହେବ ତାହା ସମୟ ସମୟରେ ପାଚକଙ୍କୁ ବି ଜଣାନଥାଏ । ସେଭଳି କ୍ଷେତ୍ରରେ ଶବ୍ଦମାନେ ସ୍ରଷ୍ଟାଟିଙ୍କୁ ଧରି ଏକ ଅପୂର୍ବ ଖେଳରେ ମାତିଯାଆନ୍ତି । ଲେଖକ ଯେ କହେ ମତେ ଲେଖାମାଡ଼େ, ସେତେବେଳେ ବୁଝିବାକୁ ହେବ ମଣିଷଟି ଭାବ ବନ୍ଧନରେ ପଡ଼ି ଶବ୍ଦମାନଙ୍କ ଦ୍ୱାରା କବଳିତ ହୋଇସାରିଛି ।

ଯିଏ ଶବ୍ଦମାନଙ୍କ କବଳରେ ପଡ଼ିନାହିଁ, ସେ ଅସଲ ସାହିତ୍ୟିକ ନୁହେଁ । ଯେ ଭାବଭୋକରେ ଥାଇ ଅହରହ ଶବ୍ଦ ଅଣ୍ଡାଳୁଥାଏ, ସେଇ ମାତ୍ର ସିଦ୍ଧିପ୍ରାପ୍ତ ହୁଏ, ସାହିତ୍ୟିକ ପାଲଟେ । ସେ ସିଦ୍ଧି ଶବ୍ଦର ସିଦ୍ଧି । 'ଭାବ' ତ ସଭିଙ୍କୁ ପ୍ରାପ୍ତହୁଏ, ମାତ୍ର 'ଶବ୍ଦ' ନଥିଲେ ଅଭିବ୍ୟକ୍ତିରେ ପହଞ୍ଚାଣ ସମ୍ଭବ ହୁଏନା ।

ଶବ୍ଦ ହିଁ ସମ୍ରାଟ । ସାହିତ୍ୟ ତା'ର ପ୍ରଜାକ୍ଷେତ୍ର ।

□□

ଲେଖକଙ୍କ ଇ-ମେଲ ଠିକଣା:
dashbenhur.53@gmail.com




*ପ୍ରକାଶ ପାଇଛି*

**ଅନ୍ତରଙ୍ଗ ଆଳାପ**

**ପରିବର୍ଦ୍ଧିତ ସଂସ୍କରଣ**

**ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ**
**୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର**

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

**ବିଭିନ୍ନ ବହି ଦୋକାନ ତଥା amazonରେ ଉପଲବ୍ଧ ।**



ଗଳ୍ପ

# ମୃତ୍ୟୁ ଆଡ଼କୁ ପାଦ

ସଚ୍ଚିଦାନନ୍ଦ କର


ବିନିତାଙ୍କ ସହିତ ଏକାଠି ବସି ସକାଳର ଚା' ପିଉଥିଲେ ଆଡଭୋକେଟ୍ ପରେଶ। ହଠାତ୍ ମୁର୍କି ହସିଲେ।

– 'ହସିଲ ଯେ! କେଉଁ ମକଦ୍ଦମାର କଥା ମନେପଡ଼ିଗଲା ନା କ'ଣ?' ବିନିତା କହିଲେ।

ପରେଶ ଉଚ୍ଚ ନ୍ୟାୟାଳୟର ଜଣେ ଜଣାଶୁଣା ଆଡଭୋକେଟ୍। ଘରେ ଥିଲେ ନିଜ ଟେବୁଲ୍ ଉପରେ ଥିବା ମକଦ୍ଦମାର କାଗଜ ଥାକଗୁଡ଼ାକ ଭିତରେ ବୁଡ଼ିରହନ୍ତି। ଲୋକଙ୍କର ଝଗଡ଼ା ସରୁଥାଏ ନା ତାଙ୍କ କାମ ସରୁଥାଏ। କୋର୍ଟ କଚେରି ଭିତରେ ତାଙ୍କ ଜୀବନଟା ଯେମିତି ଝୁଲିରହିଥାଏ।

–'ବୁଝିଲ, ଏ ଯୋଉ କୋର୍ଟ କଚେରି କାମ, ୟାର କୋଉ ଶେଷ ଅଛି! ଏସବୁ ସତ୍ୟାନାଶିଆ କାମ।' ପରେଶ କହିଲେ।

ବିନିତା ପରେଶଙ୍କର ସ୍ତ୍ରୀ। ପରେଶଙ୍କୁ ଶୁଣିସାରି ସେ କହିଲେ – 'ଜାଣେ ପରା ଲୋକମାନେ ସୁଧୁରିବେ ନାହିଁ।'



– 'ଝଗଡ଼ା, ଝଗଡ଼ା ଆଉ ଝଗଡ଼ା। ମୋର ବେଳେବେଳେ ମନେହୁଏ ଯେମିତି ଏଇ ଝଗଡ଼ାର ଅନ୍ତ ନାହିଁ। ସମ୍ପତ୍ତି ଲୋଭ ବଢ଼ ହୋଇଛି।' ପରେଶ କହିଲେ।

– 'ତୁମକୁ ବହୁତ ମକଦ୍ଦମା ଲଢ଼ିବାକୁ ସୁଯୋଗ ମିଳିଯାଉଛି। ନ ହେଲେ କ'ଣ କରନ୍ତ ତୁମେ?' ବିନିତା କହିଲେ।

– 'ନ ହେଲା ନାହିଁ। କେତେ କଳିତକରାଳ ଆଉ ଦେଖିବ ମଣିଷ! ମଣିଷର ସଦ୍‌ଗୁଣ ମରିଯାଉଛି। ସ୍ୱାର୍ଥ ଓ ଜମି ମାଲିକାନାର ଲୋଭ ବଢ଼ିଚାଲିଛି। ଇଏ କେମିତି ପାଗଳାମି!' ପରେଶ କହିଲେ।

– 'ପାଞ୍ଚ ଖଣ୍ଡ ଗାଆଁ ପାଇଁ ତ ପୁଣି ମହାଭାରତ ଯୁଦ୍ଧ ଲାଗିଗଲା। ପୂରା କୁରୁବଂଶ ଧ୍ୱଂସ ହୋଇଗଲା ନା ନାହିଁ? ପାଣ୍ଡବଙ୍କ ତରଫରୁ ଭଗବାନ ଶ୍ରୀକୃଷ୍ଣ କୁରୁରାଜାଙ୍କୁ ଅନୁରୋଧ କରିଥିଲେ। ସେତକ ମିଳିଥିଲେ ସେ ପାଣ୍ଡବ ଆଉ କୌରବଙ୍କ ମଧ୍ୟରେ ସନ୍ଧି କରାଇ ଦେଇଥାନ୍ତେ। ଅବିବେକୀ ଦୁର୍ଯ୍ୟୋଧନ ପରା ଅହଙ୍କା ଦେଖାଇ କହିଲା, ପାଞ୍ଚଖଣ୍ଡ ଗାଆଁ ତ ଦୂରର କଥା, ପାଞ୍ଚ ପାଦ ଜମି ବି ସେ ପାଣ୍ଡବଙ୍କୁ ଦେବନାହିଁ। କେତେ ଜିଦ୍, କେତେ ଲୋଭ ତା'ର! ଏଥିସକାଶେ ସେ ନିଜର ସର୍ବନାଶକୁ ଡାକିଆଣି ନ ଥିଲା କି? ବିନିତା କହିଲେ।

– 'କିଏ ବୁଝୁଛି ଏକଥା! ଆଜି ବି ଲୋକଙ୍କ ଭିତରେ ଏତେ ଲୋଭ, ଏତେ ଜିଦ୍ ଯେ ଜମିଜମା ବ୍ୟାପାରରେ ମହାଭାରତ ସୃଷ୍ଟି ହୋଇଯାଉଛି। ଯେତେ ଝଗଡ଼ା କଚେରିକୁ ଆସୁଛି ତା'ର ଅଧିକାଂଶ ଖାଲି ଜମିକୁ ନେଇ ...ଜମି, ଜମି।' ପରେଶ କହିଲେ।

– 'କଥାଟାକୁ ତୁମେ ଯେତିକି ବୁଝୁଛ, ଅନ୍ୟମାନେ ସେତିକି ବୁଝନ୍ତେ ହେଲେ! ଜୀବନକୁ ଆଖି ଖୋଲି କେତେଜଣ ଦେଖନ୍ତି ଏଠି? କେତେଜଣ ଲୋଭ ଛାଡ଼ିପାରନ୍ତି? ବିବେକୀ ହୋଇପାରନ୍ତି କେତେଜଣ? ଝଗଡ଼ାରେ କାହାକୁ କିଛି ଲାଭ ମିଳେ? ଲାଭ ନ ଥାଇ ବି ଝଗଡ଼ା କରିବାକୁ ଲୋକେ ଉଚିତ ମଣନ୍ତି ନା ନାହିଁ?' ବିନିତା କହିଲେ।

– 'ମୋତେ ତ ବେଳେବେଳେ ଲାଗେ ଯେମିତି ଲୋକଙ୍କ ଝଗଡ଼ା ହିଁ ଆମକୁ ପୋଷୁଛି। ଜମିଜମା ଝଗଡ଼ାକୁ ନେଇ ମକଦ୍ଦମା ସଂଖ୍ୟା ଯେପରି ବଢ଼ିଚାଲିଛି, ଭାବିଲେ ମନଟା ଥକିଯାଉଛି। ତୁମେ ତ ଜଣେ ଲେଖିକା। ଏଇ ସମସ୍ୟାକୁ ନେଇ କେବେ କିଛି କଳ୍ପନା କରିଛ?' ପରେଶ କହିଲେ।

ବିନିତା ଗଳ୍ପ ଲେଖନ୍ତି। କଥା ସାହିତ୍ୟରେ ସେ ଜଣେ

ଅଗଧାଡ଼ିର ଲେଖିକା। ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକାରେ ତାଙ୍କ ଗଳ୍ପ ପ୍ରକାଶ ପାଏ। ନିଜ ଗଳ୍ପରେ ଜନଜୀବନର କୌଣସି ନା କୌଣସି ଅଂଶକୁ ସେ ଛୁଇଁବାକୁ ଚେଷ୍ଟା କରିଥାନ୍ତି। ସେ ବୁଝନ୍ତି ଗଳ୍ପ ଓ ଜୀବନ ମଧ୍ୟରେ ଘନିଷ୍ଠ ସମ୍ପର୍କ ଅଛି। ତୁଚ୍ଛା କଳ୍ପନା ଜଗତର କଥା ଲେଖିଲେ ତାହା ପାଠକଙ୍କ ମନକୁ ଛୁଏଁନାହିଁ। ପରେଶଙ୍କ କଥାଶେଷରେ ସେ ମୃଦୁ ହସି କହିଲେ – 'ମୋ' ଗଳ୍ପ ପଢ଼ିବାକୁ ତୁମ ପାଖରେ ତ ସମୟ ନ ଥାଏ। ପଢ଼ିଲେ ସିନା ଜାଣନ୍ତ ଏଇ ସମସ୍ୟାକୁ ନେଇ ମୁଁ କିଛି କଳ୍ପନା କରିଛି କି ନାହିଁ!'

ଏକଥା ସତ ଯେ ବିନିତାଙ୍କ ଗଳ୍ପ ପଢ଼ିବାକୁ ପରେଶଙ୍କ ପାଖରେ ସମୟ ନ ଥାଏ। ମକଦ୍ଦମା କାଗଜ ପଢ଼ିବାକୁ ତ ତାଙ୍କୁ ବେଳ ଅଣ୍ଟେନାହିଁ। ସେ ଆଉ କ'ଣ କରନ୍ତେ! ବିନିତାଙ୍କ କଥା ତାଙ୍କୁ ତୀର ମାରିଲା ଭଳି ଲାଗିଲା। ଚଳେଇ ନେବାକୁ ଯାଇ ସେ ଟିକେ ହସିଦେଲେ। କହିଲେ – 'ମୋ ମୁଣ୍ଡ ଉପରେ କେତେ ମକଦ୍ଦମା କାଗଜର ବୋଝ ଅଛି ତୁମେ ଦେଖୁଛ ତ? ସମସ୍ତେ ଚାହୁଁଛନ୍ତି କିପରି ସେସବୁ ଶୀଘ୍ର ଫଇସଲା ହୋଇଯାଉ। ସମୟ ପାଉନି ଯେତେବେଳେ ତୁମ ଗଳ୍ପ ପଢ଼ିପାରୁନି। ଭାବୁଛି ନିଶ୍ଚୟ କିଛି କଳ୍ପନା କରୁଥିବ। ଭଲ ଗଳ୍ପ ଲେଖୁଥିବ।'

**ଗଳ୍ପ ଓ ଜୀବନ ମଧ୍ୟରେ ଘନିଷ୍ଠ ସମ୍ପର୍କ ଅଛି। ତୁଚ୍ଛା କଳ୍ପନାଜଗତର କଥା ଲେଖିଲେ ତାହା ପାଠକଙ୍କ ମନକୁ ଛୁଏଁନାହିଁ।**

– 'ଜୀବନକୁ ଆଖି ଖୋଲି ଚାହିଁବାକୁ ହେବ। ବୁଝିବାକୁ ହେବ। ତା' ଉପରେ ମନନ କରିବାକୁ ହେବ। ତେବେ ଯାଇ ଭଲ ଗଳ୍ପ ଲେଖିହେବ। ମୁଁ ଏକଥା ଜାଣେ। ତେଣୁ ମୋର ଗଳ୍ପ ଭଲହୁଏ। ସମ୍ଭ୍ରାନ୍ତ ପତ୍ରିକାରେ ପ୍ରକାଶ ପାଏ।' ବିନିତା କହିଲେ।

– 'ହଁ, ସେଭଳି ଗଳ୍ପ ଅସାର ହୁଏନାହିଁ। ତାହା ପାଠକଙ୍କ ମନପ୍ରାଣକୁ ଛୁଏଁ। ଆଜି ଛୁଟିଦିନ ଅଛି। ମୋର କଚେରି ଯିବାର ନାହିଁ। ମୋତେ ତୁମର ଗୋଟିଏ ଗଳ୍ପ ଦେବ ତ ପଢ଼ିବି।' ପରେଶ କହିଲେ।

– 'ହଉ, ପଢ଼ିବାକୁ ଇଚ୍ଛା କଲଣି ଯେତେବେଳେ ନିଶ୍ଚୟ ଦେବି। ଏବେ ଦେବି?' କହିଲେ ବିନିତା।

– 'ହଁ,ଦିଅ।' ପରେଶ କହିଲେ।

ସବୁଦିନେ ସକାଳେ ଚା' ପିଇସାରି ମକଦ୍ଦମା କାଗଜପତ୍ର ବସି ଘାଣ୍ଟନ୍ତି ପରେଶ। ସେଦିନ ସେ ଆଉ ସେଆଡ଼କୁ ମନ ନେଲେନାହିଁ। ବିନିତାଙ୍କର ଗୋଟିଏ ଗଳ୍ପ ପଢ଼ିବାକୁ ନିଜର କର୍ତ୍ତବ୍ୟ ମନେକଲେ।

ନିକଟରେ ବିନିତାଙ୍କର ଗୋଟିଏ ଗଳ୍ପ ସଙ୍କଳନ ପ୍ରକାଶ ପାଇଥିଲା। 'ମୃତ୍ୟୁ ଆଡ଼କୁ ପାଦ'। ସେଇଟିକୁ ଆଣିବାକୁ ସେ ତାଙ୍କ ପଢ଼ାଘରକୁ ଚାଲିଗଲେ। ତାଙ୍କୁ ଅପେକ୍ଷାକରି ରହିଲେ ପରେଶ। କିଛି ସମୟ ପରେ ସେ ସଙ୍କଳନଟିକୁ ହାତରେ ଧରି ଫେରିଲେ। ପରେଶଙ୍କ ହାତକୁ ତାହା ବଢ଼ାଇ କହିଲେ – 'ନିଅ, ଏହାର ଶୀର୍ଷକ ଗଳ୍ପଟିକୁ ପଢ଼।'

ପରେଶ ଗଳ୍ପ ସଙ୍କଳନଟିକୁ ହାତରେ ଧରିଲେ। ତା'ର ପ୍ରଚ୍ଛଦକୁ ଦେଖିଲେ। କହିଲେ – 'ପ୍ରଚ୍ଛଦଟି ବେଶ୍ ଭଲଲାଗୁଛି। 'ମୃତ୍ୟୁ ଆଡ଼କୁ ପାଦ' ନାଆଁଟି ମଧ୍ୟ ଭଲଲାଗୁଛି। ଭାବୁଛି ସେଇ ଗଳ୍ପଟି ମଧ୍ୟ ଭଲ ହୋଇଥିବ।'

– 'ତେବେ ପଢ଼। ପଢ଼ିସାରି ମତାମତ ଦେବ। ମୁଁ ଯାଉଛି। ତେଣେ ମୋର କିଛି ଘରକାମ କରିବାକୁ ଅଛି।' ବିନିତା କହିଲେ।

– 'ଏବେ ପଢ଼ିବି। ପଢ଼ିସାରି ମତାମତ ମଧ୍ୟ ଦେବି। ତୁମେ ଯାଇପାର।' ପରେଶ କହିଲେ।

ବିନିତା ଚାଲିଆସିଲେ। ପରେଶଙ୍କ ହାତରେ ଥିଲା 'ମୃତ୍ୟୁ ଆଡ଼କୁ ପାଦ'। ସେ ସେଇ ଗଳ୍ପଟି ପାଖରେ ପହଞ୍ଚିଲେ।

'ମୃତ୍ୟୁ ଆଡ଼କୁ ପାଦ'

ସେ ଗଳ୍ପଟିକୁ ପଢ଼ିବାକୁ ଆରମ୍ଭକଲେ।

ସୁଧାକରର ଜମିରୁ କେମିତି ହାତେ ମାପର ହାଣି ନିଜ ଜମିରେ ମିଶାଇବ, ସେଥିପାଇଁ ଗୋପାଳର ମନଟି ଭାରି ଛକପକ ହେଉଥିଲା।

ବୈଶାଖର ଦ୍ୱିପ୍ରହର। ଚାରିଆଡ଼େ ଗ୍ରୀଷ୍ମର କଡ଼ା ଶାସନ ଚାଲିଥିଲା। ମଣିଷ, ପଶୁପକ୍ଷୀ, ଉଦ୍ଭିଦ – ସମସ୍ତଙ୍କ ମନରେ ଛାଇଯାଉଥିଲା ଦୁଃଖର କଳାବାଦଲ। ତାପ ଅସହ୍ୟ ହେଉଥିଲା। ତଣ୍ଟି ଶୁଖିଯାଉଥିଲା। ସେଇ ନିଦାଘ ଗରମ ଭିତରେ ବି ଗୋପାଳ ମୁଣ୍ଡକୁ ତଳକୁ କରି ହଳ ଚଳାଉଥିଲା।

ଚାଷ ଜମିର ଶୁଖିଲା ମାଟିରୁ ନିଆଁର ଧାସ ବାହାରିଲା ଭଳି ଲାଗୁଥିଲା। ସେ ଧାସରେ ଗୋପାଳର ଆଖି

ପୋଡ଼ିଉଠୁଥିଲା। ଆଖିରେ ଅନ୍ଧାର ଦିଶୁଥିଲା। ଝାଳରେ ଗୋଟାପଣେ ଗାଧୋଇ ପଡ଼ିଥିଲା ସେ। ହଳ ଦୃଢ଼ ଭାବରେ ଜମିକୁ ଚିରି ଆଗେଇ ଯିବାରେ ଲାଗିଥିଲା। ହଳରେ ଯୋଚା ହୋଇଥିବା ଧଳା ବଳଦ ଦୁଇଟି ଏକ ନିର୍ଦ୍ଦିଷ୍ଟ ଗତିରେ ଚାଲିଥିଲେ।

ଖଣ୍ଡେ ଧଳା ଧୋତି ପିନ୍ଧିଥିଲା ଗୋପାଳ। ଧଳା ଗାମୁଛା ଖଣ୍ଡେ ମୁଣ୍ଡରେ ପଗଡ଼ିକରି ବାନ୍ଧିଥିଲା। ଦୂରରେ ଦିଶୁଥିଲା ପାହାଡ଼ର ନୀଳିମା। ପ୍ରକୃତିର ସେହି ଦୃଶ୍ୟଟି ଦୂରରୁ ଚିତ୍ରପ୍ରତିମା ପ୍ରାୟ ସୁନ୍ଦର ଦିଶୁଥିଲା। କିନ୍ତୁ ସେହି ଦୃଶ୍ୟର ସୌନ୍ଦର୍ଯ୍ୟକୁ ଅନୁଭବ କରିବା ଗୋପାଳ ପକ୍ଷରେ ଅସମ୍ଭବ ଥିଲା। ସେ ହଳ ଚଳାଉଥିଲା ଭିତରେ ତା'ର ମନଟି ଅନ୍ୟ ଚିନ୍ତାରେ ବୁଡ଼ିରହିଥିଲା। ତା'ର ସେହି ଚିନ୍ତାର କାରଣ ଥିଲା ହାତେ ମାପର ଜମି।

ହାତେ ମାପର ଜମି!

ଖାଲି ହାତେ ମାପର ଜମି!

ସୁଧାକରର ଜମିଟି ଗୋପାଳର ଜମି ପାଖକୁ ଲାଗି ରହିଥିଲା। ସେଥିରେ ଋତୁ ଅନୁଯାୟୀ ଫସଲ ଫଳାଏ ସୁଧାକର। ସେଇ ଜମି ଉପରେ ଥିଲା ଗୋପାଳର ଲୋଭ। ସେଥିରୁ ହାତେ ମାପର ନିଜ ଜମିରେ ମିଶାଇବାକୁ ଚାହୁଁଥିଲା ସେ। ଏବର୍ଷ ହାତେ, ଆରବର୍ଷକୁ ହାତେ। ଏମିତି ଏମିତିରେ ସୁଧାକରର ସେହି ଜମିରୁ କିଛି ଦଖଲ କରିନେବାକୁ ମନେମନେ ଭାବିନେଇଥିଲା ସେ।

ଏମିତିରେ ନିଜ ଜମି ପାଖରେ ଥିବା ଅନ୍ୟଲୋକର ଜମିରୁ ସବୁବର୍ଷ କିଛି ଦଖଲ କରିବା ଗୋପାଳର ପୁରୁଣା ଅଭ୍ୟାସ। ରାତିଅଧରୁ ଉଠି ସେ ଯାଇ ହିଡ଼ ହାଣି ପକାଉଥିଲା। କେହିକେହି ସେଥିପାଇଁ ତାକୁ ଅଭିଯୋଗ କରୁଥିଲେ। ଆଉ କେହିକେହି ତାକୁ ଡରି ଅଭିଯୋଗ କରୁ ନ ଥିଲେ। ଯିଏ ଅଭିଯୋଗ କରୁଥିଲା ତାକୁ ସେ ନାଲିଆଖି ଦେଖାଉଥିଲା। ଗୋଟେ ପେସାଦାର ଗୁଣ୍ଡାଭଳି ବ୍ୟବହାର କରୁଥିଲା। ସେ ମୁଷ୍ଟିମେୟ ଥିବାରୁ ଲୋକେ ତାକୁ କିଛି କହିବାକୁ ସାହସ କରୁ ନ ଥିଲେ।

ଗାଆଁରେ ଏମିତି ଲୋକ ହିସାବରେ ଜଣେ ଥିଲା ଗୋପାଳ। ତା'ର ଏଇ ହୀନକାର୍ଯ୍ୟ ସମସ୍ତଙ୍କୁ ବିସ୍ମିତ କରୁଥିଲା। ଲୋକେ ତାକୁ ନିଉଛୁଣାଟା ବୋଲି କହୁଥିଲେ। କେହିକେହି ତ ତାକୁ ଲୋଭୀ, କାଙ୍ଗାଳ ଆଖ୍ୟା ଦେଉଥିଲେ। ସମସ୍ତଙ୍କ ସନ୍ଦେହ ନଜରରେ ରହୁଥିଲା ସେ। ଦିନେ ନା ଦିନେ ସେ ତା'ର କୃତକର୍ମର ଫଳ ଭୋଗିବ ବୋଲି କହି ଗାଆଁର ଲୋକେ ତାକୁ ଅଭିଶାପ ଦେଉଥିଲେ।

ଏତେସବୁ କଥା ପରେ ବି ଜଣେ ଯଦି ଭଲମଣିଷ ପରି ବ୍ୟବହାର ନ କରେ, ତା' ହେଲେ ସେଥିରେ ଆଶ୍ଚର୍ଯ୍ୟ ହେବାରେ କିଛି ନ ଥିଲା। ସବୁ ମଣିଷ ବଦଳି ପାରନ୍ତିନି। ବଦଳି ପାରୁ ନ ଥିଲା ଗୋପାଳ। ଦିନେ ସମୟ ଆସିବ। ସେ ବୁଦ୍ଧି ଶିଖିବ। ବହୁତ ଭୋଗିବ। ଗାଆଁର ଲୋକମାନେ ମନେମନେ ଏପରି ଭାବୁଥିଲେ।

ଜମିର ଲୋଭ କରିବ ନାହିଁ। ସେଥିଯୋଗୁଁ ପୂରା କୁରୁବଂଶ ସବୁଦିନକୁ ନଷ୍ଟ ହୋଇଗଲା। ଏକଥା କୋଉଠି ନା କୋଉଠି ଶୁଣିଥିଲା ଗୋପାଳ। ହେଲେ ତା' ଉପରେ ସେପରି କଥାର କୌଣସି ପ୍ରଭାବ ନ ଥିଲା। ତା'ର ଜମି ଲୋଭ ଦିନକୁଦିନ ବଢ଼ିବାରେ ଲାଗିଥିଲା। ଏବେ ଏବେ ତା'ର ନଜରରେ ଥିଲା ନିଜ ଜମି ପାଖରେ ଥିବା ସୁଧାକରର ଉର୍ବର ଜମିଟା। କେମିତି ସେଥିରୁ କିଛି ଦଖଲ କରିବ ସେଇକଥା ହିଁ ଭାବୁଥିଲା ସେ। ଆଉ କିଛି କଥା ତା' ମନରେ ନ ଥିଲା।


**ସବୁ ମଣିଷ ବଦଳି ପାରନ୍ତିନି। ବଦଳି ପାରୁ ନ ଥିଲା ଗୋପାଳ। ଦିନେ ସମୟ ଆସିବ। ସେ ବୁଦ୍ଧି ଶିଖିବ। ବହୁତ ଭୋଗିବ।**

ପରଦିନ ରାତି ପାହି ନ ଥିଲା, ନିଦରୁ ଉଠିପଡ଼ି ଗୋଟେ କୋଦାଳ ଧରି ବିଲକୁ ବାହାରିପଡ଼ିଲା ଗୋପାଳ। ଖୁବ୍ ବଳିଷ୍ଠ ଚେହେରା ତା'ର। ଦେହରେ ଦୁଇଟା ମଣିଷର ବଳ। ଅଣ୍ଟାରେ ଗୋଟେ ଗାମୁଛା ଭିଡ଼ିଦେଇ ସୁଧାକରର ଜମିକୁ ହାଣିବାରେ ଲାଗିଗଲା। ରାତି ପାହିଲା ବେଳକୁ ସୁଧାକରର ଜମିରୁ ହାତେ ଆସି ତା' ଜମିରେ। ସେମିତିରେ ସୁଧାକରର ଜମିରୁ ହାତେ ସେ ତା' ଜମିରେ ମିଶାଇପାରିଲା। ଆରବର୍ଷକୁ ଆଉ ହାତେ। ସେ ଭାବିଲା ଓ ଖୁସି ହେଲା। ନୂଆକରି ସେ ମିଶାଇଥିବା ଜମିର ମାଟିଗଦା ଆଡ଼େ ଚାହିଁରହିଲା। ଏମିତି ଚାହିଁରହିଲା ଯେ ସାରାଦୁନିଆକୁ ଭୁଲିଗଲା।

ସେଦିନ ଦଶଟା ବେଳକୁ ସୁଧାକର ତା' ଜମିକୁ

ଆସିଲା। ଦେଖିଲା ଗୋପାଳ ସେଥିରୁ ହାତେ ମାପର ହାଣିନେଇ ନିଜ ଜମିରେ ମିଶାଇ ଦେଇଛି। ସେ ଆଶ୍ଚର୍ଯ୍ୟ ହେଲା। ଏତେ ଦୁଃଖୀ ହୋଇଗଲା ଯେ ତା' ଦେହରୁ ରକ୍ତ ଶୁଖିଗଲା ଭଳି ତାକୁ ଲାଗିଲା। ହଣାଯାଇଥିବା ମାଟି ଆଡ଼କୁ ଚାହିଁରହିଥିଲା ସେ। ତା'ର ମନେହେଉଥିଲା ଯେପରି ଗୋପାଳ ତା' ଜମିରୁ ନୁହେଁ, ବରଂ ତା' ଦେହରୁ କିଛି ହାଣିନେଇଛି। ଗୋପାଳକୁ ପଚାରିବକି! କାହିଁକି ମୋ' ଜମିରୁ ହାତେ ମାପର ହାଣିନେଇଛୁ ବୋଲି କହିବକି! ମନେମନେ ଏମିତି ଭାବୁଥିଲା ସେ। ଦ୍ୱନ୍ଦ୍ୱରେ ପଡୁଥିଲା। ତା' ଭିତରେ ଗୋଟେ ଅଜଣା ଭୟ ସଞ୍ଚରି ଯାଉଥିଲା।

ଗୋପାଳ ସେତେବେଳେ ତା' ଜମିରେ ଥିଲା। କିଛି ନ ଜାଣିବା ଭଳି ହଳ ଚଳାଇବାରେ ଲାଗିଥିଲା। ସୁଧାକରକୁ କଣେଇ ଚାହିଁ ଆଖି ଫେରାଇ ନେଉଥିଲା।



– 'ତୋର ଭାରି ଲୋଭରେ, ଗୋପାଳ! ମୋ' ଜମିରୁ ହାତେ ମାପର ହାଣି ତୋ ନିଜ ଜମିରେ ମିଶାଇ ଦେଇଛୁ!' ଗୋପାଳକୁ ଲକ୍ଷ୍ୟ କରି ସୁଧାକର କହିଲା।

ଗୋପାଳ ଚଟକରି କହିଲା – 'ମୁଁ କାହିଁକି ତୋ' ଜମି ଆଣି ମୋ' ଜମିରେ ମିଶାଇବି! ମୋର ଜମି ଯେତିକି ସେତିକି। ତୁ ଅଯଥାରେ ମୋତେ ସନ୍ଦେହ କରୁଛୁ।'

– 'ଅନ୍ୟର ଜମି ଜବରଦଖଲ କରିବା ଆଦୌ ଭଲ ନୁହେଁ। କାହିଁକି ଫାଙ୍କିଦେଉଛୁ? ମୋ' ଜମିରୁ ହାତେ ମାପର ହାଣି ତା' ଉପରେ ହଳ ଚଳାଇ ତାକୁ ନିଜ ଜମି କରିଦେଇଛୁ। ଭାବୁଛୁ ମୁଁ ଜାଣିପାରିବିନି? କାହିଁକି ତୋର ଏତେ ଲୋଭ?' ସୁଧାକର କହିଲା।

ସୁଧାକର ଜଣେ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକ। କ୍ଷୁଦ୍ରଚାଷୀ। ଦୁଇ ଏକରରୁ ଟିକିଏ କମ୍ ତା'ର ଚାଷଜମି। ସେଥିରେ ପୁଣି ତା'ର ପାଞ୍ଚ ପ୍ରାଣୀ କୁଟୁମ୍ବ। ରାତି ପାହିଲେ ବିଲକୁ ଆସେ ସେ। ସୂର୍ଯ୍ୟାସ୍ତ ପରେ ଘରକୁ ଫେରେ। ଦିନତମାମ୍ ଝାଳ ନିଗାଡ଼ି ଖଟେ ବୋଲି ଚଳିଯାଏ। ଏବେ ତା'ର ଚାଷଜମି ଉପରେ ଗୋପାଳର କୁନଜର ପଡ଼ିଥିବାରୁ ମନେମନେ ବ୍ୟସ୍ତ ହୋଇପଡ଼ିଲା ସେ। ନିଜ ଭିତରେ ଏତେ ଉତ୍ତେଜିତ ହୋଇଗଲା ଯେ ତା' ଦେହରୁ ଝାଳ ବାହାରିଗଲା।

ଗୋପାଳ ହଳ ଚଳାଇବାରେ ଲାଗିଥିଲା। ସୁଧାକର ଭାବୁଥିଲା ଗୋପାଳ ବୁଝିବ। ତାକୁ ତା'ର ଜମି ଫେରାଇବ। ହେଲେ ସେ' ବା କାହିଁକି ବୁଝିଥାନ୍ତା! ଚୋର ମୁହଁ ତ ସବୁବେଳେ ଟାଣ। ଲୋଭ ତ ସବୁବେଳେ ମିଛକୁ ସାଥି କରିଥାଏ। ସେ କହିଲା – 'ତୁ ମତେ ସେମିତି କାହିଁକି କହୁଛୁ? ମୁଁ ତୋ' ଜମି ନେଇନି। ମୋର କ'ଣ ଜମି ନାହିଁ? ମୁଁ କାହିଁକି ତୋ ଜମି ଦଖଲ କରିବି? ମୁଁ ଲୋଭୀ ନୁହେଁ।'

ଗୋପାଳର ଜମିରେ ମିଶିସାରିଥିଲା ସୁଧାକରର ଜମି। ଦେଖିଲେ ସୁଧାକରର ଛାତି ଫାଟିଯାଉଥିଲା। ମନେହେଉଥିଲା ଯେପରି ତା' କୁଟୁମ୍ବର ଭାତରେ ଗୋପାଳ ଭାଗ ବସେଇଛି। ତାକୁ ଶୋଧିବାକୁ ଇଚ୍ଛା କରୁଥିଲା ସୁଧାକର। ମାରଧର କରିବାକୁ ବି ଇଚ୍ଛା କରୁଥିଲା। ହେଲେ ସେ ସେଥିପାଇଁ ନିଜକୁ ଅକ୍ଷମ ମନେକଲା। ତାକୁ ବୁଝାଇବାକୁ ଚାହିଁଲା। କହିଲା – 'ମୁଁ ଜାଣେ ଲୋକଙ୍କର ଜମି ଜବରଦଖଲ କରିବାରେ ତୁ ବହୁତ ଆଗ୍ରହୀ। ଭାବିନଥିଲି ତୁ ମୋ' ଜମି ଜବରଦଖଲ କରିବୁ ବୋଲି! ମୁଁ ଜଣେ ଗରିବ ଲୋକ । ଏଇ ଜମି ଦି'ଖଣ୍ଡ ମୋର ଭାତହାଣ୍ଡି। ତୋ' ମନକୁ ଏତିକି କଥା ଆସିପାରିଲାନି କେମିତି? ହଉ, ଯଦି ନ ଆସିଲା ତୁ କ'ଣ ଭାବୁଛୁ ମୁଁ ତୋତେ ଛାଡ଼ିଦେବି? ପଞ୍ଚାୟତକୁ ଏକଥା ନେବି। ମୁରବି ଡାକି ବସେଇବି। ଆଉ ତା' ପରେ ତୋର ସମ୍ମାନ ରହିବ ତ?'

– 'ତୋର ଯାହା ଇଚ୍ଛା ହେଉଛି ତ ସେୟା କର। ମୁଁ ତୋ' ଜମି ଦଖଲ କରିନାହିଁ, କରିନାହିଁ, କରିନାହିଁ।' ଗୋପାଳ ଉଚ୍ଚସ୍ୱରରେ କହିଲା। ଫାଙ୍କିଦେଲା।

ଗୋପାଳ ସାଙ୍ଗରେ କଥାରେ ଆଉ ବଢ଼ିବାକୁ ଚାହିଁଲାନି ସୁଧାକର। ନିରାଶ ହୋଇଗଲା। ମନଦୁଃଖରେ ସେଠାରୁ ଫେରିଆସିଲା। ଗୋପାଳ ମନେକଲା ଯେପରି ତା'ର

ଜୟ ହୋଇଛି। ଖୁସି ହୋଇ ସେ ପୂର୍ବପରି ତା'ର ହଳ ଚଳାଇବାରେ ଲାଗିଗଲା। ସୁଧାକରର ଜମିରୁ ହାତେ ମାପର ନେବାରେ ସେ' ଯେ ସଫଳ ହୋଇଛି ଭାବୁଥିଲା। ମନେମନେ ଆହୁରି ଖୁସି ହେଉଥିଲା।

ଘରକୁ ଫେରି ସୁଧାକର ଚୁପ୍ ବସିରହିଲା ନାହିଁ। ଗ୍ରାମ ପଞ୍ଚାୟତକୁ ତା'ର ଅଭିଯୋଗ ନେଇଗଲା। ଗୋପାଳ ଜବରଦସ୍ତି ତା'ର ଜମି ଦଖଲ କରିଥିବା କଥା ଲିଖିତ ଭାବେ ଜଣାଇଲା।

ଆମର ତ ଗାଆଁମାନଙ୍କରେ ପଞ୍ଚାୟତର ନିଶାପର ଅର୍ଥ ତେଲିଆ ମୁଣ୍ଡରେ ତେଲ ବୋଳିବା। ନିଶାପ ହେଲା। ପଞ୍ଚାୟତ ସୁଧାକରର ଅଭିଯୋଗକୁ ମିଥ୍ୟା ସାବ୍ୟସ୍ତ କଲେ। କହିଲେ – 'ସୁଧାକରର ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ। ତା'ର ଜମିଖଣ୍ଡକ ଅନୁର୍ବର ପଡ଼ିଆ। ସେପରି ଜମିକୁ ଗୋପାଳ ପରି ଜଣେ ବଡ଼ ଚାଷୀ କାହିଁକି ନେବ?'

ବାଃ! ଚମତ୍କାର ନିଶାପ! ସୁଧାକରର ମନ ଭାଙ୍ଗିଗଲା। ସେ ତା'ର ଅଭିଯୋଗ ଫେରାଇ ନେବାକୁ ବାଧ୍ୟ ହେଲା। ହେଲେ ଚୁପ୍ ରହିଲା ନାହିଁ କି ସାହସ ହାରିଲା ନାହିଁ। ଅଭିଯୋଗ ତହସିଲଦାରଙ୍କ ପାଖକୁ ନେବାକୁ ମନେମନେ ଭାବିନେଲା। ତା' ମନରେ ଗୋଟିଏ ଧାରଣା ଦୃଢ଼ ହେବାରେ ଲାଗିଲା ଯେ ସରକାରୀ ଅଧିକାରୀମାନେ ତାକୁ ନିଶ୍ଚୟ ନ୍ୟାୟ ଦେବେ। ଗୋପାଳ ଦଖଲ କରିଥିବା ଜମି ସେ ନିଶ୍ଚୟ ଫେରିପାଇବ।

**ଆମର ତ ଗାଆଁମାନଙ୍କରେ ପଞ୍ଚାୟତର ନିଶାପର ଅର୍ଥ ତେଲିଆ ମୁଣ୍ଡରେ ତେଲ ବୋଳିବା।**

ଏଠି ତ ଜୀବନ ସହିତ ସମସ୍ୟା ଥାଏ। ଏନ୍ତୁଡ଼ିରୁ ମଶାଣିଯାଏଁ ଲମ୍ବିଥାଏ ଜୀବନର ରାସ୍ତା। କେତେ ଉଠାଣି ଗଡ଼ାଣି ଦେଇ ଯିବାକୁ ହୁଏ। ପ୍ରତିକ୍ଷଣେ ଭାଙ୍ଗି ଚୁରମାର ହେଉଥାଏ ଆଶା ଓ ସ୍ୱପ୍ନ। ଅନ୍ଧାରକୁ ଅନୁଭବ କରୁଥାଏ ମଣିଷ। ପଞ୍ଚାୟତର ଏକତରଫା ନିଷ୍ପତ୍ତି ଶୁଣିବା ପରେ ସୁଧାକରକୁ ସବୁ ଅନ୍ଧାର ଦିଶୁଥିଲା। ଏଠି ସତ୍ୟ, ନ୍ୟାୟ ବୋଲି କିଛି ନାହିଁ। ଜୋର୍ ଯା'ର ମୂଲକ ତା'ର। ଅର୍ଥ ଓ ବାହୁବଳରେ ଅସମ୍ଭବକୁ ସମ୍ଭବ କରାଯାଇପାରେ। ଏମିତି ଭାବୁଥିଲା ସେ। ଲଢ଼ିକରି ଜିତିବାକୁ ନିଜ ମନକୁ ଦୃଢ଼ କରିବାରେ ଲାଗିଥିଲା।

ପରଦିନ ତହସିଲଦାରଙ୍କ ପାଖରେ ଅଭିଯୋଗ କରିବାକୁ ଘରୁ ବାହାରିଆସିଲା ସୁଧାକର। ମନରେ ଅସ୍ଥିରତା, ତଥାପି ଦୃଢ଼ ବିଶ୍ୱାସକୁ ସାଙ୍ଗରେ ଧରି ଚାଲିଥିଲା। ବାଟରେ ଗୋପାଳ ସହିତ ତା'ର ଭେଟ ହୋଇଗଲା। ତାକୁ ଦେଖିଦେଇ ଥଟ୍ଟା ପରିହାସ ଭଙ୍ଗୀରେ ଗୋପାଳ କହିଲା – 'ଦେଖିଲୁ ତ କିଏ ଠିକ୍ ଆଉ କିଏ ଭୁଲ୍? ମୁଁ କେବେ ଅନ୍ୟାୟ କରେନି। ମୁଁ ଅବିବେକୀ ନୁହେଁ। ତୋ ଅଭିଯୋଗ ମିଛ ସାବ୍ୟସ୍ତ ହୋଇଗଲା। ଭାବୁଛି ତୁ ଏବେ ତୋର ଭୁଲ୍ ବୁଝିପାରିଥିବୁ।'

ସୁଧାକରର ମୁହଁ ଗୋପାଳ ପ୍ରତି ଘୃଣାରେ ସଙ୍କୁଚିତ ହୋଇଗଲା। ସେ କହିଲା – 'ବରକୁ ବେଳେବେଳେ ଶିଶୁପାଳ ହୋଇ ଫେରିବାକୁ ପଡ଼େ। ତା'ର ମାନେ ନୁହେଁ ଯେ ସେ ଅବିବାହିତ ରହେ। କେଉଁଠୁ ହେଲେ ତାକୁ ପୁଣି କନ୍ୟାଟିଏ ମିଳେ। ସେ ବାହାହୋଇ ଘରକୁ ଫେରେ। ତୁ ଜିତିଗଲୁ ବୋଲି ଭାବିନେଲୁ ନା କ'ଣ? ମୁଁ ମୋ' ଅଭିଯୋଗ ନେଇ ଉପରସ୍ତରକୁ ଯାଉଛି। ମୋତେ ନିଶ୍ଚୟ ନ୍ୟାୟ ମିଳିବ।'

ଗୋପାଳ ତାଚ୍ଛଲ୍ୟଭରା ହସ ହସିଲା। କହିଲା – 'ତୋର ଯାହା ଇଚ୍ଛା ହେଉଛି ତୁ କର। ମୋର ସେଥିରେ କିଛି ଅସୁବିଧା ନାହିଁ। ମୋ' ଜମି ମୋର। ତା' ଉପରେ କାହାର କିଛି କହିବାର ନାହିଁ। ତୋ' ମନ ବି ସେମିତିରେ ବୁଝିବା ଦରକାର।'

ଗୋପାଳ ନିଜକୁ ଇନ୍ଦ୍ର କି ଚନ୍ଦ୍ର ଭାବିନେଲାଣି ବୋଧେ! ମନେମନେ କହିଲା ସୁଧାକର। ବହୁତ ରାଗିଲା। ହେଲେ ସେତେବେଳେ ତାକୁ କିଛି କହିବା ଲାଭହେବନି ଭାବିଲା। ଚୁପ୍ ରହି ନିଜ ବାଟରେ ଚାଲିଗଲା। ତାକୁ ଭାରି ଅଶାନ୍ତି ଲାଗୁଥିଲା। ସେ ଯାଇ ତହସିଲଦାରଙ୍କ ପାଖରେ ପହଞ୍ଚି ଲିଖିତ ଅଭିଯୋଗ ଦେଲା । ତା'ର ଅଭିଯୋଗଟି ପଢ଼ିଲା ପରେ ତହସିଲଦାର କହିଲେ – 'ଅଭିଯୋଗ ରଖିଲି। ମୁଁ ଲୋକ ପଠାଇ ସରଜମିନ ତଦନ୍ତ କରିବି। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତୁମେ ଯାଇପାର।'

ସୁଧାକର ଫେରିଆସିଲା। ଆଶାବାଦୀ ହେଲା। ଠିକ୍ ଦୁଇଦିନ ପରେ ତହସିଲଦାର ଜଣେ ଅମିନକୁ ସରଜମିନ ତଦନ୍ତ ପାଇଁ ପଠାଇଲେ। ତାଙ୍କୁ ଘରକୁ ଡାକିନେଲା ଗୋପାଳ। କ୍ଷୀରସର ପକା ଚା' ଓ ପକୁଡ଼ି ଖାଇବାକୁ ଦେଇ ପକେଟରେ ଦୁଇ ଶହ ଟଙ୍କା ପୂରାଇଦେଲା। ସେଥିରେ ତୃପ୍ତ ହୋଇ ଅମିନ

ଗୋପାଳ ଯେଉଁ ଜମିକୁ ହଡ଼ପ କରିଥିଲା, ଜମି ମାପକରି ତାକୁ ତାହାରି ଆଡ଼କୁ କରିଦେଇ ଚାଲିଗଲେ।

ସୁଧାକର ବିଚରା ଆଉ କରେ କ'ଣ! କିଛି ବୁଝି ନ ଥିଲା ସେ। ଖୁବ୍ ନିରାଶ ହୋଇଗଲା। ତା'ର ଜମି ସବୁଦିନ ପାଇଁ ଗୋପାଳ ଆଡ଼କୁ ଚାଲିଗଲା ବୋଲି ଭାବିନେଲା। ହାୟ! ଦେଶର ଆଇନ ବି ଏମିତି କଥା କହିଦେଲା! ସେ ମନେମନେ କହିଲା। ତା' ଆଖି ଆଗରେ ବିଶାଳ ଶୂନ୍ୟର ସମୁଦ୍ର ଦେଖାଦେଲା। ସେ ଖୁବ୍ ଦୁଃଖୀ ହୋଇଗଲା।

ସେଦିନ ଅମିନ ଯାଇସାରିବା ପରେ ସୁଧାକର ଗୋପାଳ ପାଖକୁ ଆସିଲା। କ୍ରୋଧରେ ତା'ର ଦେହ ଥରିଉଠୁଥିଲା। ସେ କହିଲା – 'ତୋତେ ଧର୍ମ ସହିବ ନାହିଁରେ, ଗୋପାଳ। ମୋ' ଜମିକୁ ତୁ ଖାଇଦେଲୁ? ତୁ ଗୋଟେ ଚୋର। ତୁ ଗୋଟେ ଖଣ୍ଟ। ତୁ ଗୋଟେ ପାପୀ। ଭଗବାନ କେବେ ତୋର ଭଲକରିବେ ନାହିଁ। ମୁଁ ସିନା ତୋତେ ପାରିଲିନି, ମୋ' ପୁଅ ନିଶ୍ଚୟ ଯାର ପ୍ରତିଶୋଧ ନେବ। ମନେରଖିବୁ ରକ୍ତର ଶେଷବିନ୍ଦୁ ଦେଇକରି ବି ସେ ମୋ' ଜମି ଫେରାଇ ଆଣିବ। ତୁ ଭାବୁଛୁ ତୁ ଜିତିଗଲୁ, ହେଲେ ତୋର ସେପରି ଭାବନା ଦିନେ ନା ଦିନେ ଭୁଲ୍ ସାବ୍ୟସ୍ତ ହୋଇଯିବ। ଅପେକ୍ଷାକର। ତୋର ସେ ସମୟ ଆସୁଛି। ତୁ ନିଶ୍ଚେ ଦଣ୍ଡ ପାଇବୁ। ମୋ ଜମି ମୋତେ ଯାଚିକରି ଫେରାଇବୁ।'

> **'ଖାଲି ହାତେ ମାପର ଜମି। ରାଗ କରିବୁନି ପୁଅ; ସେତକ ପାଇଁ ଲୋଭ କରିଥିଲି।'**

ସୁଧାକରର କଥାକୁ ସେଦିନ ହସରେ ଉଡ଼ାଇଦେଲା ଗୋପାଳ। କବାଟ ବନ୍ଦ କରିଦେଇ ଘର ଭିତରେ ରହିଲା। ସୁଧାକର ବୁଦ୍ଧିଶୂନ୍ୟ, ନିରୁପାୟ ହୋଇଗଲା ବୋଧେ! ସେ ମନେମନେ କହିଲା। ଆନନ୍ଦରେ କୁରୁଳିଉଠିଲା। ଆକାଶରେ ସୂର୍ଯ୍ୟ ଚନ୍ଦ୍ର ଥିବା ଯାକେ ସୁଧାକରର ସେଇ ଜମି ସେତକ ତା'ର ହୋଇରହିଲା ବୋଲି ଭାବିନେଲା।

ଦିନ କେତେଟା ଯାଇନି ସେଇ ଦୁଃଖରେ ସୁଧାକର ଚାଲିଗଲା। ସେ ଗଲାପରେ ତା'ର କଣ୍ଠସ୍ୱରକୁ ମନେପକାଇ ଥରିଉଠିଲା ଗୋପାଳ। ତା'ର ମନେହେଲା ସୁଧାକରର ପୁଅ ନିଶ୍ଚେ ପ୍ରତିଶୋଧ ନେବ। ସେ ଯେମିତି ସୁଧାକରର ଜମିକୁ ଦଖଲ କରିଛି ସେମିତି ସେ ନିଜ ଦଖଲକୁ ନେଇଯିବ। ଏମିତି ମନେକରିବା ପରେ ଖୁବ୍ ବିଚଳିତ ହୋଇପଡ଼ିଲା ସେ। ଭୟ ପାଇଲା। କାହିଁକି ଲୋଭରେ ସୁଧାକରର ଜମି ଦଖଲ କରୁଥିଲି ବୋଲି ଭାବିବାକୁ ଲାଗିଲା। ତା' ମନରେ ଆଉ ଶାନ୍ତି ରହିଲା ନାହିଁ। ତା' କାନ ପାଖରେ ସବୁବେଳେ ସୁଧାକରର ଶେଷ କେଇପଦ କଥା ଶୁଭୁଥିଲା।

ଭୟ ଓ ଆଶଙ୍କାରେ ଦିନ ବିତୁଥିଲା। କେତେଟା ବର୍ଷ ପରେ ବୁଢ଼ା ହୋଇଗଲା ଗୋପାଳ। ତା'ର ତ ପିଲାପିଲି ନ ଥିଲେ। ସୁଧାକରର ପୁଅଟି ଶକ୍ତିଶାଳୀ ହୋଇଗଲା। ତା'ର ବାହୁ ଓ ଚଉଡ଼ା ଛାତି ଦେଖିଲେ ଗୋପାଳ ଡରିଲା। ଦିନେ ସେ ତା'ର ଜମିରେ ହଳ ଚଳାଉଥିବା ସମୟରେ ସୁଧାକରର ପୁଅଟି ଆସିଗଲା। ତାକୁ ଦେଖି ଟଳଟଳ ହୋଇ ତଳେ ପଡ଼ିଗଲା ଗୋପାଳ।

କ'ଣ ହେଲା! ସୁଧାକରର ପୁଅଟି ତରତର ହୋଇ ଗୋପାଳ ପାଖକୁ ଧାଇଁଆସିଲା। ମନେକଲା ବୋଧହୁଏ ଟାଣ ଖରା କାରଣରୁ ଗୋପାଳ ବେହୋସ୍ ହୋଇପଡ଼ିଛି। ସେ ଶୀଘ୍ର ପାଖରେ ଥିବା ଜଳାଶୟକୁ ଯାଇ ପାଣି ଆଣି ଗୋପାଳର ଶୁଶ୍ରୁଷା କଲା। ଗୋପାଳ ଆଖି ଖୋଲି ଚାହିଁଲା। ପୁଣି ବନ୍ଦ କରିବା ଆଗରୁ କହିଲା – 'ହାତେ ମାପର ଜମି। ଖାଲି ହାତେ ମାପର ଜମି। ରାଗ କରିବୁନି ପୁଅ। ସେତକ ପାଇଁ ଲୋଭ କରିଥିଲି।'

ସୁଧାକରର ପୁଅ ଗୋପାଳର ସେଇକଥା କିଛି ବୁଝିପାରିଲା ନାହିଁ। ଗୋପାଳର ଆଖି ପୁଣି ବନ୍ଦ ହୋଇଗଲା। ଆଶଙ୍କାରେ ସେଇଆଡ଼େ ଚାହିଁ ରହିଥିଲା ସୁଧାକରର ପୁଅ, ହେଲେ ଗୋପାଳର ସେଇ ବନ୍ଦ ଆଖି ଆଉ ଖୋଲିଲା ନାହିଁ।

ବାଃ! ଚମତ୍କାର ଗଳ୍ପ! ଖୁବ୍ ଭଲ ଲେଖିଛନ୍ତି ବିନିତା। ମୁଗ୍ଧ ହୋଇଗଲେ ପରେଶ।

ଲୋଭ ଥିଲେ ଝଗଡ଼ା ବି ଥାଏ। ଝଗଡ଼ା ଥିଲେ ମକଦ୍ଦମା ଥାଏ, କୋର୍ଟ କଚେରି ଥାଏ। ଲୋଭୀ ମଣିଷ ମୃତ୍ୟୁ ଆଡ଼କୁ ପାଦ ବଢ଼ାଇଥାଏ। ସେ ମନେମନେ କହିଲେ। ମତାମତ ଦେବା ପାଇଁ ବିନିତାଙ୍କ ପାଖକୁ ଉଠିଆସିଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
sachidanandakar62@gmail.com



ପ୍ରବନ୍ଧ

# ପଶ୍ଚିମ ଓଡ଼ିଶାର ଲୋକୋକ୍ତିରେ ସାମାଜିକ ମୂଲ୍ୟବୋଧ

ନରେଶ ମହାନନ୍ଦ

**ଲୋ**କ ଜୀବନଧାରାରେ ମୁଖେ ମୁଖେ ପ୍ରଚଳିତ ଲୋକପ୍ରିୟ ବିଭାଗ ହେଉଛି ଢଗ, ପ୍ରବାଦ, ପ୍ରବଚନ ବା ଲୋକୋକ୍ତି। ସହଜ, ସରଳ, ଭାବଗର୍ଭକ ଓ ଶିକ୍ଷାଧର୍ମୀ ହୋଇଥିବାରୁ ଶ୍ରୁତିମଧୁର ପାଇଁ ଏହାର ପ୍ରୟୋଗ କରାଯାଏ। ଗାଁର ଲୋକ ଚଳଣି ହେଉଛି ଏହାର ଉତ୍ପତ୍ତିର ମାର୍ଗ। ନାରୀ, ପୁରୁଷ, ଆବାଳ ବୃଦ୍ଧବନିତା ଏହାକୁ ବ୍ୟବହାର କଲେ ମଧ୍ୟ ଗାଉଁଲି ନାରୀ ମୁହଁରେ ଏହାର ପ୍ରଚଳନ ଅଧିକ ଦେଖିବାକୁ ମିଳେ, ସାରା ଓଡ଼ିଶାରେ ଏହାର ବ୍ୟବହାର କରାଯାଏ। ସଂକ୍ଷିପ୍ତତା ହେତୁ ଏହା ସହଜରେ ମନେ ମଧ୍ୟ ରହିଯାଏ। ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରେ ଭାଷାର ଗଠନ ଶୈଳୀ ଦୃଷ୍ଟିରୁ ଏହାର ପରିବର୍ତ୍ତନ ହୋଇଥାଏ।

ପଶ୍ଚିମ ଓଡ଼ିଶାର ଚଳଣି ଓ ଚାହାଣି ଉପକୂଳବର୍ତ୍ତୀ ଜିଲ୍ଲା ଅପେକ୍ଷା ସାମାନ୍ୟ ଭିନ୍ନ। ଏଠାରେ ଆର୍ଯ୍ୟ ଓ ଆର୍ଯ୍ୟୋତ୍ତର ସଂସ୍କୃତି ପ୍ରବାହର ଏକ ଅପୂର୍ବ ସମନ୍ୱୟ ଘଟିଛି। ଏହି ଅଞ୍ଚଳରେ ମୁଖ୍ୟତଃ ଆଦିବାସୀ ସଂସ୍କୃତିର ପ୍ରାଧାନ୍ୟ ହିଁ ଦେଖିବାକୁ ମିଳେ। ଏଠିକାର ଜନସାଧାରଣଙ୍କର କଥା ଭାଷା ବେଶ୍ ସୁଲଳିତ ଓ କବିତ୍ୱପୂର୍ଣ୍ଣ। ଏହି ଅଞ୍ଚଳର ପ୍ରାକୃତିକ ପରିବେଶ ଓ ଚଳଣିକୁ ନେଇ ବହୁ ଢଗ ଢମାଳି, ପ୍ରବଚନ, ପ୍ରବାଦ, ନାଁ ଦିଆ ପର୍ବ ଉତ୍ସବ, ଗୀତ ଆଦି ରହିଅଛି। ସେଗୁଡ଼ିକ ଅତ୍ୟନ୍ତ ସୁଲଳିତ ଓ ଶ୍ରୁତିମଧୁର। କେତେକ ଢଗ, ଢମାଳି, ପ୍ରବାଦ, ପ୍ରବଚନ ଉପକୂଳବର୍ତ୍ତୀ ଅଞ୍ଚଳର ଢଗ ସଦୃଶ ଅପରିବର୍ତ୍ତିତ ରୂପେ ଓ କେତେକ ଈଷତ୍ ପରିବର୍ତ୍ତିତ ରୂପରେ କଥିତ ହୁଏ।



**ଲୋକୋକ୍ତିର ଲକ୍ଷଣ**

ଲୋକୋକ୍ତିର ସର୍ବପ୍ରଧାନ ଗୁଣ ହେଉଛି ଭାବ ଅଭିବ୍ୟକ୍ତିର ସଂକ୍ଷିପ୍ତତା ଓ ଚିତ୍ର ଧର୍ମିତା। ମାତ୍ର ଚାରି ପାଞ୍ଚ ଗୋଟି ଶବ୍ଦ ମାଧ୍ୟମରେ ବହୁଭାବ ପ୍ରକାଶ ପାଇଥାଏ। ଯଥା: 'ଅତି ମଧୁର କିରା ଖାଏ,' 'ଚୋର୍ ନୁରସି ଅନ୍ଧାର ରାଏତ୍,' 'ଯହିଁ ଜଙ୍ଗଲ ତହିଁ ମଙ୍ଗଳ', 'ଜେତକି ବାଉଁଶ କେ ସେତକି ପୁଲା,' 'ଘା କେ ଘି,ମା' କେ ଝି' ପ୍ରଭୃତି। କ୍ଷୁଦ୍ରାବୟବ ଲୋକୋକ୍ତିରେ ପ୍ରକାଶ ପାଇଥାଏ ଗ୍ରାମୀଣ ଜନସାଧାରଣଙ୍କ କବିତ୍ୱ, କଳ୍ପନା ଓ ରସବୋଧ। ଅନୁରାଗର ବିବିଧ ରସରେ ଏହା ବେଶ୍ ଚିତ୍ତାକର୍ଷକ।

ଢଗ, ଢମାଳି, ଛଟା, ଟିକଲ, ନାଁଦିଆ, ଧନ୍ଦା, ପ୍ରବାଦ, ପ୍ରବଚନ, ଚାତୁର୍ଯ୍ୟୋକ୍ତି, ଅନ୍ତର୍ଲପି, ବହିର୍ଲପି, ଶବ୍ଦଧନ୍ଦା, ଦାୟିକା ବୋଲି ପ୍ରଭୃତି ଲୋକୋକ୍ତି ଅନ୍ତର୍ଗତ। ମାନବ ଜୀବନର ଅଭିଜ୍ଞତା ଅନୁଭୂତିରୁ ପ୍ରବାଦ, ପ୍ରବଚନ ବ୍ୟକ୍ତିର ଦୋଷ ଗୁଣ ନିର୍ଣ୍ଣୟରୁ ଓ ବ୍ୟଙ୍ଗ ବିଦ୍ରୂପ ହାସପରିହାସରୁ ଛଟା ବା ଟିକଲ ପ୍ରତ୍ୟକ୍ଷୀଭୂତ ବସ୍ତୁ ରାଜିର ଗୁଣ ଧର୍ମ ସହ ଅନ୍ୟ ଏକ ବସ୍ତୁ ବା ବ୍ୟକ୍ତିର ଗୁଣ ଧର୍ମର ସାମ୍ୟ ବୈଷମ୍ୟରୁ ନାଁ ଦିଆର ସୃଷ୍ଟି ଏଥିରେ ବୁଦ୍ଧି, ବିବେକ, ପ୍ରତ୍ୟୁତ୍ପନ୍ନମତିତା, ସାମାଜିକ ବ୍ୟବହାର ଓ ଶିକ୍ଷା ପାଇଁ ଯଥେଷ୍ଟ ଉପାଦାନ ରହିଛି।

ଲୋକୋକ୍ତିକୁ ଅନୁଧ୍ୟାନ କଲେ ଜଣାଯାଏ, ଲୋକ ଜୀବନ କେବଳ ବାପା, ମା' ଓ ଦୁଇଟି ସନ୍ତାନ ମଧ୍ୟରେ ସୀମିତ ନଥିଲା। ଏକ ପରିବାର କହିଲେ, ଏକ ଯୌଥ ପରିବାରକୁ ବୁଝାଉଥିଲା। ଯେଉଁଥିରେ ଜେଜେ ମା, ଜେଜେ ବାପା, ଦାଦା, ବଡ଼ବାପା, ବଡ଼ ମା' ଓ ଖୁଡ଼ି ଆଦି ଗୋଟିଏ ପରିବାରର ସଦସ୍ୟ ଥିଲେ ଏବଂ ଏକତ୍ର ସହାବସ୍ଥାନ କରୁଥିଲେ। ପରିବାର ମଧ୍ୟରେ ଶାଶୂ-ବୋହୂ, ନଣନ୍ଦ-ଭାଉଜ

ତଥା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଥିବା ସଂପର୍କ କେଉଁଠାରେ କଟୁ-ତିକ୍ତ ପୁଣି କେଉଁଠି ମଧୁର। ଏହି କୁଜ୍‌ଝଟିକାକୁ ଭେଦ କରିବା ପାଇଁ ଲୋକୋକ୍ତି ସକ୍ଷମ ହୋଇଛି।

ଜୀବନ ଧାରଣ କରିବା ପାଇଁ ଲୋକ ଜୀବିକାକୁ ଆଦରି ନେଉଥିଲେ। ତେଣୁ ସମାଜରେ ଛତିଶ ପାଟକ ଲୋକ ବାସ କରୁଥିଲେ। ପ୍ରତ୍ୟେକଙ୍କର ସ୍ୱତନ୍ତ୍ର କୌଳିକବୃତ୍ତି ଥିଲା। ପ୍ରତ୍ୟେକ ଜାତି ପାଇଁ ଲୋକଙ୍କର ସ୍ୱତନ୍ତ୍ର ମନୋଭାବ ଓ ମନ୍ତବ୍ୟ ଥିଲା। ଲୋକୋକ୍ତିକୁ ତର୍ଜମା କଲେ ପ୍ରାଚୀନ ସମାଜ ସମ୍ପର୍କରେ ଏକ ସ୍ୱଚ୍ଛ ଧାରଣା ସୃଷ୍ଟି ହୋଇଥାଏ। ସମାଜ ସମ୍ପର୍କରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କର ଉକ୍ତିର ଅନୁରୂପ ଲୋକୋକ୍ତିରେ ଦେଖିବାକୁ ମିଳେ। ଏଥିରୁ ଅନୁମିତ ହୁଏ ଯେ, ବ୍ୟକ୍ତି ଚେତନାରେ ସାମାଜିକ ଚେତନା ଲୁକ୍କାୟିତ ହୋଇ ରହିଛି।

ପଶ୍ଚିମ ଓଡ଼ିଶାର ସାମାଜିକ ଜୀବନ ସମ୍ବନ୍ଧୀୟ ଲୋକୋକ୍ତିଗୁଡ଼ିକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ, ତତ୍କାଳୀନ ସମାଜରେ ଅତିଥି ସତ୍କାର ଭଳି ମହନୀୟତା ସହ ଅନ୍ଧବିଶ୍ୱାସ ଓ କୁସଂସ୍କାର ଓଡ଼ିଆ ଜନ ଜୀବନକୁ ଆଚ୍ଛନ୍ନ କରି ରଖିଥିଲା। ଏହା ସତ୍ତ୍ୱେ ସାମାଜିକ ଜୀବନକୁ ଶୃଙ୍ଖଳିତ କରିବା ପାଇଁ ତଥା ଲୋକଙ୍କ ମନରେ ସଦ୍ଭାବ ସୃଷ୍ଟି କରିବା ପାଇଁ ଲୋକୋକ୍ତି ଏକ ସୁନ୍ଦର ମାଧ୍ୟମ ଥିଲା। ବୟୋଜ୍ୟେଷ୍ଠ ବ୍ୟକ୍ତି ଉପଦେଶ ଛଳରେ ନିଜ ଜୀବନର ବିଶିଷ୍ଟ ଅଭିଜ୍ଞତାକୁ ଲୋକୋକ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି। ଏକ ଶୃଙ୍ଖଳିତ ସାମାଜିକ ଜୀବନ ନିମନ୍ତେ ଲୋକୋକ୍ତିର ପ୍ରୟୋଜନୀୟତା ଅପରିହାର୍ଯ୍ୟ ଥିଲା। ଲୋକୋକ୍ତି ଲୋକ ଜୀବନର ପ୍ରତିବିମ୍ବ। ଜୀବନକୁ ଜୀବନ୍ତ ଓ ମନୋରମ କରିବା ପାଇଁ ଓଷା, ବ୍ରତ ପର୍ବ-ପର୍ବାଣି ଓ ଯାନି-ଯାତ୍ରାର ଆବଶ୍ୟକତା ଲୋକୋକ୍ତିରୁ ସୂଚିତ ହୁଏ। ଏତଦ୍ ବ୍ୟତୀତ ଖାଦ୍ୟପେୟ, ବେଶପୋଷାକ ତଥା ମଧ୍ୟଯୁଗୀୟ ବିଳାସ ବ୍ୟସନର ସୂଚନା ମିଳେ। ବହୁ ସାମାଜିକ ବିଧି ବିଧାନ ଯଥା – ବିବାହ ବ୍ରତ ଆଦି ବୈଦିକ ଯୁଗରୁ ଆରମ୍ଭ ହୋଇଥିଲେ ହେଁ ମଧ୍ୟ ଯୁଗରେ ମଧ୍ୟ ଏହା ପ୍ରଚଳିତ ଥିଲା। ତେଣୁ ଓଷାବ୍ରତ, ଯାନିଯାତ୍ରା ସହ ବିବାହ ବ୍ରତ ଆଦିକୁ ନେଇ ଲୋକୋକ୍ତିର ଚିତ୍ର ହୋଇଛି।

**ଏକ ଶୃଙ୍ଖଳିତ ସାମାଜିକ ଜୀବନ ନିମନ୍ତେ ଲୋକୋକ୍ତିର ପ୍ରୟୋଜନୀୟତା ଅପରିହାର୍ଯ୍ୟ ଥିଲା।**

## ଲୋକଶିକ୍ଷାର ମାଧ୍ୟମ

ଲୋକୋକ୍ତି ଉତ୍କୃଷ୍ଟ ଲୋକଶିକ୍ଷାର ମାଧ୍ୟମ ଥିଲା। ଲୋକ କବିର ଅନୁଭୂତି ସିଦ୍ଧ ବହୁ ଲୋକୋକ୍ତି ପରବର୍ତ୍ତୀ ସମୟରେ ବିଜ୍ଞାନ ସମ୍ମତ ହୋଇପାରିଥିଲା। ପାଣିପଣା, ଚିକିତ୍ସା ଓ କୃଷି ସମ୍ବନ୍ଧୀୟ କେତେକ ଲୋକୋକ୍ତି ଏହି ପର୍ଯ୍ୟାୟଭୁକ୍ତ। ଏଭଳି ମୂଲ୍ୟବାନ କିଛି ଲୋକୋକ୍ତି ପ୍ରାୟ ଅଧିକାଂଶ ଲୋକଙ୍କ ମୁହଁରେ ବିଶେଷ କରି ବୟୋଜ୍ୟେଷ୍ଠ ଲୋକ ମୁହଁରେ ବଞ୍ଚି ରହିଥିଲା। ତଦନୁସାରେ ତତ୍କାଳୀନ ଚିକିତ୍ସା ବ୍ୟବସ୍ଥା କରାଯାଉଥିଲା ଏବଂ କୃଷିକାର୍ଯ୍ୟ ମୁଖ୍ୟତଃ ଲୋକୋକ୍ତି ଅନୁସାରେ କାର୍ଯ୍ୟକାରୀ ହେଉଥିଲା।

ଲୋକୋକ୍ତି ବା ଛଟା ଏହି ଐତିହାସିକ ବୀଜକୁ କେତେବେଳେ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ଲୋକର ଆତ୍ମବିଶ୍ୱାସକୁ ପ୍ରେରିତ କରି ଆସିଛି ତ କେତେବେଳେ ଲକ୍ଷଣାରେ ପ୍ରଚ୍ଛନ୍ନ ଭାବରେ ଐତିହାସିକ ସତ୍ୟକୁ ସାଙ୍କେତିକ କରିଛି। ଐତିହାସିକ ସତ୍ୟକୁ ସିଧାସଳଖ ତଥା ଜାତି ଜୀବନର ନିକଟତମ ସତ୍ୟ ଭାବରେ ଖ୍ୟାନ କରୁଥିବା କେତୋଟି ଆଦିବାସୀ ଲୋକୋକ୍ତିର ନିମ୍ନରେ ଉଦ୍ଧରଣ ଓ ଅନୁଶୀଳନ କରାଯାଉଛି।

'ଗୋଣ୍ଡ୍ ଉଠଲେ ଛତର ଟେକେ, ଗୋଣ୍ଡ୍ ବସଲେ ପତର ବିକେ'।

ଏହି ଲୋକୋକ୍ତିଟି ପଶ୍ଚିମ ଓଡ଼ିଶାର ଅନ୍ୟ ଏକ ଶକ୍ତିଶାଳୀ ଜନଜାତି 'ଗୋଣ୍ଡ୍' ସମ୍ପ୍ରଦାୟର ଐତିହାସିକ ସ୍ଥିତିର ବାଖ୍ୟାନ କରେ। ପଶ୍ଚିମ ଓଡ଼ିଶାର ରାଜନୀତିକ ଇତିହାସରେ ଏକ ସଂଘର୍ଷଶୀଳ ତଥା ସାମନ୍ତବର୍ଗ ଅନ୍ତର୍ଭୁକ୍ତ ଏହି ଜନଜାତି ବହୁବାର ଉତ୍‌ଥାନ-ପତନର ଦ୍ୱନ୍ଦ୍ୱ ଦେଖିଛି। ତେବେ ଯେତେବେଳେ ବି ଗୋଣ୍ଡ୍ ଆପଣାକୁ ଜାଗରିତ କରିଛି ସେତେବେଳେ ସିଏ ଛତ୍ର ଧାରଣ କରିଛି ବା ରାଜନୀତିକ ଅଧିପତି ବର୍ଗରେ ସାମିଲ ହୋଇଛି, ଅପର ପକ୍ଷରେ ଯେତେବେଳେ ଏ ଜାତି ନିସ୍ତେଜ ହୋଇଛି ସେତେବେଳେ ସେ ପତ୍ର ବିକ୍ରୟ କରି ଜୀବିକା ନିର୍ବାହ କରିଛି। ସମଗ୍ର ଊନବିଂଶ ଶତକରେ, ପଶ୍ଚିମ ଓଡ଼ିଶାର ଆଦିବାସୀ ଜନଜାତିଗୁଡ଼ିକର (ମୁଖ୍ୟତଃ ଗୋଣ୍ଡ୍, ବିଂଝାଲ ଓ କନ୍ଧମାନଙ୍କର) ବହୁଳ ବିସ୍ଥାନ, ବିସ୍ଥାପନ ବିରୋଧି ସଶସ୍ତ୍ର ଆନ୍ଦୋଳନ, ଇଂରେଜମାନଙ୍କ

ସହାୟତାରେ ସ୍ଥାନୀୟ ରାଜଶକ୍ତିମାନଙ୍କ ଦ୍ୱାରା ଏ ଆନ୍ଦୋଳନଗୁଡ଼ିକର ବର୍ବର ଅବଦମନ ଏ ଅଞ୍ଚଳରେ ଆଦିବାସୀଙ୍କ ରାଜନୀତିକ ଆଧିପତ୍ୟ ଓ ଆର୍ଥିକ ସ୍ୱଚ୍ଛନ୍ଦତାକୁ ସମୁଳେ ନଷ୍ଟ କରିଦେବା ସହ ଏମାନଙ୍କ ସଂଘର୍ଷଶୀଳ ମନକୁ ଭାଙ୍ଗି ଚୁରମାର୍ କରିଦେଲା। ଏ ଆନ୍ଦୋଳନ ପରବର୍ତ୍ତୀ ଆଦିବାସୀ ଜୀବନଧାରା ହେଉଛି ଶ୍ରମଜୀବୀର (ଜଙ୍ଗଲ, ଭୂମି, ରାସ୍ତା ନିର୍ମାଣ ଇତ୍ୟାଦି କାମର ଶ୍ରମଜୀବୀ)। ଏହି ଲୋକୋକ୍ତି ଗୋଣ୍ଡ୍ ଜନଜାତିର ସଂଘର୍ଷଶୀଳ ଐତିହ୍ୟର ସ୍ମାରକ ମାତ୍ର ହୋଇ ଲୋକରେ ବଞ୍ଚି ରହିଛି।

'ଗୋଣ୍ଡର ଜେ ଭୁଇଁ, ରଜାର୍ ଜେ ରାଏଜ୍'

ଏହି ଲୋକୋକ୍ତି ଗୋଣ୍ଡ୍ ଜନଜାତିର ମୂଳ ନିବାସର ସୂଚନା ଦେବା ସଙ୍ଗେ ସଙ୍ଗେ ବହୁକାଳ ଧରି ରାଜସ୍ୱ ସହ ସେମାନଙ୍କର ସମ୍ପର୍କର ସୂଚନା ଦିଏ। ପଶ୍ଚିମ ଓଡ଼ିଶାର ଛୋଟଛୋଟ ରାଜ୍ୟର ରାଜାମାନେ କ୍ଷମତା କୈନ୍ଦ୍ରୀକରଣ (କନ୍‌ସୋଲିଡେସନ୍) ପାଇଁ ସ୍ଥାନୀୟ ଆଦିବାସୀ ଜନଜାତି ସହ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ସ୍ଥାନ କରିଥିଲେ। ବହୁକାଳ ପର୍ଯ୍ୟନ୍ତ ରାଜାମାନେ ପ୍ରକୃତ କ୍ଷମତାର ଅଧିକାରୀ ହୋଇଥିଲେ ହେଁ ଜମି ବା ଭୂମି ଉପରେ ଜମିଦାର ଏବଂ ଗଂଝୁ, ଗୋନ୍ତିଆଙ୍କ ଅଖଣ୍ଡ କ୍ଷମତା ରହିଥିଲା। ଲୋକୋକ୍ତି, ଲୋକ ସାହିତ୍ୟର ଅନ୍ୟ ସମସ୍ତ ବିଭାବଠାରୁ ସଂକ୍ଷିପ୍ତ, ଅଥଚ ସବୁଠୁ ଶକ୍ତିଶାଳୀ ସଂପ୍ରେଷଣ ଆଧାର। ଜନସମାଜର ଐତିହାସିକ ଜୀବନଯାତ୍ରା, ଦୈନନ୍ଦିନ ଜୀବନ ଯାତ୍ରାର ଛୋଟବଡ଼ ଦୁଃଖସୁଖର ଅନୁଭୂତି, କର୍ମ ତଥା ସାମାଜିକ ଜୀବନପୋଲବ୍ଧ ଅନୁଭବରାଜିକୁ ପରିବହନ କରି ଲୋକୋକ୍ତି ସାମାଜିକ ଶିକ୍ଷୟିତ୍ରୀର ଭୂମିକା ନିର୍ବାହ କରିଥାଏ।

**ଲୋକୋକ୍ତି, ଲୋକସାହିତ୍ୟର ଅନ୍ୟ ସମସ୍ତ ବିଭାବଠାରୁ ସଂକ୍ଷିପ୍ତ, ଅଥଚ ସବୁଠୁ ଶକ୍ତିଶାଳୀ ସଂପ୍ରେଷଣ ଆଧାର।**

## ଲୋକୋକ୍ତି ଓ ଜନଜାତି

ପଶ୍ଚିମ ଓଡ଼ିଶାର ଛୋଟ ଛୋଟ ରାଜ୍ୟମାନଙ୍କରେ ଗୋଣ୍ଡ, କନ୍ଧ ଓ ବିଂଝାଲ୍ ଜନଜାତିମାନଙ୍କର ଜମିଦାରୀରେ ଆଧିପତ୍ୟ ରହିଥିଲା ଏବଂ ଜନଜାତିଗୁଡ଼ିକ ମୁଖ୍ୟତଃ ଏ ଅଞ୍ଚଳର ଅଧିକାଂଶ ଖୁକରା ଜମିର ନିର୍ମାତା। ରାଜସତ୍ତା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନରେ ଥିବା ସମୟରେ ସୃଷ୍ଟି ହୋଇଥିବା ଜନଜାତୀୟ ଇଟା ଅଟେ। ଏହା ଆଦିବାସୀ ଜନଜାତିଗୁଡ଼ିକ ସହ ବନ୍ଧୁତାପୂର୍ଣ୍ଣ ରାଜକୀୟ ସମ୍ପର୍କର ଅନ୍ୟ ଏକ ଉଦାହରଣ ମିଳେ ନିମ୍ନଲିଖିତ କନ୍ଧ ଲୋକୋକ୍ତିରେ:-

'ପାଟ ବନ୍ଧା ବଡ଼ାକା<br>
କୁନେ ଧରା ତୁଡୁକା<br>
ଟି ଦିଆ ସେର୍ ମେଳକା'

ଏହି ଲୋକୋକ୍ତି କନ୍ଧ ଜନଜାତିର ବିବିଧ ଉପଗୋଷ୍ଠୀ ସହ କଳାହାଣ୍ଡି ନାଗବଂଶର ରାଜାମାନଙ୍କର ସମ୍ପର୍କ ବନ୍ଧନର ତଥ୍ୟ ପ୍ରଦାନ କରେ।

'ଗଣ୍ଡ ଆର କନ୍ଧ ମାଁ ମାଏସିର ପୁଓ'

ଏହି ଲୋକୋକ୍ତି ଏ ଅଞ୍ଚଳର ଦୁଇ ପ୍ରାଚୀନ ଜନଜାତି କନ୍ଧ ଓ ଗଣ୍ଡ ମଧ୍ୟରେ ଥିବା ଐତିହାସିକ ବନ୍ଧୁତାପୂର୍ଣ୍ଣ ସହାବସ୍ଥାନର ସୂଚନା ପ୍ରଦାନ କରେ। ଲୋକୋକ୍ତି ବା ଛଟାଗୁଡ଼ିକ ଲୋକ ଅନୁଭବର ଉତ୍ତରଣ ସ୍ୱରୂପ ନବପୀଢ଼ିମାନଙ୍କୁ ତଥା ଜନସମାଜକୁ ପାରିବାରିକ, ସାମାଜିକ ଜୀବନ ଚଳଣୀର ଶୃଙ୍ଖଳା ବିଷୟରେ ତାଗିଦ୍ କରିଥାଏ। ଯେମିତି, ପରଧନରେ ଆତ୍ମବର୍ଦ୍ଧିମା ଦେଖାଉଥିବା ଲୋକକୁ ତାଗିଦ୍ କରି ଛଟା କହିଥାଏ।

'ପରହର୍ ଧନେ ଲହର ପହର୍<br>
ଛନେ ଇନେଲେ ଲାଜେମର୍'

ମଣିଷର ଆତ୍ମସମ୍ବେଦନା ଜନିତ ଅପାରଗତାକୁ ତାଚ୍ଛଲ୍ୟ କରି ଛଟା କହିଥାଏ।

'ଚାଲି ନାଇଁ ଜାନି ବାଟର୍ ଦୋଷ<br>
ରଖି ନାଇଁ ଜାନି ମାଏଝିର ଦୋଷ'

ଅର୍ଥାତ୍ ଚାଲି ନ ଜାଣି ବାଟର ଦୋଷ, ରଖି ନ ଜାଣି ସ୍ତ୍ରୀର ଦୋଷ।

'ବେଙ୍ଗର୍ ପେଟେ ଘି' ନେଇ ଜିରେ'

ବେଙ୍ଗ ଘିଅ ଖାଇ ଜୀର୍ଣ୍ଣ କରିପାରେ ନାହିଁ। ଅର୍ଥାତ୍ ବିଶ୍ୱସ୍ତ ଲୋକ ଭାବି କୌଣସି ଏକ ଗୁପ୍ତ କଥା କାହାକୁ ନ କହିବାର ଦ୍ୱାହି ଦେଇ କୁହାଯାଇଥିଲେ ତାକୁ ଯଦି ଅନ୍ୟ ପାଖରେ ପ୍ରକାଶ କରିଦିଏ ତେବେ ଏହି ଉକ୍ତିଟି କୁହାଯାଏ।

'ଭାତ୍ ଫିକଲେ କେଁ କୁଆ ଦୁକାଲ<br>
ଟୁଣକେ କେଁ ହୁଲ ହୁଲି ଦୁକାଲ'

ଭାତ ଫିଙ୍ଗି ଦେଲେ ସାଙ୍ଗେ ସାଙ୍ଗେ କୁଆମାନେ ଆସି

ରୁଣ୍ଡ ହୋଇଯାନ୍ତି, ତୁଣ୍ଡରେ ଯେତେ ଇଚ୍ଛା ସେତେ ହୁଳହୁଳି ପକାଯାଇପାରେ ଅର୍ଥାତ୍ ଥିଲାବାଲା ତା'ର ପ୍ରତିପତ୍ତିବଳରେ ସବୁ କାର୍ଯ୍ୟରେ ସଫଳତା ହାସଲ କରିଥାଏ।

'ଠାନ୍ ଜାନି ବସ୍ଲେ କେନ୍ କହେସି ଉଠ
କଥା ଜାନି କହେଲେ କେନ୍ କହେସି ଝୁଟ୍'

ଠିକ୍ ସ୍ଥାନରେ ବସିଥିଲେ କେହି ତାଙ୍କୁ ବସିଥିବା ଜାଗାରୁ ଉଠିବାର କହିପାରେ ନାହିଁ ଏବଂ ସ୍ଥାନ, କାଳ, ପାତ୍ର ଅନୁସାରେ ଭାବିଚିନ୍ତି ମତାମତ ଦେଲେ କେହି ମିଛ ବୋଲି କହିପାରେନାହିଁ ଏଣୁ କହିବା କିମ୍ବା କରିବା ପୂର୍ବରୁ ସବୁ ଦୃଷ୍ଟିରୁ ବିଚାର କରିବା ଉଚିତ୍।

'ବିଡ଼ି ଠୁଟି ହେଲେ ଗଲା
ମୁନୁଷ୍ ବୁଟି ହେଲେ ଗଲା'

ବିଡ଼ି ଟାଣିଲେ ବିଡ଼ି ଯେମିତି ଆସ୍ତେ ଆସ୍ତେ ଛୋଟ (ଠୁଟି) ହୋଇଯାଏ। ଆଉ ଟାଣିହୁଏ ନାହିଁ ବରଂ ଫିଙ୍ଗି ଦିଆଯାଏ ଠିକ୍ ସେମିତି ବାଙ୍ଗରା(ବୁଟି) ଲୋକ ଉଚ୍ଚ ଜାଗାକୁ ହାତ ପହଞ୍ଚାଇ ନ ପାରି ଅସଫଳ ହୋଇଥାଏ।

'ବେଟୁର୍ ମନ୍ତର୍ ନେଇ ଜାନି ସାପର୍ ମୁଡ଼େ ହାତ୍'

ବିଛା ମନ୍ତ୍ର ଜାଣି ନ ଥିବା ଲୋକ ସାପ ଧରିବାକୁ ଚେଷ୍ଟା କଲେ ଲୋକହସା ହେବାକୁ ପଡ଼େ ଅର୍ଥାତ୍ ନିଜ ଶକ୍ତି ବହିର୍ଭୂତ କାର୍ଯ୍ୟରେ ହାତଦେଲେ ସବୁ କ୍ଷେତ୍ରରେ ଅପଦସ୍ତ ହେବାକୁ ପଡ଼ିଥାଏ।

'ଭଲକେ କହେଲେ ଭେଲୁଆ ଲାଗ୍ସି'

ଏକ ପ୍ରକାର ଔଷଧ ଗଛର ଫଳ ଭେଲୁଆ। ଔଷଧ ଭାବରେ ବ୍ୟବହାର କରାଯାଏ। ବ୍ୟବହାରରେ ଅସାବଧାନତା ହେଲେ ଶରୀରର ଚର୍ମ କୁଣ୍ଡାଇ ହୁଏ ଓ ଘା' କରିଥାଏ। ଜଣକୁ ଭଲ ପରାମର୍ଶ ଦେଲାବେଳେ ଯଦି ଓଲଟା ଦୁର୍ବ୍ୟବହାର ପାଇବାକୁ ପଡ଼େ ସେତେବେଳେ ଏହି ଉକ୍ତି କୁହାଯାଏ।

'ହାତୀ ମାରି କେଁ କୁଲାନେ ଢପା'

ହାତୀ ଭଳି ବିରାଟକାୟ ଜୀବନକୁ ମାରି ବାଉଁଶ ତିଆରି କୁଲାରେ ତାଙ୍କି ଲୁଚାଇବାକୁ ଚେଷ୍ଟା କରିବା, ଅର୍ଥାତ୍ ବୁଦ୍ଧିମାନ ଓ ପରାକ୍ରମଶାଳୀ ଲୋକକୁ ବିପଦରେ ପକାଇବା ପାଇଁ ଚେଷ୍ଟା କରି ବ୍ୟର୍ଥ ହେବ।

'ନଏଲା ବେଳେ ନାତି ଘଏଁତା'

ଉପାୟଶୂନ୍ୟ ହେଲେ କୁଟାଖିଆକୁ ବି ଆଶ୍ରା କରାଯାଏ। ପରିସ୍ଥିତିର ଚାପରେ ନାତିକୁ ବି ଘଏଁତା କରିବା ଅର୍ଥାତ୍ ଆବଶ୍ୟକ ବେଳେ ଅଯୋଗ୍ୟ ଜାଣି ସୁଦ୍ଧା ସାହାଯ୍ୟ ପ୍ରାର୍ଥୀ ହେବାକୁ ପଡ଼ିଲେ ଏହି କଥା କୁହାଯାଏ।

'ସତ୍ ଥିଲେ ସାତ ହାତ୍, ମିଛେ ଥିଲେ ନର୍କେ ହାତ'

ସତ୍ୟକୁ ଜଗି ଚଳିଲେ ଉତ୍ତରୋତ୍ତର ଉନ୍ନତି ହୋଇଥାଏ କିନ୍ତୁ ସତ୍ୟରୁ ଓହରି ଗଲେ ନର୍କକୁ ଯିବାକୁ ପଡ଼େ ଅର୍ଥାତ୍ ସମସ୍ତେ ଛି ଛାକର କରିଥାନ୍ତି।

'ପରକେ ଗୋଡ଼ି ଟିପ୍ଲେ ନିଜକେ ପଥର ପଡ଼ସି'

ପର ଉପରକୁ ଛୋଟ ପଥର ଫିଙ୍ଗିଲେ ନିଜ ଉପରକୁ ବଡ଼ ପଥର ପଡ଼େ ଅର୍ଥାତ୍ ପରର ଅନିଷ୍ଟ ଚିନ୍ତାକଲେ ନିଜର ଅନିଷ୍ଟ ହିଁ ଘଟିଥାଏ।

'କାଦୋ ମାଡ଼ବ କେଁ କାଯେ ଆର୍ ଗୋଡ଼ ଧୋଏବ କେଁ କାଯେ'

କାଦୁଅ ମାଡ଼ିଲେ ଗୋଡ଼ ଧୋଇବାକୁ ହିଁ ପଡ଼ିଥାଏ ଅର୍ଥାତ୍ ନବୁଝୁ ନଶୁଝି ଯେକୌଣସି କାମରେ ହାତ ଦେବା ଉଚିତ୍ ନୁହେଁ।

'ତୁରୁତ୍ ଦାନ୍ ମହା ପୁଇନ୍'

ଯେକୌଣସି କାମ ହେଉ ବିଳମ୍ବ ନ କରି ସଙ୍ଗେ ସଙ୍ଗେ କରିଦେବା ଭଲ, ଡ଼େରିକଲେ ଉକ୍ତ କାର୍ଯ୍ୟ ଆହୁରି ଡ଼େରି ହୋଇଯିବ ସିନା କେବେ ହେଲେ ଶେଷହେବ ନାହିଁ।

'କଏଁଲି ପତରକେ ମାକଡ୍ ଖାଏସି'

କଅଁଳପତ୍ରକୁ ମାଙ୍କଡ଼ ମଧ ଚୋବାଇ ଖାଇପାରେ ଅର୍ଥାତ୍ ସବୁ କ୍ଷେତ୍ରରେ ସରଳ ହେଲେ କ୍ଷତି ସହିବାକୁ ପଡ଼ିଥାଏ। ତେଣୁ ସ୍ଥାନ, କାଳ, ପାତ୍ରକୁ ଆଖି ଆଗରେ ରଖି କାର୍ଯ୍ୟ କରିଯିବା ସବୁଠାରୁ ଭଲ।

'କେତେ ବେଲେଁ ଦୁଇ ମାଏଝିର୍ ଘର
କେତେ ବେଲେଁ ଚୁଇଲ୍ ଫୁକି ଫୁକି ମର'


ସମାଜରେ ଦୁଇ ବା ତତୋଧିକ ସ୍ତ୍ରୀ ବିବାହର ପ୍ରଚଳନ ପୁରାଣ ଯୁଗରୁ ଚାଲି ଆସିଛି। ମାତ୍ର ଏପରି ସ୍ୱାମୀର ଜୀବନରେ କ୍ୱଚିତ ଶାନ୍ତି ମିଳିଥାଏ। ସ୍ତ୍ରୀମାନଙ୍କର କଳି କଜିଆ ସମାଧାନ ତାର ହାଡ଼ ମାଉଁସ ଝୁଣି ହୋଇଯାଏ ସିନା ସୁଖରେ ରହିପାରେ ନାହିଁ। ସମୟ ସମୟରେ ହୁଏତ ସେ ଛ' ତିଆନ ନ ଭଜା

**'କେତେ ବେଲେଁ ଦୁଇ ମାଏଝିର୍ ଘର,
କେତେ ବେଲେଁ ଚୁଇଲ୍ ଫୁକି ଫୁକି ମର।'**

ଖାଇ ଉଭୟ ସ୍ତ୍ରୀଙ୍କୁ ଭୋଗକରେ। କିନ୍ତୁ ପୁଣି କେତେବେଳେ ଚୁଲି ଫୁଙ୍କିବାର ମଧ ସାର ହୁଏ। କାରଣ ଉଭୟ ସ୍ତ୍ରୀଙ୍କ ଭିତରେ ସୁସମ୍ପର୍କ ଥିବା ପର୍ଯ୍ୟନ୍ତ ଉଭୟେ ମନପ୍ରାଣ ଦେଇ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତକରି ସ୍ୱାମୀଙ୍କୁ ଖୁଆଇ ଥାଆନ୍ତି। ପକ୍ଷାନ୍ତରରେ ଟିକିଏ ମନ ଫଟାଫଟି ହେଲା ତ ରୋଷେଇ ବନ୍ଦ। ଦୁଇ ସଉତୁଣୀର ଏତାଦୃଶ ଆଚରଣ ସମ୍ପର୍କରେ କୁହାଯାଇଥାଏ।

**ଶିକ୍ଷା ଓ ମନୋରଞ୍ଜନର ମାଧମ**

ଲୋକୋକ୍ତି ମନୋରଞ୍ଜନ, ପରିବେଶକୁ ହାଲକା କରିବା, ଶିଶୁ ଓ ଯୁବବର୍ଗଙ୍କୁ ଶିକ୍ଷା ଦେବା, ସାମାଜିକ ବ୍ୟବହାର ଓ ଅନୁଭୂତିର ପ୍ରଖ୍ୟାନ କରିବା, ବିଶ୍ୱାସ, ପରଂପରା ଇତ୍ୟାଦିର ଯୌକ୍ତିକତା ପ୍ରଦାନ କରିବା ଆଦି କାମରେ ସାଧାରଣତଃ ବ୍ୟବହୃତ ହୋଇଥାଏ। ଦୂର ଅତୀତରୁ ପିଢ଼ିରୁ ପିଢ଼ିକୁ କ୍ରମ ସଂକ୍ରମିତ ଓ କ୍ରମ ସଂପ୍ରେଶିତ ହୋଇ ଆସୁଥିବା ଲୋକୋକ୍ତିଗୁଡ଼ିକ ସାମାଜିକ ଇତିହାସର ବୀଜ ଓ ସଂକେତ ମଧ ବହନ କରିଥାନ୍ତି। ଲୋକଧାରାର ଅନ୍ୟାନ୍ୟ ବିଭାବଠାରୁ ଲୋକୋକ୍ତି ଭିନ୍ନତା ହେଉଛି ଏହାର ସଂକ୍ଷିପ୍ତତା। ଅତି ଅଳ୍ପ ଶବ୍ଦ, ଅଳ୍ପ କେତୋଟି ବାକ୍ୟ ବା ପଦର ସୀମିତତା ମଧରେ ବ୍ୟାପ୍ତ ସଂପ୍ରେଷଣ ହେଉଛି ଲୋକୋକ୍ତିର ମୁଖ୍ୟ ନିର୍ଦ୍ଧାରକ ଚରିତ୍ର।




ଏକ ବିଶାଳ ଘଟଣାର ଆଧାରରେ ବ୍ୟଞ୍ଜନା ପୂର୍ବକ ସମ୍ମୁଖସ୍ଥ ବ୍ୟକ୍ତି ବା ଜନତାଙ୍କୁ ସଚେତନ କରାଇବା ହିଁ ଲୋକୋକ୍ତିର ମୂଳ ସଂବେଗ। ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗଗୁଡ଼ିକ ଗାଠନିକ ଦୃଷ୍ଟିରୁ ଦୀର୍ଘ ଥିବାବେଳେ ଲୋକୋକ୍ତିଗୁଡ଼ିକ ଏକାକ୍ଷରୀ, ଦ୍ୱିଅକ୍ଷରୀ, ତ୍ରୈଅକ୍ଷରୀ, ଚତୁରାକ୍ଷରୀ, ପଞ୍ଚାକ୍ଷରୀ ହୋଇ ଅତି ବେଶିରେ ଦୁଇରୁ ତିନି ପାଦ ବିଶିଷ୍ଟ ହୋଇ ସୁଦ୍ଧା ଏକ ଗହନ, ଗମ୍ଭୀର, ମର୍ମସ୍ପର୍ଶୀ ନିର୍ଯାସକୁ ଉପସ୍ଥାପନ କରିଥାଏ ।

ପଶ୍ଚିମ ଓଡ଼ିଶାରେ ଭାଷା ଚଳଣି ଅନୁଯାୟୀ ଲୋକୋକ୍ତିର ସାମାନ୍ୟ ପରିବର୍ତ୍ତିତ ରୂପ ଲକ୍ଷ୍ୟ କରାଯାଏ। ପଶ୍ଚିମ ଓଡ଼ିଶାର ଆଦିବାସୀବର୍ଗ ଓ ଅନ୍ୟାନ୍ୟ ଲୋକମାନେ ଏହାର ବହୁଳ ବ୍ୟବହାର କରନ୍ତି। ପଶ୍ଚିମ ଓଡ଼ିଶାର ଭାଷା ଶ୍ରୁତି ମଧୁର ହେତୁ ଏହାର ଢଗ, ପ୍ରବଚନ ଆଦି ଅତି ଶୀଘ୍ର ହୃଦୟରେ ଆନନ୍ଦ ଦିଏ। ବାରମ୍ବାର ପ୍ରୟୋଗ କରିବାକୁ ମନ ହୋଇଥାଏ। ଲୋକ ମନର ବିଭିନ୍ନ ଭାବାବେଗର ଚମତ୍କାର ପରିବେଷଣ ହୋଇଥାଏ। ସଂକ୍ଷିପ୍ତ, ଚିତ୍ତାକର୍ଷକ, ଏହି ଲୋକୋକ୍ତି ପଶ୍ଚିମ ଓଡ଼ିଶାର ଭାଷା ସଂସ୍କୃତି, ସାହିତ୍ୟ ଓ ଚଳଣିକୁ ଅଧିକ ସମୃଦ୍ଧ କରିପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସମାଜ ସବୁବେଳେ ଏକ ଗୋଷ୍ଠୀ ଜୀବନକୁ ପ୍ରତିନିଧିତ୍ୱ କରେ। ଲୋକୋକ୍ତି ସାମାଜିକ ଜୀବନର ସମୂହ ଅଭିଜ୍ଞତା ଦ୍ୱାରା ପରି ସ୍ପଷ୍ଟ ହୋଇଥାଏ ।

ସହାୟକ ଗ୍ରନ୍ଥସୂଚୀ

(୧) ଗାଁଣ, ଅନାଦି ଚରଣ, ଲୋକ ସାହିତ୍ୟର ରୂପରେଖ, ଅଗ୍ରଦୂତ, କଟକ, ୨୦୦୪

(୨) ନାହାକ, ଶ୍ରୀ ଗଣେଶ ରାମ, ପଶ୍ଚିମ ଓଡ଼ିଶାର ଢଗଢମାଳି ଓ ପ୍ରବାଦ ପ୍ରବଚନ, ସମ୍ବଲପୁର, ବାରତ ସମନ୍ୱିତ ସମାଜ କଲ୍ୟାଣ ସଂସ୍ଥା, ୨୦୦୫

(୩) ପଟ୍ଟନାୟକ, ପଲ୍ଲୀଶ୍ରୀ, ବାଲେଶ୍ୱର ଓ କଳାହାଣ୍ଡିର ଲୋକୋକ୍ତି-ଏକ ତୁଳନାତ୍ମକ ଅଧ୍ୟୟନ, ବିଜୟିନୀ ପବ୍ଲିକେଶନ୍, ଅରୁଣୋଦୟ ମାର୍କେଟ, କଟକ, ୨୦୧୨

(୪) ପ୍ରହରାଜ, ଗୋପାଳ ଚନ୍ଦ୍ର, ଓଡ଼ିଆ ଲୌକିକ ପଦ ବା ଢଗ ଢମାଳି ବଚନ, ପ୍ରଥମ ଭାଗ, କଟକ ଟ୍ରେଡିଂ କମ୍ପାନୀ, ବିନୋଦ ବିହାରୀ, କଟକ, ୨୦୦୦

(୫) ମହାପାତ୍ର, ଶ୍ୟାମ ସୁନ୍ଦର, ଓଡ଼ିଆ ଲୋକ ସାହିତ୍ୟ ସମୀକ୍ଷା(ସଂ), ବିଦ୍ୟାପୁରୀ, ୨୦୦୫

(୬) ମହାପାତ୍ର, ଶ୍ୟାମ ସୁନ୍ଦର, ଲୋକସାହିତ୍ୟ ତତ୍ତ୍ୱ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୧୯୯୫

(୭) ମାନସେଠ, କ୍ଷେତ୍ରବାସୀ, ଡମ ଭାଷାର ଲୋକୋକ୍ତି, ବନଶ୍ରୀ ସାହିତ୍ୟ ଓ ସଂସ୍କୃତି ପରିଷଦ, କନ୍ଧମାଳ, ୨୦୦୦

(୮) ସାହୁ, ସୁଧୀର କୁମାର, ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶ ଧାରା, ଅଗ୍ରଦୂତ, କଟକ, ୨୦୦୮

(୯) ମାର୍କସ୍, କାର୍ଲ, ଦି ସୋସିଆଲ୍ ୱାର୍ଲ୍ଡ, ଏସ୍.ସି. ଦୁବେ, ଅଣ୍ଡରଷ୍ଟାଣ୍ଡିଂ ସୋସାଇଟି, ୧୯୮୪, ପୃ-୧୮ ।


□□

ଲେଖକଙ୍କ ଇ-ମେଲ ଠିକଣା:
nareshmahanand99@gmail.com

କବିତା

# ମାନଚିତ୍ର ବାହାରେ

ନିଖିଳେଶ ମିଶ୍ର



**କୋ**ଇରିପୁର ଷ୍ଟେସନରେ ଅଟକେନାଇଁ
ଭୁବନେଶ୍ୱର-ଆନନ୍ଦବିହାର ଏକ୍ସପ୍ରେସ୍।
ଖାଲି ଟିକେ ଗତି କମେଇଦିଏ ନିଜର।

ସେ ଯଦି ଚିତ୍ରକର ହୋଇଥାନ୍ତା, ଆଙ୍କିଥା'ନ୍ତା ଚିତ୍ରଟିଏ,
'କୋଇରିପୁର ଷ୍ଟେସନରେ ସନ୍ଧ୍ୟା' କି ସେଇମିତି କିଛି,
ବୁଡ଼ିସାରିଥିଲେ ବି
ଆକାଶକୁ ଜବରଦସ୍ତି ଲାଲ କରି ରଖିଥିବା ସୂର୍ଯ୍ୟ,
ଦି ତିନିଟା ବଙ୍କା ତେଢ଼ା ଥୁଣ୍ଟା ଗଛ,
ଖାକି ଡ୍ରେସ ପିନ୍ଧା ବୁଢ଼ାଟାଏ ଯିଏ ଚାହିଁ ରହିଚି
ଚିତ୍ରଟିକୁ ଦେଖୁଥିବା ଦର୍ଶକର ଆଖିକି ସିଧା,
ଆଉ ଟ୍ରେନ ଧାରଣା ଉପରେ ପେଟ ଫୁଲିଯାଇଥିବା
ମଲା କୁକୁରଟିଏ... ଥାଉ... ସେତିକି ଥାଉ!
ଭାଗ୍ୟ ଭଲ, ସେ ଚିତ୍ରକର ନୁହେଁ।

ଭାଗ୍ୟ ଭଲ,
କୋଇରିପୁର କେଉଁ ରାଜ୍ୟରେ ସେ ଜାଣେନାଇଁ।
ଇଣ୍ଟରନେଟ୍ ନାହିଁ, ଅତଏବ ଗୁଗଲ୍ ବି ନାହିଁ।
ଭାଗ୍ୟ ଭଲ, ଥାର୍ଡ ଏସି କାଚର ଏପଟ ଅଂଚଳ ପରି
କବିତାରେ ବି ଆଜିକାଲି ଥଣ୍ଡାପଣ ଭାରି,
କବିତାଟେ ଲେଖି ହବ କୋଇରିପୁରକୁ ନେଇ
କେବେ ବି କୋଇରିପୁର ନ ଯାଇ,
ଆହୁରି ଭଲ ହବ ତା ନାଁ ବଦଳେଇ
'କୋଇଲିପୁର' କରିଦେଲେ,
ଅଧିକା ଲାଇକ୍ ମିଳିବ ଫେସବୁକରେ,
ଆହୁରି ଅଧିକା 'ବାଃ ବାଃ', 'ମନ ମୋହିନେଲ ତମେ'!

କୋଇରିପୁରକୁ ଯିବା ବାଟ ଜଣାନାଇଁ ତା'କୁ,
ସେଠି କିଛି ଦର୍ଶନୀୟ ସ୍ଥାନ ନାଇଁ,
ଆଉ ଅଳ୍ପ ଆଗକୁ ଟ୍ରେନ ଗଲେ
ଇଣ୍ଟରନେଟ୍ ଫେରି ଆସିଲେ ଫୋନରେ
କୋଇରିପୁରର ନାଁ ବି ଭୁଲିଯିବି ମୁଁ , ବାକି
ସତେଇଶଟି ଭୁଲିଯିବାକୁ ଥିବା ଜିନିଷ ପରି।




□□

କବିଙ୍କ ଇ-ମେଲ ଠିକଣା:
nikhileshmishra16@gmail.com



ଗଳ୍ପ

# ବାଦୁଡ଼ି

ସୁନନ୍ଦା ମହାନ୍ତି

ଜେଜେ ନିଶ୍ଚଳ ହୋଇ ଖଟ ଉପରେ ଶୋଇ ରହିଥିଲେ । ଦାନ୍ତ ବିନ୍ଧୁଛି ଖୁବ୍ । ଘରକୁ ଛୁଟିରେ ବାପା-ମାଆ ସଙ୍ଗେ ବୁଲି ଆସିଥିବା ପୁଅର ପୁଅ ବାବା ଗାଁ ବୁଲିବାକୁ ଯିବାବେଳେ ଦେଖିଥିଲା ଜେଜେ ନିଶ୍ଚଳ ହୋଇ ପଡିରହିଛନ୍ତି । ଗାଁରେ ଉଚ୍ଚା ଉଚ୍ଚା ନଡ଼ିଆ, ତାଳ ଓ ଖଜୁରି ଗଛ ଦେଖିବା ସହିତ ଝଙ୍କାଳିଆ ବରଗଛ ଓ ବରଗଛରେ ଓହଳିଥିବା ବାଦୁଡ଼ିମାନଙ୍କୁ ଦେଖି ବାବା ତା' ବହିରେ ଦେଖିଥିବା ବାଦୁଡିର ଚିତ୍ର ସହ ଜୀବନ୍ତ ବାଦୁଡ଼ିକୁ ଦେଖି ଚମକୃତ ହେଉ ହେଉ ଭାବୁଥିଲା ଏଇ ନିରୀହ ପକ୍ଷୀ ଯିଏ ଦିନସାରା ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ଶୋଇ ରହି ରାତିରେ ଦେଖିପାରେ, ସେଇ ନିରୀହ ପକ୍ଷୀ ଭିତରେ ପୁଣି କରୋନା ଭାଇରସ କ'ଣ ଥାଇପାରେ ! ମନ ମାନୁନଥିଲା ବାବାର । ଆଖି କିନ୍ତୁ ଲାଖି ରହୁଥିଲା ସେଇ ବାଦୁଡ଼ିମାନଙ୍କ ଝୁଲନ୍ତା ଶରୀରଆଡ଼କୁ । ଏମିତିରେ ଛୋଟ ଛୋଟ ଓ ବଡ଼ ବଡ଼ ମାଙ୍କଡ଼ମାନଙ୍କ ବରଫଳ କୋଳି ଖାଇ ଡ଼ାଳରେ ଦୋଳି ଖେଳିବା ଦୃଶ୍ୟ ମଧ୍ୟ ଖୁବ କୌତୂହଳପ୍ରଦ ଥିଲା ବାବା ପାଇଁ । ସେ ପ୍ରଜାପତିକୁ ଦେଖୁଥିଲା ତ ଦେଖୁଥିଲା ନଈରେ ବୁଡ଼ି ପଡ଼ି ଉଠିଲା ବେଳକୁ ମାଛରଙ୍କା ପକ୍ଷୀ ମାଛ ଧରି ଖାଇବାକୁ ଯାଉଛି ଉଡ଼ି । ପୁଣି କୋଉଠି ରାଧୁଆଭାଇର ଦାଢୁଆ କାତି ଗଛ ସବୁକୁ କାଟି ପକାଉଥିବା ଦୃଶ୍ୟରେ ଅସହିଷ୍ଣୁ ହେଉଥିଲା ମନ ତ କୋଉଠି ନିଶ୍ଚଳ ହୋଇ ଜମିରେ ଠିଆ ହୋଇଥିବା ପାଳଭୂତ ଦେଖି ଠିଆହୋଇ ରହି ବିଶ୍ଳେଷଣ କରିଚାଲିଥିଲା ବାବା ।



ଏମିତି ଦିନେ ନିଶ୍ଚଳ ହୋଇଯାଇଥିଲା ତା' ଜେଜେମା । ଉପରକୁ ଠିକ ଠାକ ଦେଖାଯାଉଥିଲେ ମଧ୍ୟ ନା ଆଗପରି କଥା କହୁଥିଲା, ନା ଆଗପରି ଗପ କହୁଥିଲା, ନା ରାଗୁଥିଲା, ନା ରୁଷୁଥିଲା, ନା ମାମା, ପାପା ଉପରେ ବିରକ୍ତ ହେଉଥିଲା ନା ଜେଜେଙ୍କୁ ଚିଡୁଥିଲା କହିକି ଯେ ମୋ' ପୁଅ, ବୋହୂ, ନାତି ଗାଁକୁ ଆସିବା ପୂର୍ବରୁ ଘର ପଛ ଗାଡ଼ିଆରୁ ମାଛ ଧରିବାକୁ ବରାଦ କାହିଁ ଆଗୁଆ ଦେଲନି ? କି କହୁନଥିଲା ଗଛରୁ ମୋ' ନାତି ପାଇଁ ଆଗୁଆ ପଇଡ଼ ପକାଇବାକୁ କହିନଥିଲ କାହିଁକି ଦାସିଆକୁ । ସେତେବେଳେ ଜେଜେମାଆର ଏଇ ଅବସ୍ଥା କୋଉଠି ଆଲଜାଇମର ଯୋଗୁଁ ହୋଇଥିଲା । ସେ କିଛି ମନେ ରଖିପାରୁନଥିଲା, ଠିକ୍ ଠାକ୍ ଲୋକ ଚିହ୍ନି ଠିକ୍ ଠାକ୍ କଥା କହୁନଥିଲା । ତେଣୁ ସମ୍ପୂର୍ଣ୍ଣ କଥା କହିବା ଆସ୍ତେ ଆସ୍ତେ ଛାଡ଼ିଦେଇ ହୁଏତ ପାଳଭୂତ ବନିଯାଇଥିଲା । ପାଳଭୂତ ଭଳି ଜଳ ଜଳ ଚାହୁଁଥିଲା । ସେତେବେଳେ ବି ବାବା ଭାବୁଥିଲା, ସବୁ ବୁଢ଼ାବୁଢ଼ୀମାନେ ବୋଧେ ଦିନେ ଏମିତି ପାଳଭୂତ ବନିଯାଆନ୍ତି । ବାବାର ବାପା କିନ୍ତୁ କହୁଥିଲେ ସମୟ ସହିତ ମଣିଷର ଟ୍ରାନ୍ସଫରମେସନ ହୁଏ । ଜେଜେମାର ଏମିତି ଟ୍ରାନ୍ସଫରମେସନ ହେଲା ଯେ ଶେଷକୁ ଦୁନିଆଁ ଛାଡ଼ି ଆଉ କୋଉ ଦୁନିଆଁକୁ ଚାଲିଗଲେ ଜେଜେମା, ଯୋଉଠୁ ଆଉ କେହି ଫେରେନା । ଅନ୍ତତଃ ସେହି ନିଶ୍ଚଳ ଦେହଟାକୁ ଆଉ ଦେଖିବାକୁ ନଥିଲା ଜେଜେମାଆ ବୋଲି ମଣିଷଟିକୁ କି ଦେଖିବାକୁ ଥରେ ଅନ୍ତତଃ ସେଇ ନିଶ୍ଚଳ ଶରୀରଟାକୁ ଦେଖିଦେବାକୁ । ସେ ଯିବା ପରେ ଉଚ୍ଚା ସ୍ୱରରେ କଥା କହୁଥିବା, ଜମିଜମା, ବିଲବାରି ବୁଝୁଥିବା, ଗଡ଼ିଆ, ପଡ଼ିଆ, ବଗିଚା ତଥା ଗାଈ ଛେଳି ଓ ଜେଜେମା ଛାଡ଼ିଯାଇଥିବା ପୋଷା ବିଲେଇ ପୁଷି, କୁକୁର ଟମି, ଶୁଆ ମିଠୁ, ଗାଈ ନେତ ଇତ୍ୟାଦିଙ୍କ କଥା ବୁଝୁଥିବା ଜେଜେଙ୍କୁ ଆଜି ଜ୍ୱର ତ କାଲି କାଶ ତ କେତେବେଳେ ଆଉ କୋଉ ରୋଗ ଲାଗି ନିଶ୍ଚଳ ହୋଇ

ପଡ଼ିରହିଥିଲେ ଦିନସାରା ଠିକ ବାଦୁଡ଼ି ପକ୍ଷୀପରି ।

ନାତି ବାବା ବଡ଼ ହୋଇ ଏବେ ଥେସିସ ଲେଖୁଥିଲା ପକ୍ଷୀ ବିଷୟରେ । ସେଦିନ ନିଛାଟିଆ ନଈକୂଳେ ଏକୁଟିଆ ବଗ ପକ୍ଷୀଟି ଏକଗୋଡ଼ିଆ ଠିଆ ହୋଇ ରହିଥାଏ ନଈକୁ ଚାହିଁ । ମାଛ ଖାଇବ କେମିତି ଦେଖିବାକୁ ଘଡ଼ିଏ ଠିଆ ହେଲା ବାବା । ସତକୁ ସତ ମାଛଟିଏ ଡେଇଁପଡ଼ିଲା କୂଳକୁ ଓ ଛଟପଟ ହେଉଥିଲା ତ ବାବା ଭାବୁଥିଲା ବିଚରା ବଗ ଥଣ୍ଟରେ ଯିବ ଏଇଲେ । ଦେଖୁ ଦେଖୁ ବଗ ମାଛଟିକୁ ଥଣ୍ଟରେ ଧରିବାକୁ ଚେଷ୍ଟାକଲା କିନ୍ତୁ ମାଛଟି ଖସି ଯିବାକୁ ଚେଷ୍ଟା କରୁଥାଏ । ଶେଷକୁ ବଗ ମାଛଟିକୁ ଧରିଲା ଥଣ୍ଟରେ । ଗଲା ଗଲା କହୁ କହୁ ବଗଟି ମାଛଟିକୁ ନେଇ ପାଣିରେ ଛାଡୁଥିବା ବେଳେ ମାଛଟି ପୁଣି କୂଳକୁ ଚାଲି ଆସୁଥାଏ ତ ବଗଟି ପୁଣି ଚେଷ୍ଟା କରି ତାକୁ ପାଣିର ଗଭୀର ପ୍ରଦେଶରେ ଛାଡ଼ିବାକୁ ଥରକୁ ଥର ଚେଷ୍ଟା କରୁଥାଏ । ଶେଷକୁ ବଗ ଥଣ୍ଟରେ ମାଛଟିକୁ ଧରି ନଈର ଗଭୀର ପାଣିକୁ ବୁଡ଼ିପଡ଼ିଲା ତ ବାବା ନିଶ୍ଚଳ ହୋଇ ଚାହିଁଲା ବେଳକୁ ଦେଖିଲା ମାଛଟିକୁ ପାଣି ଭିତରେ ଛାଡ଼ି ବଗଟି ଉଠିଆସିଛି ଗଭୀର ଜଳରୁ ତ ନିଶ୍ଚଳ ହୋଇ ଚାହିଁଥିଲା ବାବା ବଗକୁ ଆଉ ପାଇ ଯାଇଥିଲା ଅନେକ ତଥ୍ୟ ବଗ ପକ୍ଷୀ ଉପରେ । ପକ୍ଷୀଙ୍କର ମଧ୍ୟ ମଣିଷପଣିଆ ଅଛି ଦେଖିଲା ବେଳକୁ ସେତେବେଳକୁ ବାଦୁଡ଼ିମାନେ ଡେଣା ଫଡ଼ ଫଡ଼ କରି ଉଡୁଥିଲେ ଆକାଶ ସାରା । କାରଣ ସନ୍ଧ୍ୟା ଆଗତ ପ୍ରାୟ ଥିଲା । ପକ୍ଷୀ ନୀଡ଼କୁ ଫେରିବା ବେଳେ ବାଦୁଡ଼ି ବାହାରିଥିଲେ ନିଜ ଓହଳା ଅବସ୍ଥାରୁ ଖାଦ୍ୟ ଅନ୍ୱେଷଣରେ ।

□□

ଲେଖିକାଙ୍କ ଇ-ମେଲ ଠିକଣା:
sunandaamohanty@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ। କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।

୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟସ୍‌ଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୭. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୮. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୯. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୧୦. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୧. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୨. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୩. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୪. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।


ଏକାଙ୍କିକା



# ପରିବାର

ଅଳକା ନନ୍ଦ

(ପର୍ଦ୍ଦା ଖୋଲିଲା । ରାଧାନାଥ ବାବୁଙ୍କ ବୈଠକଖାନା। ବୈଠକ ଖାନାରେ ସୁନ୍ଦର ସୋଫା ସେଟ, ମଝିରେ କାଚର ସେଣ୍ଟର ଟେବୁଲଟିଏ। ତା' ଉପରେ ଛୋଟ ଫୁଲଦାନୀରେ କିଛି ତାଜାଫୁଲ। କାନ୍ଥରେ ଟିଭି ୟୁନିଟ। ଟିଭି ତଳକୁ ଥାକଟିଏ। ଥାକ ଉପରେ କିଛି ସିଡ଼ି ଓ ସିଡ଼ି ପ୍ଲେୟାର। ସେଥିରୁ ଭାସି ଆସୁଚି ଗୀତ 'ମୟୁରୀ ଗୋ ତୁମ... ଆକାଶେ ମୁଁ ଦିନେ....'। ସୋଫା ଉପରେ ବସି ଗୀତଟିକୁ ଆନନ୍ଦରେ ଉପଭୋଗ କରୁଛନ୍ତି ରାଧାନାଥ ବାବୁ। ବୟସ ଷାଠିଏ ଉପରକୁ। ଚନ୍ଦାମୁଣ୍ଡ। ପାଖ ସୋଫାରେ ସ୍ତ୍ରୀ ସୁରଭି ଗୋଟେ ଟୋପି ବୁଣାରେ ବ୍ୟସ୍ତ। କିନ୍ତୁ ପାଦରେ ଗୀତର ସୁର ସାଂଗେ ତାଳ ଦେଉଥିବା) (ଗୀତ ସରିବାପରେ)



ରାଧାନାଥ- ଆଃ କି ସୁନ୍ଦର ସ୍ୱର ଓ ଲେଖା। ଆଜିକାଲି ଆଉ ଏମିତି ରଚନା କି ସ୍ୱର ଦୁର୍ଲଭ ହେଇଗଲାଣି।

ସୁରଭି- (ସୋଫାରୁ ଉଠି ଟୋପିଟା ରାଧାନାଥ ବାବୁଙ୍କ କପାଳ ଉପରେ ରଖି ମାପିବା)

ରାଧାନାଥ- ଓହୋ କ'ଣ କରୁଚ? ଗୀତଟାକୁ ଆଖିବୁଜି ଟିକେ ଅନୁଭବ କରୁଥିଲି। ତା' ଛଡ଼ା ମୋ' ହେୟାର ଷ୍ଟାଇଲଟା ଖରାପ ହେଇଯିବ।

ସୁରଭି- (ହସି ) ହେୟାର ଷ୍ଟାଇଲ? ଯଦି ମୁଣ୍ଡରେ ଦି' ଚାରିଟା ଚୁଟି ଥାଆନ୍ତା.....

ରାଧାନାଥ- (ମୁଣ୍ଡରେ ହାତ ବୁଲେଇ) ବୟସ ଷାଠିଏ ଟପିଲାଣିଟି... କୋଡ଼ିଏ ବର୍ଷ ତଳ କଥା ମନେ ପକେଇଲ ଟିକେ...

ସୁରଭି- (ହସି ହସି) ହଉ ହଉ ଟିକେ ଦେଖେ। ଟୋପିଟା ଠିକ ବସୁଚି କି ନାହିଁ। (ଟୋପି ମାପୁ ମାପୁ) ତିରୁପତି ଯିବା କଥା କିଛି ଠିକଣା କଲ?

ରାଧାନାଥ- ହଁ ହଁ ଗୋଟେ ଛାତ୍ରକୁ କହିଚି। ସେ ସେଇଠି ରହେ। ଆମକୁ ଏୟାରପୋର୍ଟରୁ ନବ। ସବୁଆଡ଼େ ଦର୍ଶନ କରେଇ ଆଣି ଏୟାରପୋର୍ଟରେ ଛାଡ଼ିବ।

ସୁରଭି- (ଖୁସି ହେଇ)ତମ ମାଷ୍ଟର ଚାକିରିକୁ ବେଳେବେଳେ ରାଗୁଥିଲି ସିନା ହେଲେ ଆଜି ଜାଣୁଚି। ତା'ଠୁ ବଳି ଭଲ ଚାକିରି ଆଉନାହିଁ। ନ ହେଲେ ଅବସର ନବାର ଏତେଦିନ ପରେ ବି ତମକୁ ତମ ଛାତ୍ର ମନେ ରଖିଚି...

ରାଧାନାଥ- (ଟିକେ ଉତ୍‌ଫୁଲିତ ହେଇ) ଖାଲି ସେତିକି ନୁହେଁ, ଲେଖିଛି ପୂରା ପରିବାର ସହିତ ଯିବାକୁ ଆଉ ତା' ଘରେ ରହିବାକୁ। ତା ଛଡ଼ା ମତେ ୟୁନିଭରର୍ସିଟି ବି ନବ। ସେ ଚାହୁଁଚି ଛାତ୍ରମାନେ ମତେ ଟିକେ ଭେଟିବେ ଓ ମୋର ଗୋଟେ ବକ୍ତୃତା ଶୁଣିବେ।

ସୁରଭି- (ଚିଡ଼ି) ବାସ୍। ହେଇଗଲା ମୋର ତୀର୍ଥ ଯିବା। ତମେ ତ ସିଆଡ଼େ ପଳେଇବ। ମୁଁ କ'ଣ କରିବି ସେଠି ଏକୁଟିଆ?

ରାଧାନାଥ- (ହସି) ଏତେ ଅଧୈର୍ଯ୍ୟ ହୁଅନି। ତମକୁ ଓ ପିଲାମାନଙ୍କୁ ନେଇ ତା' ସ୍ତ୍ରୀ କୁଆଡ଼େ ସବୁ ବୁଲେଇ ନବ।

ସୁରଭି- (ଓଃ, ତା' ହେଲେ ଠିକ୍ ଅଛି।-ନରମ ଗଳାରେ) ହେଇଟି ଟିକେ ସେ ଛାତ୍ରକୁ କୁହ ନା ଜଲ୍‌ଦି ଠିକଣା କରୁ। ଯିବାକଥା ଶୁଣି ମନଟା ଉଡ଼ିଲାଣି। କେବେଠୁ ମନ କରିଥିଲି ଟିକେ ତିରୁପତି ଯିବି ବୋଲି।

ରାଧାନାଥ- ଆଗରୁ କହି ନ ଥିଲ ତ? କେତେଆଡ଼େ ମୁଁ ଯାଉଥିଲି । ତମକୁ ବି ସାଂଗରେ ନେଇ ଯାଇପାରିଥାନ୍ତି।

ସୁରଭି - (ମୁହଁ ଫୁଲେଇ) ଯାଉନ... ଆଉ ମନେ

ପକେଇ ଜଳାଅନି ମତେ। ସବୁବେଳେ ତ କହିଲ 'ଅଫିସ କାମରେ ଯାଉଚି। ବ୍ୟକ୍ତିଗତ କାମ ହେଇପାରିବନି। ମନେ ଅଛି ନା? ଚଣ୍ଡିଗଡ଼ ଯୋଉ ଯାଇଥିଲ ସିଲେକ୍ସନ କମିଟି ମିଟିଙ୍ଗ ପାଇଁ। ତମ ଦିହ ଭଲ ନଥିଲା ବୋଲି ମୁଁ ଜିଦିକରି ଯାଇଥିଲି ତମ ସାଂଗରେ। ସେମାନେ କେତେ କହିଲେ 'ଗୋଲଡେନ ଟେମ୍ପଲ ମୋଟେ ଘଣ୍ଟାକର ବାଟ, ମାଡାମ ବି ଆସିଛନ୍ତି, ଚାଲନ୍ତୁ ଆମେ ଦେଖେଇ ଦବୁ।' ତମେ କହିଲ 'ଅଫିସିଆଲ କାମରେ ଆସିଚି। ବ୍ୟକ୍ତିଗତ କାମ ହେଇପାରିବନି। ପରେ ଆସିବା, ଅମୃତସର ଯିବା। ଗୋଲଡେନ ଟେମ୍ପଲ ଦେଖିବା'

ରାଧାନାଥ- ସତକଥା। ମତେ ସେମିତି ଭଲ ଲାଗେନି।

ସୁରଭି- କେତେବର୍ଷ ହେଲାଣି ଏ କଥାକୁ? ଆଉ ଯାଇଚ? କ'ଣ ନା ପରେ ଆସିବି। ଆଉ ସେ 'ପରେ' କେବେ ଆସିଲା?

ରାଧାନାଥ- ହଉହଉ ରାଗନି। ବହୁତ ଗରମ ପବନ ଏପଟକୁ ଆସିଲାଣି। (ହାତରେ ନିଜକୁ ବିଞ୍ଚିବା)

ସୁରଭି- ଗରମ ପବନ ନା ଆଉ କିଛି... (ବସି ପଡ଼ିବା)

ସମୀରର ପ୍ରବେଶ।

(ସମୀର, ବୟସ ଚାଳିଶ। ସୁନ୍ଦର ଚେହେରା)

ସମୀର- କ'ଣ ହେଲା? ପୁଣି ଝଗଡ଼ା? ଏ ବାପା, ତମେ ଏବେ ଘରେ ବେଶି ସମୟ ରହୁଚ ବୋଲି ବୋଉ ସାଂଗେ ଖାଲି କଳି କରୁଚ।

ରାଧାନାଥ- (ସୁରଭିକୁ ଚାହିଁ) ଦେଖିଲ ସୁରଭି, ପୁଅ କହୁଚି ମୁଁ କୁଆଡ଼େ ତମସାଙ୍ଗେ କଳି କରୁଚି। (ସମୀରକୁ ଚାହିଁ) ଆଉ ତୋ' ମା' ମତେ ଦିନଯାକ ଯୋଉ ମୁଁ ବେକାର, ଅଳସୁଆ ବୋଲି ଶୁଣଉଚି ତତେ ଶୁଣାଯାଉନି? ମା' ପୁଅ ଗୋଟେ ଦଳ ବାନ୍ଧି ମୋ' ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଚ। ବାପାରେ ମୁଁ ତ ମୋ' ପୂରା ପରିବାରକୁ ନେଇ ତିରୁପତି ଯିବାର ଯୋଜନା କରୁଚି। ଆଉ କଳି କେତେବେଳେ କଲି? ଶୁଣ, ମୋର ଗୋଟେ ଛାତ୍ର ସବୁ ବ୍ୟବସ୍ଥା କରି ଆମ ସମସ୍ତଙ୍କୁ ତିରୁପତି ଦର୍ଶନ ପାଇଁ ନିମନ୍ତ୍ରଣ କରିଚି। ପୂରା ପରିବାରକୁ ଡାକିଚି। ସମସ୍ତେ କୁଆଡ଼େ ଗଲେ? ଡାକ ସମସ୍ତଙ୍କୁ। କେବେ ଯିବା, ଦିନ ଠିକଣା କରିବା। ତୋ' ମା' ରମନ ଉଡ଼ିଲାଣି।

**ମା' ପୁଅ ଗୋଟେ ଦଳ ବାନ୍ଧି ମୋ' ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଚ। ମୁଁ ତିରୁପତି ଯିବାର ଯୋଜନା କରୁଚି।**

ସୁରଭି- (ଅଭିମାନ କରି) ଯେମିତି ନିଜର ଜମା ଇଚ୍ଛା ନାହିଁ। ହଃ ତମେ ତ ନାସ୍ତିକ, ତମର କୋଉ ଇଚ୍ଛା ଥିବ, ମୁଁ କ'ଣ? ଜାଣିନି? ବୟସ ବେଳେ ତ କୁଆଡ଼େ ନେଲନି। ଆଉ ଏ ବୁଢ଼ା ବୟସରେ ଗୋଟେ ମଉକା ମିଳୁଚି ଯେ, ସେଥିରେ ପୁଣି ଏତେ କଥା... (ତମ ତମ ହେଇ ପ୍ରସ୍ଥାନ)

ସମୀର- (ସୁରଭିକୁ ଚାହିଁ ହସିହସି) ବାପା, ଦେଖିଲନା? ପୁଣି ଝଗଡ଼ା। ଆଚ୍ଛା ଶୁଣ, ତମ ବୋହୂ ପିଲାମାନଙ୍କୁ ନେଇ ବଜାର ଯାଇଚି। ମୁଁ ମୋ' ପରିବାରକୁ ନେଇ ଟିକେ ଜାପାନ ଯିବାକୁ ଭାବୁଚି। ତମ ବୋହୂ ଜାପାନ ଯିବାକୁ ଯିଦି କରୁଚି। ଆଉ ପିଲେ ବି ମାତିଛନ୍ତି।

ରାଧାନାଥ- ଆଚ୍ଛା? ବେଶ ବଢ଼ିଆ। କେବେ ଯିବାକୁ ଭାବୁଚୁ?

ସମୀର- ଦଶ ପନ୍ଦର ଦିନ ଭିତରେ।

(ରାଧାନାଥ ବାବୁଙ୍କ ମୁହଁ ଶୁଖିଯିବା, ପଛପଟୁ ବେହେଲାର ଗୋଟେ କରୁଣ ଧ୍ୱନି।

ରାଧାନାଥ- ଦଶ, ପନ୍ଦର ଦିନ ଭିତରେ। ଭିସା କରିସାରିଲୁଣି?

ସମୀର- ହଁ ହଁ ସବୁ ସରିଚି। ଛୁଟି ପାଇଁ କହିଚି। କାଲିସୁଦ୍ଧା ଜଣାପଡ଼ିଯିବ। ତମେ କୁଆଡ଼େ ଗୋଟେ ଯିବା କଥା କହୁଥିଲ?

ରାଧାନାଥ- ନାଇଁରେ, ଏମିତି ଗୋଟେ ତୀର୍ଥ ଯାତ୍ରାର ଭୂତ ପଶିଥିଲା ତୋ' ମା' ମୁଣ୍ଡରେ ତ... ତମେ ଫେର। ସେ ବିଷୟରେ ଭାବିବା।

ସମୀର- ଆମେ ନ ଥିଲା ବେଳେ ତମେ ଦିହେଁ ଚାଲି ଯାଉନ? (ସୁରଭିର ପ୍ରବେଶ ଏବଂ ଆସି ସୋଫାରେ ବସି ପଡ଼ିବା) ଆଉ ମା', ବାବା ଦିହେଁ ଭଲରେ ମନେରଖ। ଆମେ ନ ଥିଲାବେଳେ ଦୟାକରି କଳି ଫଳି କରିବନି ପ୍ଲିଜ... (ହାତ ଯୋଡ଼ି) (ପ୍ରସ୍ଥାନ)।

ରାଧାନାଥ- ଶୁଣିଲ ତ ସୁରଭି... ପିଲାମାନେ ଜାପାନ ଯିବାକୁ ଭାବିଛନ୍ତି। ଦଶ ପନ୍ଦର ଦିନ ଭିତରେ ଯିବେ। ତମେ ଜାଣିଥିଲ?

ସୁରଭି- (ଆଖି ପୋଛି) ନା, ଆଜିକାଲି କା ପିଲା। ଦିହେଁ ଚାକିରିଆ। ତାଙ୍କ ସୁବିଧାସୁଯୋଗ ଦେଖି ସେମାନେ

ଠିକଣା କରିବେ ତାଙ୍କ ଜୀବନ। ବ୍ୟସ୍ତ ହୁଅନି। ସେମାନେ ଆମ ସାଂଗରେ ରହୁଛନ୍ତି ସେଇଟା ବଡ଼କଥା। ନହେଲେ ଆଜିକାଲି କୋଉ ବୋହୂ ଚାହୁଁଛି ଶାଶୁ ଶଶୁରଙ୍କ ସାଂଗରେ ରହିବାକୁ? ଛାଡ଼ ସେସବୁ କଥା। ମନ ଭଲକର। ଚାଲ ଆମ ଯିବାର ପ୍ଲାନ କରିବା। ତମ ଛାତ୍ରକୁ କୁହ ସେ ଆମ ଦିହିଁଙ୍କ ପାଇଁ ସବୁ ଆୟୋଜନ କରୁ।

**ସେମାନେ ଆମ ସାଂଗରେ ରହୁଛନ୍ତି ସେଇଟା ବଡ଼କଥା। ନହେଲେ ଆଜିକାଲି କୋଉ ବୋହୂ ଚାହୁଁଛି ଶାଶୁ ଶଶୁରଙ୍କ ସାଂଗରେ ରହିବାକୁ?**

ରାଧାନାଥ- କ'ଣ କହିବି ତାକୁ?

ସୁରଭି- କହିବ 'ପିଲାଙ୍କର ଛୁଟି ନାହିଁ। ତମ ମାଉସୀଙ୍କ ମୁଣ୍ଡରେ ତୀର୍ଥ ଯାତ୍ରାର ଭୂତ ପଶିଚି। ତେଣୁ ଖାଲି ଆମ ଦିହିଁଙ୍କ ବ୍ୟବସ୍ଥା କର।'

ରାଧାନାଥ- ଠିକ କହିଲ... ହେଲେ... ଗୋଟେ କଥା ମନ ଭିତରେ ଯୁଦ୍ଧ କରୁଚି।

ସୁରଭି- କି କଥା?

ରାଧାନାଥ- ଏଇ ଯୋଉ...। ସମୀର କହିଲା, 'ମୁଁ ମୋ' ପରିବାର ସହିତ ଜାପାନ ଯିବି'...

ସୁରଭି- (ରାଧାନାଥ ପାଖକୁ ଯାଇ, ତାଙ୍କ କାନ୍ଧରେ ହାତ ରଖି)- ଏଇ ତ ଦୁନିଆ। ଗୋଟେ ପିଢ଼ି ପରେ ଆଉ ଗୋଟେ ପିଢ଼ିର ଜନ୍ମ। ଗୋଟେ ପରିବାରରୁ ଆଉ ଗୋଟିଏ ପରିବାରର ସୃଷ୍ଟିହୁଏ। ଏପର୍ଯ୍ୟନ୍ତ ସେମାନେ ଆମର ପରିବାର ଥିଲେ। ଏବେ ସେମାନେ ତାଙ୍କର ପରିବାର ଗଢ଼ିବେ।

ରାଧାନାଥ- ତମେ ଠିକ କହୁଚ... ହେଲେ ମୁଁ ଆଉ ଗୋଟେ କଥା ଭାବୁଚି।

ସୁରଭି- ପୁଣି କ'ଣ ହେଲା?


ରାଧାନାଥ- ଆଜିଯାଏଁ ସେମାନେ ଆମ ପରିବାର ଥିଲେ। ଏବେ ସମୀର ତା' ପରିବାର ଗଢ଼ିଲା। ଆମ ଦିହିଁଙ୍କ ଭିତରୁ ଯଦି ଜଣେ ଚାଲିଗଲା!...

ସୁରଭି- କ'ଣ କହିବାକୁ ଚାହୁଁଛ?

ରାଧାନାଥ- ଯିଏ ରହିଗଲା ସେ କୋଉ ପରିବାର ଭିତରେ ଗଣାଯିବ? (ଭିତରୁ ବେହେଲାରେ ପୁଣି କରୁଣ ଧ୍ୱନି) ସୁରଭି ଆଖିରୁ ଲୁହ ପୋଛିବା। ରାଧାନାଥ ଶୂନ୍ୟକୁ ଚାହିଁ ରହିବା। (ପର୍ଦ୍ଦା ପତନ)।

□□

ଲେଖିକାଙ୍କ ଇ-ମେଲ ଠିକଣା:
alkananda@yahoo.com




**ପ୍ରକାଶ ପାଇଲା!**

**ଲୋପାମୁଦ୍ରା ମହାନ୍ତିଙ୍କ କଲମରେ, ତାଙ୍କର ପିତା, କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କର ଏକ ମର୍ମସ୍ପର୍ଶୀ ସ୍ମୃତିଚାରଣ**

# ଲୋକାପୁଅ ସୁରିଆ

**ଲେଖିକା: ଲୋପାମୁଦ୍ରା ମହାନ୍ତି**

ସମସ୍ତ ପୁସ୍ତକ ବିକ୍ରୟ କେନ୍ଦ୍ର ଓ ଆମାଜନରେ ଉପଲବ୍ଧ। ମୂଲ୍ୟ: ଟ.୧୯୯

**ବି.କେ. କ୍ଲାସିକ୍ସ**

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**

ଗଳ୍ପ

# ଦୁଇଟି ମିନିଗପ



ସ୍ନିଗ୍ଧା ସାହୁ

## ଉପାସ

ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଆଜି ପ୍ରବଳ ଭିଡ଼। ବ୍ରତଧାରୀମାନେ ଉପବାସ ରହି ନୂତନ ବସ୍ତ୍ର ପିନ୍ଧି ସ୍ୱାମୀଙ୍କୁ ଆୟୁଷ୍ମାନ କରିବାକୁ ଧାଡ଼ି ଲଗେଇ ଠିଆହୋଇଥିଲେ।

ଜଣେ କହୁଥିଲା, 'ମା' ଲୋ, ଏ ପ୍ରଚଣ୍ଡ ଗୁଳୁଗୁଳିକୁ ନିର୍ଜଳା ଉପାସ, କେମିତି ଏ ପୂଜା ସରିବ, ପେଟକୁ ଟିକେ ଦାନା ଯିବ। ଭୋକରେ ପେଟ ଘାଣ୍ଟି ଚକଟି ହେଲାଣି।'

ଏପଟେ ମନ୍ଦିର ବାହାରେ ଜଣେ ସ୍ତ୍ରୀଲୋକ ଭିକ୍ଷାଥାଳ ଧରି ବସିଥାଏ। କଅଁଳା ଛୁଆଟାକୁ ତାଳିପକା ପଣତରେ ଶୁଏଇ ଦେଇ ହାତ ପତେଇ ମାଗୁଥାଏ,

'ମା'... ପେଟରେ ଦୁଇଦିନ ହେଲାଣି ଦାନା ପଡ଼ିନି। କିଛି ଖାଇବାକୁ ଦିଅନ୍ତନି!'

ଜଣେ ବାବୁଆଣୀ ଥାଳିରେ ଫାଳେ କଦଳୀ ପକେଇ ଦେଇ କହୁଥିଲେ, 'ଓଷା କରିନୁ କି ଆଜି'?

ନିଇତି ଉପାସରେ ରହୁଥିବା ସେଇ ଭିକାରୁଣିଟି ଫାଳେ କଦଳୀକୁ ବଲବଲ କରି ଚାହିଁଥିଲା।



## ବୋନସ୍

ନରିଆକୁ ଦଶରା ବୋନସ୍ ମିଳିଛି। ଏଥରକ ନରିଆ ମା'ର ଦୁଃଖ ଯିବ। ସାତସିଆଁ ଶାଢ଼ି ଖଣ୍ଡକ ଆଉ ତାକୁ ତାସଲ୍ୟ କରିବନି। ଫି' ବରଷ ପରି ଅଷ୍ଟମୀ ଦିନ ପୁଅ ଗାଁକୁ ଆସିଲେ ନୂଆ ଶାଢ଼ି ନିଶ୍ଚୟ ଆଣିବ।



ନରିଆ ପୂଜାଖର୍ଚ୍ଚ ଚିଠା କରୁଛି। ଏଥର ବୋନସ୍ ପଇସାରେ ଅଷ୍ଟମୀ ଦିନ ସାହିରେ ହେଇଥିବା ଦୁର୍ଗା ମେଢ଼ ପାଖରେ ଭଲ ଦାମିକିଆ ପାଟଶାଢ଼ି କିଣି ମା'ଙ୍କୁ ଭେଟିଦେବ। ବାକି ଭୋଗ ରାଗ, ସ୍ତ୍ରୀ ଛୁଆଙ୍କର ଲୁଗାପଟା, ଆଉ ଘର ଖର୍ଚ୍ଚ। କେତେ ଏମିତି ବୋନସ୍ କି!! ଏତିକି ତ' ନିଅଣ୍ଟ ପଡ଼ିଲାଣି ଚିଠାକୁ।

ନରିଆ ମାଆ ଚାହିଁ ବସିଛି ଅଷ୍ଟମୀ ତିଥିକୁ... ତୁଚ୍ଛାଟାରେ!

□□

ଲେଖିକାଙ୍କ ଇ-ମେଲ ଠିକଣା:
snigdha1962@gmail.com



**ଶିଶୁ ଗଳ୍ପ**

# ନିଜକୁ ବୁଝିଲା ସିଦ୍ଧାର୍ଥ

**ରଜନୀକାନ୍ତ ପାଢ଼ୀ**

ସିଦ୍ଧାର୍ଥକୁ ଦଶ ବର୍ଷ। ପଂଚମ ଶ୍ରେଣୀରେ ପଢ଼େ। ଭାରି ଖେଳପ୍ରିୟ। ମଉଜ ମଜଲିସ୍‌ରେ ଭାରି ମନ। ଗାଁ ଦାଣ୍ଡରେ ପିଲାମାନଙ୍କ ହସଖୁସି ଶୁଣି ଘରେ ପାଠପଢ଼ାରେ ତା' ମନ ଲାଗୁଛି କେଉଁଠି? ସେ ବହି ପତ୍ର ଛାଡ଼ି ଦାଣ୍ଡକୁ ଚାଲିଯାଏ ପିଲାମାନଙ୍କ ପାଖକୁ। ବାବା ଆସି ତା' କାନକୁ ମୋଡ଼ି ଟାଣି ନିଅନ୍ତି ଘରକୁ। ସବୁ ପିଲାଙ୍କୁ ପାଟିକରି ବାବା କହନ୍ତି, "ଯାଅ, ଘରକୁ ପାଠ ପଢ଼ିବ।" ସିଦ୍ଧାର୍ଥ କାନ୍ଦି କାନ୍ଦି ଘରକୁ ଆସେ। ବହି ଖୋଲି ବସେ। ପାଠପଢ଼ାରେ କେଉଁ ମନ ଲାଗୁଛି ତା'ର? ପୁଣି ସୁଯୋଗ ପାଇଲେ ଦାଣ୍ଡକୁ ଚାଲିଯାଏ ତା' ସାଙ୍ଗମାନଙ୍କ ମେଳକୁ। ପୁଣି ବାବା ବୋଉଙ୍କ ତାଗିଦ, ମାଡ଼ଗାଳି। ପଂଚମ ଶ୍ରେଣୀ ପାଠ ପଢ଼ିଲାଣି ସେ। କେବେ ଦିନଟିଏ ବି ପାଠପଢ଼ା ପାଇଁ ମାଡ଼ ଗାଳି ନ ଖାଇ ନାହିଁ।

ବିଦ୍ୟାଳୟରେ ପାଠ ପଢ଼। ବିଦ୍ୟାଳୟରୁ ଆସି ଟିଉସନ ଯା' ପାଠ ପଢ଼। ଟିଉସନ୍‌ରୁ ଆସିଲେ ଘରେ ବସି ପାଠ ପଢ଼। ପାଠ ପଢ଼ିବା ଛଡ଼ା ତାର ଯେମିତି ଆଉ କିଛି କାମ ନାହିଁ। ସବୁବେଳେ ତା' ଆଖି ଦି'ଟା ବହି ଉପରେ ରହିବା ଦରକାର। ପାଠପଢ଼। ଲେଖ। ଲେଖା ଭୁଲ୍ ହେଲେ ପୁଣି ମାଡ଼ଗାଳି। ମାଡ଼ଗାଳି ଖାଇ ଖାଇ ସେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଆସିଲାଣି। ଏବେ ଆଉ କ'ଣ ସେ ଛୋଟ ପିଲା ହେଇଛି। ସବୁବେଳେ ମାଡ଼ ଗାଳି ଖାଉଥିବ? ନା, ଆଉ ହେବନି। ସେ ଗୌତମ ବୁଦ୍ଧଙ୍କ କାହାଣୀ ଶୁଣିଛି। ପିଲାବେଳେ ତାଙ୍କ ନାଁ ବି ସିଦ୍ଧାର୍ଥ ଥିଲା। ସଂସାରଟା ତାଙ୍କୁ ବି ଭଲ ଲାଗିନଥିଲା। ସେ ରାଜସୁଖ ତ୍ୟାଗକରି ଚାଲି ଯାଇଥିଲେ ବାହାରକୁ।

ସିଦ୍ଧାର୍ଥ ବି ଗୌତମ ବୁଦ୍ଧ ଭଳି ଘରଛାଡ଼ି ଚାଲିଯିବ। ମନେମନେ ସେ ଠିକ୍ କଲା।

ଭୋରରୁ ତାର ନିଦ ଭାଜିଲା, ଦେଖିଲା ବାବା, ମମି, ଶୋଇଛନ୍ତି ନିଦରେ। ଧିରେ ଧିରେ ସେ ଘରୁ ବାହାରି ଆସିଲା। ଗାଁର ଶେଷ ମୁଣ୍ଡରେ ଆସି ଛିଡ଼ା ହେଲା। ଦେଖିଲା ଚାରିଆଡ଼େ ଅନ୍ଧାର। ତଥାପି ଗାଁ ମୁଣ୍ଡରୁ ମୁଖ୍ୟ ରାସ୍ତାଟା ଦୁଇ ଆଡ଼କୁ ଲମ୍ବିଛି। କୁଆଡ଼େ ଯିବ ସେ। ଉତ୍ତର ଦିଗକୁ ମୁହଁକରି ଛିଡ଼ା ହେଲା ସିଦ୍ଧାର୍ଥ। ସିଧା ଚାଲିଲା ସେଇ ଦିଗରେ। ଚାଲୁଚାଲୁ ଧିରେ ଧିରେ ସକାଳ ହେଲା। ଆକାଶରେ ସୂର୍ଯ୍ୟ ଉଦୟ ହେଲେ। ରାସ୍ତାର ଦୁଇପାର୍ଶ୍ୱରେ ବୃକ୍ଷଲତା, ବିଲମାଳ, ବଣପାହାଡ଼ ଦିଶିଲା ଏଥର। ସିଦ୍ଧାର୍ଥ କେବେ ଏମିତି ସକାଳର ସୂର୍ଯ୍ୟ ଉଦୟ ଦେଖି ନଥିଲା। କି ମନୋହର ଦୃଶ୍ୟ!




ସିଦ୍ଧାର୍ଥ ଦେଖିଲା ବିଲମାନଙ୍କରେ କୃଷକ ହଳ ଲଙ୍ଗଳରେ ଚାଷ କରୁଛନ୍ତି। ସାହିତ୍ୟ ବହିରେ ସିନା ଦେଖିଥିଲା, ପଢ଼ିଥିଲା। କେବେ ଦେଖିନଥିଲା ଏହି ଦୃଶ୍ୟ। ସେ ଗାଇ ପକାଇଲା, "ଚାଷ ଅଛି ଯାହାର, କି ଆନନ୍ଦ ତାହାର, ଚାଷୀ ଭାଇ ଯୋଗାଉଛି ଦୁନିଆକୁ ଆହାର।"

ଦୂରରେ ଦିଶିଲା ପାହାଡ଼। ଭାରି ସୁନ୍ଦର ପାହାଡ଼ର ଦୃଶ୍ୟ। ପାହାଡ଼ରୁ ଝରଣା ଝରି ଆସୁଛି ରାସ୍ତା କଡ଼େ କଡ଼େ। କେତେ ସୁନ୍ଦର ସ୍ୱଚ୍ଛ ଝରଣାର ଜଳ। ରାସ୍ତା ତଳକୁ ଓହ୍ଲାଇ ଝରଣାର ଜଳରେ ମୁହଁ ଧୋଇ ପକାଇଲା ସେ। ଏ ଝରଣା ବୋହି ଯାଇ ନଦୀରେ ମିଶିଛି। ନଦୀ କୂଳରେ ଯାଇ ଛିଡ଼ା ହେଲା ସିଦ୍ଧାର୍ଥ। ନଦୀର ଦୁଇ କୂଳକୁ ଲାଗି ପାଣି ଚାଲିଛି। ନଦୀ କୂଳରେ ଲୋକେ ଛିଡ଼ା ହୋଇଥାନ୍ତି ନୌକାରେ ବସି ପାରି ହେବା ପାଇଁ ଆର ପାଖକୁ। ସିଦ୍ଧାର୍ଥ ଆଗରୁ କେବେ ଦେଖିନଥିଲା ନଦୀ ଏବଂ ନଦୀରେ ନୌକା। ତା' ପାଠ ବହିରେ ସିନା ଦେଖିଥିଲା, ପଢ଼ିଥିଲା।

ଲୋକମାନେ ନୌକାରେ ଚଢ଼ିଗଲେ। ସିଦ୍ଧାର୍ଥ ମଧ୍ୟ ଚଢ଼ିଗଲା ନୌକା ଉପରକୁ। ବୁଢ଼ା ନାବିକ ଆହୁଲା ମାରିଲା।

ନଉକା ଚାଲିଲା ଆଗକୁ ପାଣି ସୁଅକୁ କାଟି। ଧିରେ ଧିରେ ନଉକାଟି ନଦୀର ଆର ପାଖରେ ଯାଇ ଲାଗିଲା। ଲୋକମାନେ ନଉକାରୁ ତଳକୁ ଓହ୍ଲାଇଲେ। ନାବିକ ସମସ୍ତ ଯାତ୍ରୀଙ୍କଠାରୁ ପଇସା ସଂଗ୍ରହ କଲେ। ସିଦ୍ଧାର୍ଥ ପାଖରେ ତ ପଇସାପତ୍ର କିଛି ନାହିଁ। ସେ କ'ଣ କରିବ। କହିଲା, "ବାପା ମୋ' ପାଖରେ ପଇସା ନାହିଁ।" ବୁଢ଼ା ନାବିକ କହିଲେ, "ହଉ ପଇସା ନାହିଁ ତ ନାହିଁ। ମୁଁ ବି ତମଭଳି ଛୁଆକୁ ଭଡ଼ା ମାଗେନି। ତମମାନେ ଏ ଦେଶର ଭବିଷ୍ୟତ। ମୁଁ ଯେମିତି ଏ ଭରା ନଈରେ ନଉକା ସମ୍ଭାଳୁଛି, ତମଭଳି ପିଲାମାନେ ବଡ଼ ହେଲେ ଏ ଦେଶକୁ ସମ୍ଭାଳିବ।"

ସିଦ୍ଧାର୍ଥ ପଚାରିଲା, "ବାପା ତମେ ବୁଢ଼ା ହେଲଣି, ଏତେ ଲୋକଙ୍କୁ ନଉକାରେ ବସାଇ ତମେ ଆଣିଲ କେମିତି ?" ବୁଢ଼ା ନାବିକ କହିଲେ, "ମୁଁ ବୁଢ଼ା ହେଲେବି ଏ କାର୍ଯ୍ୟରେ ମୋର ଭଲ ଜ୍ଞାନ ଅଛି। ବୁଦ୍ଧି ଅଛି। ବଳ ଅଛି। ଭରା ନଈରେ ମୁଁ ନାବକୁ ସମ୍ଭାଳି ପାରୁଛି।"



ସିଦ୍ଧାର୍ଥ ପୁଣି ପଚାରିଲା, "ଦେଶକୁ ସମ୍ଭାଳିବାକୁ କେତେ ବୁଦ୍ଧି, ବଳ ଦରକାର ?"

ବୁଢ଼ା ନାବିକ କହିଲେ, "ଭଲ ପାଠ ପଢ଼ିଲେ ତମର ବି ବୁଦ୍ଧି ବଳ ଆସିବ।"

ସେପାରିରେ ଅନେକ ଯାତ୍ରୀ ଅପେକ୍ଷା କରିଥିଲେ ନଦୀର ଆରପାରିକୁ ଯିବାପାଇଁ। ନଉକାରେ ବସିଗଲେ ସମସ୍ତେ। ବୁଢ଼ା ନାବିକ ନଉକା ଚଳାଇ ନେଲେ। ସିଦ୍ଧାର୍ଥ ନଦୀ କୂଳରେ ଛିଡ଼ା ହୋଇ ଚାହିଁଥିଲା ନଦୀରେ ସୁଅ କାଟି ଚାଲିଥିବା ନଉକାର ଗତିକୁ।

କେତେ ଲୋକ ଯିବାଆସିବା କରୁଛନ୍ତି ସେଇ ବାଟରେ। ଚିହ୍ନା ଲୋକ କେହି ବି ଦିଶୁ ନାହାନ୍ତି ତାଙ୍କୁ। ଚାରିଆଡ଼କୁ ଚାହିଁଲା ସେ। କେଜାଣି ତା' ଗାଁରୁ ସେ କେତେଦୂର ଆସିଗଲାଣି। ଚାଲି ଚାଲି ତା' ଗୋଡ଼ ବ୍ୟଥା ହେଲାଣି। ତାକୁ ଭୋକ ବି ହେଲାଣି। ନଈପଠାରେ ବସି ପଡ଼ିଲା ସିଦ୍ଧାର୍ଥ। ବିକଳ ବିକଳ ଦୃଷ୍ଟିରେ ଚାରି ଆଡ଼କୁ ଚାହିଁଥିଲା ସେ। ତାର ମନେପଡ଼ିଲା ବୁଢ଼ା ନାଉରିଆଙ୍କ କଥା। ଭଲ ପାଠ ପଢ଼ିଲେ ତମର ବି ବୁଦ୍ଧି ବଳ ଆସିଯିବ, ଦେଶ ଚଳାଇବାକୁ।"

ସିଦ୍ଧାର୍ଥ ଚାହିଁଥିଲା ନଦୀର ଅନବରତ ଜଳସ୍ରୋତକୁ। ଜଳ ତା' କାମ କରୁଛି। ବୁଢ଼ା ହେଲେ ବି ନାଉରିଆ ତାଙ୍କ କାମ କରୁଛନ୍ତି। ଲୋକମାନେ ନିଜ ନିଜ କାମରେ ଯିବାଆସିବା କରୁଛନ୍ତି। ସୂର୍ଯ୍ୟ ଉଦୟ ହେଉଛନ୍ତି ଠିକ ସମୟରେ। ପାହାଡ଼ରୁ ଝରଣା ଠିକ ପ୍ରବାହିତ ହେଉଛି। ବଣ, ଜଙ୍ଗଲ, ପାହାଡ଼, ବୃକ୍ଷଲତା ପ୍ରଭୃତି ନିଜ ନିଜ କାମ କରିଚାଲିଛନ୍ତି। କୃଷକ ବି ତା' ଚାଷ ଜମିରେ ହଳକରି ଫସଲ ଫଳାଉଛି। କେହି ବି ନିଜ ନିଜ କାମ କରିବାକୁ ଡରୁନାହାନ୍ତି। ଅଳସ ହେଉ ନାହାନ୍ତି। ଏକା ମୁଁ କାହିଁକି ମୋ' କାମ କରୁନି। ପାଠପଢ଼ିବାକୁ ଡରୁଛି।

ହଠାତ୍ ଏତିକି ବେଳେ କାହାର ସ୍ପର୍ଶ ପାଇଲା ସିଦ୍ଧାର୍ଥ। ପଛକୁ ବୁଲି ଚାହିଁଲା ପ୍ରଧାନ ଗୁରୁଜୀ। ଜୁହାର ହେଲା ସିଦ୍ଧାର୍ଥ।

ପ୍ରଧାନ ଗୁରୁଜୀ କହିଲେ, "ଆରେ ସିଦ୍ଧାର୍ଥ, ତମେ ଏଠାକୁ କୁଆଡ଼େ ?" ଏ ଗାଁରେ ତମର କେହି ବନ୍ଧୁଘର ଅଛନ୍ତି କି ?"

ହଠାତ୍ ଗୁରୁଜୀଙ୍କୁ ଦେଖି ସିଦ୍ଧାର୍ଥ କାନ୍ଦି ପକାଇଲା।

ଗୁରୁଜୀ ତା' ପିଠିରେ ହାତମାରି କହିଲେ, "ସିଦ୍ଧାର୍ଥ, ରୁପାଜହ୍ନ ପରି ତମର ମୁହଁଟା ଶୁଖି ପାଉଁଶିଆ ଦିଶୁଛି କାହିଁକି ?

ସିଦ୍ଧାର୍ଥ କାନ୍ଦି କାନ୍ଦି ଗୁରୁଜୀଙ୍କ ଆଗରେ ସବୁକଥା କହି ପକାଇଲା। ଗୁରୁଜୀ ହସିଲେ। ସିଦ୍ଧାର୍ଥର ଅସଜଡ଼ା କେଶରେ ହାତ ବୁଲାଇ ଆଣି ପଚାରିଲେ। "ତମକୁ ଭୋକ ହେଉଛି ନା ?"

ସିଦ୍ଧାର୍ଥ ମୁଣ୍ଡ ଟୁଙ୍ଗାରି ହଁ କଲା।


ଗୁରୁଜୀ ତାଙ୍କ ଟିଫିନ୍ ବାକ୍ସରୁ କିଛି ଖାଦ୍ୟ ବାହାର କରି ଦେଲେ ସିଦ୍ଧାର୍ଥକୁ। ସିଦ୍ଧାର୍ଥ ଖାଇସାରିଲା ପରେ ଗୁରୁଜୀ କହିଲେ, "ଏବେ ଚାଲ ମୋ' ସହିତ ଗାଁକୁ ଫେରିଯିବା। ଏଣିକି ଗୁରୁଜନଙ୍କ କଥା ଶୁଣିବ। ଭଲ ପିଲା ହେବ। ଭଲ ପାଠପଢ଼ିବ। ମୋ' ଆଗରେ ଶପଥ କର।" ସିଦ୍ଧାର୍ଥ ଏବେ ନିଜକୁ ବୁଝିଲା।

ଗୁରୁଜୀଙ୍କ ଆଗରେ ସେ ଶପଥ କଲା, ଭଲ ପିଲା ହେବ। ଭଲ ପାଠପଢ଼ିବ"। ସେତିକିବେଳେ ନଉକା ଏ କୂଳକୁ ଆସି ଯାଇଥିଲା। ଗୁରୁଜୀ ସିଦ୍ଧାର୍ଥର ହାତଧରି ନଉକାରେ ଚଢ଼ିଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
padhirajanikanta@gmail.com

ପୁସ୍ତକ ସମୀକ୍ଷା




# ପାନ ଓ ପ୍ରିୟତମା

ଲେଖକ : ବୈଷ୍ଣବ ଚରଣ ମହାନ୍ତି
ପ୍ରକାଶକ: ବନ୍ଧୁଘର ସାହିତ୍ୟ ପିଣ୍ଡା, ଭୁବନେଶ୍ୱର
ପୃଷ୍ଠା: ୫୧୨, ମୂଲ୍ୟ: ଟ. ୭୫୦/-

ଆଜିକୁ ୨୫ ବର୍ଷ ତଳେ, ଅର୍ଥାତ୍ ୨୦୦୧ ମସିହାରେ, 'ପାନ ଓ ପ୍ରିୟତମା' ଯେତେବେଳେ ପ୍ରଥମଥର ପାଇଁ ପ୍ରକାଶ ପାଇଲା, ସେତେବେଳେ ଏହା ପାଠକ ମହଲରେ ଚହଳ ପକାଇ ଦେଇଥିଲା। ଏହାପରେ ଏକ ଉତ୍କୃଷ୍ଟ ପ୍ରବନ୍ଧସାହିତ୍ୟ ଭାବରେ ଏହା ୨୦୦୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହେବାର ଗୌରବ ଅର୍ଜନକଲା। ଇତି ମଧ୍ୟରେ ଏହାର ଅନେକ ପୁନର୍ମୁଦ୍ରଣ ହୋଇସାରିଥିଲେ ହେଁ, ବୈଷ୍ଣବ ବାବୁ ଏହାକୁ ଏବେ ନବକଳେବର ଦେଇ ଏକ ପରିବର୍ଦ୍ଧିତ ସଂସ୍କରଣ ଭାବରେ ପୁନଃପ୍ରକାଶ କରିଛନ୍ତି ଚଳିତ ବର୍ଷ। ଏହି ସଂସ୍କରଣରେ ବେଶ କିଛି ମୂଲ୍ୟ ସଂଯୋଜନ (ଭାଲ୍ୟୁ ଆଡିସନ୍) ଏହାର ଗୁରୁତ୍ୱ ଆହୁରି ବଢ଼ାଇଦେଇଛି। ପ୍ରଥମ ସଂସ୍କରଣଟିର ପୃଷ୍ଠା ସଂଖ୍ୟା ୩୯୪ ଥିବା ବେଳେ ଏବେ ଏହାର ପୃଷ୍ଠା ସଂଖ୍ୟା ୫୧୨। ତଥ୍ୟ ଓ ଭାବବିନ୍ୟାସ ଉଭୟର ଅତିରିକ୍ତ ସଂଯୋଜନ ଏହି ସଂସ୍କରଣଟିକୁ ଅଧିକ ପାଠକୋପଯୋଗୀ କରିଛି। ଗୋଟିଏ ବାକ୍ୟରେ କହିଲେ, ଏହି 'ପାନ ଓ ପ୍ରିୟତମା' ହେଉଛି ପାନ ସମ୍ପର୍କୀୟ ଏକ ୩୬୦ ଡ଼ିଗ୍ରୀ ବୃତ୍ତାନ୍ତ । ପାନ ସହିତ ସଂପୃକ୍ତ ସମସ୍ତ ଦିଗ, ବିଶେଷତଃ ବିଜ୍ଞାନ ଓ କୃଷିଠାରୁ ନେଇ କଳା, ସାହିତ୍ୟ ଓ ସଂସ୍କୃତି ପର୍ଯ୍ୟନ୍ତ ସମସ୍ତ ସମ୍ଭାବ୍ୟ ପ୍ରସଙ୍ଗ ଏଥିରେ ସ୍ଥାନିତ କରିବାରେ ଲେଖକ କାର୍ପଣ୍ୟ କରିନାହାନ୍ତି। ଏହାର ସୂଚୀପତ୍ରରେ ଥିବା ଶିରୋନାମାଗୁଡ଼ିକର ତାଲିକାରୁ ଏହା ବିଷୟରେ ସ୍ପଷ୍ଟ ସୂଚନା ମିଳେ, ଯେମିତି, 'ବିଲେ ଗାଏ ଚଷା, ଅନ୍ତଃପୁରେ ଯୋଷା', 'ପାନ ପ୍ରିୟ ଜଗନ୍ନାଥ', 'ବିନା ଚାଷରେ ପାନ', 'ବିନାଶ୍ରୟଂ ନ ବର୍ତ୍ତନ୍ତେ', 'ଗୁଆ ଖାଇବ କଷା', 'ପାନ ଆନ୍ଦୋଳନ' ଓ 'ପାନ ପ୍ରଶ୍ନାବଳୀ' ଇତ୍ୟାଦି।

'ଲେଖିବାର କାରଣ ଏହିକି' ଶୀର୍ଷକ ପୁସ୍ତକଟିର ମୁଖବନ୍ଧରେ ଲେଖକ ପାନର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ଅତି ପ୍ରଭାବଶାଳୀ ଭାବରେ। ସେ ଲେଖିଛନ୍ତି, 'ପାନ ଆଉ କାହା ପାଇଁ କେବଳ ପାନ ହୋଇପାରେ, କିନ୍ତୁ ଆମ ଓଡ଼ିଆଙ୍କ ପାଇଁ ପାନ ହେଉଛି 'ପ୍ରାଣ'। ପାନ କେବଳ ଆମ ଓଡ଼ିଆଙ୍କ ଏଠାରେ ପଶିନି କି ବଟୁଆରେ ପଶିନି, ପାନ ପଶିଛି ଆମ ପରମ୍ପରାରେ, ଆମ ପୂଜା ପାର୍ବଣରେ, ଆମ ପ୍ରୀତି ପ୍ରଣୟରେ।'

ଏହି ଦ୍ୱିତୀୟ ସଂସ୍କରଣରେ ଯୋଡ଼ାଯାଇଥିବା ନୂତନ ଅଧ୍ୟାୟ ଗୁଡ଼ିକ ମଧ୍ୟରେ ଅଛି, 'ଆୟୁର୍ବେଦରେ ପାନ', 'ନିମିତ୍ତମାତ୍ରଂ ଭବ କୁଳପତି', ଓ 'ତାମ୍ବୁଳ ଶବ୍ଦକୋଷ'। ଶେଷୋକ୍ତ ଏହି ୬୭ ପୃଷ୍ଠା ବ୍ୟାପୀ ଶବ୍ଦକୋଷଟିରେ ଲେଖକ ପାନ ସହିତ ଜଡ଼ିତ ବିଭିନ୍ନ ଶବ୍ଦରାଜିକୁ ବର୍ଣ୍ଣାନୁକ୍ରମେ ତାଲିକାଭୁକ୍ତ କରି ସେଗୁଡ଼ିକର ଅର୍ଥ ବା ମର୍ମକୁ ସରଳ ଭାବରେ ସୂଚାଇଦେଇଛନ୍ତି। ଏପରିକି ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରଚଳିତ ପାନ ସମ୍ପର୍କୀୟ କେତେକ ଶବ୍ଦ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ବହିଟିର ମୁଖ୍ୟ ବିଭାବ ହେଲା ଏହାର ସାହିତ୍ୟିକ ଉତ୍କର୍ଷ। ବିଭିନ୍ନ ଲୋକୋକ୍ତି, ଉଦ୍ଧୃତି ଓ ବର୍ଣ୍ଣନା ଜରିଆରେ ଏଥିରେ ଆମ ଭାଷାର ଗଦ୍ୟଶୈଳୀକୁ ଏକ ନୂଆ ପରିଚୟ ଦେବାପାଇଁ ଉଦ୍ୟମ କରିଛନ୍ତି ଲେଖକ।

ଆଲୋଚ୍ୟ ପୁସ୍ତକଟିର ଅନ୍ୟ ଏକ ଆକର୍ଷଣୀୟ ଦିଗ ହେଲା, ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବଙ୍କ ମହାରଥାଙ୍କ ଦ୍ୱାରା ଏହାର ଅଳଙ୍କରଣ। ଏହାର ଅଧିକାଂଶ ପୃଷ୍ଠାରେ ଶ୍ରୀଯୁକ୍ତ ମହାରଥାଙ୍କ ଦ୍ୱାରା ସୃଷ୍ଟ ଉଚ୍ଚକୋଟୀର ରେଖାଚିତ୍ର ସ୍ଥାନ ପାଇଛି। ଅନେକ ପୃଷ୍ଠା ମଧ୍ୟ ପାନ ସମ୍ପର୍କିତ ବିଭିନ୍ନ ଦ୍ରବ୍ୟର ବହୁ ଫଟୋଗ୍ରାଫ୍ ଦ୍ୱାରା ସୁଶୋଭିତ। ମୁଦ୍ରଣ ପରିପାଟୀ ଓ ପ୍ରଚ୍ଛଦପଟ ସୁଦୃଶ୍ୟ ନିଶ୍ଚୟ; ତେବେ ଯାହା ମନେହୁଏ, ପ୍ରକାଶକ ଓ ଲେଖକଙ୍କ ଅଥକ ପ୍ରୟାସ ସତ୍ତ୍ୱେ ଏଥିରେ ଅଳ୍ପ କିଛି ମୁଦ୍ରାଗତ ତ୍ରୁଟି ମଧ୍ୟ ଅନୁପ୍ରବେଶ କରାଯାଇଛି; ପରବର୍ତ୍ତୀ ସଂସ୍କରଣଗୁଡ଼ିକରେ ଏଥିପ୍ରତି ଆଉ ଟିକିଏ ସତର୍କତା ଲୋଡ଼ା।

**ନିହାର ଶତପଥୀ**

# ସାହିତ୍ୟ ସମାଚାର

## ଦେବଦାସ ଛୋଟରାୟ ପାଇବେ ଏ ବର୍ଷର ଶାରଳା ପୁରସ୍କାର



ଶ୍ରେଷ୍ଠ ସାହିତ୍ୟକୃତି ପାଇଁ 'ଇମ୍ପା ଚାରିଟେବଲ୍ ଟ୍ରଷ୍ଟ' ଦ୍ୱାରା ପ୍ରତିବର୍ଷ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତ ବର୍ଷ ସୁଖ୍ୟାତ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯିବ ବୋଲି ସେପ୍ଟେମ୍ବର ୧୫ ତାରିଖ ଦିନ ଘୋଷଣା କରାଯାଇଛି। ତାଙ୍କର ଗଳ୍ପ ସଂକଳନ 'ମାଟିନି ସୋ' ପାଇଁ ସେ ଏହି ପୁରସ୍କାର ପାଇବେ। ଆଗାମୀ ଅକ୍ଟୋବର ୨୬ ତାରିଖରେ ଏକ ବର୍ଣ୍ଣାଢ଼୍ୟ ସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ମାନପତ୍ର ଓ ଫଳକ ସହିତ ସାତ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ଏଥର ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟର ପୁସ୍ତକଗୁଡ଼ିକ ଥିଲା ଦେବଦାସ ଛୋଟରାୟଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ', ଅପର୍ଣ୍ଣା ମହାନ୍ତିଙ୍କ କବିତା ସଂକଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଂକଳନ 'ଭୂମି ସ୍ପର୍ଶ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା', ପଦ୍ମଜ ପାଳଙ୍କ ଗଳ୍ପ ସଂକଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ପୃଥ୍ୱୀ' ଓ ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା'। ପ୍ରାଥମିକ ପୁସ୍ତକଚୟନ ମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ରମୋହନ ଦାଶ, ଶ୍ରୀଦେବ ଓ ଶକ୍ତି ମହାନ୍ତି ବିଚାରକ ଥିଲାବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗଚୀ, ପ୍ରବୀଣା ମହାନ୍ତି ଓ ସୂର୍ଯ୍ୟ ମିଶ୍ର।

## ଓଡ଼ିଶା ଲିଟେରାରୀ ଫେଷ୍ଟିଭାଲ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ନିଉ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗୋଷ୍ଠୀ ଦ୍ୱାରା ଅୟୋଜିତ ଦୁଇଦିନିଆ 'ଓଡ଼ିଶା ଲିଟେରାରୀ ଫେଷ୍ଟିଭାଲ୍' ସେପ୍ଟେମ୍ବର ୬ ଓ ୭ ତାରିଖରେ ଭୁବନେଶ୍ୱରର ମେ' ଫେୟାର୍ କନ୍‌ଭେନ୍‌ସନ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଭିଜାତ୍ୟପୂର୍ଣ୍ଣ ସାହିତ୍ୟ ମହୋତ୍ସବର ଉଦ୍‌ଘାଟକ ଭାବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନକୁ ଆଜି ମଧ୍ୟ ଜାଗ୍ରତ କରିରଖିଛି। ସେ ମଧ୍ୟ କହିଥିଲେ ଯେ ଓଡ଼ିଆ ଭାଷାକୁ ଜ୍ଞାନଭଣ୍ଡାରର ଭାଷା କରିବା ଦିଗରେ ଚେଷ୍ଟା ଚାଲିଛି। ତେବେ ଏହି ଅଭିଭାଷଣ ବେଳେ ସେ ନିଜର ସ୍ୱତଃସ୍ଫୂର୍ତ୍ତ ବକ୍ତବ୍ୟ ପରିବର୍ତ୍ତେ ଏକ ଲିଖିତ ଅଭିଭାଷଣ ପାଠ କରୁଥିବାର ଲକ୍ଷ୍ୟ କରାଯାଇଥିଲା, ଯାହା ଦର୍ଶକଙ୍କ ପାଇଁ ବିଶେଷ ରୋଚକ ହୋଇପାରି ନ ଥିଲା। ଏହାପରେ 'ଦି ନିଉ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ସମ୍ପାଦନା ନିର୍ଦ୍ଦେଶକ ପ୍ରଭୁ ଚାଓ୍ୱଲାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କର କଥୋପକଥନ କିନ୍ତୁ ଅତି ଜୀବନ୍ତ ହୋଇଥିଲା। ଏହି ବାର୍ତ୍ତାଳାପରେ ସ୍ଥାନ ପାଇଥିବା ଅନ୍ୟାନ୍ୟ ବିଷୟ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜନୀତିରେ ତାଙ୍କର ଆଦ୍ୟ ପଦପାତର କେତେକ ଦିଗ ବିଷୟରେ ସ୍ପଷ୍ଟୀକରଣ ରଖିଥିଲେ। ତେବେ ଏହି କଥୋପକଥନ ମୁଖ୍ୟତଃ ରାଜନୀତି ଓ ରାଜ୍ୟର ଅର୍ଥନୀତି ଉପରେ କେନ୍ଦ୍ରିତ ଥିଲା ଏବଂ ଏହା ମଧ୍ୟକୁ ଭାଷା ଓ ସାହିତ୍ୟର ପ୍ରସଙ୍ଗ ଆସିପାରି ନଥିଲା ।

# ଶେଷ ପୃଷ୍ଠା



## ଭୂଷ୍ଣୁ*

କଥାରେ ଅଛି ଯେ; "ଗୁହାଳ ସଫା ଥିଲେ ଗୋରୁ ହମାଳି ପଶେ"

ଭୂଷ୍ଣୁ ସାହିତ୍ୟ ହିଁ ଆଦର୍ଶ ମାନବର ସର୍ଜନା ଏବଂ ଏହା ହିଁ ସମାଜର ଆତ୍ମା। ସାହିତ୍ୟର ଏହି ପବିତ୍ର ପ୍ରବାହକୁ କୌଣସି ଯୁଗ ଅଥବା କୌଣସି ସୀମାରେଖା ଅଟକାଇ ରଖିପାରି ନାହିଁ। ଏଣୁ ତ ସାହିତ୍ୟ ପବିତ୍ର, ସୁନ୍ଦର ଓ ପ୍ରେରଣାଦାୟୀ। ଲେଖକ ଓ ପାଠକଙ୍କୁ ଏହା ସଦାକାଳେ ରୋମାଞ୍ଚିତ କରେ।

ଭାରତୀୟ ସାହିତ୍ୟର ଇତିହାସକୁ ଅନୁଧ୍ୟାନ କଲେ ପାଇବା ଯେ ବାଲ୍ମୀକିଙ୍କ 'ରାମାୟଣ' ଏକ ଆଦର୍ଶ ସର୍ଜନା। ଏହାର ମୁଖ୍ୟନାୟକ ଶ୍ରୀରାମ କେବଳ ଏକ ପୁରାଣ ଚରିତ୍ର ନୁହଁ ବରଂଚ ସେ ଜଣେ ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ସ୍ୱାମୀ, ଆଦର୍ଶ ରାଜା ଓ ରାଷ୍ଟ୍ରନାୟକ। ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରତୀକ ।

ସେହିପରି ବ୍ୟାସଙ୍କ 'ମହାଭାରତ' ମହାକାବ୍ୟରେ ଭୀଷ୍ମଙ୍କ ତ୍ୟାଗ, ଯୁଧିଷ୍ଠିରଙ୍କ ସତ୍ୟନିଷ୍ଠା, କର୍ଣ୍ଣଙ୍କ ଦାନଶୀଳତା, ଅର୍ଜୁନଙ୍କ ବୀରତ୍ୱ ହିଁ ଭାରତୀୟ ଆଦର୍ଶ ତଥା ଭାଷା ଓ ସାହିତ୍ୟରେ ଚରିତ୍ରସମଗ୍ରର ଏକ ଚରମ ନିଦର୍ଶନ। ଏଣୁ ତ ଏହି ଚରିତ୍ରମାନେ ହିଁ ଆମ ପାଇଁ ଉଦାହରଣ ହୋଇ ରହିଛନ୍ତି। ସାରଳା ଦାସଙ୍କ ମହାଭାରତ ହେଉ ଅବା ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟସମଗ୍ର ହେଉ; ଫକୀରମୋହନଙ୍କ ଗଳ୍ପସମଗ୍ର ହେଉ ଅବା କାହ୍ନୁଚରଣ, ଗୋପୀନାଥ, ସୁରେନ୍ଦ୍ର ମହାନ୍ତିଙ୍କ ମହାନ ରଚନା ହେଉ; ଭୀମଭୋଇଙ୍କ ଭକ୍ତିଦର୍ଶନ ହେଉ ଅବା ଗୋପବନ୍ଧୁ ଓ ମଧୁବାବୁଙ୍କ ପ୍ରେରଣାଦାୟୀ ରଚନା; ଏହିସବୁ ଆମ ଓଡ଼ିଆ ଭାଷାର ଉତ୍କର୍ଷ ଓ ଓଡ଼ିଆ ଜାତିର ଏକ ଅଲିଭା ସନ୍ତକ।

ଜଗନ୍ନାଥ ଦାସଙ୍କ ଭାଗବତ ଏହି ଜାତିର ଏକ ଗୌରବମୟ ଗ୍ରନ୍ଥ ତଥା ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ରୁ 'ଭାବସମୁଦ୍ର' ଯାଏଁ ଆମ ସାହିତ୍ୟର ମୂଳଦୁଆକୁ ଦୃଢ଼ କରିଛନ୍ତି। ରାଧାନାଥ, ଗଙ୍ଗାଧର, ଗୋପାଳକୃଷ୍ଣ, ଅଭିମନ୍ୟୁ, ପ୍ରଭୃତିଙ୍କ ନାମ ଲେଖିଲେ ସରିବନି ଆମ ସାହିତ୍ୟର କଥା। ସମାଜରେ ଆଦର୍ଶ, ପ୍ରେରଣା ଓ ସଚେତନତା ସ୍ଥାପନା କରିଥିବା ଏହି ଗୌରବମୟ ପରମ୍ପରାର ଦାୟାଦସମୂହଙ୍କ ରଚନାରେ ଆଜି ସେହି ଅମୃତମୟ ବୋଧ କାହିଁ!

ଆଜିର ସାହିତ୍ୟରେ ଆଦର୍ଶଗତ ସର୍ଜନଶୀଳତାର ଘୋର ଅଭାବ। ଆଜିର ଲେଖାରେ ଘଟଣା, ଦୁର୍ଘଟଣା, ପ୍ରଚାର, ପ୍ରାଚୁର୍ଯ୍ୟ, ସାହିତ୍ୟଚୌର୍ଯ୍ୟ, ଅହେତୁକ ଅଶ୍ଳୀଳତା, ପ୍ରଭୃତିର ଗହଳି। ଅଧିକାଂଶ ଲେଖକଙ୍କର ଏହି ଅପଶବ୍ଦାଭାସ ରଚନାସବୁ ଅଳ୍ପସମୟର ଆମୋଦପ୍ରମୋଦ ହୁଏତ ଦେଉଥାଇପାରେ, ହେଲେ ସମାଜ ପାଇଁ ଏହା ଆଦର୍ଶହୀନ। କାହିଁ ଗଢ଼ିହେବ ମନୁଷ୍ୟ ଚରିତ୍ର, ସାମାଜିକ ଆଦର୍ଶ ଓ ରାଷ୍ଟ୍ରୀୟ ପ୍ରେରଣା! କାହୁଁ ପାଇବା; ଶ୍ରବଣ କୁମାର, ସାବିତ୍ରୀ, ହରିଶ୍ଚନ୍ଦ୍ର ଓ ସୁଦାମାସମଗ୍ର ଆଜିର ସାହିତ୍ୟରୁ!

ସାହିତ୍ୟିକ ସମଗ୍ର ଭୂଷ୍ଣୁ ସାହିତ୍ୟ ପାଇଁ ମନବୋଧ କରି; ନୂତନ ଆଦର୍ଶ, ନୈତିକତା, ମାନବୀୟ ମୂଲ୍ୟବୋଧର ସାହିତ୍ୟ ଲେଖି ଭବିଷ୍ୟତ ପିଢ଼ି ପାଇଁ ପଥପ୍ରଦର୍ଶକ ହେବାକୁ ହେବ କାରଣ ଜଣେ ଆଦର୍ଶ ସାହିତ୍ୟିକର ସମାଜ ପ୍ରତି ଜବାବ୍‌ଦେହିତା ରହିଛି। ବର୍ତ୍ତମାନର ଅଧିକାଂଶ ରଚନା ଦେଖିଲେ ମନରେ ସ୍ୱତଃ ଗୋଟିଏ କଥା ମନରେ ଆସେ ଯେ, "ହତଶିରୀ ଘରକୁ ପରପଞ୍ଚ କୁଣିଆ ବି ଯୋଗେ ମିଳିଲେ ଆସି" । ଏଣୁ ଉପନ୍ୟସ୍ତ କରିଥିଲି ଯେ ଗୁହାଳ ସଫାହେଉ; ତେବେ ଯାଇ ଗାଈ, ଗୋରୁ, ବାଛୁରି ସବୁ ହମାଳି ପଶିବେ।

ଅଳମତି ବିସ୍ତରେଣ ।

– **ପ୍ରଭୂ**

***ଭୂଷ୍ଣୁ** – ଉପୃତ୍ତିଶୀଳ

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com






Bringing

# SMILES to MILLIONS

Paradeep Phosphates

PPL

www.paradeepphosphates.com

canonfire ppl 25

34 YEARS OF LEGACY

UTKAL BUILDERS
BUILDING TRUST

# STEP INTO A WORLD OF LUXURY



Redefining modern living in Odisha-rooted in nature,
designed for space, crafted for wellness.

**5Mn+ sq. ft. Delivered, 10,000+ Happy Families.**
**Building Dreams with Trust and Excellence.**

*Terms & Conditions Apply

UTKAL LEVELS PAHAL
**The Next Level of Luxury Living**
NH-16, Pahal

UTKAL iSQUARE SMART HOMES IN PATIA
**Bhubaneswar's First Smart Homes**
Patia Square

UTKAL RESERVE
**Bhubaneswar's Finest Luxury Verse**
NH-16, Patrapada

UTKAL utopia
**Embrace the Art of Anandam Living**
NH-16, Patrapada

**Corporate Office:**
777, Maharishi College Road, Saheed Nagar, Bhubaneswar, Odisha - 751 007
**www.utkalbuilders.com**

Levels ORERA No. RP/19/2022/00840 | Utopia ORERA No. MP/19/2022/00646
Reserve ORERA No. MP/19/2022/00687 | Isquare ORERA No. MP/19/2024/01120

**9509 121 121**

www.rera.odisha.gov.in/

SAHITYA CHARCHA ● October 2025 ● Rs.50 ● RNI No: ODIODI/2022/81590 ● Postal Regn. No.RMS 'N' Dn/004/202527




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy